# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୧/୨୦୧୯ (୨୦ ପୃଷ୍ଠା) Bhubaneswar, Monday, March 11/2019 ★★★★★★

୪୫ଶ ଭାଗ ୧୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ବିବାହ ବନ୍ଧନରେ ସାୟଶା**

ଅଭିନେତା ଦିଲୀପ କୁମାର ଏବଂ ସାଇରା ବାନୋଙ୍କ ନାତୁଣୀ ସାୟଶା ସେହଗଲ ତାଙ୍କ ଠାରୁ ୧୭ ବର୍ଷ ବଡ଼ ଅଭିନେତା ଆର୍ଯ୍ୟାଙ୍କୁ ହାଇଦ୍ରାବାଦ୍‌ରେ ବିବାହ କରିଛନ୍ତି।

୦୪

୧୮

**ଟର୍ନରଙ୍କ ବିସ୍ଫୋରକ ବ୍ୟାଟିଂରେ ଅଷ୍ଟ୍ରେଲିଆ ବିଜୟୀ**

ଆଷ୍ଟନ ଟର୍ନରଙ୍କ ବିସ୍ଫୋରକ ଅପରାଜିତ ୮୪ ରନ ବଳରେ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୪ ଉଇକେଟରେ ପରାସ୍ତ କରିଛି।



## ■ ୭ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ

# ବାଜିଲା ରଣ ଦୁନ୍ଦୁଭି




ସିଇସି ସୁନୀଲ ଆରୋରା (ମଝି)ଙ୍କ ସହ ଦୁଇ ନିର୍ବାଚନ କମିଶନର ଆଶୋକ ଲାଭାସା ଓ ସୁଶୀଲ ଚନ୍ଦ୍ରା।

- ■ ୯୦ କୋଟି କରିବେ ମତଦାନ
- ■ ୧.୫ କୋଟି ନୂଆ ଭୋଟର
- ■ ୧୦ ପ୍ରତିଶତ ମତଦାନ କେନ୍ଦ୍ର ବୃଦ୍ଧି
- ■ ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ମୁହଁ
- ■ ମିଥ୍ୟା ଖବର ପ୍ରସାରଣ ଉପରେ କଡ଼ା ନଜର

**ନୂଆଦିଲ୍ଲୀ,୧୦।୩(ପି.ଟି./ଆଇଏଏନ୍‌ଏସ୍)**

ସପ୍ତଦଶ ସାଧାରଣ ନିର୍ବାଚନ ପାଇଁ ରବିବାର ନିର୍ବାଚନ କମିଶନ ତାରିଖ ଓ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ୭ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶ (ୟୁପି) ସମେତ ପଶ୍ଚିମବଙ୍ଗ ଓ ବିହାରରେ ସମସ୍ତ ୭ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ମେ ୨୩ରେ ସମସ୍ତ ୫୪୩ ଆସନର ଭୋଟ ଗଣତି କରାଯିବ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ପଷ୍ଟ କରିଛନ୍ତି। ଏହାସହ ସାରା ଦେଶରେ ନିର୍ବାଚନ ଆଚରଣ ବିଧି (ଏମ୍‌ସିସି) ତତ୍କାଳ ଲାଗୁ ହୋଇଛି।

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବାକୁ ଯାଉଛି। ଏଥିଲାଗି ଏହା ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ କରାଯିବା ଆବଶ୍ୟକ। ନିର୍ବାଚନ ତାରିଖ ଘୋଷଣାକୁ ନେଇ ସାରା ଦେଶରେ ଉତ୍କଣ୍ଠା ଲାଗି ରହିଥିବାବେଳେ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଇସିଆଇ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଏବଂ ଦୁଇ ନିର୍ବାଚନ କମିଶନର ଅଶୋକ ଲାଭାସା ଓ ସୁଶୀଲ ଚନ୍ଦ୍ରା ଏକ ଖବରଦାତା ସମ୍ମିଳନୀରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଭାରତୀୟ ସଂସଦୀୟ ନିର୍ବାଚନକୁ ଗଣତନ୍ତ୍ରର ସର୍ବବୃହତ୍ ଉତ୍ସବ ଭାବେ ଅଭିହିତ କରି ସିଇସି କହିଛନ୍ତି, ୫୪୩ ଲୋକ ସଭା ଆସନ ପାଇଁ ୭ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବ। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟର ୯୭ ଆସନରେ ମତଦାନ ହେବ। ସେହିପରି ଏପ୍ରିଲ ୨୩ରେ ତୃତୀୟ ପର୍ଯ୍ୟାୟରେ ୧୪ ରାଜ୍ୟର ୧୧୫ ଲୋକ ସଭା ଆସନରେ ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବେ। ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ଏପ୍ରିଲ ୨୯ରେ ହେବ। ମେ ୬ରେ ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହେବ। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୧୨ରେ ହେବ। ଏହି ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ଭୋଟ ହେବ। ସପ୍ତମ ତଥା ଶେଷ ☞ପୃଷ୍ଠା-୪

# ଓଡ଼ିଶାରେ ୪ ପର୍ଯ୍ୟାୟ ଭୋଟ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ବିଗୁଲ୍ ବାଜିସାରିଛି। ଓଡ଼ିଶାରେ ଲୋକ ସଭା ସହିତ ବିଧାନସଭା ନିର୍ବାଚନ ନେଇ ମଧ୍ୟ ଘୋଷଣା କରାଯାଇଛି। ଚଳିତଥର ୪ଟି ପର୍ଯ୍ୟାୟରେ ରାଜ୍ୟରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୧୧ରେ ୪ ଲୋକ ସଭା , ଏପ୍ରିଲ ୧୮ରେ ୫, ଏପ୍ରିଲ ୨୩ରେ ୬ ଏବଂ ଏପ୍ରିଲ ୨୯ରେ ୬ଟି ଲୋକ ସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଅନୁରୂପ ଭାବେ ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭାଗୁଡ଼ିକରେ ସମାନ ଦିନରେ ଭୋଟ ଗ୍ରହଣ କରାଯିବ। ତେଣୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଯଥାକ୍ରମେ ୨୮, ୩୫, ୪୨ ଏବଂ ୪୨ଟି ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭାଗୁଡ଼ିକ ପାଇଁ ମତଦାନ ଅନୁଷ୍ଠିତ ହେବ। ୨ୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସ୍କା ଲୋକ ସଭା, ୩ୟ ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ଏବଂ ଚତୁର୍ଥ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ।

### ଲାଗୁହେଲା ଆଚରଣବିଧି

ସାରା ଦେଶର ଭୋଟ ଗ୍ରହଣ ୭ଟି ପର୍ଯ୍ୟାୟରେ ସରିବା ପରେ ମେ' ୨୩ରେ ଗଣତି କରାଯିବ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମୁଖ୍ୟ ନିର୍ବାଚନ କମିଶନ(ଇସି)ଙ୍କ ଘୋଷଣା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ରବିବାର ସନ୍ଧ୍ୟାରେ ଏହି ଘୋଷଣା କରିଛନ୍ତି। ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ମାର୍ଚ୍ଚ ୧୮, ୨ୟ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୧୯, ୩ୟ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୨୮ ଏବଂ ୪ର୍ଥ ପାଇଁ ଏପ୍ରିଲ ୨ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେଣ୍ଟ୍ରାଲ ଆର୍ମ୍ଡ ପାରାମିଲିଟାରୀ ଫୋର୍ସ(ସିଏପିଏଫ୍)ଙ୍କୁ ଯେପରି ସୁଚାରୁରୂପେ ନିର୍ବାଚନରେ ନିୟୋଜିତ ☞ପୃଷ୍ଠା-୪

### 'ଲୋକ ସଭା ନିର୍ବାଚନରେ ୩୩% ମହିଳା ପ୍ରାର୍ଥୀ ଦେବ ବିଜେଡି'



**କେନ୍ଦ୍ରାପଡ଼ା ଅଫିସ୍, ୧୦।୩**

ଆସନ୍ତା ସାଧାରଣ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ ଦିଆଯିବ। ବିଜେଡି ଲୋକ ସଭା ନିର୍ବାଚନ ପାଇଁ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦେବ। ରବିବାର କେନ୍ଦ୍ରାପଡ଼ାରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଏହି ଘୋଷଣା କରିଛନ୍ତି। (ସମ୍ପୂର୍ଣ୍ଣ ରିପୋର୍ଟ ପୃଷ୍ଠା-୫)

## ଓଡ଼ିଶାରେ କେଉଁଠି କେବେ ଭୋଟ




### ପ୍ରଥମ ପର୍ଯ୍ୟାୟ: ୧୧ ଏପ୍ରିଲ ୨୦୧୯

ବିଜ୍ଞପ୍ତି ଜାରି: ୧୮ ମାର୍ଚ୍ଚ ୨୦୧୯ | ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୨୫ ମାର୍ଚ୍ଚ

ପ୍ରାର୍ଥୀପତ୍ର ଯାଞ୍ଚ: ୨୬ ମାର୍ଚ୍ଚ | ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୨୮ ମାର୍ଚ୍ଚ

**୪ ଲୋକ ସଭା ଆସନ:** କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର

**୨୮ ବିଧାନସଭା ଆସନ:** ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି

### ଦ୍ୱିତୀୟ ପର୍ଯ୍ୟାୟ: ୧୮ ଏପ୍ରିଲ ୨୦୧୯

ବିଜ୍ଞପ୍ତି ଜାରି: ୧୯ ମାର୍ଚ୍ଚ ୨୦୧୯ | ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୨୬ ମାର୍ଚ୍ଚ

ପ୍ରାର୍ଥୀପତ୍ର ଯାଞ୍ଚ: ୨୭ ମାର୍ଚ୍ଚ | ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୨୯ ମାର୍ଚ୍ଚ

**୫ ଲୋକ ସଭା ଆସନ:** ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସିକା

**୩୫ ବିଧାନସଭା ଆସନ:** ପଦମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡ଼ା, ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି, ବାଲିଗୁଡ଼ା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି

### ତୃତୀୟ ପର୍ଯ୍ୟାୟ: ୨୩ ଏପ୍ରିଲ ୨୦୧୯

ବିଜ୍ଞପ୍ତି ଜାରି: ୨୮ ମାର୍ଚ୍ଚ ୨୦୧୯ | ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୪ ଏପ୍ରିଲ

ପ୍ରାର୍ଥୀପତ୍ର ଯାଞ୍ଚ: ୫ ଏପ୍ରିଲ | ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୮ ଏପ୍ରିଲ

**୬ ଲୋକ ସଭା ଆସନ:** ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ, ଭୁବନେଶ୍ୱର

**୪୨ ବିଧାନସଭା ଆସନ:** କୁଚିଣ୍ଡା, ରେଙ୍ଗାଲୀ, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ, ତେଲକୋଇ, ଘସିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ, ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ ଏବଂ ଖୋର୍ଦ୍ଧା

### ଚତୁର୍ଥ ପର୍ଯ୍ୟାୟ: ୨୯ ଏପ୍ରିଲ ୨୦୧୯

ବିଜ୍ଞପ୍ତି ଜାରି: ୨ ଏପ୍ରିଲ ୨୦୧୯ | ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୯ ଏପ୍ରିଲ

ପ୍ରାର୍ଥୀପତ୍ର ଯାଞ୍ଚ: ୧୦ ଏପ୍ରିଲ | ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୧୨ ଏପ୍ରିଲ

**୬ ଲୋକ ସଭା ଆସନ:** ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର

**୪୨ ବିଧାନସଭା ଆସନ:** ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା, ବଡସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, ନିଆଳି, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, କାକଟପୁର ଏବଂ ନିମାପଡ଼ା

**ଆଜିର ସମ୍ପାଦକୀୟ**

**ନିରପେକ୍ଷ ତୃତୀୟ**

ନଗଡ଼ାରେ ପୁଣି ଅପପୁଷ୍ଟି: ୪ ଶିଶୁ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି | ପୃଷ୍ଠା ୭

**ଆଜିର ମନ୍ତବ୍ୟ**

" ବିଫଳତାକୁ ଲୁଚାଇବା ପାଇଁ ସେନାକୁ ବ୍ୟବହାର କରି ଭାଜପା ବିପଜ୍ଜନକ ମାର୍ଗରେ ଯାଉଛି।

–ଅହମ୍ମଦ ପଟେଲ, ବରିଷ୍ଠ କଂଗ୍ରେସ ନେତା


NECC NATIONAL EGG CO-ORDINATION COMMITTEE 10.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers










## ଏପ୍ରିଲ ୧୧ରୁ ମେ ୧୯: ପ୍ରଚାରରେ ହଜିଯିବ ଅନେକ ପ୍ରସଙ୍ଗ

# ଗଣତନ୍ତ୍ରର ମହାପର୍ବକୁ ମାସେ

**ନୂଆଦିଲ୍ଲୀ,୧୦।୩**

ନିର୍ବାଚନ କମିଶନଙ୍କ ଘୋଷଣା ସହ ସାଧାରଣ ନିର୍ବାଚନ ପାଇଁ ଆନୁଷ୍ଠାନିକ ଭାବେ ବିଗୁଲ ବାଜିଛି। ଏବେ ସବୁ ରାଜନୈତିକ ଦଳ ମଇଦାନକୁ ଓହ୍ଲାଇ ନିଜ ନିଜ ରଣନୀତି ଅନୁସାରେ ଗୋଟି ଚାଳନା କରିବେ। ହାଇଭୋଲ୍ଟେଜ୍ ପ୍ରଚାର ବେଳେ ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପ ଓ କାଦୁଅଫିଙ୍ଗା ଆହୁରି ତୀବ୍ରତର ହେବ। ତେବେ ୨୦୧୪ ନିର୍ବାଚନ ଭଳି ଏଥର ଭୋଟ ପ୍ରଚାର ହେବ ନା ରାଜନୈତିକ ଦଳଗୁଡ଼ିକ ନୂଆ ଉପାୟ ଆପଣାଇ ମଇଦାନରେ ଲଢ଼େଇ କରିବେ ତାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା।

ସାଧାରଣ ନିର୍ବାଚନ ଆରମ୍ଭ ହେବାକୁ ଆଉ ମାତ୍ର ମାସେ ସମୟ ରହିଲା। ଭାରତୀୟ ଗଣତନ୍ତ୍ରର ଏହି ବହୁପ୍ରତୀକ୍ଷିତ ମହାପର୍ବରେ ଦେଶର ୯୦ କୋଟି ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ନିଜ ନିଜ ପ୍ରତିନିଧିଙ୍କୁ ବାଛିବେ ଆଉ ନିର୍ଦ୍ଧାରଣ କରିବେ ସେମାନଙ୍କ ଆଗାମୀ ୫ ବର୍ଷର ଭବିଷ୍ୟତ। ଏହି ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବା ପରେ ମତଦାନ ଦିନର ଅବଗଣନା ଆରମ୍ଭ ହୋଇଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୁଣିଥରେ କ୍ଷମତାସୀନ ହେବା ପାଇଁ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ଏହାଠାରୁ କ୍ଷମତାର ଡୋରି ଛଡ଼ାଇନେବା ପାଇଁ ଅଣ୍ଟା ଭିଡ଼ିଛି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ)। ସେହିପରି କେତେକ ଆଞ୍ଚଳିକ ଦଳ ମଧ୍ୟ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା, ରାଫାଲ ଦୁର୍ନୀତି ଓ ଆତଙ୍କବାଦୀ ଆକ୍ରମଣ ଭଳି ପ୍ରସଙ୍ଗ ଉଠାଇ ଏନ୍‌ଡିଏକୁ ଘେରିବା ପାଇଁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। ଏବେ ସେମାନଙ୍କ ସ୍ୱର ଅଧିକ ଶାଣିତ ହେବ। ସେପଟେ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶ ସମେତ କେତେକ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପାଲା ଭାରି ଥିବାବେଳେ ପୁଲୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନାର ବୋମାମାଡ଼କୁ ନେଇ ଗୈରିକ ଦଳ ସାରା ଦେଶରେ ଫାଇଦା ଉଠାଇବା ପାଇଁ ଉଦ୍ୟମ କରିବ। ଆତଙ୍କବାଦୀଙ୍କ ଉପରେ ଏହି ସୀମାପାର କାର୍ଯ୍ୟାନୁଷ୍ଠାନ ଚଳିତ ନିର୍ବାଚନର ପ୍ରଚାରରେ ନୂଆ ଅଧ୍ୟାୟ ଯୋଡ଼ିଛି। ଏଥିଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପ୍ରସଙ୍ଗ ଏକପ୍ରକାର ଶୀତଳଭଣ୍ଡାରକୁ ଚାଲିଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

> ସାଧାରଣ ନିର୍ବାଚନରେ ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ପ୍ରସଙ୍ଗ କରିବ ଭାଜପା।
>
> **–ସୁଷମା ସ୍ୱରାଜ, ବରିଷ୍ଠ ଭାଜପା ନେତ୍ରୀ**



## ୨୦୧୪: କିଛି ତଥ୍ୟ

୨୦୧୪ ସାଧାରଣ ନିର୍ବାଚନ ପାଇଁ ୯ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଏପ୍ରିଲ ୭ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିବାବେଳେ ମେ ୯ରେ ଶେଷ ତଥା ନବମ ପର୍ଯ୍ୟାୟ ମତଦାନ ହୋଇଥିଲା। ୫୪୩ ଆସନ ପାଇଁ ୮,୨୫୧ ପ୍ରାର୍ଥୀ (୬୬୮ ମହିଳା) ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭,୦୦୦ ପ୍ରାର୍ଥୀ ଅମାନତ ହରାଇଥିଲେ। ୯.୨୭ ଲକ୍ଷ ପୋଲିଂ ଷ୍ଟେଶନରେ ମୋଟ ୫୫ କୋଟି (୬୬.୩%) ମତଦାତା ଭୋଟ ଦେଇଥିଲେ। ଉପର ମଧ୍ୟରୁ କାହାରିକୁ ନୁହେଁ (ନୋଟା)ରେ ୬୦ ଲକ୍ଷ ଭୋଟ ପଡ଼ିଥିଲା। ୫୪୩ ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୬୨ ଜଣ ଥିଲେ ମହିଳା।

## କେଉଁଠି କେବେ ଭୋଟ ଗ୍ରହଣ

| ପର୍ଯ୍ୟାୟ | ତାରିଖ | ରାଜ୍ୟ (ଆସନ) |
|---|---|---|
| ପ୍ରଥମ | ଏପ୍ରିଲ ୧୧ | ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧), ଲାକ୍ଷାଦ୍ୱୀପର ଗୋଟିଏ ଆସନରେ ଭୋଟଗ୍ରହଣ କରାଯିବ। |
| ଦ୍ୱିତୀୟ | ଏପ୍ରିଲ ୧୮ | ଆସାମ (୫), ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ନାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତାମିଲନାଡୁ (୩୯), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଏବଂ ପୁଡୁଚେରୀର ଗୋଟିଏ ଆସନରେ ନିର୍ବାଚନ ହେବ। |
| ତୃତୀୟ | ଏପ୍ରିଲ ୨୩ | ଆସାମ (୪), ବିହାର (୫), ଛତିଶଗଡ଼ (୭), ଗୁଜରାଟ (୭), ଗୋଆ (୨), ଜମ୍ମୁ ଓ କଶ୍ମୀର (୧), କର୍ନାଟକ (୧୪), କେରଳ (୨୦), ମହାରାଷ୍ଟ୍ର (୧୪), ଓଡ଼ିଶା (୬), ୟୁପି (୧୦), ପଶ୍ଚିମବଙ୍ଗ (୫), ଦାଦର ଓ ନଗର ହାଭେଲି (୧) ଏବଂ ଡାମନ ଓ ଡିଉର ଗୋଟିଏ। |
| ଚତୁର୍ଥ | ଏପ୍ରିଲ ୨୯ | ବିହାର (୫), ଜମ୍ମୁ ଓ କଶ୍ମୀର (୧), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୬), ମହାରାଷ୍ଟ୍ର (୧୭), ଓଡ଼ିଶା (୬), ରାଜସ୍ଥାନ (୧୪), ୟୁପି (୧୩) ଏବଂ ପଶ୍ଚିମବଙ୍ଗ (୮) |
| ପଞ୍ଚମ | ମେ ୬ | ବିହାର (୫), ଜମ୍ମୁ ଓ କଶ୍ମୀର (୨), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୭), ରାଜସ୍ଥାନ (୧୨), ୟୁପି (୧୪), ପଶ୍ଚିମବଙ୍ଗ (୭) |
| ଷଷ୍ଠ | ମେ ୧୨ | ବିହାର (୮), ହରିୟାଣା (୧୦), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୮), ୟୁପି (୧୪), ପଶ୍ଚିମବଙ୍ଗ (୮) ଏବଂ ଦିଲ୍ଲୀ-ଏନ୍‌ସିଆର୍ (୭) |
| ସପ୍ତମ | ମେ ୧୯ | ବିହାର (୮), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୮), ପଞ୍ଜାବ (୧୩), ପଶ୍ଚିମବଙ୍ଗ (୯), ଚଣ୍ଡିଗଡ଼ (୧) ୟୁପି (୧୩) ଓ ହିମାଚଳ ପ୍ରଦେଶ (୪) |

## ସବୁ ବୁଥ୍‌ରେ ଭିଭିପିଏଟି

**ନୂଆଦିଲ୍ଲୀ,୧୦।୩**

ଏଥର ନିର୍ବାଚନରେ ପ୍ରତି ବୁଥ୍‌ରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ସହିତ ଭୋଟର ଭେରିଫିଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ରହିବ। ନିର୍ବାଚନ ତାରିଖ ଘୋଷଣା କରିବା ଅବସରରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଏହା କହିଛନ୍ତି। ଫଳରେ ଭୋଟର ଯାହାଙ୍କୁ ଭୋଟ ଦେଲେ ତାହା ତାଙ୍କୁ ମିଳିଲା ବୋଲି ସ୍ପଷ୍ଟ ହୋଇପାରିବେ। ସେହିପରି ରିଜର୍ଭ ଥିବା ଇଭିଏମ ଏବଂ ଭିଭିପିଏଟିଗୁଡ଼ିକର ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେଗୁଡିକର ପରିବହନରେ ବ୍ୟବହୃତ ଗାଡିଗୁଡିକରେ ଜିପିଏସ୍ ଟ୍ରାକର୍ ଏବଂ ମୋବାଇଲ ଭିତ୍ତିକ ଟ୍ରାକିଂ ସିଷ୍ଟମ୍ ଖଞ୍ଜାଯିବ। ଭିଭିପିଏଟି ଗଚ୍ଛିତ ରଖିବା ଏବଂ ପରିଚାଳନାରେ କଡ଼ା ସୁରକ୍ଷା ନିୟମାବଳୀ ପାଳନ କରାଯିବ। ଇଭିଏମ୍ ସମ୍ପର୍କିତ ଅଭିଯୋଗର ଶୁଣାଣି ଲାଗି ଉଚ୍ଚ କ୍ଷମତାସମ୍ପନ୍ନ କମିଟି ରହିବ।




## ଭୋଟରଙ୍କୁ ଆଶୀର୍ବାଦ ମାଗିଲେ ମୋଦି

ନିର୍ବାଚନ ତାରିଖ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ କ୍ଷମତାସୀନ ହେବା ପାଇଁ ଭୋଟରଙ୍କୁ ଆଶୀର୍ବାଦ ମାଗିଛନ୍ତି। ଜନସାଧାରଣ ବହୁସଂଖ୍ୟାରେ ଭୋଟ ଦେବା ପାଇଁ ସେ ଟୁଇଟ୍ କରି ଅନୁରୋଧ କରିଛନ୍ତି। ଗଣତନ୍ତ୍ରର ଉତ୍ସବ ଲୋକ ସଭା ନିର୍ବାଚନକୁ ସୁଦୃଢ଼ କରିବା ଲାଗି ସମସ୍ତଙ୍କ ସକ୍ରିୟ ଯୋଗଦାନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

## କଂଗ୍ରେସର ସ୍ୱାଗତ

ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂଗ୍ରେସ ଏହାକୁ ସ୍ୱାଗତ କରିଛି। ତାରିଖ ଘୋଷଣା ପରେ କଂଗ୍ରେସ ଦଳ ପକ୍ଷରୁ ଦୁଇ ମିନିଟର ଏକ ଭିଡିଓ ଜାରି କରାଯାଇ ଦଳ ନିର୍ବାଚନ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ବୋଲି କୁହାଯାଇଛି। ଏହି ଲଢ଼େଇରେ ସରକାରରେ ଥିବା ମିଛୁଆମାନେ ପରାଜିତ ହେବେ। ସତ୍ୟର ବିଜୟ ହେବ ଏବଂ ୟୁପିଏ କ୍ଷମତାକୁ ଆସିବ ବୋଲି କଂଗ୍ରେସ କହିଛି।

## ଇଭିଏମ୍: ମୁହଁ ଦେଖି ପ୍ରାର୍ଥୀଙ୍କୁ ଚିହ୍ନି ହେବ

**ନୂଆଦିଲ୍ଲୀ,୧୦।୩**

ଏଥର ନିର୍ବାଚନରେ ପ୍ରଥମଥର ପାଇଁ ଇଭିଏମ୍‌ରେ ପ୍ରାର୍ଥୀଙ୍କ ମୁହଁର ଫଟୋ ରଖିବା ପାଇଁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଭୋଟରଙ୍କ ପାଇଁ ପ୍ରାର୍ଥୀ ଚିହ୍ନଟ ସହଜ ହୋଇପାରିବ। ସେହିପରି ପୋଷ୍ଟାଲ ବାଲଟ ପେପରରେ ମଧ୍ୟ ପ୍ରାର୍ଥୀମାନଙ୍କ ଫଟୋ ରହିବ। ସମାନ ନାମରେ ଏକାଧିକ ପ୍ରାର୍ଥୀ ଥିଲେ ଭୋଟର ଦ୍ୱନ୍ଦ୍ୱରେ ପଡିଥାନ୍ତି। ସେମାନଙ୍କ ଫଟୋ ଥିଲେ ପ୍ରାର୍ଥୀଙ୍କୁ ଚିହ୍ନଟ କରିବାରେ ସମସ୍ୟା ରହିବ ନାହିଁ। ଏଥିପାଇଁ ପ୍ରାର୍ଥୀମାନଙ୍କୁ ସେମାନଙ୍କ ସଦ୍ୟ ଷ୍ଟାମ୍ପ ଆକୃତିର ଫଟୋ ରିଟର୍ନିଂ ଅଫିସରଙ୍କ ପାଖରେ ଦାଖଲ କରିବାକୁ କୁହାଯାଇଛି।

## ୪ ରାଜ୍ୟରେ ଏକକାଳୀନ ନିର୍ବାଚନ



ସାଧାରଣ ନିର୍ବାଚନ ପାଇଁ ଆସାମର ବାସ୍କା ଜିଲାରେ ରବିବାର ଜଣେ ଇଏମ୍‌ଏମ୍ ପ୍ରଶିକ୍ଷକ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ଦେଉଛନ୍ତି।

**ନୂଆଦିଲ୍ଲୀ,୧୦।୩:** ସାଧାରଣ ନିର୍ବାଚନ ସହ ଏକସଙ୍ଗେ ୪ ରାଜ୍ୟର ବିଧାନସଭା ପାଇଁ ଭୋଟଗ୍ରହଣ କରାଯିବ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମର ମତଦାତା ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଭୋଟ ଦେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ରବିବାର ଘୋଷଣା କରିଛନ୍ତି। ଏପ୍ରିଲ ୧୧ରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମରେ ବିଧାନସଭା ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ ହେବ। ସେହିପରି ଓଡ଼ିଶାରେ ଏପ୍ରିଲ ୧୧, ୧୮, ୨୩ ଓ ୨୯ ତାରିଖରେ ୪ଟି ପର୍ଯ୍ୟାୟରେ ବିଧାନସଭା ପାଇଁ ଭୋଟ ଗ୍ରହଣ କରାଯିବ।

## ଆଦର୍ଶ ଆଚରଣ ବିଧି କ'ଣ

ଆଦର୍ଶ ଆଚରଣ ବିଧି ହେଉଛି ରାଜନୈତିକ ଦଳଗୁଡ଼ିକର ସହମତିରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ପୋଲିଂ ଏଜେଣ୍ଟମାନଙ୍କୁ କ'ଣ କରିବାକୁ ହେବ ଏବଂ ସେମାନେ କ'ଣ କରିବେ ନାହିଁ ତାହା ଏଥିରେ ଉଲ୍ଲେଖ ରହିଛି। ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି, ନେତାଙ୍କ ଭାଷଣ, ଶୋଭାଯାତ୍ରା ଇତ୍ୟାଦି ବେଳେ ଏହି ନିୟମାବଳୀକୁ ମାନିବାକୁ ହୋଇଥାଏ। ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଥାଏ। ଲୋକ ସଭା ଏବଂ ୪ଟି ରାଜ୍ୟ ବିଧାନସଭା ଭୋଟ ଲାଗି ତାରିଖ ଘୋଷଣା ସହିତ ତତ୍କାଳ ଆଚରଣ ବିଧି ଲାଗୁ ହୋଇଛି । ଫଳରେ ଭୋଟରଙ୍କ ନିଷ୍ପତ୍ତିକୁ ପ୍ରଭାବିତ କଲା ଭଳି କୌଣସି ନୀତି ନିଷ୍ପତ୍ତି ସରକାର ଘୋଷଣା କରିପାରିବେ ନାହିଁ।

## ସୋସିଆଲ ମିଡିଆ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟରେ ସାମିଲ ହେବ

**ନୂଆଦିଲ୍ଲୀ,୧୦।୩**

ନିର୍ବାଚନ କମିଶନ ପ୍ରାର୍ଥୀମାନଙ୍କ ଲାଗି ସୋସିଆଲ ମିଡିଆ ଗାଇଡଲାଇନ ଜାରି କରିଛନ୍ତି। ସୋସିଆଲ ମିଡିଆରେ ପ୍ରଚାରଧର୍ମୀ ବିଜ୍ଞାପନ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟ ଆକାଉଣ୍ଟରେ ସାମିଲ ହେବ। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟର ବିବରଣୀ ଦେବାକୁ ହେବ। ସୋସିଆଲ ମିଡିଆରେ ରାଜନୈତିକ ବିଜ୍ଞାପନ ପାଇଁ ପ୍ରାର୍ଥୀ ପୂର୍ବରୁ ଅନୁମତି ନେବେ। ରାଜନୈତିକ ବିଜ୍ଞାପନଗୁଡିକୁ ଯାଞ୍ଚ କରିବା ଲାଗି ନିର୍ବାଚନ କମିଶନ ଗୁଗଲ, ଫେସ୍‌ବୁକ, ଟ୍ୱିଟର ଏବଂ ୟୁ-ଟ୍ୟୁବ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆରେ ଏଭଳି ବିଜ୍ଞାପନ ସମ୍ପର୍କିତ ଅଭିଯୋଗର ବିଚାର ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତ କରାଯିବ।

## ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହେବନି

ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଗତ ଜୁନ୍ ମାସରେ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିନେବା ପରେ ସେଠାରେ ରାଜ୍ୟପାଳ ଶାସନ ଚାଲିଛି। ନିୟମ ଅନୁଯାୟୀ ୬ ମାସ ମଧ୍ୟରେ ସେଠାରେ ନିର୍ବାଚନ କରାଯିବା କଥା। ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଏକସଙ୍ଗେ ଅନୁଷ୍ଠିତ ହେବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ପୁଲ୍‌ୱାମା ଆକ୍ରମଣ ପରେ ସେଠାରେ ଉତ୍ତେଜନା ଲାଗି ରହିଛି। ନିର୍ବାଚନ କମିଶନ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିବା ପରେ ଏବେ ସେଠାରେ ବିଧାନସଭା ନିର୍ବାଚନ ପାଇଁ ଠିକ୍ ସମୟ ନୁହେଁ ବୋଲି ଅନୁଭବ କରିଥିଲେ। ତେଣୁ ସେଠାରେ କେବଳ ଲୋକ ସଭା ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଧାନସଭା ନିର୍ବାଚନ କରା ନ ଯିବାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା ଆରମ୍ଭ ହୋଇଯାଇଛି।




୧୯୯୬ ପରେ ପ୍ରଥମ ଥର ବିଧାନସଭା ନିର୍ବାଚନ ଠିକ୍ ସମୟରେ ହେଉ ନ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା କହିଛନ୍ତି। ଏକସଙ୍ଗେ ନିର୍ବାଚନ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସର୍ବଦଳୀୟ ବୈଠକରେ ଦେଇଥିବା ପ୍ରତିଶ୍ରୁତି ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଜମ୍ମୁ-କଶ୍ମୀରରେ କେବଳ ଲୋକ ସଭା ନିର୍ବାଚନ କରାଇବା କେନ୍ଦ୍ର ସରକାରଙ୍କ କୁଟିଳ ମନୋଭାବକୁ ସ୍ପଷ୍ଟ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି। ନିଜକୁ ସୁହାଇଲା ଭଳି କାର୍ଯ୍ୟସୂଚୀ ଜାରି ନିମନ୍ତେ ସରକାର ସମୟ ଗଡାଉଥିବା ସେ ଅଭିଯୋଗ କରିଛନ୍ତି।



## ୯୦ କୋଟି ଭୋଟର

ସପ୍ତଦଶ ଲୋକ ସଭା ନିର୍ବାଚନରେ ପାଖାପାଖି ୯୦ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ୨୦୧୪ ଲୋକ ସଭା ନିର୍ବାଚନ ଲାଗି ପଞ୍ଜୀକୃତ ଭୋଟରଙ୍କ ତୁଳନାରେ ଏହା ୮ କୋଟି ୪୩ ଲକ୍ଷ ଅଧିକ। ସେମାନଙ୍କ ମଧ୍ୟରୁ ଦେଢ଼ କୋଟି ଭୋଟରଙ୍କ ବୟସ ୧୮ରୁ ୧୯ ବର୍ଷ ମଧ୍ୟରେ। ଭୋଟଦାନ ସୁବିଧା ପାଇଁ ୫୪୩ଟି ନିର୍ବାଚନ ମଣ୍ଡଳୀରେ ୧୦ ଲକ୍ଷ ବୁଥ୍‌ର ବ୍ୟବସ୍ଥା କରାଯିବ। ୨୦୧୪ ତୁଳନାରେ ଏଥର ଭୋଟଗ୍ରହଣ କେନ୍ଦ୍ର ସଂଖ୍ୟା ୧୦ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି।



ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରାଯାଇଛି। ସେ ହେଲେ ଇଲେକ୍ଟ୍ରିସିଆନ୍ ମୁଦାସିର୍ ଅହମ୍ମଦ ଖାନ୍ ଓରଫ୍ ମହମ୍ମଦ ଭାଇ (୨୩)। ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଥିବା ତ୍ରାଲ୍‌ର ମୀର୍ ମୋହଲ୍ଲା ନିବାସୀ ଖାନ୍ ଫେବୃୟାରୀ ୧୪ରେ ସୁରକ୍ଷା ଯବାନଙ୍କ ଗାଡ଼ିକୁ ବୋମାରେ ଉଡ଼ାଇବା ପାଇଁ ଆଦିଲ ଅହମ୍ମଦ ଦରଙ୍କୁ ବିସ୍ଫୋରକ ସାମଗ୍ରୀ ସହ ଗାଡ଼ି ଯୋଗାଇ ଦେଇଥିଲେ। ୨୦୧୭ରେ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନରେ ସେ ସାମିଲ୍ ହୋଇଥିଲେ।






■ ଇଥିଓପିଆରେ ବିମାନ ଦୁର୍ଘଟଣା

# ୪ ଭାରତୀୟଙ୍କ ସମେତ ୧୫୭ ମୃତ

ଆଡିସ୍ ଆବାବା (ଇଥିଓପିଆ),୧୦।୩

ଇଥିଓପିଆ ଏୟାରଲାଇନ୍ସର ଏକ ବିମାନ ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ସମସ୍ତ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ଭାରତୀୟ ରହିଛନ୍ତି। ଦୁର୍ଘଟଣାର କାରଣ ଜଣାପଡିନାହିଁ। ବୋଇଂ ୭୩୭-୮ ମାକ୍ସ ବିମାନଟି ଇଥିଓପିଆ ରାଜଧାନୀ ଆଡିସ୍ ଆବାବାରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେନିଆ ରାଜଧାନୀ ନାଇରୋବି ଅଭିମୁଖେ ଯାଉଥିବା ଉକ୍ତ ବିମାନରେ ୧୪୯ ଯାତ୍ରୀ ଓ ୮ ଜଣ କର୍ମଚାରୀ ଥିଲେ।

ଅନ୍ୟ ମୃତକଙ୍କ ମଧ୍ୟରେ କେନିଆର ୩୨, କାନାଡାର ୧୮, ଆମେରିକାର ୮ ଜଣ, ଚୀନ୍‌ର ୮, ବ୍ରିଟେନର ୭, ଇଟାଲୀର ୮ ଏବଂ ଇଥିଓପିଆର ୯ ଯାତ୍ରୀଙ୍କ ସମେତ ଅନ୍ୟ ଦେଶର ନାଗରିକ ଅଛନ୍ତି। ସ୍ଥାନୀୟ ସମୟ ସକାଳ ୮ଟା ୪୪ରେ ଆଡିସ ଆବାବାଠାରୁ ୫୦ କି.ମି. ଦୂରରେ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗତ ନଭେମ୍ବର ମାସରେ ଏହି ବିମାନ କିଣାଯାଇଥିଲା। ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ଗଭୀର ଦୁଃଖ ପ୍ରକାଶ କରିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଟେକ୍ନିକାଲ ସହାୟତା ଯୋଗାଇ ଦେବ ବୋଲି କମ୍ପାନୀ କହିଛି। ଗତବର୍ଷ ଅକ୍ଟୋବରରେ ଇଣ୍ଡୋନେସିଆ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୧୮୯ ଜଣଙ୍କର ମୃତ୍ୟୁ ହୋଇଥିଲା। ବିମାନର ଏୟାରସ୍ପିଡ୍ ଇଣ୍ଡିକେଟର ଏବଂ ଆଙ୍ଗଲ୍ ଅଫ ଆଟାକ୍ ସେନ୍ସର୍‌ସରେ ସମସ୍ୟା ଥିବା ତଦନ୍ତରୁ ଜଣାପଡିଥିଲା।

# କଲମ୍ବିଆ ବିମାନ ଦୁର୍ଘଟଣାରେ ୧୨ ମୃତ

**ବୋଗଟା,୧୦।୩ (ଏଏଫ୍‌ପି) :** କଲମ୍ବିଆରେ ଶନିବାର ଏକ ବିମାନ ଦୁର୍ଘଟଣାରେ ଜଣେ ମେୟର ଓ ତାଙ୍କ ପରିବାର ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଡଗଲାସ୍ ଡିସି-୩ ବିମାନ ସାନ୍ ଜୋସ୍ ଡେଲ୍ ଗୁଆଭିଏର୍ ଏବଂ ଭିଲାଭିସେନ୍‌ସିଓ ସହର ମଧ୍ୟରେ ଚଳାଚଳ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭିଲାଭିସେନ୍‌ସିଓ ନିକଟରୁ ବିମାନର ଭଗ୍ନାବଶେଷ ମିଳିଛି। ଉକ୍ତ ବିମାନରେ ଟାରାଇରା ମ୍ୟୁନିସିପାଲିଟିର ମେୟର, ତାଙ୍କ ସ୍ୱାମୀ ଓ ଝିଅ, ବିମାନର ମାଲିକ, ଦୁଇ ପାଇଲଟ ଏବଂ ଜଣେ ବିମାନ ଟେକ୍ନିସିଆନ ଥିଲେ। ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଦେଶରେ ସାଧାରଣ ନିର୍ବାଚନ ନେଇ ଆଚରଣ ବିଧି ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ରବିବାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷହେବା ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ସେହିପରି ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ନେଇ ତାରିଖ ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏହାକୁ ସ୍ୱାଗତ କରିଛନ୍ତି।







# ଆପରାଧିକ ତଥ୍ୟ ରଖିବେ ପ୍ରାର୍ଥୀ

■ ପାନ୍ ନମ୍ବର ଦେବାକୁ ପଡ଼ିବ

■ ଭିନ୍ନକ୍ଷମଙ୍କ ପାଇଁ ୨୫,୦୦୦ ହୁଇଲ ଚେୟାର

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଥିବା ବ୍ୟକ୍ତିବିଶେଷ ନିଜ ଆପରାଧିକ ତଥ୍ୟ ରଖିବେ। ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଗତ ୨୫, ସେପ୍ଟେମ୍ବର ୨୦୧୮ରେ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥୀପତ୍ର ଦାଖଲ ଦିନଠାରୁ ଭୋଟ ଗ୍ରହଣର ୪୮ ଘଣ୍ଟା ପୂର୍ବରୁ ପ୍ରାର୍ଥୀ ୩ଥର ନିଜ ଆପରାଧିକ ତଥ୍ୟ ସାର୍ବଜନୀନ କରିବାକୁ ବାଧ୍ୟ। ପ୍ରାର୍ଥୀ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ନିଜ ଆପରାଧିକ ପୃଷ୍ଠଭୂମି ସାର୍ବଜନୀନ କରିବେ। ପ୍ରାର୍ଥୀମାନେ ପାନ କାର୍ଡ ନଂ. ସମ୍ପର୍କରେ ମଧ୍ୟ ଜଣାଇବେ। ଯାହାର ପାନ୍ କାର୍ଡ ନ ଥିବ, ଏଥିପାଇଁ ଆବେଦନ କରାଯାଇଥିବା ଆବେଦନପତ୍ର ସମ୍ପର୍କରେ ମଧ୍ୟ ସୂଚନା ଦେବେ। ପ୍ରତି ବୁଥ୍‌ରେ ଭିନ୍ନକ୍ଷମ ଭୋଟରଙ୍କ ସୁବିଧା ପାଇଁ ୨ ଜଣ ସ୍ୱେଚ୍ଛାସେବୀ ରହିବେ। ସାରା ରାଜ୍ୟରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ୨୫,୦୦୦ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ଭିନ୍ନକ୍ଷମ ଭୋଟର ଚିହ୍ନଟ ପ୍ରକ୍ରିୟାରେ ଓଡ଼ିଶା କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପଛରେ ରହିଛି। ସାରା ରାଜ୍ୟରେ ପ୍ରାୟ ୪ ଲକ୍ଷ ୭୦ ହଜାର ଭିନ୍ନକ୍ଷମ ଭୋଟର ଚିହ୍ନଟ ହୋଇଛନ୍ତି। ସମସ୍ତ ବୁଥ୍‌ରେ ଭିଭିପାଟ୍ ବ୍ୟବହାର କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫୦,୬୦୦ ଗାଁରେ ଭିଭିପାଟ୍ ପ୍ରଶିକ୍ଷଣ କରାଯାଇଛି। ଏଥିରେ ୩୪ ଲକ୍ଷ ଭୋଟର ଅଂଶଗ୍ରହଣ କରିଥିଲେ। ସେହିପରି ଜାରି ରହିଥିବା ଦ୍ୱିତୀୟ ପର୍ଯ୍ୟାୟରେ ୧୧,୮୭୫ ଗାଁର ୧୦ ଲକ୍ଷ ୬୭ ହଜାର ୮୨୫ ଜଣ ଏହି ପ୍ରଶିକ୍ଷଣରେ ଭାଗ ନେଇସାରିଲେଣି। ଏଥିପାଇଁ ୯୩୧ଟି ପ୍ରଶିକ୍ଷଣ ଟିମ୍ ଗଠନ କରାଯାଇଛି। ଭୋଟର ତାଲିକାରୁ ନାମ ହଟାଇବା, ସଂଶୋଧନ ଏବଂ ପୁନଃସ୍ଥାପନ ଉପରେ ରୋକ୍ ଲାଗିଛି। ହେଲେ ନାମାଙ୍କନ ନିମିତ୍ତ ବିଜ୍ଞପ୍ତିର ୧୦ ଦିନ ପୂର୍ବରୁ ନୂତନ ନାମ ଯୋଡ଼ାଯାଇପାରିବ। ସେହିପରି ପ୍ରାର୍ଥୀ ଓ ରାଜନୈତିକ ଦଳମାନେ ରାତି ୧୦ଟା ପର୍ଯ୍ୟନ୍ତ ପ୍ରଚାର କରିପାରିବେ।

# ମଧ୍ୟପ୍ରଦେଶରେ ଓବିସି ସଂରକ୍ଷଣ ୨୭%କୁ ବୃଦ୍ଧି

ଭୋପାଳ,୧୦।୩

ଲୋକ ସଭା ନିର୍ବାଚନ ଆଚରଣ ବିଧି ଘୋଷଣା ହେବା ପୂର୍ବରୁ ମଧ୍ୟପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ ରବିବାର ସରକାରଙ୍କ ୧୪ରୁ ୨୭ ପ୍ରତିଶତ ଓବିସି କୋଟା ବୃଦ୍ଧି ଅଧ୍ୟାଦେଶକୁ ମଞ୍ଜୁର କରିଛନ୍ତି। ଫଳରେ ଦେଶର ପ୍ରଥମ ରାଜ୍ୟ ଭାବେ ମଧ୍ୟପ୍ରଦେଶରେ ଓବିସି କୋଟା ୨୭ ପ୍ରତିଶତରେ ପହଞ୍ଚିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ରାଜ୍ୟର ପଛୁଆ ବର୍ଗ ମତଦାତାଙ୍କୁ ହାତମୁଠାକୁ ନେବା ପାଇଁ କମଲନାଥ ସରକାର ଏହି ଅଧ୍ୟାଦେଶ ଆଣିଥିବା ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଶୁକ୍ରବାର ରାଜ୍ୟପାଳ ପଟେଲଙ୍କ ନିକଟକୁ ଏହା ପଠାଯାଇଥିଲା। ସେ ଏହି ଅଧ୍ୟାଦେଶକୁ ସ୍ୱୀକୃତି ଦେଇଥିବାବେଳେ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱାଧୀନ ତତ୍କାଳୀନ ଭାଜପା ସରକାରଙ୍କୁ ମୁଖ୍ୟମନ୍ତ୍ରୀ କମଲନାଥ କଡ଼ା ସମାଲୋଚନା କରିଛନ୍ତି। ଚୌହାନ ତାଙ୍କ ୧୫ ବର୍ଷ ଶାସନ କାଳରେ ପଛୁଆ ବର୍ଗଙ୍କୁ ଅଣଦେଖା କରିଥିବା ସେ କହିଛନ୍ତି।

# ଆଜିଠୁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ସୋମବାରଠାରୁ ରାଜ୍ୟରେ ବଢ଼ିବ ତାପମାତ୍ରା। ଅଧିକାଂଶ ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ରାଜ୍ୟରେ ଗରମ ଅନୁଭୂତ ହେବ। ସୋମବାରଠାରୁ ତାପମାତ୍ରା ଧୀରେ ଧୀରେ ବଢ଼ି ଆସନ୍ତା ୧୫ତାରିଖ ସୁଦ୍ଧା ଏହା ୫ରୁ ୬ ଡିଗ୍ରୀ ବୃଦ୍ଧି ପାଇବ। ବର୍ତ୍ତମାନ ବାୟୁ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟ ଆଡ଼କୁ ପ୍ରବାହିତ ହେଉଛି। ଏହାପରେ ଓଡ଼ିଶା ଉପରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହି ସମୟରେ ଦିନବେଳା ଅପେକ୍ଷା ରାତିର ତାପମାତ୍ରା କମ୍ ରହିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଡ୍ୟୁଟି ଅଫିସର ଗୌରାଙ୍ଗ ଚରଣ ବେହେରା କହିଛନ୍ତି, ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସୂଚନା ନାହିଁ। ତେବେ ୧୩ ଓ ୧୪ତାରିଖ ବେଳକୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜାଗାରେ ବର୍ଷା ହେବା ସମ୍ଭାବନା ରହିଛି। ଏହା ଭିତରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି। ଏହି ଚାରିଦିନ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୯ ଡିଗ୍ରୀ ଓ ସର୍ବାଧିକ ୩୩ ଡିଗ୍ରୀ ରହିବ। ୧୫ତାରିଖରୁ ଗ୍ରୀଷ୍ମ ପ୍ରବାହ ବଢ଼ିବ। ରବିବାର ରାଜ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ଥିବା ରେକର୍ଡ ହୋଇଛି।




| | ପ୍ଲାଟିନା 100 ES ଆଲୟ | CT100 କେ‌ୱାକ୍ |
|---|---|---|
| ମୂଲ୍ୟ | ₹48 109/- | ₹32 576/- |
| ଡାଉନ୍ ପେମେଣ୍ଟ | ₹2 950/- | ₹2 100/- |

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Kanika Chack SONTHALIA BAJAJ 2305020 • Badambadi SURAJ BAJAJ 8093066603 • Kendrapada SREE BALDEVJEW BAJAJ 9337250089 • Rahama MAITREE BAJAJ 9668801781, Nayagarh MSB Bajaj 7873925390 • Keonjhar JR BAJAJ 9937697094 • Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 9937144926, Balipatna 9040180943, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 9776142222, Tangi 8984562569, Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939, JajpurTown 9937888777, Bhuban 9438570111, Kuakhia 9937312014, Bari 8917242713 Chhatia 9040084846, Kamakhyanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622, Athgarh 9937289417.

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ


ଉତ୍କଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65378

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66023

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9776934361, 7749026703. D-65385

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9776934361, 7749026703. D-65386

BDA yellow zone gharabari plot for sale Patrapada, Bhubaneswar near Dnregalia Mall, 650/- sqft. 7008487006, 9437335686. D-11520

Bhubaneswar new Railway Station 30' ରୋଡଥାଇ ଘରବାରି ପ୍ଲଟ 1200 sqft. 5,40,000/-ରେ ମିଳୁଛି: 9439690111. D-66106




One bedroom flat drawing cum dining furnished house with interior & AC at Patia near Bigbazar. Contact: 7008671282, 9238089899. D-11592

House at Nayapalli near DAV/ Stewart School for family. 8895096862. D-65852




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66017

Experience full body massage with us by experts. Enquiry. 0674259 7822, 7377048581. D-66018

Herbal full body massage by smart/ expert therapist. Contact: 8338067247. D-66019

Newly opening ayurvedic body massage smart therapist, Shree herbal. 7750020754. D-66020

Improving your health, skin care through expert therapist, excellent offer. 9668374480. D-66021

Ayurvedic full body massage ladies/ gents smart experts therapist. 9114697517. D-65849

Welcome to seva care relax your body smart therapist 9937062638. D-65499

Newly ayurvedic fullbody massage ladies, gents: 7609923705, 7438851534. D-38550

Ayurvedic full body massage ladies/ gents experts therapist. 8338097451. D-65853

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା



**ଲକ୍ଷ୍ମୀନାରାୟଣ ଦାଶ**
**ଓ**
**ଶୈଳବାଳା ଦାଶ**
ତା. ୧୧।୦୩।୨୦୧୯
ନୟାପଲ୍ଲୀ, ଭୁବନେଶ୍ୱର

ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ କରନ୍ତୁ। ଶୁଭେଚ୍ଛା ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀମାନେ। ଧ-୬୬୧୦୭

## ୩୫ତମ ବିବାହ ବାର୍ଷିକୀ ଶୁଭେଚ୍ଛା



**Rabi Narayan Tripathy**
**And**
**Sipra Tripathy**

ଦେଖୁ ଦେଖୁ ବିବାହର ଦୀର୍ଘ ୩୫ବର୍ଷ ଚାଲିଗଲା। ଆଗକୁ ତୁମର ମଙ୍ଗଳ କରନ୍ତୁ ପ୍ରଭୁ ଚିନ୍ତାମଣିଶ୍ୱର ଏତିକି ଆମର କାମନା। From: Bayani Khandan, Laxmisagar, BBSR. ଧ-୧୧୫୯୬

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କଳ୍ପନା ପଣ୍ଡା**
ଆବିର୍ଭାବ: ୦୮।୦୫।୧୯୬୮
ତିରୋଧାନ: ୨୮।୦୨।୨୦୧୯
ରାଜେନ୍ଦ୍ରପୁର- ରସୁଲପୁର ବ୍ଲକ, ଜିଲ୍ଲା- ଯାଜପୁର

ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିବ। ତୁମ୍ଭ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଈଶାନେଶ୍ୱରଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଶାଶୁ- ମାଳତୀ ପଣ୍ଡା, ଶ୍ୱଶୁର- ଚକ୍ରଧର ପଣ୍ଡା, ସ୍ୱାମୀ- ସୁବାସ ପଣ୍ଡା, ପରିବାରବର୍ଗ ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୧୧୫୯୫

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶାନ୍ତିଲତା ପଟ୍ଟନାୟକ**
D-303, Apollo Ashiyana, Rasulgarh, Bhubaneswar
ଆବିର୍ଭାବ: ୧୫।୦୫।୧୯୫୦
ତିରୋଧାନ: ୨୭।୦୨।୨୦୧୨

ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୬୬୪୦୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରାକେଶ ରଂଜନ ତରାଇ**
ଆବିର୍ଭାବ: ୨୫।୦୬।୧୯୯୬
ତିରୋଧାନ: ୨୩।୦୨।୨୦୧୫
(ଫାଲ୍‌ଗୁନ ଶୁକ୍ଳପଞ୍ଚମୀ)
ସିଆଣ୍ଡି, ସିଆଳ, ପୁରୀ

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ପ୍ରତିଟି ମୁହୂର୍ତ୍ତ ଆଜି ଭଳି ଲାଗୁଛି। ତୁମର ସ୍ନେହ, ପ୍ରେମ, ବନ୍ଧୁ ଓ ପରିବାର ସମସ୍ତେ ଝୁରୁଛୁ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ରାଜ କିଶୋର ତରାଇ (ବାବା), ସୁଶାନ୍ତି ତରାଇ (ମାମା), ବନ୍ଧୁ ଓ ପରିବାରବର୍ଗ। ଧ-୧୧୫୯୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**Late Sri Nanda Kumar Choudhury**
**Retd. OAS**
**DOB: 04.09.1942**
**DOD: 02.03.2019**

Dr. Binapani Mohapatra (Wife), Manoj- Babita (ପୁତ୍ର-ପୁତ୍ରବଧୂ), Anita- Bhagirathi (ଝିଅ-ଜ୍ୱାଇଁ), ସୋନୁ, ପାୟଲ, ନୂପୁର, ମୋନୁ ଓ ଶୋକସନ୍ତପ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୬୩୭୬୧

# କମିବ ସ୍କୁଲ ବ୍ୟାଗ୍ ଓଜନ

## ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହେବ ନୂଆ ଗାଇଡ୍‌ଲାଇନ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**



ସ୍କୁଲ ବ୍ୟାଗ୍‌ରେ ଅତ୍ୟଧିକ ବୋଝ ଯୋଗୁ ପିଲାମାନେ ବିଭିନ୍ନ ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ କମାଇବାକୁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ଏଥିପାଇଁ ୨୦୧୯-୨୦ ଶିକ୍ଷା ବର୍ଷରୁ ନୂଆ ଗାଇଡ୍‌ଲାଇନ ଲାଗୁ ହେବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ଦେଢ଼ କିଲୋରୁ ଅଧିକ ହେବ ନାହିଁ। ଏଥିପାଇଁ ସେମାନଙ୍କ ଲାଗି ମାତ୍ର ଦୁଇଟି ବିଷୟ ମାତୃଭାଷା ଓ ଗଣିତ ରଖିବାକୁ କୁହାଯାଇଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୨ରୁ ୩ କିଲୋ ମଧ୍ୟରେ ରହିବ। ଏମାନଙ୍କ ଲାଗି ଗଣିତ, ପରିବେଶ ବିଜ୍ଞାନ, ଇଂଲିଶ ଓ ମାତୃଭାଷା, ଏହିଭଳି ୪ଟି ବିଷୟ ରହିବ। ସେହିଭଳି ଷଷ୍ଠ ଓ ସପ୍ତମ ପିଲାଙ୍କ ବ୍ୟାଗ୍ ୪ କିଲୋ, ୮ମ ଓ ୯ମ ପିଲାଙ୍କ ବ୍ୟାଗ୍ ସାଢ଼େ ୪ କିଲୋ ଏବଂ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୫ କିଲୋରୁ ଅଧିକ ହେବ ନାହିଁ। ଏହାସହ ପିଲାଙ୍କୁ ହୋମ୍‌ୱାର୍କ ଦିଆଯିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଆଦୌ ହୋମ୍‌ୱାର୍କ ଦିଆଯିବ ନାହିଁ। ଅନ୍ୟ ଶ୍ରେଣୀ ଲାଗି କୌଣସି ବିଷୟ ଶେଷରେ ଦିଆଯାଇଥିବା ଏକ୍ସରସାଇଜ୍‌କୁ କ୍ଲାସ୍ ରୁମ୍‌ରେ ଶିକ୍ଷକଙ୍କ ଆଗରେ ସମାଧାନ କରାଯିବ। ଏଥିଲାଗି ସ୍ୱତନ୍ତ୍ର ପିରିୟଡ୍ ରଖାଯିବ। ପିଲାମାନେ ଯେପରି ନିଜେ ବୁଦ୍ଧି ଖଟାଇ ପ୍ରଶ୍ନର ସମାଧାନ କରିବେ, ସେଥିଲାଗି ସେମାନଙ୍କୁ ଉତ୍ସାହିତ କରାଯିବ। ଷଷ୍ଠରୁ ଦଶମ ଶ୍ରେଣୀ ପିଲାଙ୍କ ହୋମ୍‌ୱାର୍କକୁ ନେଇ ସ୍କୁଲଗୁଡ଼ିକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବେ। କେବଳ ବିଷୟ ଘୋଷା ନ କରି ପିଲାଙ୍କ ମେଧାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। କେବଳ ସେତିକି ନୁହେଁ, ଖେଳକୁଦ ସହ ପ୍ରୋଜେକ୍ଟ, ବିଭିନ୍ନ ସ୍ଥାନ ଭ୍ରମଣ, ବୁକ୍ ରିଭ୍ୟୁ, ସାମ୍ପ୍ରତିକ ବିଷୟରେ ବିତର୍କ ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯିବ। ଗାଇଡ୍ ଓ ଅନ୍ୟାନ୍ୟ ବହି ବ୍ୟବହାରକୁ ନିଷେଧ କରାଯାଇଛି। ସ୍କୁଲଗୁଡ଼ିକ ଷ୍ଟେଟ୍ କାଉନ୍‌ସିଲ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏସ୍‌ସିଇଆର୍‌ଟି) ଦ୍ୱାରା ଅନୁମୋଦିତ ବହି ହିଁ ବ୍ୟବହାର କରିବେ। ନୂତନ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସ୍କୁଲଗୁଡ଼ିକୁ କୁହାଯାଇଛି।

# ମିଳିତ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୦।୩ (ବ୍ୟୁରୋ)**

ନବୀନ ନିବାସ ସମ୍ମୁଖରେ ସବୁ ବର୍ଗର ଶିକ୍ଷକମାନଙ୍କର ଏକ ବିଶାଳ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସରକାର ବ୍ଲକଗ୍ରାଣ୍ଟ ଉଚ୍ଛେଦ କରି ୪୪ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିୟମିତ କରିବା, ଅଣ୍ଡରଟେକିଂ ଦେବାକୁ ଥିବା ସର୍ତ୍ତକୁ ପ୍ରତ୍ୟାହାର କରିବା, ୨୦୧୪ ମସିହାରୁ ପ୍ରଣୟନ ତ୍ରୁଟିପୂର୍ଣ୍ଣ କ୍ୟାଡର ରୁଲକୁ ସଂଶୋଧନ କରି ଲକ୍ଷାଧିକ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସିଧାସଳଖ ଉପକୃତ ହେବା ସହ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପଦୋନ୍ନତି କରାଯାଇଛି। ଏହି ସବୁ କାରଣରୁ ମିଳିତ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## କିଛି ତଥ୍ୟ

ଫେମ୍-୨ ଯୋଜନାରେ ୨୦୧୯-୨୦ ବର୍ଷ ଲାଗି ୧,୫୦୦ କୋଟି, ୨୦୨୦-୨୧ ବର୍ଷରେ ୫,୦୦୦ କୋଟି ଏବଂ ୨୦୨୧-୨୨ବର୍ଷ ପାଇଁ ୩,୫୦୦ କୋଟି ସବ୍‌ସିଡି ପ୍ରଦାନ କରିବାକୁ ବ୍ୟୟ ଅଟକଳ ହୋଇଛି।

– ଲଘୁ ଉଦ୍ୟୋଗ ମନ୍ତ୍ରଣାଳୟ

# ବନ୍ଧୁ ଆର୍ଯ୍ୟାଙ୍କୁ ବିବାହ କଲେ ସାୟଶା

**ହାଇଦ୍ରାବାଦ୍,୧୦।୩**



ବଲିଉଡ୍‌ର ଚର୍ଚ୍ଚିତ ଚେହେରା ଦିଲୀପ କୁମାର ଏବଂ ସାଇରା ବାନୋଙ୍କ ନାତୁଣୀ ସାୟଶା ସେହଗଲ ତାଙ୍କ ଠାରୁ ୧୭ ବର୍ଷ ବଡ଼ ଅଭିନେତା ଆର୍ଯ୍ୟାଙ୍କୁ ହାଇଦ୍ରାବାଦ୍‌ରେ ବିବାହ କରିଛନ୍ତି। ବର ଓ କନ୍ୟା ବେଶରେ ଦୁହେଁ ପରସ୍ପରକୁ ଗଳାରେ ମାଳା ପିନ୍ଧାଉଥିବାବେଳେ ସେଠାରେ ଉପସ୍ଥିତ ଅତିଥିବୃନ୍ଦ ସେମାନଙ୍କୁ ସ୍ୱାଗତ କରୁଥିବା ଭିଡିଓ ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ ହୋଇଛି। ବିବାହ ଉତ୍ସବ ପୂର୍ବରୁ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସାୟଶା ଏବଂ ଆର୍ଯ୍ୟା ଉଭୟେ ଧଳା ରଙ୍ଗର ପୋଷାକ ପିନ୍ଧିଥିଲେ। ସାୟଶାଙ୍କ ଲେହଙ୍ଗା ଏବଂ ଆର୍ଯ୍ୟାଙ୍କ ଶେରୱାନି ଯୋଡ଼ି ସୋସିଆଲ୍ ମିଡିଆରେ ବେଶ୍ ଚହଳ ସୃଷ୍ଟି କରିଛି। ଦୀର୍ଘଦିନର ବନ୍ଧୁତା ପରେ ବିବାହ କରିବାକୁ ସେମାନେ ନିଷ୍ପତ୍ତି କରିଥିଲେ। ସୂର୍ଯ୍ୟ-କେବି ଆନନ୍ଦଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'କମ୍ପନ'ରେ ଦୁହେଁ ଏକାସଙ୍ଗେ କାମ କରୁଛନ୍ତି। 'ବନାମଗନ' ଥିଲା ସାୟଶାଙ୍କ ଡେବ୍ୟୁ ଫିଲ୍ମ। ଏଥିସହ କଡ଼ଇକୁଟି ସିଂଘମ୍ ଏବଂ ଜୁଙ୍ଗାରେ ସେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପଟେ, ଆର୍ଯ୍ୟା ମଗାମୁନୀ, ୩ ଦେବ, ସନ୍ଦନା ଦେବନ ଆଦି ଫିଲ୍ମରେ କାମ କରୁଛନ୍ତି। ଚେନ୍ନାଇର ନାମୀଦାମୀ ହୋଟେଲ 'ସି ସେଲ୍'ର ସେ ମାଲିକ ଅଟନ୍ତି। ଏପରି କି ତାଙ୍କର ଏକ ପ୍ରଡକ୍ସନ କମ୍ପାନୀ ମଧ୍ୟ ରହିଛି।

## ପ୍ରଥମ ପୃଷ୍ଠାରୁ...

### ବାଜିଲା ରଣ...

ପର୍ଯ୍ୟାୟରେ ୮ ରାଜ୍ୟର ୫୯ ଆସନରେ ମତଦାନ କରାଯିବ ବୋଲି ସିଇସି ସୂଚନା ଦେଇଛନ୍ତି। ସିଇସି କହିଛନ୍ତି, ନିର୍ବାଚନ କମିଶନ ମୁକ୍ତ ଓ ନିରପେକ୍ଷ ମତଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଓ ପ୍ରସ୍ତୁତି କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ୯୦ କୋଟି ଭୋଟର ମତଦାନ କରିବେ। ୨୦୧୪ ଲୋକ ସଭା ନିର୍ବାଚନ ବେଳେ ଏହି ସଂଖ୍ୟା ୮୧ କୋଟି ୪୫ ଲକ୍ଷ ଥିଲା। ଏଥର ୧୮ରୁ ୧୯ ବର୍ଷୀୟ ୧.୫ କୋଟି ଭୋଟର ପ୍ରଥମଥର ପାଇଁ ମତଦାନ କରିବାକୁ ଯାଉଛନ୍ତି। ସୁରୁଖୁରୁରେ ଭୋଟଗ୍ରହଣ କରିବା ପାଇଁ ଦେଶର ୪ ଲକ୍ଷ ୩୬ ହଜାର ସ୍ଥାନରେ ୧୦ ଲକ୍ଷ ୩୫ ହଜାର ୩୯୨ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଛି, ଯାହାକି ଗତ ସାଧାରଣ ନିର୍ବାଚନଠାରୁ ଲକ୍ଷେ ଅଧିକ ଅର୍ଥାତ୍ ୧୦% ବୃଦ୍ଧି ପାଇଛି। ଭୋଟରମାନଙ୍କ ମତଦାନ ସୁନିଶ୍ଚିତ କରିବା ଲାଗି ମୋଟ ୧୭.୪ ଲକ୍ଷ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ୍ ସମସ୍ତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସଂଲଗ୍ନ କରାଯିବ। ଇଭିଏମ୍‌ରେ ପ୍ରଥମଥର ପାଇଁ ପ୍ରାର୍ଥୀଙ୍କ ମୁହଁ ରହିବ। ଏହାଦ୍ୱାରା ନିରକ୍ଷର ଭୋଟର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚିହ୍ନି ଭୋଟ ଦେବା ସହ ସମାନ ନାମଧାରୀ ପ୍ରାର୍ଥୀଙ୍କୁ ନେଇ ଭୋଟରଙ୍କ ଦ୍ୱନ୍ଦ୍ୱ ମଧ୍ୟ ଦୂର ହୋଇପାରିବ। ପରୀକ୍ଷା, ପର୍ବପର୍ବାଣି ଓ ପାଣିପାଗକୁ ଦୃଷ୍ଟିରେ ରଖି ନିର୍ବାଚନ ତାରିଖ ସ୍ଥିର କରାଯାଇଛି। ନିର୍ବାଚନ ପ୍ରଚାରବେଳେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଡାକବାଜିଯନ୍ତ୍ର ବଜାଇବା ଉପରେ କଟକଣା ଜାରି କରାଯାଇଛି। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ବେଳେ ସେମାନଙ୍କ ଆପରାଧିକ ଇତିହାସ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିବେ। ମିଥ୍ୟା ଖବର ପ୍ରସାର ଉପରେ କଡ଼ା ନଜର ରଖାଯିବ। ଅପପ୍ରଚାର ରୋକିବା ପାଇଁ ସାମାଜିକ ଗଣମାଧ୍ୟମଗୁଡ଼ିକ ପଦକ୍ଷେପ ନେବେ। ପ୍ରାର୍ଥୀଙ୍କୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଦେବାକୁ ପଡ଼ିବ।

ଏହି ଘୋଷଣା ସହ ସାରା ଦେଶରେ ନିର୍ବାଚନ ଆଚରଣ ବିଧି ତତ୍କାଳ ଲାଗୁ ହୋଇଛି। ଫଳରେ ଏବେଠୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୌଣସି ନୂଆ ଘୋଷଣା କରିପାରିବେ ନାହିଁ। ସମସ୍ତ ରାଜନୈତିକ ଦଳ, ସେଗୁଡ଼ିକର ରାଜନୈତିକ ପ୍ରଚାର ଓ ବିଜ୍ଞାପନ ଉପରେ ନିର୍ବାଚନ କମିଶନଙ୍କ କଡ଼ା ନଜର ରହିବ। ଏହାର ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଇସି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, କୌଣସି ରାଜନୈତିକ ଦଳ ନିର୍ବାଚନ ପ୍ରଚାରରେ ସୈନ୍ୟ ବାହିନୀ କିମ୍ବା ଯବାନଙ୍କ ଫଟୋ ବ୍ୟବହାର କରିପାରିବେ ନାହିଁ ବୋଲି ଇସି ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି।

### ଓଡ଼ିଶାରେ ୪...

କରାଯାଇପାରିବ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ମଧ୍ୟ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବଭାରତର ମାଓବାଦୀପ୍ରବଣ ଜିଲାଗୁଡ଼ିକରେ ଏକସଙ୍ଗରେ ନିର୍ବାଚନ କରାଯାଇଥିବା ସିଇଓ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣବିଧି ଲାଗୁହେବା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଏଥିସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡିଂ, ବିଜ୍ଞାପନ ଆଦିକୁ ୨୪ ଘଣ୍ଟା ମଧ୍ୟରେ ହଟାଇବା ପାଇଁ ନିର୍ଦ୍ଦେଶ ରହିଛି। ପୂର୍ବରୁ ଚାଲୁ ରହିଥିବା ଯୋଜନାରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ଚାଲୁ ରହିବ। ହେଲେ ଆଚରଣବିଧି ଲାଗୁ ପରେ କୌଣସି ଯୋଜନା ପାଇଁ ହିତାଧିକାରୀ ଚୟନ କରାଯାଇପାରିବ ନାହିଁ।

କରଦାତାଙ୍କ ଅର୍ଥରେ ବିଜ୍ଞାପନ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। କୌଣସି ବିଜ୍ଞାପନରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋ ଲାଗିବା ଉପରେ ଅଙ୍କୁଶ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ କୋଟି ୧୮ ଲକ୍ଷରୁ ଅଧିକ ଭୋଟର ଚିହ୍ନଟ ହୋଇସାରିଛନ୍ତି। ଏହି ସଂଖ୍ୟା ଆଗକୁ ମଧ୍ୟ ବଢ଼ିବ। ସେହିପରି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୭,୬୦୬ଟି ବୁଥ୍ ଚିହ୍ନଟ କରାଯାଇଛି, ମାତ୍ର ଏହା ଚୂଡ଼ାନ୍ତ ନୁହେଁ। ଶତପ୍ରତିଶତ ମତଦାନ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ପ୍ରତି ବୁଥ୍‌କୁ ଭିନ୍ନକ୍ଷମ ଭୋଟର ବ୍ୟବହାରଯୋଗ୍ୟ କରାଯିବ। ଏଥିସହିତ ବରିଷ୍ଠ ନାଗରିକଙ୍କ ଭୋଟଦାନକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଇଭିଏମ୍, ଭିଭିପିଏଟି ସହ ଏଥର ପ୍ରାର୍ଥୀଙ୍କ ଫଟୋ ଲଗାଯିବାର ମଧ୍ୟ ବ୍ୟବସ୍ଥା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ପରିବାର ସ୍ଥାନରେ ରାହୁ ଓ ରାଶିରେ ମଙ୍ଗଳ ରହିଥିବାରୁ ତର୍କବିତର୍କ ପରେ ବୁଝାମଣା ମାଧ୍ୟମରେ ଆଲୋଚନା ଫଳପ୍ରଦ ହେବ। କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଦୈହିକ ସୁସ୍ଥତା, ଅର୍ଥ ଲାଭ ସାଙ୍ଗକୁ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**



ଶନିକ୍ଷେତ୍ରସ୍ଥ ରବିଙ୍କ କୁପ୍ରଭାବରେ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଅବଶ୍ୟ ବୁଧଙ୍କ ଶୁଭଦୃଷ୍ଟିରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ**



ଏକାଦଶସ୍ଥ ବନ୍ଧୁଙ୍କ ସହ ଆଲୋଚନା, ନୂତନ ସମ୍ପର୍କ ସୃଷ୍ଟି କରିବା ସକାଶେ ଅନୁକୂଳ ରହିବ। ପ୍ରତ୍ୟୁଷ ଯାତ୍ରା ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିପାରେ।

**କର୍କଟ**



କୌଣସି କାମ ଅଟକି ରହିବ ନାହିଁ ତଥାପି ସଂଘର୍ଷ ଓ ଯୁକ୍ତିତର୍କ ମଧ୍ୟରେ ତାହା ସମ୍ପନ୍ନ ହେବ। ଆଜି ଆର୍ଥିକ ସ୍ଥିତି ବହୁତ ଭଲ ରହିବ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ରହିଥିଲେ ତାହା ସୁଧୁରିଯିବ। ଆଜିର କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ।

**ସିଂହ**



ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**କନ୍ୟା**



ରାଶ୍ୟାଧିପତିଙ୍କ ଶୁଭ ଦୃଷ୍ଟିରୁ ବନ୍ଧୁମାନଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଆଜି ଆପଣ ଯାହା କରନ୍ତୁନା କାହିଁକି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସହକର୍ମୀମାନଙ୍କର ପାରସ୍ପରିକ ସାହାଯ୍ୟ ଓ ସହଯୋଗର ଅଭାବରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**



ଭାଗ୍ୟାଧିପ ବୁଧ ଦୁଃସ୍ଥାନରେ ବଳହୀନ ହୋଇ ଆପଣଙ୍କ କାର୍ଯ୍ୟରେ ସାହାଯ୍ୟ କରିବାକୁ ଅସମର୍ଥ ହୋଇପାରନ୍ତି। ଫଳତଃ ନିଜର ସମ୍ପର୍କୀୟ ଲୋକମାନଙ୍କ ଠାରୁ ଆଶାନୁରୂପ ସାହାଯ୍ୟ ପାଇବା କାଠିକର ପାଠ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ଆଶା କରାଯାଇପାରେ।

**ବିଛା**



ବକ୍ରୀ ଅଷ୍ଟମାଧିପତିଙ୍କ ଅବସ୍ଥାନ ପରିପ୍ରେକ୍ଷୀରେ ଆପଣଙ୍କ ମନରେ ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ ହୋଇପାରେ। ପରିବାରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରି ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ଧନୁ**



ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ କିଛିନାକିଛି ଅସୁବିଧା ଭିତରେ ହିଁ ସମ୍ପନ୍ନ ହେବ। ସାହିତ୍ୟଚର୍ଚ୍ଚା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**



ଆଜିର ଚର ରାଶିସ୍ଥ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଆପଣଙ୍କୁ ଭାବପ୍ରବଣ କରାଇବା ସହ ମାନସିକ ଅସ୍ଥିରତା ସୃଷ୍ଟି କରାଇବ। ଇଚ୍ଛା ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଗୁଡିକୁ ଆଣିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିପାରେ।

**କୁମ୍ଭ**



ଆଜିର ଗ୍ରହସ୍ଥିତି ପ୍ରଭାବରେ ମନ ଯେମିତି ଚାହୁଁଛି ସେମିତି କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଧାର୍ମିକ ଅନୁଷ୍ଠାନ, ସଭାସମିତି, ପ୍ରଶାସନିକ ସ୍ତରରେ ଆଲୋଚନା ସାଙ୍ଗକୁ ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**



ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା ଜନିତ ଅତି ଭଲ ସମ୍ପର୍କ ଛିନ୍ନ ହୋଇଯିବାର ଆଶଙ୍କା ରହିଛି। ଜମା ଭଲ ସମ୍ପର୍କ ନ ଥିବା ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ସହକର୍ମୀଙ୍କ ସାହାଯ୍ୟରୁ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ସୋମବାର, ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ, ରାଜ୍ୟଗୋଷ୍ଠୀ ଦିବସ, (ମାର୍ଚ୍ଚ ୨ୟ ସୋମବାର), ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୮ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୩ମି. ଗତେ, ଘ୫।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୮ମି. ଗତେ, ଘ୧୦।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୧ମି. ଗତେ ଘ୯।୦୦ମି. ମଧ୍ୟେ ରାହୁକାଳ।



୧୧୨ ଆଶାୟୀଙ୍କ ମଧ୍ୟରୁ ଚଳିତବର୍ଷ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୫୬ ବ୍ୟକ୍ତିବିଶେଷଙ୍କୁ ସୋମବାର ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରିବେ। ଅଭିନେତା କାଦର ଖାଁଙ୍କୁ ପଦ୍ମଶ୍ରୀ, ଅକାଳୀ ଦଳ ନେତା ଶୁକଦେବ ସିଂ ଧିଣ୍ଡସା ଏବଂ ଖ୍ୟାତନାମା ଖବରଦାତା କୁଳଦୀପ ନାୟାରଙ୍କୁ ମରଣୋତ୍ତର ଭାବେ ପଦ୍ମ ଭୂଷଣରେ ସମ୍ମାନିତ କରାଯିବ ବୋଲି ଗୃହ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।




## ସଂକ୍ଷେପରେ

### ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ସିତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧି



**ଭୁବନେଶ୍ୱର, ୧୦।୩ (ବ୍ୟୁରୋ):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ସିତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ ମିଳିଛି। ତାଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୧ରେ ଶେଷ ହେବାର ଥିଲା। ତାହା ଏବେ ୬ ମାସ ବୃଦ୍ଧି କରାଯାଇଛି। ୩୫ ବର୍ଷର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସିତାଂଶୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ଗଣମାଧ୍ୟମ ୟୁନିଟ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି। ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ (ମସୌରୀ)ରୁ ଫାଉଣ୍ଡେଶନ ପାଠ୍ୟକ୍ରମ ଓ ନୂଆଦିଲ୍ଲୀର ଭାରତୀୟ ଜନସଂଚାର ସଂସ୍ଥାନ(ଆଇଆଇଏମ୍‌ସି)ରୁ ଓରିଏଣ୍ଟେଶନ ପାଠ୍ୟକ୍ରମ ଶେଷ କରିବା ପରେ ସେ ଆକାଶବାଣୀର ନ୍ୟୁଜ୍ ସର୍ଭିସ ଡିଭିଜନ(ଏନ୍‌ଏସ୍‌ଡି)ରେ କିଛିଦିନ କାର୍ଯ୍ୟ କରିଥିଲେ। ଏହାପରେ ସେ ୧୭ବର୍ଷ ଧରି ଦୂରଦର୍ଶନରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ ପିଆଇବିରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ପ୍ରଚାର ଓ ପ୍ରସାର ଦାୟିତ୍ୱ ତୁଲାଇ ଆସିଛନ୍ତି। ୨୦୦୫ରେ ସେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରମୁଖ ମୁଖପାତ୍ର ଥିଲେ। ୨୦୧୫ ଡିସେମ୍ବରରେ ତାଙ୍କୁ ଆକାଶବାଣୀର ଏନ୍‌ଏସ୍‌ଡିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା।

### ଆଇଇଡି ବିସ୍ଫୋରଣ, ୨ ଗୁରୁତର

**ମାଲକାନଗିରି, ୧୦।୩ (ସ୍ୱ.ପ୍ର.):** ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ଦରନାପାଲି ନିକଟ କାଙ୍କରଭେଟା-ପଲାମପାଲି ମଝିରେ ରବିବାର ଅପରାହ୍ନ ୨ଟାରେ ଏକ କଲଭର୍ଟ ନିକଟରେ ଏକ ଆଇଇଡି ବିସ୍ଫୋରଣ ଘଟିଛି। ଏଥିରେ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଦରନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ଜଣେ ଠିକାଦାର କେତେକ ଶ୍ରମିକଙ୍କୁ ଏକ ଟ୍ରାକ୍ଟରରେ ଧରି କାର୍ଯ୍ୟ କରିବା ଲାଗି ଯାଉଥିଲେ। ଏହା ପୂର୍ବରୁ ଯବାନଙ୍କୁ ଟର୍ଗେଟ୍ କରି ମାଓବାଦୀମାନେ କଲଭର୍ଟ ନିକଟରେ ଆଇଇଡି ପୋତିଥିଲେ। ଟ୍ରାକ୍ଟର କଲଭର୍ଟ ଉପରେ ଯିବା ସମୟରେ ଏହା ବିସ୍ଫୋରଣ ହୋଇଥିଲା।

■ କେନ୍ଦ୍ରାପଡ଼ାରେ ମିଶନ୍ ଶକ୍ତି ମହାସମାବେଶ

# 'ଲୋକ ସଭା ନିର୍ବାଚନରେ ୩୩ % ମହିଳା ପ୍ରାର୍ଥୀ ଦିଆଯିବ'

**କେନ୍ଦ୍ରାପଡ଼ା ଅଫିସ୍, ୧୦।୩**

ଆସନ୍ତା ସାଧାରଣ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଲୋକ ସଭା ନିର୍ବାଚନ ପାଇଁ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦେବ। ରବିବାର କେନ୍ଦ୍ରାପଡ଼ାରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। କେନ୍ଦ୍ରାପଡା ବ୍ଲକ ବାରୁଅ ପଞ୍ଚାୟତର ସିଦ୍ଧ ମଠ ପଡିଆଠାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧.୪୫ ମିନିଟ୍‌ରେ ପହଞ୍ଚିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ମିଶନ ଶକ୍ତି ଗୃହ ପାଇଁ କୋଟିଏ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏଥିସହ ଜିଲାର ୨୧,୯୧୬ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ବାବଦରେ ବ୍ୟାଙ୍କକୁ ଦେଇଥିବା ସୁଧ ଟଙ୍କା ସମସ୍ତ ଗୋଷ୍ଠୀକୁ ଫେରସ୍ତ କରାଯାଇଥିଲା।



କେନ୍ଦ୍ରାପଡ଼ାଠାରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ମହିଳା ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମିଶନ ଶକ୍ତିର ରାଜ୍ୟ ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, ଜିଲାପାଳ ଦାଶରଥି ଶତପଥୀ, ମିଶନ ଶକ୍ତି ସଦସ୍ୟା ଚିନ୍ମୟୀ ମିଶ୍ର ଓ କେନ୍ଦ୍ରାପଡ଼ା ଓ କଟକ ଜିଲାର ୧୨ ମହାମଣ୍ଡଳ ସଭାନେତ୍ରୀ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରି କହିଥିଲେ, କେନ୍ଦ୍ରାପଡ଼ା ବିଜୁବାବୁଙ୍କ କର୍ମସ୍ଥଳୀ ଥିଲା। ସେ ସର୍ବଦା ମହିଳାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଉଥିଲେ। ଗତ ୧୮ ବର୍ଷ ଧରି ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଆରମ୍ଭ କରିଛନ୍ତି। ଏହାଦ୍ୱାରା ମହିଳା ସ୍ୱାବଲମ୍ବୀ ହେବା ସହ ପରିବାର ଓ ଦେଶ ଚଳାଇବାକୁ ସକ୍ଷମ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଓଡ଼ିଶା ଆଗୁଆ ଅଛି। ଏହି ଧାରାକୁ ବଜାୟ ରଖିବା ପାଇଁ ଆସନ୍ତା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭା ପ୍ରାର୍ଥୀ ଭାବେ ଚୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା କାର୍ତ୍ତିକେୟନ କହିଥିଲେ ଯେ, ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳା ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହୋଇଛନ୍ତି। ରାଜ୍ୟରେ ଏସ୍‌ଏଚ୍‌ଜିର ଋଣ ମଧ୍ୟରୁ ସୁଧ ବାବଦ ୫୦ କୋଟି ଟଙ୍କା ଫେରସ୍ତ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପୋଖରୀ ପରିଚାଳନା ଏହି ଗୋଷ୍ଠୀ କରିବେ। ଏଥିପାଇଁ ୧.୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଥିବା ବେଳେ ଏହାର ୬୦ ପ୍ରତିଶତ ଟଙ୍କା ଛାଡ଼ କରାଯିବ। ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ, ତାଲିମ ଆଦିକୁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶାର ମହିଳା ଏବେ ଗୃହିଣୀ ମଧ୍ୟରେ ସୀମିତ ରହିନାହାନ୍ତି ବୋଲି କାର୍ତ୍ତିକେୟନ ପ୍ରକାଶ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱାବଲମ୍ବୀ ହେଉଥିବା ମନୋରମା ରାଉତ, ବିଦ୍ୟୁତ୍‌ପ୍ରଭା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାକାଳପଡା ଓ ଗରଦପୁର ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ପୁଞ୍ଜି ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ କେତେକ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ସବ୍‌ସିଡି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ଲକ୍ଷାଧିକ ମହିଳା ସାମିଲ ହୋଇଥିଲେ। ସମାବେଶରେ ଯୋଗଦେଇଥିବା ବହୁ ରାଜନେତା, ମନ୍ତ୍ରୀ ମଞ୍ଚ ତଳେ ବସିଥିବା ଦେଖାଯାଇଥିଲା।

## ଜେଲରୁ ଫେରାର କଏଦୀ ଧରାପଡ଼ିଲେ

**ମାଲକାନଗିରି, ୧୦।୩ (ଡି.ଏନ୍.ଏ.)**

ମାଲକାନଗିରି ଉପ କାରାଗାରରୁ ଗତ ୫ ତାରିଖରେ ଫେରାର ହୋଇଯାଇଥିବା କଏଦୀ ଅଜିତ କୁମାର ଡାକୁଆ ଧରାପଡିଛନ୍ତି। ଶନିବାର ରାତିରେ ଓଏସ୍‌ପି ଏବଂ ଜେଲ କର୍ମଚାରୀମାନେ ତାଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଏମ୍.ଭି.-୪୧ ଗ୍ରାମର ଅଜିତ ଗତ ଜାନୁୟାରୀ ମାସରେ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଓର୍କେଲ ପୋଲିସ ଦ୍ୱାରା ଗିରଫ ହୋଇ ମାଲକାନଗିରି ଜେଲରେ ବିଚାରାଧୀନ କଏଦୀ ରୂପେ ରହୁଥିଲେ। ଗତ ୫ରେ ଜେଲ ପରିସରରେ ଡ୍ରେନ କାର୍ଯ୍ୟ ଚାଲିଥିବା ବେଳେ ସେ କୌଶଳକ୍ରମେ ଡ୍ରେନ ଭିତରେ ପଶି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଜେଲ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଅଜିତ୍‌ଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ ହୋଇଥିଲା। ଓଏସ୍‌ପି ଏବଂ ଜେଲ କର୍ମଚାରୀମାନେ ରାତିରେ ଅଜିତ୍‌ଙ୍କ ଗ୍ରାମ ଏମ୍.ଭି.-୪୧ ନିକଟରେ ଜଗି ରହିଥିଲେ। ଶନିବାର ରାତିରେ ଅଜିତ୍ ଜଙ୍ଗଲରୁ ଘରକୁ ଫେରୁଥିବା ଖବରପାଇ ପୋଲିସ ତାଙ୍କୁ କାବୁ କରି ଜେଲକୁ ଆଣିଥିଲେ। ରବିବାର ତାଙ୍କୁ ମାଲକାନଗିରି ଥାନାରେ ହାଜର କରାଯାଇଥିବା ଜେଲ ଅଧୀକ୍ଷକ ସଂଗ୍ରାମ ନାୟକ କହିଛନ୍ତି।

# ଆଜିଠୁ ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୦।୩ (ବ୍ୟୁରୋ)**

ବିକାଶର ଡିଣ୍ଡିମ ପିଟି ସାଧାରଣ ଲୋକମାନଙ୍କୁ ଭାଜପା ଭୁଆଁ ବୁଲାଇବାକୁ ଅପଚେଷ୍ଟା କରୁଛି। କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି କେତେ ଦରଦ ରହିଛି ସେକଥା ରାଜ୍ୟବାସୀ ଭଲଭାବେ ଜାଣିଛନ୍ତି। ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଅଗ୍ରଗତିର ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି। ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ସଦାସର୍ବଦା ରାଜ୍ୟ ପ୍ରତି ଅବହେଳା କରି ଆସୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଅନ୍ୟପଟେ ଭାଜପାର ରାଜ୍ୟ ନେତୃବୃନ୍ଦ ଏସବୁ କଥା ଜାଣିଶୁଣି ନୀରବତା ଅବଲମ୍ବନ କରିବା ଦୁଃଖର ବିଷୟ ବୋଲି ଦଳ ପକ୍ଷରୁ ଆଉ ଏକ ଅଭିଯୋଗ କରାଯାଇଛି। ଏସବୁ କଥାକୁ ନେଇ ବିଜେଡି ସୋମବାରଠାରୁ ସବୁ ଲୋକଙ୍କ ପାଖକୁ ଯିବ ବୋଲି ସୂଚନା ଦେଇଛି। ଜବାବ୍ ମାଗୁଛି ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ନାଁରେ ଦଳ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି।

ଦଳ ପକ୍ଷରୁ କରାଯାଇଥିବା ଯୁକ୍ତିରେ ଦର୍ଶାଯାଇଛି ଯେ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ପ୍ରଥମ ଏଜେଣ୍ଡା ରଖିଥିଲା। ଫଳରେ ୧୯୭୯ମସିହାରୁ ଓଡିଶା କରି ଆସୁଥିବା ଦାବି ଏଯାବତ୍ ପୂରଣ ହୋଇପାରିଲା ନାହିଁ। ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହେଲେ। ମହାନଦୀ ପ୍ରସଙ୍ଗକୁ ନେଇ ଭାଜପା ଘୃଣ୍ୟ ରାଜନୀତି କରିଛି। ସମ୍ବଲପୁର-କଟକ ଜାତୀୟ ରାଜପଥ ଓ ବାରିପଦା-ଦେବଗଡ ରାଜପଥ ବର୍ତ୍ତମାନ ଭଗବାନଙ୍କ ଭରସାରେ ରହିଛି। ବ୍ରାହ୍ମଣୀ ପୋଲ ଉପରେ ଦ୍ୱିତୀୟ ବ୍ରିଜ୍ କଥା ନ କହିଲେ ଭଲ। ବିଏସ୍‌ଏନ୍‌ଏଲ୍ ନେଟୱର୍କ ଓଡ଼ିଶାର ଅଧା ଗାଁରେ ମିଳୁନାହିଁ। ରେଳବାଇ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ ବ୍ୟାଙ୍କିଙ୍ଗ ସେବା କଥା କହିଥିଲେ। ଓଡିଶାର ଅଧା ଗ୍ରାମରେ ବ୍ୟାଙ୍କ ସୁବିଧା ନାହିଁ। କୋଇଲା ନିଲାମରେ ଓଡ଼ିଶା ୭୦ହଜାର କୋଟି ଟଙ୍କା ପାଇବ ବୋଲି କହିଥିଲେ। ହେଲେ ୩ବର୍ଷରେ ମାତ୍ର ୩୭୦କୋଟି ଟଙ୍କା ମିଳିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା କରିବା ପାଇଁ ବିଜେଡି ବାରମ୍ବାର ଦାବି କରିବା ସତ୍ତ୍ୱେ କେନ୍ଦ୍ର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛି। ସ୍ୱାମୀନାଥନ ରିପୋର୍ଟ ଏଯାଏ ଲାଗୁ ହେଲା ନାହିଁ। ଧନୀ ବ୍ୟକ୍ତିଙ୍କୁ ସୁହାଇବା ଭଳି ଯୋଜନା କରି ଭାଜପା କୋଟି କୋଟି ଟଙ୍କାର ଫାଇଦା ସେମାନଙ୍କୁ ଦେଉଛି। କିନ୍ତୁ ଅନୁସୂଚିତ ଜାତି, ଜନଜାତି ପିଲାମାନଙ୍କୁ ଛାତ୍ରବୃତ୍ତି ଟଙ୍କା କେନ୍ଦ୍ର ସରକାର ଦୁଇ ବର୍ଷ ହେଲା ବନ୍ଦ କରିଦେଇଛି। ଉଜ୍ଜ୍ୱଳା ଯୋଜନାର ବହୁତ ପ୍ରଚାର ହେଉଛି। ୩୦ଲକ୍ଷ ମହିଳାଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଥିବା ପ୍ରଚାର କରାଯାଉଛି। ମାତ୍ର କେତେ ମହିଳା ରିଫିଲ୍ କରୁଛନ୍ତି ସେକଥା ସମସ୍ତଙ୍କୁ ଜଣାଅଛି। ଓଡିଶାର ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗକୁ ନେଇ ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ସୋମବାରଠାରୁ ଲୋୟର ପିଏମ୍‌ଜିଠାରେ କେନ୍ଦ୍ର ବିରୋଧରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହେବ। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମ ସବୁ ଜିଲାରେ ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ୩୩% ମହିଳା ପ୍ରାର୍ଥୀ ଘୋଷଣାକୁ ନେଇ ରାଜନୀତି

**ଭୁବନେଶ୍ୱର, ୧୦।୩ (ବ୍ୟୁରୋ)**

■ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜଣେ ପୁରୁଷ କାହିଁକି: ଭାଜପା

■ ଏତେ ବର୍ଷ କରୁଥିଲେ କ'ଣ, ଏବେ କାହିଁକି: କଂଗ୍ରେସ

■ ମହିଳାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ମୁଖ୍ୟମନ୍ତ୍ରୀ ପ୍ରମାଣିତ କରିଛନ୍ତି: ବିଜେଡି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡାଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ଆସନ୍ତା ଲୋକ ସଭା ନିର୍ବାଚନରେ ବିଜେଡି ୩୩ପ୍ରତିଶତ ମହିଳା ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ବିଜେଡିକୁ ଉଭୟ ଭାଜପା ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଅନ୍ୟପଟେ ବିଜେଡି ନେତାମାନେ କିନ୍ତୁ ଏଭଳି ନିଷ୍ପତ୍ତି ପରେ ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ପ୍ରତିବଦ୍ଧତା ପ୍ରମାଣିତ ହୋଇଥିବା ଯୁକ୍ତି ବାଢିଛନ୍ତି।

ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭାକୁ ପଠାଇବା କଥା ଘୋଷଣା କରି ଦୋହରା ନୀତି ଅବଲମ୍ବନ କରୁଛନ୍ତି। ବିଧାନସଭାରେ ଏହି ବିଲ୍ ଆଣିଥିଲେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ କେବଳ ଲୋକ ସଭା ପାଇଁ ୩୩ ପ୍ରତିଶତ ସିଟ୍ ଆରକ୍ଷଣ ଦେଉଛନ୍ତି କିନ୍ତୁ ବିଧାନସଭାରେ ଏହି ନିୟମକୁ ଲାଗୁ କରୁନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଶାସକ ବିଜେଡି ଦୀର୍ଘ ବର୍ଷ ଧରି ଶାସନ କରିବା ପରେ ମଧ୍ୟ ନାରୀ ସମାଜ ଉପରେ ନିର୍ଯାତନା ଓ ଅତ୍ୟାଚାର ବୃଦ୍ଧି ପାଉଛି । ଏହାକୁ ଘୋଡାଇବାକୁ ଯାଇ ମୁଖ୍ୟମନ୍ତ୍ରୀ ପୁଣିଥରେ ମହିଳା ସଂରକ୍ଷଣ ନାଁରେ ଭୁଆଁ ବୁଲାଇବାର ଅପଚେଷ୍ଟା କରୁଛନ୍ତି । ଅନ୍ୟପଟେ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜଣେ ମହିଳାଙ୍କୁ ନ କରି ପୁରୁଷଙ୍କୁ କାହିଁକି କରାଯାଇଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ କେତେ ପ୍ରାଧାନ୍ୟ ଦିଅନ୍ତି। ବିଧାନସଭାରେ ବହୁମତ ଥାଇ ମଧ୍ୟ ୩୩ପ୍ରତିଶତ ମହିଳା ସଂରକ୍ଷଣକୁ ବିଜେଡି ଲାଗୁ କରିପାରିଲା ନାହିଁ । ସେହିପରି ପାର୍ଲାମେଣ୍ଟ ଭିତରେ ବିଜେଡିର ୨୦ଜଣ ଏମ୍‌ପି ଥାଇ ମଧ୍ୟ ଦିନଟିଏ ଉକ୍ତ ପ୍ରସଙ୍ଗକୁ ଉଠାଇ ନାହାନ୍ତି ବୋଲି ସମ୍ବିତ କହିଛନ୍ତି ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ନବୀନବାବୁ କେନ୍ଦ୍ରରେ ୫ବର୍ଷ ମନ୍ତ୍ରୀ ଥିଲେ ସେତେବେଳେ ଏକଥା ମନେପଡିଲା ନାହିଁ। ତା'ପରେ ରାଜ୍ୟରେ ୧୯ବର୍ଷ କ୍ଷମତାରେ ରହିଲେଣି ଏହି ସମୟ ଭିତରେ ମଧ୍ୟ ମନେପଡିଲା ନାହିଁ। ଏବେ ଯେତେବେଳେ ନିର୍ବାଚନ ଆସିଲା ସେତିକିବେଳେ ୩୩ପ୍ରତିଶତ ସଂରକ୍ଷଣ କଥା କହୁଛନ୍ତି ବୋଲି ନିରଞ୍ଜନ କହିଛନ୍ତି।

ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ କହିଛନ୍ତି ଯେ, ଆସନ୍ତା ଲୋକ ସଭା ନିର୍ବାଚନରେ ବିଜେଡି ଏମ୍‌ପି ପଦବୀ ପାଇଁ ଏକ ତୃତୀୟାଂଶ ସ୍ଥାନରେ ମହିଳା ପ୍ରାର୍ଥୀ ଦେବ ବୋଲି ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଐତିହାସିକ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାମାନଙ୍କର ସାମାଜିକ ତଥା ଆର୍ଥିକ ଉନ୍ନତି ସହ ରାଜନୀତି କ୍ଷେତ୍ରରେ ସେମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ସେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପଞ୍ଚାୟତିରାଜ ଏବଂ ପୌରପାଳିକାରେ ମହିଳାମାନଙ୍କ ପାଇଁ ୫୦ପ୍ରତିଶତ ସ୍ଥାନ ସଂରକ୍ଷଣ କରି ସମଗ୍ର ଦେଶରେ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ ମହିଳାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି ବୋଲି ବିଜୟ କହିଛନ୍ତି।




## ୩୯ ରାଜନୈତିକ ଦଳକୁ ଚିହ୍ନ ବଣ୍ଟନ

**ନୂଆଦିଲ୍ଲୀ, ୧୦।୩ :** ନିର୍ବାଚନୀ କାର୍ଯ୍ୟସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା ହେବା ପୂର୍ବରୁ ନିର୍ବାଚନ ଆୟୋଗ ରବିବାର କମଲ ହାସନଙ୍କ ଏମ୍‌ଏନ୍‌ଏମ୍ ଏବଂ ଶରଦ ଯାଦବଙ୍କ ଏଲ୍‌ଜେଡି ସମେତ ପଞ୍ଜୀକୃତ ୩୯ ଅଣମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଚିହ୍ନ ଆବଣ୍ଟନ କରିଛନ୍ତି। ତାମିଲନାଡୁରେ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ସହ ମେଣ୍ଟ ନ କରି ଏକୁଟିଆ ଲୋକ ସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଥିବା ମକ୍କଲ ନିଧି ମାୟିୟମ (ଏମ୍‌ଏନ୍‌ଏମ୍) ଦଳକୁ 'ବ୍ୟାଟେରି ଟର୍ଚ୍ଚ' ଚିହ୍ନ ମିଳିଛି। ଭାରତର ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ ପୂର୍ବକ ପ୍ରଗତିର ମଶାଲ ବାହକ ଭାବେ ଏହି ଚିହ୍ନ ମିଳିଥିବାରୁ ହାସନ ନିର୍ବାଚନ ଆୟୋଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ଅଭିନେତା ହାସନ ରାଜନୀତିକୁ ଓହ୍ଲାଇଥିଲେ ଏବଂ ଏମ୍‌ଏନ୍‌ଏମ୍ ରାଜନୈତକ ଦଳ ପ୍ରତିଷ୍ଠା କରିଥିଲେ। ଆସନ୍ତା ନିର୍ବାଚନରେ ତାଙ୍କ ଦଳ ତାମିଲନାଡୁର ୩୯ ଏବଂ ପୁଡୁଚେରୀର ୧ ମୋଟ ୪୦ ଲୋକ ସଭା ଆସନରୁ ପ୍ରାର୍ଥୀ ଛିଡ଼ା କରିବ।

# କ୍ୟାପଟେନ୍ ଦୁର୍ଲଭ ମିଶ୍ରଙ୍କ ଅବସର

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଓଡ଼ିଆ ପାଇଲଟ୍ କ୍ୟାପଟେନ୍ ଦୁର୍ଲଭ କୁମାର ମିଶ୍ର ଶନିବାର ଚାକିରିରୁ ଅବସର ନେଇଛନ୍ତି। ସେ କ୍ୟାରିୟରର ଶେଷ ଦିନରେ କଲିକତାରୁ ଭୁବନେଶ୍ୱର ଗୋ ଏୟାର ବିମାନ ଉଡ଼ାଇଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ତାଙ୍କ ବିମାନ ଅବତରଣ କରିବା ସମୟରେ ୱାଟର କ୍ୟାନନ୍ ଦ୍ୱାରା ସ୍ୱାଗତ କରାଯାଇଥିଲା। କ୍ୟାପ୍‌ଟେନ୍ ମିଶ୍ର କ୍ୟାରିୟର ପ୍ରାରମ୍ଭରେ ଭୁବନେଶ୍ୱରର ଗଭର୍ନମେଣ୍ଟ ଆଭିଏସନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ(ଗତି)ରେ କାର୍ଯ୍ୟ କରିଥିଲେ। ରାଜ୍ୟର ବହୁ ଯୁବ ପାଇଲଟଙ୍କୁ ପ୍ରଶିକ୍ଷଣ ଦେଇ ଦକ୍ଷ କରିବାରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ୪୬ ବର୍ଷର ତ୍ରୁଟିଶୂନ୍ୟ ଚାକିରି କାଳ ତାଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ। କଟକ ଜିଲା ନରସିଂହପୁରରେ ଜନ୍ମିତ କ୍ୟାପଟେନ୍ ମିଶ୍ର ରବିବାର ୬୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ 'ଧରିତ୍ରୀ' ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।



ଭୁବନେଶ୍ୱର ବିମାନବନ୍ଦରରେ ଅଧିକାରୀ ଓ କର୍ମଚାରୀଙ୍କ ଗହଣରେ କ୍ୟାପ୍‌ଟେନ୍ ଦୁର୍ଲଭ କୁମାର ମିଶ୍ର ଏବଂ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା।

ଧରିତ୍ରୀ
DHARITRI
ସୋମବାର, ୧୧ ମାର୍ଚ୍ଚ, ୨୦୧୯

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# ନିରପେକ୍ଷ ତୃତୀୟ

ଅଯୋଧ୍ୟାରେ ଷୋଡ଼ଶ ଶତାବ୍ଦୀର ବାବ୍ରୀ ମସଜିଦ୍‌କୁ ୧୯୯୨ ଡିସେମ୍ବର ୬ରେ କର ସେବକମାନେ ଭାଙ୍ଗି ଦେଇଥିଲେ। କର ସେବକମାନଙ୍କ ଜିଦ୍ ଯେ ରାମ ଜନ୍ମଭୂମି ସ୍ଥାନରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରାଯାଇଥିବାରୁ ତାହା ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ସେହି ସ୍ଥାନରେ ପୁନଃ ରାମଙ୍କୁ ଅବସ୍ଥାପିତ କରାଯିବା ଦରକାର ବୋଲି ହିନ୍ଦୁ ସଙ୍ଗଠନଗୁଡ଼ିକ ମଧ୍ୟ ଆଶା ବାନ୍ଧି ବସିଛନ୍ତି। ଦେଶର ଅନ୍ୟତମ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରତ୍ୟେକ ସାଧାରଣ ନିର୍ବାଚନ ଆସିଲେ ଅଯୋଧ୍ୟା ପ୍ରସଙ୍ଗକୁ ଚିଆଁଇ ଦେଇ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରିଛି। ଅନୁରୂପ ଭାବେ କଂଗ୍ରେସ ଉକ୍ତ ଘଟଣା ପାଇଁ ଭାଜପାକୁ ଦାୟୀ କରି ସଂଖ୍ୟାଲଘୁ ଭୋଟ କଥା ଚିନ୍ତା କରିଚାଲିଛି। କିନ୍ତୁ, ଦେଖିବାକୁ ଗଲେ, ଭାରତବର୍ଷରେ ମନ୍ଦିରର ଅଭାବ ନାହିଁ। ପ୍ରାଚୀନ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସକାଶେ କୌଣସି ବ୍ୟବସ୍ଥା ମଧ୍ୟ କରାଯାଇପାରୁ ନାହିଁ। ଏଭଳି ପ୍ରଚ୍ଛଦପଟରେ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ଏକ ନୂଆ ରାମ ମନ୍ଦିର ହେଲେ ଭାରତ ଭଳି ବିରାଟକାୟ ଦେଶରେ କୌଣସି ପ୍ରଭାବ ପଡ଼ିବା କଥା ନୁହେଁ। କାରଣ ହିନ୍ଦୁ ଧର୍ମରେ ରାମ ଏକମାତ୍ର ଠାକୁର ନୁହନ୍ତି।

ଆଇନଗତ ବିବାଦ ଦେଖିଲେ ବାବ୍ରୀ ମସ୍‌ଜିଦ୍ ଭଙ୍ଗ ପରେ ଏକାଧିକ ମାମଲା ଅଦାଲତରେ ଗଡ଼ି ଚାଲିଛି। ତେବେ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ସଦ୍ୟ ନିଷ୍ପତ୍ତିକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ମାର୍ଚ୍ଚ ୮ରେ ସର୍ବୋଚ୍ଚ ଅଦାଲତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲାକୁ ମଧ୍ୟସ୍ଥ କମିଟିକୁ ହସ୍ତାନ୍ତର କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କ ନେତୃତ୍ୱରେ ଗଠିତ କମିଟିରେ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ସଂସ୍ଥାପକ ଶ୍ରୀଶ୍ରୀ ରବିଶଙ୍କର ଓ ଜଣାଶୁଣା ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ଅଛନ୍ତି। ଦେଖିବାକୁ ଗଲେ ଏହି ୩ ମଧ୍ୟସ୍ଥ ହେଉଛନ୍ତି ତାମିଲନାଡୁର। ଆଲୋଚନା ହେଉଛି ଯେ, ଉତ୍ତର ଭାରତଭିତ୍ତିକ ଏହି ବିବାଦର ସମାଧାନ ଦିଗରେ ଦକ୍ଷିଣ ଭାରତୀୟଙ୍କ ନିଷ୍ପତ୍ତି ନିର୍ଣ୍ଣାୟକ ହେବ। ହେଲେ ୩ ମଧ୍ୟସ୍ଥଙ୍କୁ ଦେଖିଲେ କାଲିଫୁଲ୍ଲା ମୁସଲମାନ ସମ୍ପ୍ରଦାୟର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ହିନ୍ଦୁ। ଏଭଳି ସ୍ଥଳେ ତୃତୀୟ ସଦସ୍ୟ ଭାବେ ବୌଦ୍ଧ, ଶିଖ୍ କିମ୍ବା ଅନ୍ୟ ଧର୍ମାବଲମ୍ବୀଙ୍କ ମଧ୍ୟରୁ କାହାକୁ ନିଆଯାଇପାରିଥାଆନ୍ତା। ପୁଣି ମଧ୍ୟସ୍ଥ ମଣ୍ଡଳୀରେ ଶ୍ରୀଶ୍ରୀ ରବିଶଙ୍କରଙ୍କୁ ନିଆଯାଇଥିବାରୁ ନୂଆ ବିବାଦ ଉପୁଜିଛି। ସେ ଏକଦା କହିଥିଲେ ଯେ, ଅଯୋଧ୍ୟା ମାମଲାରେ ଯଦି ମୁସଲମାନ ଜାଗା ଛାଡ଼ିବେ ନାହିଁ, ତାହା ହେଲେ ଭାରତରେ ସିରିଆ ଭଳି ସ୍ଥିତି ସୃଷ୍ଟି ହୋଇ ଗୃହଯୁଦ୍ଧ ହେବ। ଏଭଳି ମନ୍ତବ୍ୟ ରଖିଥିବା ବ୍ୟକ୍ତିଙ୍କଠାରୁ ନିରପେକ୍ଷ ମତ ପାଇବା କଷ୍ଟକର ହୋଇପଡ଼ିବ। ସୁପ୍ରିମକୋର୍ଟ ୩ ଜଣିଆ କମିଟିରେ ରବିଶଙ୍କରଙ୍କୁ ରଖିଥିବା ବିଷୟ ଘୋଷଣା ହେବା ପରେ ତାଙ୍କ ନିରପେକ୍ଷତା ଉପରେ ଏଆଇଏମ୍ଆଇଏମ୍ ନେତା ଆସାଦୁଦ୍ଦିନ ଓ୍ୱାଇସି ପ୍ରଶ୍ନ ଉଠାଇଛନ୍ତି। ଓ୍ୱାଇସିଙ୍କୁ ଆହୁରି ଅନେକେ ସମର୍ଥନ ମଧ୍ୟ କଲେଣି।

ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦର ଜମିକୁ ନେଇ ଉଠିଥିବା ବିବାଦ ଦେଓ୍ୱାନୀ ମାମଲା ଭିତରେ ସୀମିତ ରହୁ ନାହିଁ। ଏହା ସହିତ ଦୁଇ ଧର୍ମର ବିଶ୍ୱାସ ଜଡ଼ିତ ଥିବାରୁ ମଧ୍ୟସ୍ଥମାନେ ଏ ଦିଗରେ ଠିକ୍ ରାସ୍ତା ଦେଖାଇପାରିବେ ବୋଲି ଆଶା ରଖି ସର୍ବୋଚ୍ଚ ଅଦାଲତ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ୮ ସପ୍ତାହ ମଧ୍ୟରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଶେଷ କରି ରିପୋର୍ଟ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୧୧ରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ମେ ୧୯ ଯାଏ ଚାଲିବ। ଏହି ପରିପ୍ରେକ୍ଷୀରେ ଅଯୋଧ୍ୟା ମାମଲା ସଂକ୍ରାନ୍ତ ମଧ୍ୟସ୍ଥଙ୍କ ରିପୋର୍ଟ ଆସିଲା ବେଳକୁ ନିର୍ବାଚନ ସରିଆସୁଥିବ। କିନ୍ତୁ ଭାରତୀୟ ବ୍ୟବସ୍ଥାକୁ ଦେଖିଲେ କୌଣସି କମିଶନ ବା କମିଟି ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦେବାର ନଜିର ମନେପଡୁ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦ୍ ସଂକ୍ରାନ୍ତ ରାୟ ଆଉ ଏକ ସାଧାରଣ ନିର୍ବାଚନ ଅତିକ୍ରମ କରିଦେବ।

ଅଯୋଧ୍ୟା କାଣ୍ଡର ଘଟଣାକ୍ରମ ଦେଖିଲେ ଏହା ଅସମାହିତ ପ୍ରଶ୍ନ ସୃଷ୍ଟି କରିଚାଲିଛି। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଐତିହାସିକ ରାୟ ଦେଇଥିଲେ ଯେ, ୨.୭୭ ଏକର ବିବାଦୀୟ ଜମିକୁ ନିର୍ମୋହୀ ଆଖଡ଼ା, ସୁନ୍ନୀ ଓ୍ୱାକଫ୍ ବୋର୍ଡ ଏବଂ ରାମଲାଲା ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଉ। ହେଲେ ଫଳ କିଛି ହେଲା ନାହିଁ। ଏବେ ନିର୍ବାଚନ ଚାପରୁ ରକ୍ଷା ପାଇବା ପାଇଁ ମଧ୍ୟସ୍ଥ ଚିନ୍ତାଧାରା ସର୍ବୋଚ୍ଚ ଅଦାଲତଙ୍କୁ ବେଶ୍ ସୁହାଇବ। ତେବେ ଏକ ଦୀର୍ଘବର୍ଷର ମାମଲାକୁ ମଧ୍ୟସ୍ଥ କମିଟି ହାତକୁ ଟେକି ଦିଆଯିବା ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି ଅସଙ୍ଗତ ମନେହେଉଛି।

# ଓଡ଼ିଆ ଭାଷା: ଶାସ୍ତ୍ରୀୟତା ଓ ଉତ୍ତରଦାୟ



ଡ. ତମସାରାଣୀ ଦାସମହାପାତ୍ର

ଆଞ୍ଚଳିକ ଭାଷାଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ୨୦୦୪ ମସିହାରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏକ ଅଧିନିୟମ ଜାରି କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ, ଯେଉଁ ଭାଷା ପ୍ରାଚୀନ, ଅପ୍ରତିହତ ଓ ଅବିଚ୍ଛିନ୍ନ ଭାବେ ମୌଳିକ ସଂସ୍କୃତିକୁ ବହନ କରୁଥିବ ଏବଂ ସୁଦୀର୍ଘ ସାହିତ୍ୟ ପରମ୍ପରାରେ ସମୃଦ୍ଧ ହୋଇଥିବ, ସେ ଭାଷା କ୍ଲାସିକାଲ୍ ପର୍ଯ୍ୟାୟଭୁକ୍ତ ହୋଇପାରିବ। ଏହି କ୍ରମରେ ପ୍ରଥମେ ତାମିଲଭାଷା ଦ୍ରାବିଡ଼ ପରିବାରର ପ୍ରାଚୀନ ଓ ସମୃଦ୍ଧ ଭାଷା ବୋଲି ଦାବିକରି ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତହେଲା ଓ ତତ୍‌ପରେ ସଂସ୍କୃତ ଭାଷା ଏହି ମାନ୍ୟତା ପାଇଲା। ୨୦୦୬ ମସିହାରେ କେନ୍ଦ୍ର ସରକାର ପୁନଶ୍ଚ ଶାସ୍ତ୍ରୀୟ ମାନ୍ୟତାର ଚାରିଟି ମାନଦଣ୍ଡ ଘୋଷଣାକଲେ, ସେଗୁଡ଼ିକ ଯଥାକ୍ରମେ- ୧. ଶାସ୍ତ୍ରୀୟମାନ୍ୟତା ଦାବି କରୁଥିବା ଭାଷାଭାଷୀ ଜାତିର ୧୫୦୦ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତିର ପ୍ରାଚୀନ ଐତିହ୍ୟ ଥିବ, ୨. ଯୁଗଯୁଗ ଧରି ମହତ୍ତ୍ୱପୂର୍ଣ୍ଣ ବୋଲି ମନେକରାଯାଉଥିବା ପ୍ରାଚୀନ ସାହିତ୍ୟ ଓ ଗ୍ରନ୍ଥ ରଚନାର ପରମ୍ପରା ଥିବ, ୩. ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ନ ହୋଇ ବା ଧାର ନ ଧାରି ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ ଏବଂ ୪. ଆଧୁନିକ ଭାଷାଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥିବାରୁ ସେହି ପ୍ରାଚୀନ ଭାଷା ଓ ତା'ର ଉପଜାତି ଆଧୁନିକ ଭାଷା ଭିତରେ ଅବିଚ୍ଛିନ୍ନତା ରହିଥିବ।

ସୁତରାଂ ଏହିସବୁ ଲକ୍ଷଣଯୁକ୍ତ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବାକୁ ହକ୍‌ଦାର। କେନ୍ଦ୍ର ସରକାର ସେହି ଭାଷାର ବିକାଶ, ପ୍ରଚାର, ପ୍ରସାର ଶିକ୍ଷା ଗବେଷଣା ଓ ଅନ୍ତର୍ଜାତୀୟ ମର୍ଯ୍ୟାଦାପ୍ରାପ୍ତି ନିମନ୍ତେ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିବେ, ଯଥା- ସେହି ଭାଷାର ଗବେଷଣା, ଅଧ୍ୟୟନ ପାଇଁ ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ସ୍ଥାପିତ ହେବ। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଅନୁମୋଦିତ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସରିଆଲ୍ ଚେୟାର ପ୍ରତିଷ୍ଠା ହେବା ସହ ଏକଶହ କୋଟି ଟଙ୍କା ଅନୁଦାନ ମିଳିବ।

ଏତଦ୍‌ବ୍ୟତୀତ ସେହି ଭାଷାସାହିତ୍ୟରେ ଉଚ୍ଚାଙ୍ଗ ଗବେଷଣା କରୁଥିବା ଗବେଷକମାନଙ୍କ ପାଇଁ ବର୍ଷକୁ ଦୁଇଟି ମୂଲ୍ୟବାନ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ ବ୍ୟବସ୍ଥା ହେବା ସହ ସେହି ଭାଷାର ପ୍ରଚାର, ପ୍ରସାର ତଥା ଅନ୍ତର୍ଜାତୀୟ ଅଧ୍ୟୟନ କେନ୍ଦ୍ର ଓ ଦ୍ୱିପାକ୍ଷିକ ସମ୍ପର୍କ ତଥା ଉନ୍ନତିକଳ୍ପେ ପ୍ରତିବର୍ଷ କେନ୍ଦ୍ର ବଜେଟରୁ ୫ କୋଟି ଟଙ୍କା ଅନୁଦାନ ମିଳିବ।

ବହୁ ଆନନ୍ଦର କଥା, ଓଡ଼ିଆ ଭାଷା ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ବିଧିବଦ୍ଧ ଭାବରେ ଶାସ୍ତ୍ରୀୟ ଭାଷା ଘୋଷିତ ହେଲା। କହିବା ବାହୁଲ୍ୟ, ଓଡ଼ିଆ ଭାଷା ଖ୍ରୀଷ୍ଟପୂର୍ବକାଳୀନ ସମସ୍ତ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ପ୍ରାଚୀନ ସମୃଦ୍ଧ ଭାଷା। ଲିପି ଓ ଭାଷାବିକାଶର କ୍ରମବିବର୍ତ୍ତନ, ସଂରଚନାର ସ୍ୱାତନ୍ତ୍ର୍ୟ, ଦାର୍ଶନିକ ତଥା ଭାଷାତାତ୍ତ୍ୱିକ ଭିତ୍ତିଭୂମି ସହ ଆହରଣଶୀଳତା ତଥା ଏହାର ମୌଳିକ ସାହିତ୍ୟ ପରମ୍ପରା ଆଦିକୁ ଅବଲୋକନ କଲେ ଏହି ଭାଷାର ସ୍ୱତନ୍ତ୍ରତା ଓ ପ୍ରାଚୀନତା ବେଶ୍ ଲକ୍ଷଣୀୟ। ଇଣ୍ଡୋୟୁରୋପୀୟ ଭାଷା ପରିବାରର ଏକ ମହତ୍ତ୍ୱପୂର୍ଣ୍ଣ ଶାଖା ଭାରତୀୟ ଆର୍ଯ୍ୟଭାଷା।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ

ଏହି ଗୋଷ୍ଠୀର ପ୍ରମୁଖ ଭାଷା ହେଉଛି ଓଡ଼ିଆ।

ଶାସ୍ତ୍ରୀୟ ଲକ୍ଷଣ ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାକୁ ଅନୁଧ୍ୟାନ କରାଯାଏ, ତେବେ ଆମେ ଜାଣୁ ଉତ୍କଳ, କଳିଙ୍ଗ, ଓଡ୍ର, କୋଶଳ, କଙ୍ଗୋଦ, ଓଡ୍ର ଆଦି ଓଡ଼ିଶାର ପ୍ରାଚୀନ ନାମ। ଏହାର ସୁଦୀର୍ଘ ଇତିହାସ, ସଂସ୍କୃତି ଓ ପରମ୍ପରା, କଳାନୈପୁଣ୍ୟ, ସମୃଦ୍ଧ ବାଣିଜ୍ୟ ପରମ୍ପରା, ସମରକୌଶଳର ଦକ୍ଷତା, ସାହସ ଆଦିର ଲିପିବଦ୍ଧ ଇତିହାସର ପ୍ରମାଣ ଦିଏ ବିଦେଶାଗତ ବହୁ ଜ୍ଞାନୀ, ଦୂତମାନଙ୍କର ବିଭିନ୍ନ ବିବରଣୀ, ଶିଳାଲେଖ, ତାମ୍ରପତ୍ର ଓ ପ୍ରାଚୀନ ସାହିତ୍ୟ। ଓଡ଼ିଶା ରାଜ୍ୟର ପ୍ରାଚୀନତା ମହାଭାରତ, ହରିବଂଶ, ସ୍କନ୍ଦ ପୁରାଣ ଆଦି ଗ୍ରନ୍ଥରେ କଳିଙ୍ଗ, ଉତ୍କଳର ସବିଶେଷ ବର୍ଣ୍ଣନା, ପୁଣି ଭରତଙ୍କ ନାଟ୍ୟଶାସ୍ତ୍ରରେ ଓଡ୍ରମାଗଧୀ ଓ ଓଡ୍ରବିଭାଷାର ସୂଚନା, ଲଳିତବିସ୍ତରରେ ବୁଦ୍ଧଦେବ ଶିଖିଥିବା ୬୪ ଗୋଟି ଲିପି ମଧ୍ୟରୁ 'ଉଗ୍ରିଲିପି' ବା ଯାହାକୁ 'ଓଡ୍ରୀଲିପି' ବୋଲି କୁହାଯାଏ, ଲିପିତାତ୍ତ୍ୱିକ ଦୃଷ୍ଟିରୁ ନିରୀକ୍ଷଣ କଲେ ଏହା ୨୦୦୦ ବର୍ଷ ପୂର୍ବର। ଏଥିସହିତ ସମ୍ରାଟ ଅଶୋକ ଓ ଖାରବେଳଙ୍କ ଶିଳାଲେଖରେ ଥିବା ଅବିକଳ ଓଡ଼ିଆଶବ୍ଦ ପ୍ରାଚୀନ ଓଡ଼ିଆ ଲିପିର ପ୍ରମାଣଦିଏ।

ନିଜସ୍ୱ ମୌଳିକ ସାହିତ୍ୟରଚନା ପ୍ରତି ଦୃଷ୍ଟିଦେଲେ, ପ୍ରତ୍ୟେକ ଭାଷାର ଉନ୍ମେଷ କାଳରେ ମହାଭାରତ, ରାମାୟଣ ଓ ପୁରାଣମାନ ରଚିତ ହେବା ପରି ଓଡ଼ିଆ ଭାଷା ଆଦ୍ୟରେ ଓଡ଼ିଆ ନାଥ ସିଦ୍ଧାଚାର୍ଯ୍ୟଙ୍କ ଚର୍ଯ୍ୟାଗୀତିକା, ସାରଳାଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦଙ୍କ ହରିବଂଶ ପୁରାଣ ଆଦି ବୃହତ୍ ରଚନାଠାରୁ ଆରମ୍ଭ କରି ଭଞ୍ଜଯୁଗୀୟ କାବ୍ୟ ସାହିତ୍ୟ, ପଦାବଳୀ ସାହିତ୍ୟ ଓ ପରେ ପରେ ଆଧୁନିକ ଯୁଗର ଗଦ୍ୟ, ପଦ୍ୟ, କାବ୍ୟାଦି ବହୁ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟିର ପରମ୍ପରା ଅବିଚ୍ଛିନ୍ନ ଭାବେ ରହିଆସିଛି, ଯାହା ଓଡ଼ିଆ ସାହିତ୍ୟର ନିଜସ୍ୱ ମୌଳିକ ରଚନା, କାହାଠାରୁ ଧାରଅଣା ନୁହେଁ। ତେଣୁ ଏହା ନିର୍ବିବାଦରେ କୁହାଯାଇପାରେ ଯେ, ଓଡ଼ିଆ ଏକ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ଉଚ୍ଚାଙ୍ଗ ଭାଷା।

ଓଡ଼ିଆ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବା ପରେ ରାଜ୍ୟ ସରକାର ଓଡ଼ିଆ ଭାଷାର ସମୃଦ୍ଧି ଓ ଗବେଷଣା ପାଇଁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସାରଳାଦାସ ଚେୟାର ପ୍ରତିଷ୍ଠା କରିବା ସହ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଚେୟାର ପ୍ରତିଷ୍ଠା ପାଇଁ ଆବଶ୍ୟକ ତଥ୍ୟ ସହିତ ଅର୍ଥ ପ୍ରଦାନ କରିସାରିଛନ୍ତି। ଓଡ଼ିଶା ସରକାରୀ ଭାଷା ଅଧିନିୟମ ୧୯୫୪ର ସଂଶୋଧନ କରି ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ପ୍ରଚଳନ କରିଛନ୍ତି। ଓଡ଼ିଆ ଭାଷାର ବିକାଶ, ପ୍ରସାର, ଶିକ୍ଷା ତଥା ଗବେଷଣା ଓ ଅଧ୍ୟୟନ ପାଇଁ ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଭିତ୍ତିଭୂମି ସହିତ ସମସ୍ତ ଆନୁଷଙ୍ଗିକ ବିଷୟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିସାରିଛନ୍ତି, ଯାହା ସମ୍ଭବତଃ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇ ଆଗେଇ ଚାଲିଛି। ଏହାଛଡ଼ା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁଜରାଟର ଗାନ୍ଧୀନଗର ଓ ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁନ୍ତଳାକୁମାରୀ ଓ ମଧୁସୂଦନ ରାଓଙ୍କ ନାମରେ ଦୁଇଟି ପ୍ରଫେସରିଆଲ ଚେୟାର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି। ଭାଷାର ବିକାଶ ତଥା ଅଭିବୃଦ୍ଧି କେବଳ ସରକାରୀ ତତ୍ପରତାରେ ସମ୍ଭବ ହୁଏନାହିଁ। ଏଥିପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ଆଜିର ସମାଜ ଭାଷାରେ ତଥ୍ୟ ଖୋଜୁଛି। ପ୍ରତିଯୋଗିତାମୂଳକ ଭାବନାରେ ଜୀବନ ଆଗେଇ ଚାଲିଛି, ତା' ସହିତ ଖାପ୍ ଖୁଆଇ ଭାଷା ମଧ୍ୟ ଜ୍ଞାନବିଜ୍ଞାନର କୌଶଳ ହେବାକୁ ଚାହୁଁଛି। ଯେଉଁ ଭାଷାରେ ତଥ୍ୟ ଭଣ୍ଡାର ବେଶି, ମାଧ୍ୟମ ବେଶି, ସେ ଭାଷାର ଆଦର ବେଶି। ସେଥିପାଇଁ ପ୍ରତିଯୋଗିତାର ଘୋଡ଼ାଦୌଡ଼ରେ ବିବଶ ହୋଇ ଅଭିଭାବକମାନେ ଇଂରେଜ ଭାଷାର ସର୍ବାଧିକ ଜ୍ଞାନକୌଶଳ ଲାଗି ପିଲାମାନଙ୍କୁ ଇଂଲିଶ ପଢ଼ାଇବାକୁ ଆଜି ବାଧ୍ୟ ହେଉଛନ୍ତି। ଓଡ଼ିଆ ପାଠ୍ୟପୁସ୍ତକର ଗତାନୁଗତିକ ଧାରା, ଏଥିରେ ନୂତନ ଭାବେ ସଂଯୋଜିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଓ କମ୍ପ୍ୟୁଟର ଆଦିର ବ୍ୟବହାର ଓଡ଼ିଆ ଭାଷାରେ ନ ହେବା ଦ୍ୱାରା ଆମ ଭାଷା ପଛେଇଯାଉଛି। ଓଡ଼ିଶାରେ ଥିବା ବିଭିନ୍ନ ଉପଭାଷା/ଆଞ୍ଚଳିକ ଭାଷା, ଜନଜାତିଙ୍କ ଭାଷା ସଂସ୍କୃତିକୁ ଉଜ୍ଜୀବିତ କରି ମୁଖ୍ୟଭାଷା ସହ ଏଗୁଡ଼ିକର ଆଦାନପ୍ରଦାନ ବଢ଼ାଇବା ସହ ଓଡ଼ିଆ ଶବ୍ଦଭଣ୍ଡାରକୁ ଅଧିକ ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ବ୍ୟକ୍ତିଗତ ବା ଗୋଷ୍ଠୀଗତ ଉଦ୍ୟମରେ ସରକାରୀ ଆର୍ଥିକ ଅନୁଦାନ ଭିତ୍ତିରେ ଏ କାର୍ଯ୍ୟ ସମ୍ପାଦିତ ହୋଇପାରିବ। ଏଥିପାଇଁ ଆମେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଆଜି ଶାସ୍ତ୍ରୀୟମାନ୍ୟତା ପ୍ରାପ୍ତି ଦିବସରେ ଏହା ଏକ ସଙ୍କଳ୍ପ ହେଉ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସଂସ୍କୃତି ଭବନ, ଭୁବନେଶ୍ୱର, ମୋ- ୮୮୯୫୬୦୦୮୦୪

# କଳା ଓ ଅଶ୍ଳୀଳତା



ଡ. ଚିନ୍ତାମଣି ପଣ୍ଡା

ଗତ ଖାରବେଳ ମହୋତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ଯାତ୍ରା ଜଗତର କଳାକାରଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ ଅଙ୍ଗ ପ୍ରଦର୍ଶନ କରାଯାଉଥିବାର ଅଭିଯୋଗ ଏତେ ତୀବ୍ର ଥିଲା ଯେ କିଛି ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଚିତ୍କାରରେ ଖଣ୍ଡଗିରିର ବୁକୁ ଥରିଉଠିବା ସହିତ-ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲା। ଆରକ୍ଷୀବାହିନୀର ହସ୍ତକ୍ଷେପ ପର୍ଯ୍ୟନ୍ତ କଥା ଗଲା ଏବଂ ଏହି ଅଶ୍ଳୀଳତାକୁ ସୀମାବଦ୍ଧ କରିବା ପାଇଁ ଏକ ଲକ୍ଷ୍ମଣରେଖାର ଆବଶ୍ୟକତା ଅନୁଭୂତ ହେଲା।

ଏହିପରି ଦିନେ ୨୦୧୬ ଫେବୃଆରୀର ଏକ ଶୀତୁଆ ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପରେ ପ୍ରଦର୍ଶିତ 'ସୋନ୍‌କା' ନାମକ ଏକ ମଞ୍ଚ ନାଟକ ଦର୍ଶକଙ୍କ ମଧ୍ୟରେ ହୋହଲ୍ଲା ସୃଷ୍ଟି କରିଥିଲା। ନାଜୀ ଶାସନର ଅତ୍ୟାଚାରକୁ ମଞ୍ଚରେ ନାଟ୍ୟ ରୂପାନ୍ତର କରିବାକୁ ଯାଇ ଜାତୀୟ ନାଟକ ବିଦ୍ୟାଳୟ ଆନୁକୂଲ୍ୟରେ ପୋଲାଣ୍ଡର ଏକ ନାଟ୍ୟଦଳ ଏହି ନାଟକଟିକୁ ପ୍ରଦର୍ଶନ କରୁଥାନ୍ତି। ଏକ ବଳାତ୍କାର ଦୃଶ୍ୟକୁ ଜୀବନ୍ତ କରିବା ଆଳରେ ଜଣେ ମହିଳା କଳାକାର ମଞ୍ଚରେ ହଠାତ୍ ତାଙ୍କ ବକ୍ଷୋଜକୁ ଅନାବୃତ୍ତ କରିପକାଇଲେ, ଯାହାକି ଦର୍ଶକମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ପ୍ରତିକ୍ରିୟାରେ ନାଟକର ପରିସମାପ୍ତି ପରେ ଦର୍ଶକଙ୍କ ସମ୍ମିଳିତ ପ୍ରତିବାଦର ସ୍ୱର ଏତେ ଶାଣିତ ଥିଲା ଯେ ବାଧ୍ୟହୋଇ ଉପସ୍ଥିତ ସଂସ୍କୃତି ମନ୍ତ୍ରୀଙ୍କୁ ବିବୃତି ରଖିବାକୁ ପଡିଲା। ଏହା ଉପରେ 'ସୋନ୍‌କା' ଶୀର୍ଷକରେ 'ଧରିତ୍ରୀ' ପକ୍ଷରୁ ଯେଉଁ ସମ୍ପାଦକୀୟଟି ପ୍ରକାଶିତ ହେଲା ତାହା ଏଠାରେ ପ୍ରଣିଧାନଯୋଗ୍ୟ। ସମ୍ପାଦକ ମହୋଦୟ ସମସ୍ତଙ୍କ ଭାବନାର ଊର୍ଦ୍ଧ୍ୱକୁ ଉଠିଯାଇ ମତ ଦେଇଥିଲେ ଯେ, ନାଟକଟିକୁ କଳାକୁଶଳ ଦୃଷ୍ଟିଭଙ୍ଗୀରେ ବିଚାର ନ କରି ଶାଳୀନତାର ଲକ୍ଷ୍ମଣରେଖା ଟାଣିବା ବୋଧେ ଆମର ହୀନମନ୍ୟତା। ଉଦାହରଣରେ ସେ ପୁରୀର ଶ୍ରୀମନ୍ଦିର ଓ କୋଣାର୍କର ସୂର୍ଯ୍ୟମନ୍ଦିର ଗାତ୍ରରେ ଖୋଦିତ ନଗ୍ନ କଳାକୃତି ସବୁକୁ ଆମେ ଅଶ୍ଳୀଳ ଦୃଷ୍ଟିଭଙ୍ଗୀରେ ଦେଖି ନ ଥିବା ବେଳେ ନାଟକଟିକୁ ଏପରି ଦୃଷ୍ଟିଭଙ୍ଗୀରେ ଦେଖିବାର ତାତ୍ପର୍ଯ୍ୟକୁ ଅନୁଶୀଳନ କଲେ। ଉତ୍କୃଷ୍ଟ କଳାର ଦେଶ ଏ ଉତ୍କଳ। ତଦାନୀନ୍ତନ କୁଶଳୀ ଶିଳ୍ପୀଗଣ ତଥା ଦର୍ଶକବୃନ୍ଦ ଅନ୍ତତଃପକ୍ଷେ କଳା ଭାସ୍କର୍ଯ୍ୟର ମହତ୍ତ୍ୱକୁ ଯେଉଁ ଦୃଷ୍ଟିରେ ଗ୍ରହଣ କରିଥିଲେ ତା'ର ପଟାନ୍ତର ନାହିଁ। ନଚେତ୍ ଚାରିଆଡୁ ବିରୋଧାଭାସରେ ଏସବୁ କଳାକୃତି ସ୍ୱକୀୟ ସ୍ଥିତି ହରାଇ ଇତିହାସ ପାଲଟି ଯାଇଥାନ୍ତା।

ଏହି ପରିପ୍ରେକ୍ଷୀରେ ଦୃଷ୍ଟାନ୍ତଟିଏ ମନକୁ ଆସେ। ଥରେ ଗୁରୁକୁଳରେ ଦୁଇଜଣ ବ୍ରହ୍ମଚାରୀ ଶିକ୍ଷାନବୀଶ ଆଶ୍ରମ ନିକଟସ୍ଥ ନଦୀରେ ସନ୍ଧ୍ୟା ତର୍ପଣ କରୁ କରୁ ହଠାତ୍ ସ୍ରୋତରେ ଏକ ତରୁଣୀର ସଂଜ୍ଞାହୀନ ନିସ୍ତେଜ ଶରୀର ଭାସିଯାଉଥିବାର ଦେଖିଲେ। ପ୍ରଥମ ଶିଷ୍ୟଙ୍କ ବାରଣକୁ ନ ମାନି ଦ୍ୱିତୀୟ ଶିଷ୍ୟ ସହସା ନଦୀସ୍ରୋତକୁ ଲମ୍ଫ ଦେଇ କିଶୋରୀର ଶରୀରଟିକୁ ଉଦ୍ଧାର କରି କୂଳକୁ ଆଣିଲେ। ସଂଜ୍ଞା ଫେରାଇବା ପାଇଁ ବିଭିନ୍ନ ଉପଚାର କରିବା ଦ୍ୱାରା ସାଷ୍ଟାମ ହେବାରୁ ତରୁଣୀଟିର ନଗ୍ନ ଶରୀରକୁ ନିଜ ବସ୍ତ୍ରରେ ଆବୃତ୍ତ କରି ମସ୍ତକରେ ବୋହି ନିକଟସ୍ଥ ଜନପଦରେ ଛାଡି ଦେଇଆସିଲେ। ତଡିତ୍-ବେଗରେ ଗୁରୁଙ୍କ ପାଖରେ ଏ ଦୃଶ୍ୟର ନିଛକ ଅବତାରଣା ପୂର୍ବକ ପ୍ରଥମ ଶିଷ୍ୟ ଜଣକ ଦ୍ୱିତୀୟ ଶିଷ୍ୟଙ୍କ ଧୃଷ୍ଟତା ହେତୁ ବ୍ରହ୍ମଚର୍ଯ୍ୟ ବ୍ରତ ନାରୀ ଅଙ୍ଗ ସ୍ପର୍ଶ ଦ୍ୱାରା ଭଗ୍ନ ହୋଇଥିବାର ପ୍ରମାଣ ରଖିଲେ। ଗୁରୁ ନିରୁତ୍ତର ରହିବାରୁ ପରଦିନ ପୁନଶ୍ଚ ଶିଷ୍ୟ ଜଣକ କଥାଛଳରେ ଘଟଣାଟିର ପୁନରାବୃତ୍ତି ପୂର୍ବକ, ନିଜ ଶରୀରକୁ ଅର୍ଦ୍ଧାବୃତ୍ତ କରି ଏକ ନାରୀକୁ ସେ ବସ୍ତ୍ର ଦେଇଥିବାରୁ ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇଥିବାର ଅଭିଯୋଗ ବାଢିଲେ। ତଥାପି ଗୁରୁ ନୀରବ ରହିବାର ଦେଖି ତୃତୀୟ ଦିନ ସେ ଆପତ୍ତି କଲେ ଯେ ଏକ ନାରୀର ଅର୍ଦ୍ଧାବୃତ୍ତ ଶରୀରକୁ ମୁଣ୍ଡରେ ବୋହି ଜନପଦକୁ ନେଇଥିବାରୁ ଉକ୍ତ ଶିଷ୍ୟ ବ୍ରହ୍ମଚର୍ଯ୍ୟ-ଭ୍ରଷ୍ଟ ହୋଇଛନ୍ତି ଏବଂ ତାଙ୍କୁ ଆଶ୍ରମରୁ ବହିଷ୍କାର କରାଯାଉ।

ଗୁରୁ ଏଥର କହିଲେ- ବତ୍ସ, ସେ ଯେଉଁ କାର୍ଯ୍ୟ କଲା ତାହା ଏକ ବ୍ରହ୍ମଚାରୀ ପକ୍ଷେ ଅନୁଚିତ ହେଲେ ବି ଏକ କଲ୍ୟାଣକାରୀ ପଦକ୍ଷେପ। ତେଣୁ କର୍ତ୍ତବ୍ୟ ଦାୟରେ ମନ ଭିତରେ କୌଣସି ଆବିଳତା ନ ରଖି କାର୍ଯ୍ୟଟିକୁ ତୁଲାଇଥିବାରୁ ସ୍ୱାଭାବିକ ଭାବେ ସେ ଘଟଣାଟି ବିସ୍ମୃତ ହୋଇଥିବା ବେଳେ ତୁମ ମନରେ ତାହା ଏପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି। ଏହାଦ୍ୱାରା ତୁମର ମାନସିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇନାହିଁ କି? ତେଣୁ ପାପର ବୋଝକୁ ସେ ନୁହେଁ ବରଂ ତୁମେ ମୁଣ୍ଡେଇଛ। ଶିଷ୍ୟ ଜଣକ ଏହା ଶୁଣି ନିଜର ଭୁଲ୍ ବୁଝିପାରିଲେ। ଏଇ ପରିପ୍ରେକ୍ଷୀରେ ଆମେ ଯଦି କଳାକାରମାନଙ୍କର କଳାକୁଶଳତାକୁ ଉପଭୋଗ ନ କରି ଅଶ୍ଳୀଳତାକୁ ନଜର ଦେବା ତେବେ ଏହା ଆମର ନିଜସ୍ୱ ଦୃଷ୍ଟିଭଙ୍ଗୀ ବୋଲି ବୁଝିବାକୁ ହେବ। ଆଜିକାଲି ଭଜନ ସମାରୋହଠାରୁ ଆରମ୍ଭ କରି ସଙ୍ଗୀତ ସନ୍ଧ୍ୟା ଏପରି କି ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ଉଦ୍ଦଣ୍ଡ ନୃତ୍ୟ ନ ଥିଲେ ଏ ପିଢିର ଦର୍ଶକଙ୍କ ମନଛୁଆଁ ହୋଇ ପାରୁନାହିଁ। ରାତ୍ରିର ବିଳମ୍ବିତ ପ୍ରହରରେ ଛାତ୍ରାବାସମାନଙ୍କରେ ଚାଲୁଥିବା ନୃତ୍ୟ ସଙ୍ଗୀତ ଆସରରେ ମଦମତ୍ତ ଛାତ୍ରଙ୍କ ସମ୍ମୁଖରେ ଅନୂଢ଼ା ତରୁଣୀଙ୍କର ଉଦର ନୃତ୍ୟ (ବେଲି ଡ୍ୟାନ୍ସ) କେଉଁ ଆଭିଜାତ୍ୟପୂର୍ଣ୍ଣ ମଧୁଶାଳାର ନର୍ତ୍ତକୀମାନଙ୍କ ଅଙ୍ଗସୌଷ୍ଠବ ପ୍ରଦର୍ଶନଠାରୁ କମ୍ ଅଶ୍ଳୀଳ କି ଆପତ୍ତିଜନକ ନୁହେଁ। ବାହାରେ ସମ୍ପୂର୍ଣ୍ଣ ପାରିବାରିକ ବୋଲି ଫଳକ ଲଗାଇ ଚଳଚ୍ଚିତ୍ର କିମ୍ବା ଯାତ୍ରା ଜଗତରେ ଅଶ୍ଳୀଳ ନୃତ୍ୟର ପ୍ରଦର୍ଶନ ଆପତ୍ତିଜନକ ନିଶ୍ଚୟ। ଏହାକୁ ଆମର ରକ୍ଷଣଶୀଳ ସମାଜ ସ୍ୱୀକୃତି ଦେଇଦେଲେ କ୍ରମେ ତାହା ଆଜିର ଗ୍ରାହକଙ୍କ ଚାହିଦା ନାମରେ ବଢିବଢି ଅଶ୍ଳୀଳତାରୁ ନଗ୍ନତାରେ ଯେ ରୂପାନ୍ତରିତ ହୋଇ ନ ଯିବ ଏଥିରେ ଲେଶ-ମାତ୍ର ସନ୍ଦେହ ନାହିଁ, ଅତଏବ ଆଗରୁ ଏ ଦିଗଟି ପ୍ରତି ଆମେ ସଚେତନ ରହିବା ସମୀଚୀନ ମନେହୁଏ। **ମୋ-୯୪୩୭୧୮୫୧୭୫**

## ଏଇ ଭାରତରେ

ଅଭାବରୁ ସ୍ୱଭାବ ନଷ୍ଟ ହୋଇଥାଏ। ଅଭାବରେ ପଡି ଜଣେ ମହିଳା ତାଙ୍କର ୧୦ଦିନର ଶିଶୁକୁ ୪୦ ହଜାର ଟଙ୍କାରେ ବିକ୍ରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଝାଡଖଣ୍ଡରେ ଘଟିଛି ଏପରି ଏକ ଘଟଣା। ନବଜାତ ଶିଶୁପୁତ୍ରକୁ ୪୦ହଜାର ଟଙ୍କାରେ ବିକ୍ରି କରି ସାରିବା ପରେ ମହିଳାଜଣକ ପୁଣି ଫେରାଇ ନେବାକୁ ଅଡି ବସିଥିଲେ। ସ୍ଥାନୀୟ ମାନ୍‌ଗୋ ଶଙ୍କୋସାଇଠାରେ ବାସ କରୁଥିବା ରାଣୀ ଦେବୀ ନାମକ ଏହି ମହିଳା ଷଷ୍ଠ ସନ୍ତାନ ଭାବେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ଥିବାରୁ ସେ ଶିଶୁପୁତ୍ରକୁ ସ୍ଥାନୀୟ ଶ୍ମଶାନ ଘାଟରେ ବାସ କରୁଥିବା ନିଃସନ୍ତାନ ରୋମା ସରକାରଙ୍କୁ ବିକ୍ରି କରିଥିଲେ। ଏହା ବଦଳରେ ସେ ପାଇଥିଲେ ୪୦ ହଜାର ଟଙ୍କା। କିନ୍ତୁ କିଛି ସମୟ ପରେ ତାଙ୍କ ମାତୃତ୍ୱ ଜାଗି ଉଠିଥିଲା। ସେ ପୁତ୍ରକୁ ଫେରାଇ ନେବାକୁ ଅଡି ବସିଥିଲେ। ଶିଶୁପୁତ୍ରକୁ ବିକ୍ରି ସମୟରେ ଏଗ୍ରିମେଣ୍ଟ କରାଯାଇଥିଲା। ଉକ୍ତ ମାମଲା ଥାନାରେ ପହଞ୍ଚିବା ପରେ ପୋଲିସ ଉଭୟ ପକ୍ଷଙ୍କୁ ବୁଝାଇ ଏହି ଚୁକ୍ତି ରଦ୍ଦ କରିବାକୁ କହିଥିଲେ।

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ।
ସେହିକାଳୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ !

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 5 | | 6 | D | | | | 4 | 2 | B |
| | | | | | 2 | | | 3 | | 1 | 5 | | E | |
| | | | | | | | B | | | | | | 8 | C |
| | | | 7 | 6 | | | 4 | 8 | | | | D | 1 | 3 |
| | | | 9 | | | 0 | | | B | | D | | | 7 |
| | 8 | | 4 | | | | | C | 5 | | 1 | | 6 | A |
| | 7 | | | | | | 3 | 9 | | | | | 5 | |
| | D | | 1 | A | E | 8 | | | 6 | | | | | 2 |
| | C | | 6 | D | B | | | 7 | | 8 | A | 9 | | |
| | 2 | 3 | | | | E | 0 | 6 | | 7 | | | | 8 |
| | | 1 | | | | 7 | | | | | 2 | | 4 | |
| 8 | 0 | | D | | 7 | | | | | | | | | |
| | A | | | | 1 | | | | | E | | | | |
| | | B | E | 0 | | 3 | | | 9 | | 4 | | | 6 |
| | | | | | 6 | | | 2 | | A | 0 | C | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 5 | 0 | B | 4 | A | 1 | 6 | D | 3 | C | 8 | E | 9 |
| 6 | 1 | A | 3 | 7 | D | 9 | 8 | 0 | 4 | E | 5 | B | C | 2 |
| B | 3 | C | 5 | 8 | 9 | 4 | 2 | E | 6 | 0 | 1 | A | 7 | D |
| 4 | E | 9 | 1 | C | 2 | 3 | D | B | 8 | 7 | A | 5 | 0 | 6 |
| 8 | 0 | D | 6 | E | A | C | 7 | 5 | B | 2 | 9 | 1 | 4 | 3 |
| C | 5 | 7 | 8 | 4 | 0 | E | 9 | D | 2 | A | B | 3 | 6 | 1 |
| E | 4 | 3 | 9 | A | 6 | 8 | 0 | 1 | 7 | C | D | 2 | 5 | B |
| A | B | 0 | 7 | 3 | 5 | 6 | C | 2 | 9 | 1 | 8 | E | D | 4 |
| 1 | 2 | 8 | C | D | B | 7 | 4 | 3 | E | 5 | 6 | 0 | 9 | A |
| D | 9 | 6 | 2 | 1 | E | 5 | B | A | 3 | 4 | 0 | C | 8 | 7 |
| 3 | 6 | E | A | 0 | 8 | 2 | 5 | 9 | 1 | D | 4 | 7 | B | C |
| 7 | 8 | B | D | 9 | 3 | 1 | E | C | 0 | 6 | 2 | 4 | A | 5 |
| 9 | C | 1 | E | 5 | 7 | 0 | 6 | 4 | A | B | 3 | D | 2 | 8 |
| 0 | A | 4 | B | 2 | C | D | 3 | 8 | 5 | 9 | 7 | 6 | 1 | E |
| 5 | D | 2 | 4 | 6 | 1 | B | A | 7 | C | 8 | E | 9 | 3 | 0 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ରେଳପଥର ଓଡ଼ିଶା ପ୍ରତି ଧ୍ୟାନ ନାହିଁ

ମହାଶୟ,

ଓଡ଼ିଶାରେ ରେଳପଥ ଅଧିକ ରାଜସ୍ୱ ଦେଉଥିଲାବେଳେ ଏହି ବିଭାଗ ଓଡ଼ିଆମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ନ ଦେବାର ଦୃଷ୍ଟାନ୍ତ କଟକ-ବ୍ରହ୍ମପୁର ମେମୁ ଟ୍ରେନ୍‌କୁ ବ୍ରହ୍ମପୁରରୁ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା। ଏଥିରେ ଅଣଓଡ଼ିଆଙ୍କର ଅଧିକ ଲାଭ ହେବ। ଇଚ୍ଛାପୁରରୁ ବାହାରି ପାରାଦୀପକୁ ଯିବା ବାଟରେ ଏହା ଏକ୍ସପ୍ରେସ୍ ହଲ୍ଟ ଷ୍ଟେଶନଗୁଡ଼ିକରେ ରହଣି କରିଥାଏ ଓ ପାସେଞ୍ଜର ଭଡ଼ା ନେଇଥାଏ। ବ୍ରହ୍ମପୁରରୁ କଟକ ମଧ୍ୟରେ ଯିବାଆସିବା କରୁଥିବା ଫାଷ୍ଟ ପାସେଞ୍ଜର ଭୁବନେଶ୍ୱରରୁ ନିତିଦିନ ଯିବାଆସିବା କରୁଥିବା ଚାକିରିଆ, ବେପାରୀ, ଛାତ୍ରମାନଙ୍କୁ ସୁବିଧା ହେଉଥିଲା। ଏହା ଇଚ୍ଛାପୁରରୁ ଆସିଲେ ୧୦ଟା ମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିପାରିବ ନାହିଁ ଓ ଏଥିରେ ସୋରିଷ ପକାଇବାକୁ ଜାଗା ରହିବ ନାହିଁ। ଯଦି ବିଶାଖାପାଟଣା-ବ୍ରହ୍ମପୁର ମଧ୍ୟରେ ଗମନାଗମନ ସୁବିଧା ପାଇଁ ଏପରି ପଦକ୍ଷେପ ରେଳପଥ ନେଇଛି ତେବେ ୨ୟ ପଲାସା ଭୁବନେଶ୍ୱର ଟ୍ରେନ୍‌କୁ ଇଚ୍ଛାପୁରରୁ ମେମୁ ଟ୍ରେନ୍‌ରେ ରୂପାନ୍ତର କରି ଚଳାଇଥିଲେ ଅସୁବିଧା ନ ଥାନ୍ତା। ସେହିପରି ଭୁବନେଶ୍ୱରରେ ରହୁଥିବା ବାଙ୍ଗୀରିପୋଷି-ରାଉରକେଲା ପରି ଟ୍ରେନ୍‌କୁ ବ୍ରହ୍ମପୁରଯାଏ ସମ୍ପ୍ରସାରିତ କଲେ ଓଡ଼ିଶାବାସୀଙ୍କ ଉପକାର ହୁଅନ୍ତା।

- ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଡାକ ବିଭାଗର ଦୃଷ୍ଟିପଡୁ

ଡାକ ବିଭାଗ ସଞ୍ଚୟ, ବୀମା ଓ ଅନ୍ୟାନ୍ୟ କାର୍ଯ୍ୟର ସମ୍ପ୍ରସାରଣ ନେଇ ଲୋକପ୍ରିୟ ହେଉଛି। ମାତ୍ର ଦିନକୁ ଦିନ କର୍ମଚାରୀ ଅଭାବ ଓ କାର୍ଯ୍ୟଚାପ ବୃଦ୍ଧି ଯୋଗୁ ଗ୍ରାହକ ସେବା ବାଧାପ୍ରାପ୍ତ ହେଉଛି। ତତ୍‌ସହିତ କର୍ମଚାରୀମାନଙ୍କର ରୁକ୍ଷ ବ୍ୟବହାର ମାନସିକ କଷ୍ଟ ଦେଉଛି। ଶାଖା, ଉପଡାକ ଘର ଏପରି କି ମୁଖ୍ୟ ଡାକଘରେ ମଧ୍ୟ ଏଇ ସମସ୍ୟା। ମାତ୍ର ବ୍ୟାଙ୍କ ସେବା କ୍ଷେତ୍ରରେ ଏପରି ସମସ୍ୟା ନାହିଁ। ଡାକସେବାରେ ଉନ୍ନତି ତଥା ସଂସ୍କାର ପାଇଁ ବିଭାଗ ଧ୍ୟାନ ଦେବା ଉଚିତ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୩- ଜମ୍ମୁ-କଶ୍ମୀରର କୁପ୍‌ଓ୍ୱାଡ଼ାରେ ୫୬ ଘଣ୍ଟା ଧରି ଚାଲିଥିବା ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୫ ଯବାନ୍ ମଧ୍ୟ ଶହୀଦ ହୋଇଛନ୍ତି।

୪- ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ୍ ନିଷିଦ୍ଧ କରିବାକୁ ଗ୍ରୀନ୍ ଟ୍ରିବ୍ୟୁନାଲର ପରାମର୍ଶ।

୫- ଭାରତର ଚାପରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କ ଭାଇ ଓ ପୁଅ ଏବଂ ଅନ୍ୟ ୪୨ ଜଣ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି।

୬- କଳାହାଣ୍ଡି ଜିଲା ଭବାନୀପାଟଣା ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ଉଚ୍ଚଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

୭- ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ରୁଷିଆରୁ ୩ ବିଲିୟନ ଡଲାର ମୂଲ୍ୟର ଆଣବିକ ଶକ୍ତିସମ୍ପନ୍ନ ଆକ୍ରମଣକାରୀ ବୁଡ଼ାଜାହାଜ ଲିଜ୍‌ରେ ଆଣିବା ଲାଗି ଚୁକ୍ତି ସ୍ୱାକ୍ଷର କରିଛି।

୮- ମିଜୋରାମ ରାଜ୍ୟପାଳ କୁମ୍ମନାମ ରାଜଶେଖରନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ପୁଣି ସକ୍ରିୟ ରାଜନୀତିକୁ ଫେରିବା ନେଇ ଚର୍ଚ୍ଚା ହେଉଛି।



ଆଲ୍‌ଜେରିଆ ରାଷ୍ଟ୍ରପତି ଅବ୍‌ଦେଲାଜିଜ୍ ବୁଟେଫ୍ଲିକା ଲଗାତର ୫ମଥର କ୍ଷମତାକୁ ଫେରିବାକୁ ପ୍ରୟାସ ଚଳାଇଥିବାବେଳେ ଏହାକୁ ବିରୋଧ କରି ଫ୍ରାନ୍ସରେ ଆଲ୍‌ଜେରିଆନ୍ ମୂଳବାସିନ୍ଦାମାନେ ଗତ ୨ ସପ୍ତାହ ଧରି ବିକ୍ଷୋଭ ଚଳାଇଛନ୍ତି। ଶାସନ ବ୍ୟବସ୍ଥାରେ ସୁଧାର ଆଣିବାକୁ ଯାଇ ହଜାରରୁ ଅଧିକ ଆଲ୍‌ଜେରିଆନ୍ ରବିବାର ସେଣ୍ଟ୍ରାଲ୍ ପ୍ୟାରିସ୍‌ର ରିପବ୍ଲିକ୍ ସ୍କୋୟାରରେ ବିକ୍ଷୋଭ କରିଛନ୍ତି।




## ସଂକ୍ଷେପରେ

### ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୩(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି-ଜଗତ୍‌ସିଂହପୁର ଜିଲାର ଦେବୀ ନଦୀ ଉପରେ ଉଚ୍ଚ କ୍ଷମତାସମ୍ପନ୍ନ ବ୍ରିଜ୍ ଏବଂ ଦେବୀ ନଦୀର ବାମପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତୀକରଣ। ୩୧.୭୮ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର କାର୍ଯ୍ୟ କରାଯିବ। ସେହିପରି ନୟାଗଡ଼ ଜିଲାରେ ମୁଖ୍ୟମନ୍ତ୍ରୀ ଏକ ବହୁମୁଖୀ ପାଇପ୍‌ଲାଇନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ନୟାଗଡ଼, ଭାପୁର ଏବଂ ଖଣ୍ଡପଡା ବ୍ଲକ ଅଧିବାସୀଙ୍କ ପାଇଁ ଉଦ୍ଦିଷ୍ଟ।

### ବନ୍ଧୁକ, ଭୁଜାଲି ଦେଖାଇ ଗହଣା ଲୁଟ୍

**ବାହାନଗା, ୧୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଜିରିତାଳ ଗ୍ରାମରେ ରହୁଥିବା ହରେକୃଷ୍ଣ ପ୍ରଧାନଙ୍କ ଘରେ ଦୁର୍ବୃତ୍ତମାନେ ପଶି ସୁନା ଗହଣା ଲୁଟି ନେଇଛନ୍ତି। ଶନିବାର ରାତିରେ ସେମାନେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ପରେ ଗହଣା ଲୁଟିନେବାରେ ସଫଳ ହୋଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ। ଜିରିତାଳ ଗ୍ରାମରେ ଦିଲୀପ୍ କୁମାର ସଙ୍କର ଏକ କବାଡ଼ିଆ ଦୋକାନ ଅଛି। ସେହି ଦୋକାନକୁ ଦିଲୀପଙ୍କ ସଡୁ ହରେକୃଷ୍ଣ ପ୍ରଧାନ ବୁଝାଶୁଝା କରନ୍ତି ଓ ସେଠାରେ ପରିବାର ସହ ରହୁନ୍ତି। ଶନିବାର ରାତି ପ୍ରାୟ ୯ଟା ୪୫ ହେବ। ଜଣେ ଯୁବକ ଦିଦି ବୋଲି ହରେକୃଷ୍ଣଙ୍କ ସ୍ତ୍ରୀଙ୍କୁ ଡାକି ପାଣି ମାଗିଥିଲେ। ହରେକୃଷ୍ଣଙ୍କ ସ୍ତ୍ରୀ କବାଟ ଖୋଲିବା ମାତ୍ରେ ମୁହଁରେ କଳା କପଡା ବାନ୍ଧିଥିବା ୪ଜଣ ଯୁବକ ଘର ଭିତରକୁ ପଶିଯାଇଥିଲେ। ଏହି ସମୟରେ ଜଣେ ଯୁବକ ପ୍ରଥମେ ବନ୍ଧୁକ ଦେଖାଇବା ସହ ଅନ୍ୟଜଣେ ଭୁଜାଲରେ ଆକ୍ରମଣ କରିଥିଲେ। ହରେକୃଷ୍ଣ ଏହାର ପ୍ରତିରୋଧ କରିବାରୁ ସେମାନେ ଟଙ୍କା ମାଗିଥିଲେ। ଟଙ୍କା ନ ଥିବା କହିବାରୁ ଦୁର୍ବୃତ୍ତମାନେ ଆକ୍ରମଣ କରିବା ପାଇଁ ଉଦ୍ୟମ କରିବାରୁ ହରେକୃଷ୍ଣ ଘରେ ଥିବା ଏକ ବାକ୍ସରେ ସୁନା ଅଳଙ୍କାରକୁ କାଢ଼ି ଦେଇଥିଲେ। ଏହି ସମୟରେ ହରେକୃଷ୍ଣ ଚିତ୍କାର କରିବାରୁ ପାଖ ଲୋକେ ଦୌଡ଼ି ଆସିଥିଲେ। ୪ଜଣ ଯୁବକ ବିଲ ବାଟେ ଦୌଡ଼ି ପଳାଇ ଯାଇଥିଲେ। ସୋର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

### ୨୦୧୯ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କଲା ସି.ପି.ଆଇ.(ଏମ୍ଏଲ୍)

**ଭୁବନେଶ୍ୱର,୧୦।୩ (ବ୍ୟୁରୋ):** ୨୦୧୯ ନିର୍ବାଚନ ପାଇଁ ସି.ପି.ଆଇ. (ଏମ୍ଏଲ୍) ଲିବରେଶନ୍ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଓଡିଶାର ୨୧ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨ଟି ଆସନରେ ସି.ପି.ଆଇ.(ଏମ୍-ଏଲ୍) ପ୍ରାର୍ଥୀ ନାମ ଘୋଷଣା କରାଯାଇଛି। ପୁରୀ ଲୋକ ସଭା ଆସନରେ ଦଳ ମନ୍ଦାକିନୀ ସେଠୀଙ୍କୁ ପ୍ରାର୍ଥୀ କରିଥିବା ବେଳେ କୋରାପୁଟ ପାଇଁ ଦାମୋଦର ଶବରଙ୍କ ନାଁ ଚୂଡାନ୍ତ ହୋଇଛି। ସେହିପରି ୧୪୭ ବିଧାନସଭା ଆସନ ମଧ୍ୟରୁ ୧୦ଟିରେ ଦଳ ପ୍ରାର୍ଥୀ ଦେଇଛି। ପିପିଲି ପାଇଁ ଅଶୋକ ପ୍ରଧାନ, ଉତ୍ତର ଭୁବନେଶ୍ୱର ପାଇଁ ମହେନ୍ଦ୍ର ପରିଡା, ଚମ୍ପୁଆ ପାଇଁ ପଞ୍ଚରତ୍ନ ମହାକୁଡ, ଗୁଣୁପୁର ପାଇଁ ତ୍ରିପତୀ ଗମାଙ୍ଗ, ବିଷମ କଟକ ପାଇଁ ରାମଚନ୍ଦ୍ର ପାସ୍କା, ଚାନ୍ଦବାଲି ପାଇଁ ଜୟନ୍ତୀ ବିଶ୍ୱାଳ, ଆଳି ପାଇଁ ବିଧାନ ଦାସ, ସୋନପୁର ପାଇଁ ଉମେଶ ପ୍ରଧାନ, ନର୍ଲା ପାଇଁ ଦୁର୍ଯ୍ୟୋଧନ ଦାସ ଏବଂ ଚିଲିକା ପାଇଁ ମୁରଲୀଧର ବେହେରାଙ୍କ ନାମ ପ୍ରାର୍ଥୀ ତାଲିକାରେ ପ୍ରକାଶ ପାଇଛି।

## ନଗଡ଼ାରେ ପୁଣି ଅପପୁଷ୍ଟି

# ୪ ଶିଶୁ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି

**ଯାଜପୁର ଅଫିସ,୧୦।୩**

ଅପପୁଷ୍ଟିର ଶିକାର ହୋଇ ଶିଶୁ ମୃତ୍ୟୁ ଘଟିବା ପ୍ରସଙ୍ଗକୁ ନେଇ ସମଗ୍ର ଦେଶରେ ଓଡ଼ିଶାକୁ ନିନ୍ଦିତ କରିଥିବା ଯାଜପୁର ଜିଲାର ନଗଡ଼ାରେ ଏବେ ପୁଣି ସମାନ ଘଟଣା ଦେଖିବାକୁ ମିଳିଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ନଗଡ଼ା ନିକଟବର୍ତ୍ତୀ ଗୁହିଆଶାଳର ୪ ଜଣ ଶିଶୁ ସୁକିନ୍ଦା ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ଏହି ଘଟଣା ଶାସକ ଦଳ ଓ ପ୍ରଶାସନକୁ ଚିନ୍ତାରେ ପକାଇଛି। କାରଣ ନଗଡ଼ା ଶିଶୁମୃତ୍ୟୁ ଘଟଣା ଇତିମଧ୍ୟରେ ଅଢେଇ ବର୍ଷ ବିତିଥିବାବେଳେ ସରକାରଙ୍କ ପକ୍ଷରୁ ଅନେକ ଉନ୍ନୟନ କାର୍ଯ୍ୟ କରାଯାଇଥିବା କୁହାଯାଉଥିଲା। ନଗଡାକୁ ରାସ୍ତା ଫିଟିଛି। ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ମାତ୍ର ଏହା ସତ୍ତ୍ୱେ ନଗଡ଼ାବାସୀ ପୁଷ୍ଟିହୀନତାରୁ ମୁକୁଳି ନ ପାରିବା ଶାସକ ଦଳ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ୱାଧୀନତା ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ଖଣି ଉତ୍ତୋଳନ ଚାଲିଛି। ପ୍ରାକୃତିକ ସମ୍ପଦ ଲୁଟି ଶିଳ୍ପପତିମାନେ ମଲାମାଲ ହୋଇଛନ୍ତି। ଅଥଚ ଆଜି ବି ନଗଡ଼ା ଓ ଏହାର ଆଖପାଖ ଗ୍ରାମଗୁଡିକରେ ବିକାଶର ଆଲୁଅ ପହଞ୍ଚି ପାରିନାହିଁ। ପାରିପାର୍ଶ୍ୱିକ ଉନ୍ନୟନ ଏଠାରେ ସ୍ୱପ୍ନ ହୋଇଛି। ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରେ ୬୫୮.୮୩ କୋଟି ଟଙ୍କା ମହଜୁଦ ରହିଛି। ହେଲେ ଏହି ଟଙ୍କା ନଗଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଉପଯୁକ୍ତ ବିନିଯୋଗ ହୋଇନାହିଁ। ଫଳରେ ପୁଣି ଥରେ ନଗଡା ଗୁହିଆଶାଳର ୪ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ନଗଡା ଶିଶୁ ମୃତ୍ୟୁ ଘଟଣା ପରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଷ୍ଟି ସାଧନ କେନ୍ଦ୍ର ଖୋଲାଯାଇଛି। ହେଲେ ଗତ ୧୩ ଦିନ ମଧ୍ୟରେ ୪ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ସେମାନେ ହେଲେ ଗୁହିଆଶାଳର ସୁବର୍ଣ୍ଣ ପ୍ରଧାନଙ୍କ ୨ ପୁଅ ଲବ ଓ କୁଶ, ଲକ୍ଷ୍ମଣ ପ୍ରଧାନଙ୍କ ୧ ବର୍ଷର ଶିଶୁ ଇନ୍ଦ୍ର ଓ କୃଷ୍ଣ ପ୍ରଧାନଙ୍କ ୬ ମାସର ଶିଶୁ ଆସିନ। ତେବେ ଉଲ୍ଲେଖନୀୟ କଥା ହେଉଛି, ଆଗକୁ ନିର୍ବାଚନ ଥିବାରୁ ଏହି ଘଟଣା ଗଣମାଧ୍ୟମଠାରୁ ଦୁରେଇ ରଖିବାକୁ ଚେଷ୍ଟା କରାଯାଇଛି। ରବିବାର ଛୁଟି ଦର୍ଶାଇ ଜଣେ ଦୁଇ ଜଣ ତଳିଆ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଅପପୁଷ୍ଟିର ଶିକାର ୪ କୋମଳମତି ଶିଶୁଙ୍କ ସହ ପରିବାରବର୍ଗ ପୁଷ୍ଟିସାଧନ କେନ୍ଦ୍ରରେ ପଡି ରହିଛନ୍ତି। ତେଣୁ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ବି ଉନ୍ନତି ହେଉନାହିଁ। ସମସ୍ତଙ୍କ ନଜର ଆଢୁଆଳରେ ରଖି ଶିଶୁମାନଙ୍କ ଚିକିତ୍ସା କରାଯିବା ବୁଦ୍ଧିଜୀବୀଙ୍କୁ ବିସ୍ମିତ କରୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିଶ କୁମାର ଦାସ କହିଛନ୍ତି ଯେ, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଷ୍ଟିହୀନତା ଦୂର କରିବାକୁ ଯେତେ ପ୍ରକାର ଉଦ୍ୟମ କରାଯାଇଥିଲେ ସୁଦ୍ଧା ନଗଡ଼ା ଓ ଏହାର ଆଖପାଖ ଗ୍ରାମବାସୀ ସଚେତନ ହେଉନାହାନ୍ତି। ଯେଉଁ ଶିଶୁମାନେ ପୁଷ୍ଟହୀନତାରେ ଆକ୍ରାନ୍ତ ଅଛନ୍ତି ସେମାନଙ୍କୁ ପୁଷ୍ଟି ସାଧନ କେନ୍ଦ୍ରକୁ ଆଣିବାକୁ ମଧ୍ୟ ବହୁ କଷ୍ଟ କରିବାକୁ ପଡିଥିଲା। ତେବେ ଶିଶୁମାନଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଉ ନ ଥିବା ସେ କହିଛନ୍ତି।



୩୩% ମହିଳା ସଂରକ୍ଷଣ ପ୍ରତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟକୁ ବିରୋଧ କରି ବିଜୁ ମହିଳା ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## 'ବୁଥ୍ ସ୍ଥାନାନ୍ତର ନ ହେଲେ ଭୋଟ ବର୍ଜନ'

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ଗଣତନ୍ତ୍ରରେ ଭୋଟଦାନ ଏକ ମହତ୍ କାର୍ଯ୍ୟ। ହେଲେ ଶାସନତନ୍ତ୍ରକୁ ନିୟନ୍ତ୍ରଣ କରୁଥିବା ପ୍ରଶାସନର ଜନବିରୋଧୀ କାର୍ଯ୍ୟ ବିଭିନ୍ନ ସମୟରେ ଜନଗଣକୁ ଅସନ୍ତୋଷ କରିଥାଏ। ଏହାର ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମନ୍ଦାର ଗ୍ରାମପଞ୍ଚାୟତ ରାୟପୁର ଗ୍ରାମରେ। ବିଶେଷକରି ଗତ ୩ ବର୍ଷରେ ଗ୍ରାମରେ କୌଣସିଆଖିଦୃଶିଆ ଉନ୍ନତିକାର୍ଯ୍ୟ ହୋଇନାହିଁ। ସ୍ଥାନୀୟ କେତେକ ବ୍ୟକ୍ତିବିଶେଷଙ୍କ ଚକ୍ରାନ୍ତରେ ରାୟପୁର ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ବୁଥ୍‌କୁ ୩ କିଲୋମିଟର ଦୂରକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ମହଲରେ ଜନଅସନ୍ତୋଷ ଦେଖାଦେଇଛି। ଯଦି ପ୍ରଶାସନ ଭୋଟ କେନ୍ଦ୍ରକୁ ରାୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ନ କରନ୍ତି, ତେବେ ରାୟପୁରବାସୀ ଭୋଟ ବର୍ଜନ କରିବେ। ସ୍ଥାନୀୟ ଯୁବନେତା ଅଜିଶ ରଥ ରବିବାର ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରିଛନ୍ତି।

## ଆଜି ଏଆଇସିସିର ସ୍କ୍ରିନିଂ କମିଟି ବୈଠକ

**ଭୁବନେଶ୍ୱର,୧୦।୩ (ବ୍ୟୁରୋ)**

**ଦିଲ୍ଲୀ ଗସ୍ତରେ ନିରଞ୍ଜନ, ନରସିଂହ**

ଖୁବ୍‌ଶୀଘ୍ର ସବୁ ଦଳଗୁଡିକ ନିଜ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବେ। ରବିବାର ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ଏନେଇ ଘୋଷଣା କରିବା ପରେ ସବୁ ଦଳରେ ପ୍ରାର୍ଥୀ ଘୋଷଣା ନେଇ ତତ୍ପରତା ଦେଖାଦେଇଛି। ନିକଟରେ କଂଗ୍ରେସ ପକ୍ଷରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଏବଂ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ ଅନୁଷ୍ଠିତ ହୋଇ ସମ୍ଭାବ୍ୟ ଆଶାୟୀ ତାଲିକା ଚୂଡାନ୍ତ ହୋଇ ଦିଲ୍ଲୀ ପଠାଇ ଦିଆଯାଇଥିବା ଜଣାପଡିଛି। ସେହି କ୍ରମରେ ସୋମବାର ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ସ୍କ୍ରିନିଂ କମିଟି ନୂଆଦିଲ୍ଲୀଠାରେ ବସିବାକୁ ଥିବା ଜଣାପଡିଛି। ଏଥିରେ ଯୋଗଦେବାକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ନରସିଂହ ବଲାଙ୍ଗୀରଠାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାୟପୁର ଦେଇ ଦିଲ୍ଲୀ ଯାଇଥିବା ଜଣାପଡିଛି। ସେହିପରି ନିରଞ୍ଜନ ଭୁବନେଶ୍ୱରରୁ ସନ୍ଧ୍ୟାରେ ଯିବାକୁ ଟିକେଟ କରିଥିଲେ ମଧ୍ୟ ଯାଇପାରି ନ ଥିଲେ। ଭଦ୍ରକଠାରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବାକୁ ବିଳମ୍ବ ହେବାରୁ ନିରଞ୍ଜନ ଯାଇପାରି ନ ଥିଲେ। ଫଳରେ ବିଳମ୍ବିତ ରାତିରେ ନିରଞ୍ଜନ ଦିଲ୍ଲୀ ଯାଇଛନ୍ତି। ତେବେ ଏଆଇସିସି ସ୍କ୍ରିନିଂ କମିଟିରେ ଆଶାୟୀଙ୍କ ପ୍ରାର୍ଥୀ ତାଲିକା ଯାଞ୍ଚ ହେବାପରେ ମଙ୍ଗଳବାର ସିଡବ୍ଲୁସି(କେନ୍ଦ୍ରୀୟ ୱାର୍କିଂ କମିଟି) ବୈଠକ ବସିବାକୁ ଥିବା ଶୁଣିବାକୁ ମିଳିଛି। ଏହାପରେ ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବସିବ। ଓଡିଶାର ୨୧ଲୋକ ସଭା ଆସନ ପାଇଁ ଚୂଡାନ୍ତ ହେବାକୁ ଥିବା ପ୍ରାର୍ଥୀଙ୍କ ସ୍ଥିତି ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜେ ପରଖିବାକୁ ଥିବା ଜଣାପଡିଛି।

## ଆଇଟି ସଂଯୋଜକ ନିଯୁକ୍ତ କଲା ଯୁବ ବିଜେଡି

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଭିନ୍ନ ଜିଲା ପାଇଁ ଆଇଟି ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ଅନୁଗୋଳ ପାଇଁ ଅମିତ୍ କୁମାର ଦାସ ଏବଂ ଚନ୍ଦ୍ରକାନ୍ତ ପ୍ରଧାନ, ବଲାଙ୍ଗୀର ପାଇଁ ବିଭୂତି ଭୂଷଣ ମିଶ୍ର ଏବଂ ଆଶୀର୍ବାଦ ସାହୁ, ବାଲେଶ୍ୱର ପାଇଁ ସନ୍ଦୀପ ରାଉତ ଏବଂ ମଳୟ ଦାସ, ବରଗଡ଼ ପାଇଁ ଅନିଲ୍ ଦଳାଇ, ଭଦ୍ରକ ପାଇଁ ଇମ୍‌ତିଆଜ୍ କଲାମ୍‌ଖାନ ଏବଂ ରାକେଶ କୁମାର ପଣ୍ଡା, ରାଜଧାନୀ ଭୁବନେଶ୍ୱର ପାଇଁ ହିତେଶ୍ କୁମାର ଜେନା ଏବଂ ଆଶିଷ୍ କୁମାର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଅନୁରୂପ ଭାବେ ଅନ୍ୟାନ୍ୟ ଜିଲା ପାଇଁ ମଧ୍ୟ ଆଇଟି ସଂଯୋଜକ ମନୋନୀତ କରାଯାଇଛି।

## ଗଛରେ ପିଟି ହୋଇ ଓଲଟିଲା ଟ୍ରକ୍, ୩ ମୃତ

**ବାରକୋଟ,୧୦।୩ (ଡି.ଏନ.ଏ.)**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଖୁଲୁଣ୍ଡିପାଣି ଗ୍ରାମ ନିକଟ ୨୩ନମ୍ବର ଜାତୀୟ ରାଜପଥ ଉପରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ (ନଂ.ଓଡି ୧୬ ସି ୦୭୬୪) ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ୮ଜଣ ବ୍ୟକ୍ତି ବଣାଇ ଇନ୍ଦରପୁର ଗ୍ରାମକୁ ଏକ ବିବାହ ଉତ୍ସବରେ ବାଜା ବଜାଇବା ପାଇଁ ଯାଇ ସେଠାରୁ ଟ୍ରକ ଯୋଗେ ଫେରୁଥିଲେ। ଘାଟିରଗଡା ନିକଟରେ ଟ୍ରକର ଆଗଚକ ହଠାତ୍ ଫାଟି ଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଓଲଟି ପଡିଥିଲା । ଫଳରେ ଟ୍ରକ ତଳେ ଚାପିହୋଇ ପୁରୁଣାପାଣି ଗ୍ରାମର ମହର୍ଗୁ ବେହେରା (୩୫), ଶତ୍ରୁଘ୍ନ ନାଏକ (୩୪), ହିମାଦ୍ରି ନାଏକ (୩୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଭିକାରି ନାଏକ (୩୬), ସମ୍ବାରୁ ନାଏକ (୩୦), ପିଣ୍ଟୁ ନାଏକ (୧୦), ମୋହନ ବେହେରା (୨୮), ଗଙ୍ଗା ବେହେରା (୧୫) ଆହତ ହୋଇଥିଲେ। ସେମାନଙ୍କୁ ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ଦୁର୍ଘଟଣାରେ କବି କିଶୋର ପଟ୍ଟନାୟକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ/ ଦଶପଲ୍ଲା(ଡି.ଏନ୍.ଏ),୧୦।୩**


କବି କିଶୋର ପଟ୍ଟନାୟକ।

କନ୍ଧମାଳ ଜିଲାର ଜଣାଶୁଣା କବି ଓ ଲେଖକ କିଶୋର ପଟ୍ଟନାୟକଙ୍କ ରବିବାର ନୟାଗଡ଼ ଜିଲା ଦଶପଲ୍ଲାଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କିଶୋର କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶନିବାର ଭୁବନେଶ୍ୱର ଯାଇଥିଲେ। ରବିବାର ଅପରାହ୍ନରେ ନୟାଗଡ଼ର ଜଣେ ସମ୍ପର୍କୀୟ ତ୍ରିନାଥ ପଟ୍ଟନାୟଙ୍କ ସହ ଏକ ସ୍କୁଟିରେ ଫୁଲବାଣୀ ଫେରୁଥିଲେ। ଦଶପଲ୍ଲା ନିକଟ ଜାମୁସାହି ନିକଟରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ କିଶୋର ଓ ତ୍ରିନାଥ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ଆମ୍ବୁଲାନ୍‌ସରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କିଶୋରଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ନୟାଗଡ ଡାକ୍ତରଖାନାରେ ତାଙ୍କ ମୃତଦେହ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ।

କିଶୋର କନ୍ଧମାଳ ଜିଲାର ଜଣେ ଜଣାଶୁଣା ସାହିତ୍ୟ ପ୍ରତିଭା ସହ ଜଣେ ସାରସ୍ୱତ ସଙ୍ଗଠକ ମଧ୍ୟ ଥିଲେ। ଜଣେ ଶିଶୁ କବି ଭାବେ ରାଜ୍ୟରେ ତାଙ୍କର ଖ୍ୟାତି ରହିଥିଲା। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ମଧ୍ୟ ଥିଲେ। ଶିକ୍ଷକତା କରୁଥିବା କିଶୋରଙ୍କର ଅକାଳ ବିୟୋଗରେ ଫୁଲବାଣୀ ସହର ଓ କନ୍ଧମାଳ ଜିଲାର ସାହିତ୍ୟ ମହଲରେ ଶୋକର ଛାୟା ଖେଳିଯାଇଛି।

## ସୁବିଧା, କ୍ଷମତା ପାଇଁ ଦଳଡିଆଁ ଚାଲିଛି

**ଭୁବନେଶ୍ୱର,୧୦।୩ (ବ୍ୟୁରୋ)**

- ଖାରବେଳ, ନବୀନ ଓ ବ୍ରଜ ମିଶିବାକୁ ଆଗ୍ରହୀ
- ପାରାଦୀପରେ ମଧ ପଦ୍ମ ଫୁଟିବା ସମ୍ଭବ: ଦାମ
- ପୂର୍ବ ଥର ମଧ ଟିକେଟ ମିଳିଲେ ଲଢ଼ିବି ବୋଲି କହିଥିଲି: ଖାରବେଳ
- ଯୋଗ୍ୟଙ୍କୁ ସ୍ୱାଗତ କରିବୁ, ଟିକେଟ କଥା କେନ୍ଦ୍ର ଦାୟିତ୍ୱ: ଗୋଲକ

ବିଜେଡିରୁ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନ ଯେତିକି ନିକଟତର ହେଉଛି ନେତାମାନଙ୍କ ଦଳ ଡିଆଁ ମଧ ସେତିକି ବଢିବାରେ ଲାଗିଛି। କେବଳ ଦାମ ନୁହନ୍ତି ରାଜ୍ୟର ଆହୁରି ଅନେକ ନେତା ନିଜନିଜ ସୁବିଧା ପାଇଁ ଦଳ ବଦଳ କରିବାକୁ ପ୍ରସ୍ତୁତ ହୋଇ ସାରିଲେଣି। ଏହାର ପ୍ରମୁଖ ଉଦାହରଣ ଭାବେ ଦେଖିବାକୁ ଗଲେ ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବାବେଳେ ତାଙ୍କ ଝିଅ ନିଜ ସୁବିଧା ପାଇଁ ବିଜେଡି ହାତ ଧରିଛନ୍ତି। ପ୍ରାୟତଃ ବଡବଡ ନେତାମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ମଧ ରାଜନୈତିକ ଦଳ ସବୁ ପ୍ରକାର କୌଶଳ ଲଗାଇ ଦେଇଛନ୍ତି। ତେବେ ଏହା ମଧ୍ୟରେ ବିଜେଡିରୁ ବାହାରିଥିବା ନେତାମାନେ ନିଜ ରାଗ ଶୁଝାଇବା ଲାଗି ଭାଜପା ଶରଣ ପଶିବାର ଯୋଜନା କରିଛନ୍ତି। ସେହି କ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ ନବୀନ ନନ୍ଦ ଏବଂ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଭାଜପାରେ ମିଶିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଦାମ ରାଉତ ନିକଟରେ ଦିଲ୍ଲୀ ଯାଇ ଫେରିବା ପରେ ସେ ଭାଜପାରେ ମିଶିବା ଚର୍ଚ୍ଚା ଆରମ୍ଭ ହୋଇଛି। ଏହିସବୁ ନେତାଙ୍କୁ ଦଳରେ ସାମିଲ କରିବାକୁ ଖୁବ୍‌ଶୀଘ୍ର ଏକ ମିଶ୍ରଣ ପର୍ବର ଆୟୋଜନ ହେବାକୁ ଥିବା ଶୁଣିବାକୁ ମିଳିଛି। ଅନ୍ୟପଟେ ବ୍ରଜ ତ୍ରିପାଠୀଙ୍କ ସହ ଏନେଇ ଆଲୋଚନା ଚାଲିଥିବାବେଳେ ସିଏ ରାଜି ଥିବା ଜଣାପଡିଛି।

ଏନେଇ ଦାମ କହିଛନ୍ତି ଯେ, ରାଜ୍ୟରେ ଦୁଇଟି ଜାତୀୟ ଓ ଗୋଟେ ଆଞ୍ଚଳିକ ଦଳ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ରାଜ୍ୟରେ ୧୯ବର୍ଷ ଶାସନରେ ରହିଛି। ଦୁଇ ଜାତୀୟ ଦଳ ବହୁ ପଛରେ ରହିଛି। ବିଜେଡି ଶାସନ କାଳରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିଯାଇଛି। ବିଜେଡିର ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୋଧରେ ଯିଏ ଲଢିବ ତାକୁ ସମର୍ଥନ ଦେବି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିଛି। ତାଙ୍କୁ କିଛି ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ର ନେତୃତ୍ୱଙ୍କ ସହ ଆଲୋଚନା କରିବାକୁ କହିଛି। ପାରାଦୀପରେ ମଧ ପଦ୍ମ ଫୁଟିପାରିବ କିଛି ଅସୁବିଧା ନାହିଁ ବୋଲି ଦାମ କହିଛନ୍ତି।

ଖାରବେଳ ସ୍ୱାଇଁ କହିଛନ୍ତି ଯେ, ୨୦୧୪ ନିର୍ବାଚନ ସମୟରେ ଅରୁଣ ଜେଟ୍‌ଲୀ ଓ ଚନ୍ଦନ ମିତ୍ର ପ୍ରମୁଖ ଓଡିଶା ଆସିଥିଲେ। ସେତେବେଳେ ଆମ ସହ ମେଣ୍ଟ ହେବାକୁ ନିଷ୍ପତ୍ତି ହୋଇଥିଲା। ସେତେବେଳେ ପଦ୍ମ ଚିହ୍ନରେ ଲଢିବାକୁ ରାଜି ଥିବା କହିଥିଲି। ଏ ପର୍ଯ୍ୟନ୍ତ ଯେଉଁ ୭ଟି ନିର୍ବାଚନ ଲଢିଛି ସେଥିରୁ ୬ଟି ପଦ୍ମ ଚିହ୍ନରେ ଲଢିଛି। ଏଥର ପଦ୍ମ ଟିକେଟ ମିଳିଲେ ନିଶ୍ଚିତ ଲଢିବି ବୋଲି ଖାରବେଳ କହିଛନ୍ତି।

ଏନେଇ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଯେଉଁ ଯୋଗ୍ୟ ବ୍ୟକ୍ତିମାନେ ଆମ ଦଳକୁ ଆସିବାକୁ ଚାହୁଁଛନ୍ତି ସେମାନଙ୍କୁ ଆମେ ସ୍ୱାଗତ କରିବୁ, ସେଥିରେ କୌଣସି ଦ୍ୱିମତ ନାହିଁ। ହେଲେ ଯେଉଁମାନେ ଆସିବେ ସମସ୍ତଙ୍କୁ ଯେ ଦଳ ପକ୍ଷରୁ ଟିକେଟ ମିଳିବ ସେକଥା କହିହେବନି। ଟିକେଟ କାହାକୁ ଦିଆ ହବ ନା ନାହିଁ ସେକଥା କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ ବୋଲି ଗୋଲକ କହିଛନ୍ତି।



"ବହୁତ ହୋଇଗଲା। ଅନନ୍ତ କାଳ ଯାଏ ଆତଙ୍କବାଦକୁ ସହ୍ୟ କରିପାରିବ ନାହିଁ ଭାରତ।"
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ମେ ୬ରେ ରାହୁଲ, ୧୯ରେ ମୋଦିଙ୍କ ଭାଗ୍ୟପରୀକ୍ଷା

# ୟୁପିରେ ନିର୍ଣ୍ଣାୟକ ଲଢ଼େଇ

**ନୂଆଦିଲ୍ଲୀ,୧୦।୩**

ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଜାତୀୟ ରାଜନୀତିରେ ଉଷ୍ମତା ବୃଦ୍ଧି ପାଇଛି। ଚାପାନ ଦୋକାନରୁ ନେଇ ବସ୍ ଟ୍ରେନ୍ ଯାଏ ସବୁଠି ଚାଲିଛି ନିର୍ବାଚନୀ ଚର୍ଚ୍ଚା। କିଏ କେଉଁ ଆସନରେ ଛିଡ଼ା ହେବେ କେଉଁ ଦଳ କାହାକୁ କେଉଁଠି ପ୍ରାର୍ଥୀ କରିବ ଏବଂ କିଏ ଜିତିବ ଏହାକୁ ନେଇ ଆଲୋଚନାରେ ବ୍ୟସ୍ତ ଭୋଟର। ମେ ୨୩ରେ ୭ ପର୍ଯ୍ୟାୟର ନିର୍ବାଚନ ଫଳ ଆସିବା ଯାଏ ଏହି ଚର୍ଚ୍ଚା ଲାଗିରହିବ। ତେବେ ସବୁଠୁ ବେଶି ଚର୍ଚ୍ଚା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରାଣସୀ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅମେଠି ସଂସଦୀୟ ଆସନକୁ ନେଇ। ଏହାବାଦ୍ ଆହୁରି କେତେଜଣ ହାଇପ୍ରୋଫାଇଲ ନେତା ଉତ୍ତରପ୍ରଦେଶ(ୟୁପି)ରୁ ପ୍ରାର୍ଥୀ ହେବାକୁ ଯାଉଥିବାରୁ ରାଜନୈତିକ ଦୃଷ୍ଟିରୁ ଏହି ରାଜ୍ୟ ସର୍ବାଧିକ ଗୁରୁତ୍ୱ ବହନ କରେ।



ରାହୁଲ ଗାନ୍ଧୀ



ମୁଲାୟମ ସିଂ ଯାଦବ

ୟୁପିରେ ୮୦ ଲୋକ ସଭା ଆସନ ରହିଛି। ଏହି ଆସନଗୁଡ଼ିକ ପାଇଁ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ସେଥିରୁ ମୋଦିଙ୍କ ଆସନ ବାରାଣସୀରେ ମେ ୧୯ରେ ଭୋଟଗ୍ରହଣ କରାଯିବ। ସେହିପରି କଂଗ୍ରେସ ମୁଖ୍ୟ ରାହୁଲଙ୍କ ଅମେଠି ଓ ତାଙ୍କ ମା' ତଥା ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ରାଏବରେଲି ଆସନରେ ମେ ୬ରେ ନିର୍ବାଚନ ହେବ। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଲକ୍ଷ୍ନୌ ଆସନରେ ମଧ୍ୟ ଏହି ଦିନ ଭୋଟଗ୍ରହଣ କରାଯିବ। ସେହିପରି କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ପିଲିଭିଟ୍ ଆସନରେ ଏପ୍ରିଲ ୨୩ରେ ନିର୍ବାଚନ ହେବାକୁ ଥିବାବେଳେ ତାଙ୍କ ପୁଅ ବରୁଣ ଗାନ୍ଧୀ ପ୍ରତିନିଧିତ୍ୱ କରୁଥିବା ସୁଲତାନପୁରରେ ମେ ୧୨ରେ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ ଭୋଟର। ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ଲଢ଼ିବାକୁ ଥିବା ମୈନପୁରୀ ଆସନରେ ଏପ୍ରିଲ ୨୩ରେ ଏବଂ ତାଙ୍କ ବୋହୂ ଡିମ୍ପଲ ଯାଦବଙ୍କ ଆସନ କନୌଜରେ ଏପ୍ରିଲ ୨୯ରେ ନିର୍ବାଚନ ହେବ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ପ୍ରତିନିଧିତ୍ୱ କରୁଥିବା ବିହାରର ହାଜିପୁର ଆସନରେ ମେ ୧୬ରେ ନିର୍ବାଚନ ହେବ। ୨୦୧୪ରେ ମୋଦିଙ୍କୁ ଜିତାଇଥିବା ଗୁଜରାଟର ବଡ଼ୋଦରା ଏବଂ ବର୍ଷୀୟାନ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କ ଗାନ୍ଧୀନଗର ଆସନରେ ଏପ୍ରିଲ ୨୩ରେ ମତଦାନ ଅଛି।

## ଏନ୍‌ଡିଏକୁ ମିଳିବନି ସଂଖ୍ୟାଗରିଷ୍ଠତା

### ସି-ଭୋଟର ସର୍ଭେ

**ନୂଆଦିଲ୍ଲୀ,୧୦।୩(ପି.ଟି.):** ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହେବ। ତେବେ ନିର୍ବାଚନ ପରେ ଅନ୍ୟ ଦଳଗୁଡିକର ସମର୍ଥନରେ ଏହା ସହଜରେ ସରକାର ଗଢ଼ିପାରିବ ବୋଲି ସି-ଭୋଟର ସର୍ଭେରେ କୁହାଯାଇଛି। ଉକ୍ତ ସର୍ଭେ ଅନୁଯାୟୀ ଏନ୍‌ଡିଏ ମେଣ୍ଟକୁ ୨୬୪ ଆସନ ମିଳିବାକୁ ଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟକୁ ୧୪୧ ଓ ଅନ୍ୟ ଦଳଗୁଡ଼ିକୁ ୧୩୮ ଆସନ ମିଳିବା ଆଶା କରାଯାଉଛି। ଉତ୍ତରପ୍ରଦେଶରେ ବିରୋଧୀ ମେଣ୍ଟ ହୋଇ ନ ଥିଲେ ଏନଡିଏ ୩୦୭ ଆସନରେ ଜିତିଥାନ୍ତା ବୋଲି କୁହାଯାଇଛି।



"ଲୋକ ସଭା ନିର୍ବାଚନରେ ଦେଶର ଜନସାଧାରଣ ଭାଜପାକୁ ଆଶୀର୍ବାଦ ଦେବେ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପୁନଃ କ୍ଷମତାସୀନ ହେବ।"
**-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



"ମିଳିଥିବା ଐତିହାସିକ ଜନାଦେଶକୁ ବେକାର କରିବା ଓ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ ନ କରିବା ପାଇଁ ମୋଦି ସରକାର ସ୍ମରଣୀୟ ହୋଇ ରହିବ।"
**-କେ.ସି. ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ**



"ମୋଦି ସରକାର ଗରିବ ବିରୋଧୀ ଓ ପୁଞ୍ଜିପତିଙ୍କ ସପକ୍ଷବାଦୀ। ଏହି ସରକାର ଶାନ୍ତିଭଙ୍ଗ କରି ସାଧାରଣରେ ଅଶାନ୍ତି ସୃଷ୍ଟି କରିଛି।"
**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**



"ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଏବେ ସରକାରୀ କଳର ଅପବ୍ୟବହାରରେ ପୂର୍ଣ୍ଣଚ୍ଛେଦ ପଡ଼ିବ।"
**-ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ**



"ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ୫୪୩ ଆସନରୁ ୩୫୦ ଆସନ ଦଖଲ କରିବାରେ ସକ୍ଷମ ହେବ। ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ।"
**-ରାମବିଳାସ ପାଶ୍ୱାନ, ଲୋକ ଜନଶକ୍ତି ପାର୍ଟି ଅଧ୍ୟକ୍ଷ**



"ନିର୍ବାଚନ ତାରିଖ ଘୋଷଣା ସହ ଦେଶରେ ଲୋକଙ୍କ ସ୍ୱାର୍ଥ ପାଇଁ ଏକ ବଡ଼ ପରିବର୍ତ୍ତନର ଘୋଷଣା ହୋଇଛି। ଏବେ ଏନ୍‌ଡିଏ ପାଇଁ ପରାଜୟର ବେଳ ଆସିଛି।"
**-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**



"ମହାରାଷ୍ଟ୍ରରେ ଭାଜପା-ଶିବସେନାର ମେଣ୍ଟ ହେବା ପରେ ଏନ୍‌ଡିଏ ଅଧିକ ସୁଦୃଢ଼ ହୋଇଛି। ନିର୍ବାଚନର ଫଳ ଏନ୍‌ଡିଏ ସପକ୍ଷରେ ଆସିବ।"
**-ସଞ୍ଜୟ ରାଉତ୍, ଶିବସେନା ନେତା**





୧୯୫୯ ମାର୍ଚ୍ଚ ୧୦ରେ ତିବ୍ବତରେ ଚାଇନା ଶାସନ ବିରୋଧରେ ବିଦ୍ରୋହ ମୁଣ୍ଡ ଟେକିଥିଲା। ରବିବାର ଏହି ଆନ୍ଦୋଳନକୁ ୬୦ ବର୍ଷ ପୂରିଛି। ଏହି ଅବସରରେ ନିର୍ବାସିତ ତିବ୍ବତୀୟ କର୍ମୀ ଚେନ୍ନାଇରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ପ୍ରଚାରରେ କ୍ଷତିକାରକ ସାମଗ୍ରୀ ବ୍ୟବହାର ମନା

ପରିବେଶ ପ୍ରତି କ୍ଷତି ପହଞ୍ଚାଉଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ଏଭଳି ସାମଗ୍ରୀ ବ୍ୟବହାରରୁ ନିବୃତ୍ତ ରହିବା ଲାଗି ରବିବାର ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଅପରାଧ ବିବରଣୀର ବିଜ୍ଞାପନ ଦେବେ ପ୍ରାର୍ଥୀ

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ପ୍ରାର୍ଥୀମାନଙ୍କୁ ନିଜ ଅପରାଧ ସମ୍ପର୍କରେ ଟିଭି ଏବଂ ଖବରକାଗଜରେ ବିଜ୍ଞାପନ ଦେବାକୁ ହେବ। ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଏଭଳି ୩ ଥର ବିଜ୍ଞାପନ ପ୍ରକାଶ କରିବାକୁ ପଡିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ଅକ୍ଟୋବର ୧୦ରେ ଏହି ନିର୍ଦ୍ଦେଶନାମା ଜାରି ହୋଇଥିବାବେଳେ ଆଗାମୀ ଲୋକ ସଭା ନିର୍ବାଚନରେ ଏହା ପ୍ରଥମ ଥର ଲାଗୁ ହେବାକୁ ଯାଉଛି। ନିର୍ଦ୍ଦେଶନାମା ଅନୁଯାୟୀ ଦଳଗୁଡ଼ିକୁ ମଧ୍ୟ ସେମାନଙ୍କ ପ୍ରାର୍ଥୀଙ୍କ ଅପରାଧ ବିବରଣୀର ପ୍ରଚାର କରିବାକୁ ହେବ। ଯେଉଁ ପ୍ରାର୍ଥୀଙ୍କର ଅପରାଧ ରେକର୍ଡ ନ ଥିବ ସେମାନେ ତାହା ମଧ୍ୟ ଉଲ୍ଲେଖ କରିବେ। ପ୍ରାର୍ଥୀଙ୍କୁ ଏକ ସଂଶୋଧିତ ଫର୍ମ (ନମ୍ବର ୨୬) ପୂରଣ କରିବାକୁ ହେବ। ପ୍ରାର୍ଥୀ କେଉଁ ମାମଲାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି ଏବଂ କେତୋଟି ମାମଲା ବିଚାରାଧୀନ ରହିଛି ତାହା ଦଳକୁ ଜଣାଇବେ। ଦଳ ଉକ୍ତ ସୂଚନାକୁ ନିଜ ୱେବ୍‌ସାଇଟରେ ରଖିବେ। ଏହାର ଅବମାନନା କଲେ ଦଳର ସ୍ୱୀକୃତି ପ୍ରତ୍ୟାହାର ହେବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଳକୁ ମରେ;**
**ସବୁ ଚିରାକନା ଗଣ୍ଡିଲି କରେ,**
**ହକାଳି ହକାଳି ଶୁଖେଇ ମରେ ।**

ଗଣ୍ଡିଲି ଯାକ ଚିରାକନାକୁ ଧୋଇ ଶୁଖାଇବା ବଡ଼ କଷ୍ଟକର କାମ ହୋଇଥାଏ। ଏହା ଜାଣିବା ସତ୍ତ୍ୱେ ନିରୀହ ବ୍ୟକ୍ତି ନିଜ ଦୁଃଖକଷ୍ଟକୁ ଭୁଲି ସେଭଳି କାର୍ଯ୍ୟରେ ହାତଦେବାକୁ ବାଧ୍ୟ ହୋଇଥାନ୍ତି। ସାଧାରଣତଃ ସରଳ ପ୍ରକୃତି ବ୍ୟକ୍ତିଙ୍କ ଉପରେ ସମସ୍ତେ ଦାଉ ସାଧିଥାନ୍ତି। ଅନ୍ୟର ଛନ୍ଦ କପଟ ଜାଣୁ ନ ଥିବା ବ୍ୟକ୍ତି ସ୍ଥଳବିଶେଷରେ ହଇରାଣ ହରକତ ହେବା ସହ ଦୁଃଖଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛତରଛିଆଇ ପଟ;**
**ଛ'ମାସ ଜଗିଲି ଯମୁନା ଘାଟ,**
**ଦିନେ ନ ପାଇଲି ଭେଟ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ। ଯାହା ଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ନ ହୋଇ ପାରିବା କାରଣରୁ ମନରେ ଖେଦ ଭାବ ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ପାରା ବ୍ରିଗେଡଙ୍କୁ ସେନାଧ୍ୟକ୍ଷଙ୍କ ନିର୍ଦ୍ଦେଶ

## ମୁକାବିଲା ପାଇଁ ପ୍ରସ୍ତୁତ ରୁହ

**ନୂଆଦିଲ୍ଲୀ,୧୦।୩(ପି.ଟି.):** ସମ୍ଭାବ୍ୟ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ବିପିନ୍ ରାୱତ ରବିବାର ପାରା ବ୍ରିଗେଡ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବ୍ରିଗେଡ୍‌ର କାର୍ଯ୍ୟାନୁଷ୍ଠାନ ପ୍ରସ୍ତୁତିର ସମୀକ୍ଷା କରିବା ଅବସରରେ ରାୱତ ଏହା କହିଥିବା ସେନାର ଜନସମ୍ପର୍କ ଅଧିକାରୀ କଲୋନେଲ ମୋହିତ ବୈଷ୍ଣବ ସୂଚନା ଦେଇଛନ୍ତି। ପାରା ବ୍ରିଗେଡ ସୈନ୍ୟବାହିନୀର ଆକ୍ରମଣ କ୍ଷମତାକୁ ବହୁଗୁଣିତ କରିଥାଏ। ଏମାନେ ବିମାନରୁ ପାରାଚ୍ୟୁଟରେ ଖସି ଶତ୍ରୁପକ୍ଷ ଉପରେ ଆକ୍ରମଣ କରିଥାନ୍ତି। ୧୯୭୧ରେ ପାରା ବ୍ରିଗେଡଙ୍କ ପାଇଁ ପାକିସ୍ତାନୀ ସୈନ୍ୟବାହିନୀ ଢ଼ାକାରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା।

### ପୁଲ୍‌ୱାମାରେ ଏନ୍‌କାଉଣ୍ଟର

## ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୦।୩(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ରବିବାର ସୁରକ୍ଷା ବଳ ସହ ଗୁଳି ବିନିମୟ ଘଟି ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଉକ୍ତ ଜିଲାର ପିଙ୍ଗଲିଙ୍ଗ୍‌ରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ସର୍ଚ୍ଚ ଅପରେଶନ ଚଳାଇଥିଲା।



ଆତଙ୍କବାଦୀମାନେ ଉକ୍ତ ସୁରକ୍ଷା ବାହିନୀ ଉପରକୁ ଗୁଳି ଚଳାଇବାରୁ ସେମାନେ ଏହାର ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ଜାରି ରହିଥିଲା। ନିହତ ଆତଙ୍କବାଦୀଙ୍କ ପରିଚୟ ମିଳିନାହିଁ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

**!!ଋଣ ଋଣ ଋଣ!!**
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**GET INSTANT CASH AGAINST GOLD**
**GOLD CASH**™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**!! ଭଟକିବାରୁ ବଞ୍ଚନ୍ତୁ !!**
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

**FINANCE**
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**DANCE CLASS**
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

**ଋଣ**
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ଡିଜିଟାଲ ଉପକରଣ -କମ୍ପାନୀ-
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Dhanlaxmi Bank Finance**
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ତୁମର କଷ୍ଟର କାରଣ ଯାହାକିଛି ଥାଉନା କାହିଁକି,
ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅ ନାହିଁ।
- ଗୌତମ ବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ, ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷ, ଭଞ୍ଜକଳା ମଣ୍ଡପ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସରକାରୀ ସ୍ୱଳ୍ପବେତନଭୋଗୀ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ରାଜଭବନ ମୁଖ୍ୟ ଫାଟକ, ପୂର୍ବାହ୍ନ ୧୧ଟା ୩୫।
- ସ୍ରୀଷ୍ଟି ହାସ୍ୟରସାତ୍ମକ ନାଟକ ଉତ୍ସବର ତୃତୀୟ ସନ୍ଧ୍ୟାରେ 'ଠିଆପାଲା' ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ନାଟକ 'ସୀତାଚୋରି' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ସନ୍ଧ୍ୟା ୭ଟା।

**ସାକ୍ଷୀଗୋପାଳ**

- ବକୁଳବନ ମହୋତ୍ସବ, ପଞ୍ଚସଖା ସ୍ମୃତି ଭବନ, ପୂର୍ବାହ୍ନ ୧୧ଟା।

# ବାଣୀବିହାର ହଷ୍ଟେଲରେ ରାଜନୈତିକ ଗୁଣ୍ଡାଙ୍କ ଆଡ୍ଡା

## ପୋଲିସ ଚଢ଼ାଉ, ବିଦାହେଲେ ୧୦୦ରୁ ଊର୍ଦ୍ଧ୍ୱ ଅଣଛାତ୍ର



ବିଶ୍ୱବିଦ୍ୟାଳୟ ପରିସର ୭ନଂ. ହଷ୍ଟେଲରେ ପୋଲିସ ଟିମ୍ ଯାଞ୍ଚ କରୁଛି।

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ବର୍ଷ ବର୍ଷ ଧରି ଆଡ୍ଡା ଜମାଇଛନ୍ତି ଅଣଛାତ୍ର। ଏହି ଅଣଛାତ୍ରଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ରାଜନୈତିକ ଗୁଣ୍ଡା। ଏମାନେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପଦପଦବୀରେ ରହି ଆସିଛନ୍ତି। ଛାତ୍ର ସଂସଦ ନିର୍ବାଚନ ଓ କ୍ୟାମ୍ପସରେ ବିଭିନ୍ନ ସମୟରେ ହେଉଥିବା ଗଣ୍ଡଗୋଳ ଓ ଛାତ୍ର ଅଶାନ୍ତି ପଛରେ ହିଁ ଏମାନଙ୍କର ପ୍ରମୁଖ ଭୂମିକା ରହୁଛି। ବିଶ୍ୱବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିବା ଠିକାଦାରଙ୍କଠାରୁ ଦାଦାବଟି ନେଇ ଏମାନେ ମସ୍ତି କରୁଛନ୍ତି। ମଦ, ମାଂସ ଆସର ଜମାଉଛନ୍ତି। ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ସାମିଲ୍ କରି ବ୍ରାଉନସୁଗାର କାରବାରଠାରୁ ଆରମ୍ଭ କରି ଅନେକ ଅପରାଧ ଘଟାଉଛନ୍ତି। ଏହିଠାରୁ ହିଁ ପ୍ରସ୍ତୁତ ହେଉଛି ରାଜନୈତିକ ଅପରାଧର ବ୍ଲୁ ପ୍ରିଣ୍ଟ୍। ସବୁକିଛି ସମସ୍ତେ ଜାଣିଥିଲେ। ନିକଟରେ ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସ ଉପରେ ମାଡ଼ ହେବାପରେ ଚେତା ପଶିଛି। ଏହି ଘଟଣାରେ ଜେଲ୍ ଯାଇଥିବା ମୁଖ୍ୟ ଅଭିଯୁକ୍ତ ତଥା ବିଜେଡିରୁ ନିଲମ୍ବିତ ପ୍ରକାଶ ତ୍ରିପାଠୀ ଓ ସହଯୋଗୀଙ୍କ ଆଡ୍ଡା ବାଣୀବିହାରରେ ଥିବା ଜଣାପଡିଥିଲା। ପ୍ରକାଶ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଥିଲେ। ସେହିଭଳି ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଜେନା ମଧ୍ୟ ଗିରଫ ହୋଇଥିଲେ। ଏହା ପଦାକୁ ଆସିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ବଦନାମ ହୋଇଥିଲା। ରବିବାର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କ୍ୟାମ୍ପସରେ ଚଢ଼ାଉ କରିଛି। ୭ ନଂ. ହଷ୍ଟେଲରେ ରହୁଥିବା ୧୦୦ରୁ ଊର୍ଦ୍ଧ୍ୱ ଅଣଛାତ୍ରଙ୍କୁ ବିଦା କରାଯାଇଛି। ଉତ୍ତେଜନା ଆଶଙ୍କାରେ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ପ୍ରବେଶ କରିଥିଲା ପୋଲିସ। ୪ ପ୍ଲାଟୁନ ଫୋର୍ସ ସହ ଜୋନ୍-୫ ଏସିପି ଅନିଲ କୁମାର ମିଶ୍ର, ଶହୀଦନଗର ଥାନାଧିକାରୀ ବିରଞ୍ଚି ନାରାୟଣ ପତି, ନୟାପଲ୍ଲୀ ଥାନାଧିକାର ଅରୁଣ କୁମାର ସ୍ୱାଇଁ, ମଞ୍ଚେଶ୍ୱର ଥାନା ଅଧିକାରୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ୭ନଂ. ହଷ୍ଟେଲରେ ପହଞ୍ଚିଥିଲେ। କୁଳପତିଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା ଯାଞ୍ଚ। ପ୍ରଥମେ ୧୦ଜଣ ଅଣଛାତ୍ରଙ୍କୁ ହଷ୍ଟେଲରୁ ବାହାର କରାଯିବାବେଳେ ଆରମ୍ଭ ହୋଇଥିଲା ଉତ୍ତେଜନା। କିନ୍ତୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ପୋଲିସ ଯାଞ୍ଚ କରି ଶତାଧିକ ଅଣଛାତ୍ରଙ୍କୁ ବିଦା କରିଥିଲା। ବନ୍ଦ ଥିବା ୪ଟି ରୁମ୍‌ର ତାଲା ଭାଙ୍ଗି ଅଣଛାତ୍ରଙ୍କ ବିଭିନ୍ନ ସାମଗ୍ରୀ ଜବତ କରିବା ସହ ଆସବାବପତ୍ରକୁ ବାହାକୁ କାଢ଼ି ଦିଆଯାଇଥିଲା। ଅଣଛାତ୍ର ରହୁଥିବା ରୁମ୍‌ଗୁଡିକରୁ ବହୁ ବିଦ୍ୟୁତ୍ ହିଟର ସହ ମଦ ବୋତଲ, ଗଞ୍ଜେଇ ଚିଲମ ଓ ନିଶା ଦ୍ରବ୍ୟ ଜବତ କରିଛି ପୋଲିସ। ପରେ ଉକ୍ତ ହଷ୍ଟେଲକୁ ବନ୍ଦ କରି ଦିଆଯାଇଛି। ବିଦା ହୋଇଥିବା ଏହି ଅଣଛାତ୍ରଙ୍କଠାରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ତେବେ କ୍ୟାମ୍ପସରେ ଅଣଛାତ୍ରଙ୍କ ଆଡ୍ଡା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଥିଲେ ମଧ୍ୟ ସେମାନଙ୍କର ରାଜନୈତିକ ସମ୍ପୃକ୍ତି ରହୁଥିବାରୁ ବାହାର କରିବାକୁ ସାହସ କରୁ ନ ଥିଲେ।

- ୭ ନଂ. ହଷ୍ଟେଲ ବନ୍ଦ, ଭଡ଼ାରେ ଲାଗିଥିଲା ରୁମ୍
- ଜମୁଥିଲା ମଦ, ମାଂସ ଆସର; ଆସୁଥିଲେ ଅଜଣା ଝିଅ
- ପ୍ରସ୍ତୁତ ହେଉଥିଲା ଅପରାଧ ବ୍ଲୁ ପ୍ରିଣ୍ଟ୍

### ଭଡ଼ାରେ ଲାଗିଥିଲା ହଷ୍ଟେଲ ରୁମ୍

ବିଶ୍ୱବିଦ୍ୟାଳୟରେ ପଢୁଥିବା ବହୁ ଦୂରଦୂରାନ୍ତରର ଛାତ୍ର ରହିବା ପାଇଁ ହଇରାଣ ହେଉଥିବାବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲରେ ରହୁଥିଲେ ଅଣଛାତ୍ର। ହଷ୍ଟେଲର ୭୯ଟି ରୁମ୍ ଥିବାବେଳେ ୩୯ ରୁମ୍‌ରେ ଅଣଛାତ୍ର ରହୁଥିଲେ। ସେମାନେ ଏଥିପାଇଁ ମାସିକ ୨ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଭଡ଼ା ଦେଉଥିବା ଜଣାପଡିଛି। ସେସବୁ ରୁମ୍ କେଉଁ ଛାତ୍ରମାନଙ୍କ ନାଁରେ ରହିଥିଲା। ସେମାନେ କାହିଁକି ଭଡ଼ାରେ ଲଗାଇଥିଲେ ତାହାର ଖୋଳତାଡ଼ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### ରାଲି, ଧାରଣା, ଗଣ୍ଡଗୋଳରେ ସାମିଲ୍ ହେଉଥିଲେ

ଅଣଛାତ୍ରମାନେ ବିଶେଷକରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସହ ସମ୍ପର୍କ ରଖିଥିଲେ। ଡକରା ପାଇବାମାତ୍ରେ ରାଲି, ଧାରଣା କିମ୍ବା ଗଣ୍ଡଗୋଳରେ ସାମିଲ୍ ହେଉଥିଲେ। ଏଥିପାଇଁ ସେମାନେ ଟଙ୍କା ମଧ୍ୟ ପାଉଥିଲେ। ଅନେକ ସମୟରେ ପୋଲିସ ସହ ସମ୍ପର୍କ ରଖି ଜାତୀୟ ରାଜପଥରେ ଗୋରୁଗାଡି ଓ ଅନ୍ୟ ଗାଡିକୁ ଅଟକାଇ ଟଙ୍କା ଆଦାୟଠାରୁ ଆରମ୍ଭ କରି ଲୁଟ୍‌ପାଟ୍ କରୁଥିଲେ। ଏମାନେ ଅନେକ ସମୟରେ ହଷ୍ଟେଲକୁ ଅଜଣା ଯୁବତୀଙ୍କୁ ଆଣି ମଉଜ କରିବା ସହ ଦେହ ବ୍ୟବସାୟ କରୁଥିଲେ। ଯେଉଁ ଛାତ୍ରମାନେ ପ୍ରତିବାଦ କରୁଥିଲେ ସେମାନଙ୍କୁ ଟାର୍ଗେଟ କରି ହଇରାଣ କରୁଥିଲେ। ଏପରିକି ଧମକ ଚମକ ଦେବା ସହ ନିର୍ଯାତନା ମଧ୍ୟ ଦେଉଥିଲେ। ଏନେଇ ପୂର୍ବରୁ ଛାତ୍ରମାନେ ଅନେକ ଥର କୁଳପତିଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

### ଭୟରେ ଅନ୍ୟ ହଷ୍ଟେଲରୁ ଅଣଛାତ୍ର ଉଭାନ

ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ସମସ୍ତ ହଷ୍ଟେଲରେ ଅଣଛାତ୍ରମାନେ ରହି ଆସୁଛନ୍ତି। କର୍ତ୍ତୃପକ୍ଷ ଅନ୍ୟ ହଷ୍ଟେଲଗୁଡିକରୁ ଅଣଛାତ୍ରଙ୍କୁ ବିଦା କରିବାକୁ ଛାତ୍ରମାନେ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଉକ୍ତ ହଷ୍ଟେଲ ନିର୍ମାଣ ସରିବା ପରେ କର୍ତ୍ତୃପକ୍ଷ ଛାତ୍ରମାନଙ୍କୁ ଆଲର୍ଟମେଣ୍ଟ କରୁ ନ ଥିଲେ। ଅଣଛାତ୍ରମାନେ ସେଠାରେ ବଳପୂର୍ବକ ପଶି ରହୁଥିଲେ। ବିଶେଷ କରି ଏହି ଅଣଛାତ୍ରମାନଙ୍କୁ ରାଜନୈତିକ ଦଳ ବ୍ୟବହାର କରୁଥିଲେ। ଏକାସଙ୍ଗେ ସମସ୍ତ ହଷ୍ଟେଲରେ ଚଢ଼ାଉ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ୭ ନମ୍ବର ହଷ୍ଟେଲରେ ଚଢ଼ାଉ ପରେ ଅନ୍ୟ ହଷ୍ଟେଲରୁ ଅଣଛାତ୍ରମାନେ ପଳାଇଛନ୍ତି। ପରବର୍ତ୍ତୀ ସମୟରେ ପୁଣି ସେମାନେ ଆସି ଆଡ୍ଡା ଜମାଇବାର ଆଶଙ୍କା ରହିଛି।

## ଥାନା ଭଙ୍ଗାରୁଜା, ପୋଲିସକୁ ମାଡ଼ ମାମଲା ଆଉ ଜଣେ ଗିରଫ



ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ମାମଲାରେ ରବିବାର ଆଉ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ଭଦ୍ରକର ଲଲାଟେନ୍ଦୁ ମଲ୍ଲିକ। ତାଙ୍କୁ ପୋଲିସ ଭୁବନେଶ୍ୱର ଭିଏସ୍ଏସ୍‌ନଗରରୁ ଗିରଫ କରିଛି। ଆଇପିସି ଦଫା ୪୫୧,୧୪୭, ୨୯୪, ୩୩୬, ୩୩୨, ୩୩୩, ୩୦୭, ୪୨୭, ୧୪୯ ଓ ସେକ୍ସନ ୩ ବିଡିପି ଏବଂ ୮ ସିଆରଏଲ୍ ଅନୁଯାୟୀ (ମାମଲା ନଂ.୧୧୨/୧୯) ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଲଲାଟେନ୍ଦୁ ହେଉଛନ୍ତି ଶନିବାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ତଥା ନିଲମ୍ବିତ ବିଜେଡି ନେତା ପ୍ରକାଶ ତ୍ରିପାଠୀଙ୍କ ପ୍ରମୁଖ ସହଯୋଗୀ। ତେବେ ଲଲାଟେନ୍ଦୁ ଧରାପଡ଼ିବା ପରେ ଗିରଫ ସଂଖ୍ୟା ୯ରେ ପହଞ୍ଚିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି।

## ୬ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ



**ଖୋର୍ଦ୍ଧା ଅଫିସ,୧୦।୩:** ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୀଡିତା ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୭୬ (୩)(ଏ)(ବି), ୩୫୪(ବି), ୩୪୧, ୩୨୩, ୨୯୪, ୫୦୬, ୩୪ ଆଇପିସି, ୬ପୋକସ ଆକ୍ଟରେ ନଂ. ୬୨/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ, ଏକ ଗ୍ରୋସରୀ ଦୋକାନକୁ ନାବାଳିକା ସଉଦା ପାଇଁ ବିଭିନ୍ନ ସମୟରେ ଆସନ୍ତି। ତେବେ ବ୍ୟବସାୟୀଙ୍କ ୧୭ ବର୍ଷର ପୁଅ ବିଭିନ୍ନ ସମୟରେ ନାବାଳିକାଙ୍କୁ ଅସଦ୍‌ବ୍ୟବହାର କରନ୍ତି। ରବିବାର ବଳାତ୍କାର କରିଥିଲେ। ପୋଲିସ ଏହି ଘଟଣାରେ ବାପ ପୁଅଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୋମବାର ନାବାଳିକା ଓ ନାବାଳକଙ୍କ ଡାକ୍ତରୀମାଇନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

## ମହିଳାଙ୍କ ମୃତ୍ୟୁ ସନ୍ଦେହଘେରରେ

**ଖୋର୍ଦ୍ଧା ଅଫିସ,୧୦।୩:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଗଉଡିପାଟଣା ଗାଁରେ ଝୁନୁ ସାଥୁଆ (୩୬) ନାମ୍ନୀ ମହିଳାଙ୍କର ରବିବାର ମୃତ୍ୟୁ ହୋଇଛି। ଘରେ କେହି ନ ଥିବାବେଳେ ଝୁନୁ ନିଜେ କିରୋସିନ ଢାଳି ଆତ୍ମହତ୍ୟା କରିଛନ୍ତି ନାଁ ତାଙ୍କୁ କେହି ପ୍ରବର୍ତ୍ତାଇଛନ୍ତି ତାହା ଜଣାପଡିନି। ସିକୋ ଫାଣ୍ଡି ପୋଲିସ (୩/୧୯) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଝୁନୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭର୍ତ୍ତି କରାଯାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ। ବାପଘର ପକ୍ଷରୁ ହତ୍ୟା ଅଭିଯୋଗ ଉଠିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ଜଣାପଡିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଫାଣ୍ଡି ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ରବିବାର ସକାଳେ ଘରୁ ପୋଡା ଗନ୍ଧ ଆସିବା ପରେ ଝୁନୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିଲ୍‌ଡର ସଂସ୍ଥା ଅଫିସ୍ ସମ୍ମୁଖରେ ଧାରଣା

**୫ ବର୍ଷ ହେବ ହନ୍ତସନ୍ତ ଫ୍ଲାଟ କିଣିଥିବା ଲୋକେ**

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ରାଜଧାନୀ ଉପକଣ୍ଠରେ ଫ୍ଲାଟ ଯୋଗାଇଦେବାକୁ କହି ସମସ୍ତ ଦେୟ ନେବା ପରେ ବି ୫ ବର୍ଷ ଧରି ଅବହେଳା କରିଆସୁଥିବା ସମ୍ପୃକ୍ତ ବିଲ୍‌ଡର ସଂସ୍ଥା ଅଫିସ୍ ସମ୍ମୁଖରେ କ୍ରେତାମାନେ ଧାରଣା ଦେବା ସହ ବିରୋଧ ପ୍ରଦର୍ଶନ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ରାଜ ଆନନ୍ଦ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ୍ ନାମକ ବିଲ୍‌ଡର ସଂସ୍ଥା ବାଲିଅନ୍ତା ଅଣ୍ଡିଲୋ ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ୮୮ଜଣଙ୍କୁ ୨୦୧୦ରେ ଫ୍ଲାଟ କିଣେଇଦେବା ନେଇ ଚୁକ୍ତି କରିଥିଲା। ଆପାର୍ଟମେଣ୍ଟ ପରିସରରେ ସମସ୍ତ ପ୍ରକାର ସୁବିଧା ପ୍ରଦାନ ସାଙ୍ଗକୁ ୨୦୧୪ରେ ଫ୍ଲାଟଗୁଡ଼ିକୁ ହସ୍ତାନ୍ତର କରାଯିବାକୁ ଚୁକ୍ତି ହୋଇଥିଲା। ହେଲେ ୯ ବର୍ଷ ବିତିଯାଇଥିଲେ ମଧ୍ୟ ୬୦ରୁ ଊର୍ଦ୍ଧ୍ୱ କ୍ରେତା ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଘର ପାଇପାରିନାହାନ୍ତି। ସେପଟେ ଆପାର୍ଟମେଣ୍ଟ ପରିସରରେ ବାଉଣ୍ଡାରୀ ୱାଲ, ପାର୍କିଂ କାର୍ଯ୍ୟ ଅଧାହୋଇ ପଡ଼ିରହିଛି। ଫ୍ଲାଟ ପାଇପାରି ନ ଥିବା କ୍ରେତା ସିଦ୍ଧାର୍ଥ ଶଙ୍କର ସାହୁ ଏ ସମ୍ପର୍କରେ କହିଛନ୍ତି, ଉକ୍ତ ବିଲ୍‌ଡର ସଂସ୍ଥା ଆରମ୍ଭରୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଧାର୍ଯ୍ୟ ତାରିଖରେ କାମ ସାରି ହସ୍ତାନ୍ତର କରିନାହିଁ। ଆମକୁ ବ୍ୟାଙ୍କରେ ସୁଧ ଗଣିବାକୁ ପଡୁଛି। ଏପରି କି, ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁନି। ଯଥାଶୀଘ୍ର ଯଦି ଘର ହସ୍ତାନ୍ତର କରିବା ନେଇ ସମ୍ପୃକ୍ତ ବିଲ୍‌ଡର ସଂସ୍ଥା ଆମକୁ ନିର୍ଭର ପ୍ରତିଶ୍ରୁତି ନ ଦିଏ, ତା'ହେଲେ ସମସ୍ତ ଫ୍ଲାଟ ମାଲିକ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବୁ। ଏହାସହ ବିଲ୍‌ଡରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଧାରଣା ଦେବୁ। ଏ ନେଇ ସମ୍ପୃକ୍ତ ବିଲ୍‌ଡର ସଂସ୍ଥା ନିର୍ଦ୍ଦେଶକ ଆନନ୍ଦ ମୋହନ କହିଛନ୍ତି, ସମସ୍ତଙ୍କୁ ଘର ହସ୍ତାନ୍ତର କରାଯାଇଥିବା ବେଳେ ଅନେକ ଫ୍ଲାଟ ରେଜିଷ୍ଟ୍ରେଶନ ହୋଇପାରିନି। ଆପାର୍ଟମେଣ୍ଟ ପରିସରରେ ବାକିଥିବା ସମସ୍ତ କାର୍ଯ୍ୟକୁ ଆସନ୍ତା ୨ ମାସ ଭିତରେ ଶେଷ କରାଯିବ।

## ଡାକ୍ତରଙ୍କ ପାଖକୁ ଛାଡ଼ିଲେନି ସିକ୍ୟୁରିଟି

# ଚାଲିଗଲା ରୋଗୀଙ୍କ ଜୀବନ

କଟକ ଅଫିସ, ୧୦।୩

ପ୍ରବଳ ଛାତି ଯନ୍ତ୍ରଣା ହେଉଥିଲା। ପରିବାର ଲୋକେ ଚିକିତ୍ସା ନିମନ୍ତେ କଟକ ଏସ୍‌ସିବି ମେଡିକାଲର କାଜୁଆଲିଟିକୁ ଆଣିଥିଲେ। ସେଠାରେ ରୋଗୀଙ୍କୁ ଦେଖିବା ପରେ ଡାକ୍ତର ଏକ ଇଞ୍ଜେକ୍ସନ ଦେଇଥିଲେ। ୧୦ମିନିଟ୍ ଗଲେ ତାଙ୍କୁ ଡାକିବା ପାଇଁ ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ପରାମର୍ଶ ଦେଇ ଯାଇଥିଲେ। ତେଣୁ ରୋଗୀ ସମ୍ପର୍କୀୟ ଡାକ୍ତରଙ୍କୁ ଡାକିବାକୁ ଯାଇଥିଲେ ମଧ୍ୟ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଛାଡ଼ି ନ ଥିଲେ। ଜୋରକରି ପଶିବାରୁ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ମାଡ଼ ମାରିଥିଲେ। ଏହା ଭିତରେ ବହୁ ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ରୋଗୀଙ୍କ ଜୀବନ ଚାଲିଗଲା। ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲ କାଜୁଆଲିଟିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଉଛନ୍ତି କଟକ ସଦର ଥାନା ଅଧୀନ ବ୍ରାହ୍ମଣ ଝରିଲୋର ଝୁନା ଦାସ (୨୭)। କାଜୁଆଲିଟିରେ ତାଙ୍କ ମୃତଦେହ ରଖି ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। କାଜୁଆଲିଟି ମେଡିକାଲ ଅଫିସର ସୁଶାନ୍ତ ମିଶ୍ର କହିଛନ୍ତି ଯେ, ଘଟଣାର ସମାଧାନ ପାଇଁ ଉଦ୍ୟମ କରାଯାଉଛି।

## ଦିବ୍ୟାଙ୍ଗ ଶିଳ୍ପୀ ପ୍ରଭାସିନୀ ମିଶ୍ରଙ୍କୁ 'ଦିବ୍ୟ ବିଭୂତି ସମ୍ମାନ'

ଭୁବନେଶ୍ୱର,୧୦।୩(ବ୍ୟୁରୋ)



ବସନ୍ତ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଦିବ୍ୟ ବିହାର ନାଗରିକ ସମିତିର ଏକାଦଶତମ ମିଳନ ପର୍ବ ଓ ବସନ୍ତ ଉତ୍ସବ-୨୦୧୯ ରବିବାର ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ତଥା ଆଲୋଚକ ବାବାଜୀ ଚରଣ ପଟ୍ଟନାୟକ, ଶିକ୍ଷାବିତ୍ ତଥା ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ, ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ଚମ୍ପତି ପ୍ରମୁଖ ଯୋଗଦେଇ 'ବସନ୍ତ ଉତ୍ସବ'ର ମହତ୍ତ୍ୱ ଓ ମହାମିଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ।

**ବସନ୍ତ ଉତ୍ସବ ୨୦୧୯**

ଏହି ଉତ୍ସବରେ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗ ଶିଳ୍ପୀ ପ୍ରଭାସିନୀ ମିଶ୍ରଙ୍କୁ ଚଳିତବର୍ଷର 'ଦିବ୍ୟ ବିଭୂତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମିତି ସଭାପତି ରମେଶ ଦାସ ସଭା ପରିଚାଳନା କରିଥିବା ବେଳେ ବିଭୂତି ପ୍ରସନ୍ନ ଦାସ ମାନପତ୍ର ପାଠ କରିଥିଲେ। ସମ୍ପାଦକ ନବକିଶୋର ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୋନପୁର ବୀର ମହାରାଜପୁରର ଦୟାଲ ସଙ୍ଗୀତ ଏକାଡେମୀ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ତରଫରୁ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ସଭ୍ୟ ରବୀନ୍ଦ୍ର ପାତ୍ର, ସୁବାସ ସୁନ୍ଦରାୟ, ସୁବ୍ରତ ପାଇକରାୟ, ରଘୁନାଥ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଲଟିଲା ଅଟୋ: ନାବାଳିକା ସହ ୩ ଗୁରୁତର

ଗୋପ, ୧୦।୩(ଡି.ଏନ୍.ଏ.)

ପିପିଲି-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଏକ ଅଟୋ (ନଂ.ଓଆର୍୧୩ଇ-୩୧୮୯) ରବିବାର ସନ୍ଧ୍ୟା ୮ଟାରେ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିବାରୁ ଜଣେ ନାବାଳିକା ସମେତ ୩ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଜୁଣେଇ କୁନଙ୍ଗ ଗ୍ରାମର କବିତା ପାଣ୍ଡିଆ, ଛବି ନାୟକ, ଉଲ୍ଲାସ ପ୍ରଧାନ, କୃଷ୍ଣ ପାଣ୍ଡିଆ, ସୁପ୍ରିୟା ପ୍ରଧାନ, ରିଙ୍କି ପ୍ରଧାନ ନିମାପଡ଼ାରୁ କାର୍ଯ୍ୟସାରି ନିଜ ଗ୍ରାମକୁ ଯାଉଥିବାବେଳେ ବେଗୁନିଆ ଛକ ନିକଟରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ଯାତ୍ରୀମାନେ ଗୁରୁତର ହୋଇଥିଲେ। ଖବର ପାଇ ଗୋପ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରମାନଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଉଲ୍ଲାସ, କୃଷ୍ଣ ଓ ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗୋପ ପୋଲିସ ଘଟଣାସ୍ଥଳରେ ଦୀର୍ଘ ଦୁଇ ଘଣ୍ଟା ଧରି ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

## ଫଟୋରେ ଖବର





ରଙ୍ଗର ପର୍ବ ହୋଲି ପାଇଁ କଟକର ଦୁଇଟି ଦୋକାନରେ ବିକ୍ରି ପାଇଁ ରଖାଯାଇଥିବା ଅବିର, ପିଚକାରୀ ଓ ଅନ୍ୟାନ୍ୟ ସାମଗ୍ରୀ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସ୍ରୃଷ୍ଟି ହାସ୍ୟରସାତ୍ମକ ନାଟକ ଉତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ବାଞ୍ଛାର ବଗିଚା'ର ଏକ ଦୃଶ୍ୟ।



ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ପାଣି ଶୁଖେ ନାହିଁ,
ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବରଯାତ୍ରୀଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ
ବେକ, ହାତ କଟି ଗଭୀର ଆଘାତ

**ଭୁବନେଶ୍ୱର,୧୦।୩:** ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଜାମୁକୋଳି ଅଞ୍ଚଳରେ ରବିବାର ରାତିରେ ବର ଶୋଭାଯାତ୍ରା ବେଳେ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ଟେକି ନେଇ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଖଣ୍ଡା ଚୋଟରେ ଯୁବକଙ୍କ ବେକ, ହାତରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଞ୍ଚୁପଲ୍ଲୀ ଗ୍ରାମର ପ୍ରେମାନନ୍ଦ ଭାରୀମଲ୍ଲ(୨୭)। ସୂଚନା ଅନୁଯାୟୀ, ପୂର୍ବରୁ ଜମିବାଡି ବିବାଦକୁ ନେଇ ଜାମୁକୋଳି ଗ୍ରାମର ଗୋଟିଏ ପରିବାର ସହ ପ୍ରେମାନନ୍ଦଙ୍କ ଝଗଡା ହୋଇଥିଲା। ଏପରିକି କିଛିଦିନ ତଳେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଆଜି ରାତି ପ୍ରାୟ୧୦ଟା ବେଳେ ପ୍ରେମାନନ୍ଦ ଏକ ବର ଶୋଭାଯାତ୍ରାରେ ଜାମୁକୋଳି ଯାଇଥିବାବେଳେ ସେହି ଅଞ୍ଚଳରେ କେତେକ ଦୁର୍ବୃତ୍ତ ଟେକି ନେଇ ଖଣ୍ଡାରେ ଆକ୍ରମଣ କରି ପଳାଇଥିଲେ। ପରେ ସ୍ଥାନୀୟ ଲୋକେ ପ୍ରେମାନନ୍ଦଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡିଥିବାର ଦେଖି ହସ୍ପିଟାଲ ପଠାଇବା ସହ ଥାନାକୁ ଖବର ଦେଇଥିଲେ।

### କଲୋନୀବାସୀଙ୍କ ଦାବି ପୂରଣ ହେଲା

**ପୁରୁଣା ଭୁବନେଶ୍ୱର,୧୦।୩ (ଡି.ଏନ.ଏ.):** ସ୍ଥାନୀୟ ନୂଆଗାଁ-ବିଏମ୍‌ସି ଅଧୀନରେ ଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏଥିଲାଗି ବର୍ଷ ବର୍ଷ ଧରି ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅଞ୍ଚଳବାସୀ ରାସ୍ତା ମରାମତି ନେଇ ବିଭାଗକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ। ପରେ ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ରାସ୍ତା ମରାମତି ପାଇଁ ସ୍ୱତନ୍ତ୍ର ପାଣ୍ଠିରୁ ପ୍ରାୟ ୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଦାବି ପୂରଣ ହୋଇଥିବା ଜାଣିବା ପରେ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ଆଞ୍ଚଳିକ ବିକାଶ ପରିଷଦର ଆବାହକ ପଣ୍ଡାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।



ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ପକ୍ଷରୁ ଆୟୋଜିତ 'ସି ରକ୍ସ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଏକାଧିକ ଭୂମିକା ନିର୍ବାହ କରିପାରନ୍ତି ମହିଳା

**'ସି ରକ୍ସ' ଉଦ୍‌ଯାପିତ**

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ମହିଳାମାନେ ଏକାସାଙ୍ଗେ ଏକାଧିକ ଭୂମିକା ଓ ଦାୟିତ୍ୱ ତୁଲାଇବାର ଆଶୀର୍ବାଦ ପାଇଛନ୍ତି। ପ୍ରଥମେ ଝିଅ, ତା'ପରେ ସ୍ତ୍ରୀ ଓ ଶେଷରେ ମା'ର ଭୂମିକା। ଏହାସହ ସମାନ୍ତରାଳ ଭାବେ ନିଜ ବୃତ୍ତିକୁ ସମ୍ଭାଳିବା କୌଣସି ପୁରୁଷ ଏତେ ସହଜରେ କରିପାରିବେ ନାହିଁ। ନିଜର ପରିଚୟକୁ ନ ଭୁଲି ବହୁତ କିଛି ଏକାସାଙ୍ଗେ କରିବା ହିଁ ମହିଳାଙ୍କର ସ୍ୱତନ୍ତ୍ର ପରିଚୟ ବୋଲି ଜୈନ ଫାଉଣ୍ଡେଶନର ମୁଖ୍ୟ ତଥା ମହିଳା ଉଦ୍ୟୋଗୀ ଗାର୍ଗୀ ଭଟ୍ଟାଚାର୍ଯ୍ୟ କହିଛନ୍ତି।

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ପକ୍ଷରୁ ଆୟୋଜିତ 'ସି ରକ୍ସ' କାର୍ଯ୍ୟକ୍ରମରେ ଯୋଗଦେଇ ସେ ନିଜ ଉଦ୍ୟୋଗୀ ଜୀବନର ଅନୁଭୂତି ସମ୍ପର୍କରେ କହିଥିଲେ। ୩ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଥିବା ବେଳେ ଉଦ୍‌ଯାପନୀ ସମାରୋହରେ ରାଜ୍ୟର ବହୁ ଜଣାଶୁଣା ମହିଳା ଉଦ୍ୟୋଗୀ ଯୋଗଦେଇ 'ୱିମେନ୍ ଆଟ୍ ୱାର୍କ: ଦ ୱାର୍କ କଲ୍‌ଚର' ଉପରେ ବକ୍ତବ୍ୟ ରଖିଥିଲେ। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚ, ଗୀତ କାର୍ଯ୍ୟକ୍ରମ 'ସି ଆଇଡିଆ'ରୁ ଉଦ୍‌ଯାପନୀ ସମାରୋହ ଆରମ୍ଭ ହୋଇଥିଲା। ଏହାପରେ ୱେଲ୍‌ନେସ କୋଚ୍ ସଂଯୁକ୍ତା ମହାନ୍ତି ମହିଳାମାନେ କିଭଳି ପରିବର୍ତ୍ତିତ ସମୟ ଓ ବୟସ ସହ ନିଜକୁ ଫିଟ୍ ତଥା ସୁସ୍ଥ ରଖିପାରିବେ, ତାହା ଉପରେ କହିଥିଲେ। ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଏବଂ ଯଥେଷ୍ଟ ପାଣି ପିଇବାକୁ ସେ ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦେବା ସହ ନ୍ୟୁଟ୍ରିଶନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା କହିଥିଲେ। ଏହାପରେ ଜାମସେଦ୍‌ପୁର 'ଷ୍ଟୋରି ମଞ୍ଚ'ର ଷ୍ଟୋରିଟେଲର ରିତା ସିହ୍ନା 'ଆଇ ଥିଙ୍କ୍ ଆଇ କ୍ୟାନ୍'କୁ ନେଇ ଏକ ଛୋଟ ଝିଅର ଅନୁପ୍ରେରିତ କାହାଣୀ କହିଥିଲେ। ସେହିପରି 'ଆପଲ୍ ଉଡ୍'ର ପ୍ରତିଷ୍ଠାତା ଶାନ୍ତା ବଳିୟାରସିଂ, ରିତା ବଳିୟାରସିଂ, ୱିମେନ୍‌ସ କାଉନସିଲ୍ ଫର୍ ସୋସିଓ-ଇକୋନୋମିକ୍ ୱେଲ୍‌ଫେୟାର (ଡବ୍ଲ୍ୟୁସିଏସ୍‌ଡବ୍ଲ୍ୟୁ)ର ନିବେଦିତା ଶତପଥୀ 'ୱିମେନ୍ ଆଟ୍ ୱାର୍କ: ଦ ୱାର୍କ କଲ୍‌ଚର' ସମ୍ପର୍କରେ କହିଥିଲେ। ଏହି ଅବସରରେ 'ସି ରକ୍ସ'ରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଷ୍ଟଲ୍ ତଥା କୋକାଲାକା, ଏଚ୍‌ପିଏଲ୍, ସାଥି, ଆମ୍ରି ହସ୍ପିଟାଲ, ଟ୍ରେନ୍ ଗୁରୁ, ଏସ୍‌ବିଆଇ, ଡବ୍ଲ୍ୟୁସିଏସ୍‌ଡବ୍ଲ୍ୟୁକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଥମେ ଆଧୁନିକ ନୃତ୍ୟ ଓ ପରେ ଗୋଟିପୁଅ ନୃତ୍ୟକୁ ଏକାଡେମୀର ଶିଳ୍ପୀମାନେ ବେଶ୍ ଚିତ୍ତାକର୍ଷକ ଶୈଳୀରେ ମଞ୍ଚସ୍ଥ କରିଥିଲେ। ଏସ୍‌ପ୍ଲାନେଡ୍‌ର ମାର୍କେଟିଂ ମ୍ୟାନେଜର ଶ୍ୟାମା ଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଉଦ୍‌ଯାପନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଖରା ପାଇଁ ଫିକା ପଡ଼ିଲା ପଥ ଉତ୍ସବ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ଧୀରେ ଧୀରେ ଫିକା ପଡିଯାଉଛି ପଥ ଉତ୍ସବ। ଆଉ ଆଗଭଳି ଲୋକଙ୍କୁ ରାସ୍ତାରେ ଦେଖିବାକୁ ମିଳୁନି। କାଁ ଭାଁ ଲୋକେ ସକାଳୁ ପଥ ଉତ୍ସବକୁ ବୁଲି ଆସୁଛନ୍ତି। ଖରା ବଢୁଥିବାରୁ ଲୋକଙ୍କ ସଂଖ୍ୟା କମୁଥିବା କୁହାଯାଉଛି। ଏହାସହ ପଥ ଉତ୍ସବରେ ପୁରୁଣା ଝଲକ ମଧ୍ୟ ଦେଖିବାକୁ ମିଳୁନି। ହାତଗଣତି କେତୋଟି ସଙ୍ଗଠନ ପଥ ଉତ୍ସବରେ ସାମିଲ ହୋଇ ଷ୍ଟଲ ପକାଉଛନ୍ତି। କିନ୍ତୁ କିଛି ନୂତନତ୍ୱ ଦେଖିବାକୁ ମିଳୁନି। ଏପରିକି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମଧ୍ୟ କୌଣସି ଷ୍ଟାର କିମ୍ବା ଗୀତିକାର ଅଣାଯାଉ ନାହାଁନ୍ତି। ଯାହାଫଳରେ ଲୋକମାନେ ପଥ ଉତ୍ସବକୁ ମୁହଁ ମୋଡିବାର କାରଣ ବୋଲି ଅନେକ ପଥଚାରୀ କହିଛନ୍ତି।

ସବୁଥର ପରି ଏହି ରବିବାର ପ୍ରାୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ମାଷ୍ଟରକ୍ୟାଣ୍ଟିନ ମଞ୍ଚରେ ସଙ୍ଗୀତ ପରିବେଷଣ କରାଯାଉଥିବା ବେଳେ ରାମମନ୍ଦିର ମଞ୍ଚରେ ସଙ୍ଗୀତ ଓ ଡିଜେ କାର୍ଯ୍ୟକ୍ରମ କରାଯାଇଥିଲା। ଦର୍ଶକମାନେ ଡିଜେ ଓ ସଙ୍ଗୀତର ତାଳେ ତାଳେ ନାଚୁଥିବାର ଦେଖିବାକୁ ମିଳୁଥିଲା। ଅନ୍ୟ ଏକ ସ୍ଥାନରେ ଏକ ସଙ୍ଗଠନ ପକ୍ଷରୁ ଯୁବତୀଯୁବକଙ୍କୁ ନୃତ୍ୟ ପ୍ରଶିକ୍ଷଣ ଦିଆଯାଉଥିଲା। ଅନେକ ଯୁବପିଢି ସେଠାକୁ ଯାଇ ନୃତ୍ୟ ଶିଖିଥିଲେ। କେବଳ ନାଚଗୀତ ନୁହେଁ ପଥ ଉତ୍ସବରେ ଖେଳକୁଦ ମଧ୍ୟ କରାଯାଉଥିଲା। ଛୋଟ ଛୋଟ ପିଲାମାନେ ମୋ ସାଇକେଲ ଚଲାଉଥିବା ବେଳେ ଆଉ କେଉଁଠି ସାପସିଡି ଖେଳ ଛୋଟ ପିଲାମାନେ ଖେଳୁଥିଲେ। ଯୁବକ ଓ ବୟସ୍କମାନେ ଜନପଥରେ ଜିମ୍ କରିବା ସହ ବୁଲାବୁଲି କରିଥିଲେ। କେହି କେହି ନିଜର ପୋଷା କୁକୁରକୁ ପଥ ଉତ୍ସବକୁ ବୁଲାଇ ଆଣି ତାଙ୍କ ସହ ଖେଳୁଥିବା ଦେଖିବାକୁ ମିଳିଛି। ଆଉ ଏକ ସଙ୍ଗଠନ ପକ୍ଷରୁ ରାସ୍ତାକଡରେ ଲାଇବ୍ରେରି ଖୋଲାଯାଇଥିଲା। ଛୋଟରୁ ବଡ ସମସ୍ତେ ଉକ୍ତ ଲାଇବ୍ରେରିରୁ ବହି ଆଣି ପାଠ ପଢୁଥିଲେ।


ପଥ ଉତ୍ସବରେ ମହିଳା ଦିବସ ପରିପ୍ରେକ୍ଷୀରେ କରାଯାଇଥିବା ରଙ୍ଗୋଲି।



### ଶାନ୍ତିର ବାର୍ତ୍ତା ପାଇଁ ମଦର ଟେରେସାଙ୍କ ଚିତ୍ର

ସବୁଥର ଭଳି ଏଥର ମଧ୍ୟ ମୁରୁଜରେ କିଛି ନିଆରା ଚିତ୍ର ଦେଖିବାକୁ ମିଳିଥିଲା। ସାରା ବିଶ୍ୱରେ ଯେଭଳି ମଦର ଟେରେସା ଶାନ୍ତିର ବାର୍ତ୍ତା ବାଣ୍ଟିଥିଲେ ତାଙ୍କରି ଉଦ୍ଦେଶ୍ୟରେ ଜନପଥରେ ମୁରୁଜରେ ମଦର ଟେରେସାଙ୍କ ଚିତ୍ର ଅଙ୍କାଯାଇଥିଲା। ଯାହାକି ଦେଖିବାକୁ ବେସ୍ ଆକର୍ଷଣୀୟ ଥିଲା। ପଥଚାରୀମାନେ ଉକ୍ତ ମୁରୁଜ ଚିତ୍ର ନିକଟରେ ଛିଡା ହୋଇ ଫଟୋ ଉଠାଇବା ଦେଖିବାକୁ ମିଳିଥିଲା।

### ପ୍ରତିଭା ଦେଖାଇଲେ ବସ୍ତି ପିଲା

ବଣ ମଲ୍ଲି ବଣରେ ଫୁଟି ଝଡିଯିବା ଭଳି ବସ୍ତିର ଅନେକ ପିଲାଙ୍କ ପ୍ରତିଭା ବସ୍ତିରେ ହିଁ ଲୁଚ୍ଚାୟିତ ହୋଇ ରହିଯାଉଛି। ସେମାନଙ୍କ ପ୍ରତିଭା ପ୍ରଦର୍ଶନ ଲାଗି ପଥ ଉତ୍ସବରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ବସ୍ତିର ଛୋଟ ଛୋଟ ପିଲାମାନେ ଅତି ସୁନ୍ଦର ଭାବେ ନୃତ୍ୟ ପରିବେଷଣ କରିଥିଲେ। ଅନେକ ଲୋକେ ସେଠାରେ ଛିଡା ହୋଇ ନିଜର ମୋବାଇଲ୍‌ରେ ଭିଡିଓ କରି ନେଇଥିଲେ। ବିଶେଷ କରି ପଥ ଉତ୍ସବରେ ଯୁବତୀଯୁବକ ଆସୁଥିବାରୁ ସେମାନଙ୍କୁ ନଜର ରଖି କେତେକ ପିଲା ଗୋଲାପ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପ୍ରେମୀଯୁଗଳମାନେ ଗୋଲାପ କିଣି ନେଇ ଜନପଥରେ ବିଭିନ୍ନ ଢଙ୍ଗରେ ଫଟୋ ଉଠାଇବା ସହ ଟିକ୍ ଟକ୍ ଭିଡିଓ କରି ଏହାର ମଜା ନେଉଛନ୍ତି।



### ନୀରୋଗ ରହିବା ଲାଗି ଯୋଗ ସଚେତନତା

ସେହିପରି ରାସ୍ତାର ଏକ ପାର୍ଶ୍ୱରେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଯୋଗ କରାଯାଇଥିଲା। ଆଜିର ଅତ୍ୟାଧୁନିକ ଯୁଗରେ ଯେତେ ଔଷଧ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ନିରୋଗ ପାଇଁ ଯୋଗର ଆବଶ୍ୟକତା ରହିଛି। ତେଣୁ ନିୟମିତ ଯୋଗ କଲେ କିଭଳି ସୁସ୍ଥ ରହିବେ ସେନେଇ ମଧ୍ୟ ପଥଚାରୀଙ୍କୁ ଏକ ସଙ୍ଗଠନ ପକ୍ଷରୁ ସଚେତନତା କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଶ୍ୱେତାଶ୍ରୀ


ସ୍ୱାଗତିକା


ମଧୁସୂଦନ


ସବନମ୍


ଅଭିରାମ


ଲିପି


ସେଖ୍ ସୈଫୁଲ୍ଲା


ଦେବ


ମୋନାଲିସା


ରୁଦ୍ରମାଧବ



ତୁମେ ନିଜେ ଯେଉଁଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ



■ ପ୍ରାର୍ଥୀ ଚୟନ ନେଇ ବଦଳୁଛି ରାଜନୈତିକ ସମୀକରଣ

# ଭାଜପା ଛାଡ଼ି ବିଜେଡି ଯାଇପାରନ୍ତି ଜିତୁ ମିତ୍ର

**ବେଗୁନିଆରୁ ରାଜେନ୍ଦ୍ର ସାହୁ ବିଜେଡି ପ୍ରାର୍ଥୀ ହେଉଥିବା ଚର୍ଚ୍ଚା**

ଖୋର୍ଦ୍ଧା ଅଫିସ,୧୦।୩

ଖୋର୍ଦ୍ଧା ଓ ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରାର୍ଥୀ ଚୟନ ନେଇ ବଦଳିବାରେ ଲାଗିଛି ରାଜନୈତିକ ସ୍ଥିତି। ଭାଜପା ନେତା ଜ୍ୟୋତିରୀନ୍ଦ୍ରନାଥ ମିତ୍ର(ଜିତୁ) ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇପାରନ୍ତି। ଏନେଇ ତାଙ୍କୁ ଅଫର୍ ମିଳିଥିବା ସେ ସ୍ୱୀକାର କରିଛନ୍ତି। ହେଲେ ସେ କେବେ ଭାଜପା ଛାଡ଼ି ବିଜେଡିରେ ଯୋଗଦେବେ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧାର ବିଜେଡି ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଦଳୀୟ ସଙ୍ଗଠନ ଦାୟିତ୍ୱ ଦିଆଯିବା ସହ ବେଗୁନିଆ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହେବାକୁ ଦଳରୁ ନିର୍ଦ୍ଦେଶ ମିଳିଥିବା ଚର୍ଚ୍ଚା ହେଉଛି। ଯଦି ରାଜେନ୍ଦ୍ର ବେଗୁନିଆରୁ ବିଜେଡି ଟିକେଟ ପାଆନ୍ତି ତେବେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବାଦ୍ ପଡ଼ିପାରନ୍ତି। ଏ ନେଇ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ଜୋର ଧରିଛି।



ରାଜେନ୍ଦ୍ର ସାହୁ



ଜ୍ୟୋତିରୀନ୍ଦ୍ରନାଥ ମିତ୍ର

ଜ୍ୟୋତିରୀନ୍ଦ୍ର କହିଛନ୍ତି ଯେ, ତାଙ୍କୁ ଖୋର୍ଦ୍ଧାରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହେବାକୁ ଅଫର ମିଳିଛି। ଭାଜପାରେ ତାଙ୍କ ନେତୃତ୍ୱରେ ଦଳ ସଫଳତା ପାଇଥିଲେ ହେଁ ଅନ୍ୟଜଣେ ବ୍ୟକ୍ତିଙ୍କୁ ସମାନ୍ତରାଳ ସଙ୍ଗଠନ ଓ ଦଳୀୟ ସମାବେଶ କରିବାକୁ ସୁଯୋଗ ଦିଆଯିବା ତାଙ୍କୁ ବ୍ୟଥିତ କରିଥିଲା। ଏଣୁ ବିଜେଡିର ଅଫରକୁ ଅନୁଧ୍ୟାନ କରି ତ୍ୱରିତ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କୁ (ନଂ. ୯୪୩୭୦ ୪୮୪୭୮) ଏକାଧିକ ବାର ଯୋଗାଯୋଗ କରାଯାଇଥିବାବେଳେ ଫୋନ ଉଠାଇ ନ ଥିଲେ। ଚର୍ଚ୍ଚା ଅନୁସାରେ ବେଗୁନିଆ ଓ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ବିଜେଡିର ସ୍ଥିତି ଭଲ ରହିଛି। କିନ୍ତୁ ପ୍ରଶାନ୍ତ ଜଗଦ୍ଦେବ ଲୋକପ୍ରିୟତା ହରାଇଛନ୍ତି ବୋଲି ଦଳ କୁଆଡେ ଅନୁଭବ କରୁଛି। ପ୍ରଶାନ୍ତ ପ୍ରାର୍ଥୀ ହେଲେ ବେଗୁନିଆ ଆସନ ବିଜେଡି ହରାଇପାରେ। ଏଣୁ ଖୋର୍ଦ୍ଧାରେ ଭାଜପା ନେତା ଜିତୁଙ୍କୁ ବିଧାୟକ ପ୍ରାର୍ଥୀଭାବେ ଅବସ୍ଥାପିତ କରାଯାଇ ଖୋର୍ଦ୍ଧା ବିଧାୟକ ସାହୁଙ୍କୁ ବେଗୁନିଆରୁ ପ୍ରାର୍ଥୀ ହେବାକୁ କୁହାଯାଉଛି। ଏନେଇ ପ୍ରଶାନ୍ତଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ହେଲେ ଜିତୁଙ୍କ ନାଁ ଚର୍ଚ୍ଚାକୁ ଆସିବା ପରେ ଖୋର୍ଦ୍ଧା ବିଧାୟକଙ୍କ ସମର୍ଥକମାନେ ପ୍ରତିବାଦ କରୁଛନ୍ତି। ଏଭଳି ପ୍ରଚାର ପରେ ସୋସିଆଲ ମିଡିଆରେ ସାହୁଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରାଯାଉ ପ୍ରଚାର ଆରମ୍ଭ ହୋଇଯାଇଛି।

ଅନ୍ୟପକ୍ଷରେ ଜିତୁ ବିଜେଡିକୁ ଯିବା ନେଇ ଚର୍ଚ୍ଚା ହେବା ପରେ ଭାଜପା ପକ୍ଷରୁ ରବିବାର ଦଳୀୟ ଅଫିସରେ ବୈଠକ ବସିଥିଲା। ଜଣେ ଆଞ୍ଚଳିକ ନେତାଙ୍କ ସୂଚନା ଅନୁସାରେ କର୍ମୀ ଓ ଆଞ୍ଚଳିକ ନେତାମାନେ କ୍ଷୋଭ ପ୍ରକାଶ କରିବା ପରେ ଜିତୁ ନିଜର ଅଙ୍ଗେନିଭା କଥା କହିଥିଲେ। ନବୀନ ନିବାସ ପକ୍ଷରୁ ଶନିବାର ଓ ଶୁକ୍ରବାର ୨ଦିନ ଧରି ଫୋନ ଆସିବା ପରେ ସେ ଯାଇଥିଲେ। କିନ୍ତୁ ସେ ୨୦୧୪ର ଘଟଣା ଭୁଲି ନ ଥିବା କହିଥିଲେ। କାରଣ ୨୦୧୪ ନିର୍ବାଚନରେ ରାତି ୭ଟା ପର୍ଯ୍ୟନ୍ତ ଟିକେଟ ମିଳୁଛି ବୋଲି କୁହାଯାଇଥିଲା। କିନ୍ତୁ ରାତି ୧୨ଟାରେ ଟିକେଟ ବର୍ତ୍ତମାନର ବିଧାୟକଙ୍କୁ ଦିଆଯାଇଥିଲା। ଏଣୁ ଭାଜପାରୁ ଇସ୍ତଫା ଦେବା ପରେ ବିଜେଡି ଟିକେଟ୍ ଦିଆଯିବ ବୋଲି କିଛି ଗ୍ୟାରେଣ୍ଟି ନ ଥିବା ଜିତୁ କର୍ମୀମାନଙ୍କୁ କହିଥିବା ଜଣାପଡ଼ିଛି।

ସେହିପରି ଖୋର୍ଦ୍ଧା ବିଧାୟକ ସାହୁ ବିଡିଏ କଲ୍ୟାଣ ମଣ୍ଡପରେ ଅନୁରୂପ ଭାବେ ସଭା କରି ଦଳର ନୀତି ମାନିବାକୁ କର୍ମୀଙ୍କୁ କହିଥିବା ଜଣାପଡ଼ିଛି। ଦଳର ସଙ୍ଗଠନ ଦାୟିତ୍ୱ ମିଳିଥିବାରୁ ପ୍ରତିବାଦ କରିବା ଠିକ୍ ନୁହେଁ ବୋଲି ପରାମର୍ଶ ଦେଇଛନ୍ତି ବୋଲି ଜଣେ କର୍ମୀ କହିଛନ୍ତି। ତେବେ ଦେଖିବାକୁ ରହିଲା କିଏ କେଉଁଠି ଏବଂ କେଉଁ ଦଳର ପ୍ରାର୍ଥୀ ହେଉଛନ୍ତି।

■ କଟକରେ ତୀରନ୍ଦାଜୀ କୁଇନ ଦୀପିକା

# ସଙ୍ଗୀତରୁ ଭଲ ପ୍ରଦର୍ଶନ ପାଇଁ ପ୍ରେରଣା ପାଏ

**ଭାରତୀୟ ତୀରନ୍ଦାଜୀ କ୍ରୀଡ଼ାରେ ଚର୍ଚ୍ଚିତ ଚେହେରା ହେଉଛନ୍ତି ଦୀପିକା କୁମାରୀ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଦୀପିକା ଭାରତୀୟ ମହିଳା ତୀରନ୍ଦାଜୀ କ୍ରୀଡ଼ାର ମଙ୍ଗ ଧରିବା ସହ ଦେଶ ପାଇଁ ଅନେକ ପଦକ ବିଜୟୀ ହୋଇ ସାରିଲେଣି । ଜୁନିୟର ବର୍ଗରେ ପ୍ରତିନିଧିତ୍ୱ କରୁଥିବା ବେଳେ ସେ ବିଶ୍ୱକପ୍ ଟାଇଟଲ ମଧ୍ୟ ବିଜୟୀ ହୋଇଥିଲେ। କ୍ରୀଡ଼ା କ୍ଷେତ୍ରରେ ଅବଦାନ ପାଇଁ ୨୦୧୨ ମସିହାରେ ଅର୍ଜୁନ ପୁରସ୍କାର ଓ ୨୦୧୬ରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିବା ଦୀପିକା ବାରବାଟୀରେ ଚାଲିଥିବା ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କ ସହ ସାକ୍ଷାତ୍‌କାର**

ସାକ୍ଷାତ: କୁମାରଶ୍ରୀ



ଦୀପିକା କୁମାରୀ

**ଝାଡ଼ଖଣ୍ଡର ଝିଅ ଏବେ ଭାରତୀୟ ତୀରନ୍ଦାଜୀର ମୁଖ୍ୟ ଖେଳାଳି ଯାତ୍ରା କିପରି ରହିଥିଲା?**

❖ ତୀରନ୍ଦାଜୀ ସହିତ ପୂର୍ବରୁ ପରିଚିତ ନ ଥିଲି। ଖେଳ ବିଷୟରେ ଜାଣିବା ପରେ ଏଥିରେ ସାମିଲ ହେବାକୁ ଇଚ୍ଛା ହୋଇଥିଲା। ଦାମୀ ଖେଳ ସରଞ୍ଜାମ କିଣିବାକୁ ପଇସା ନ ଥିବାରୁ ଘରେ ବାଉଁଶରେ ତିଆରି ଧନୁ ଓ ତୀର ତିଆରି କରି ଶିଖିବା ଆରମ୍ଭ କରିଥିଲି। ସମୟକ୍ରମେ ଖେଳ ସହିତ ଜଡ଼ିତ ହେଲି। ଇଣ୍ଡିଆନ ରାଉଣ୍ଡ ପ୍ରଥମେ ଖେଳିବା ପରେ ରିକର୍ଭ ରାଉଣ୍ଡ ପ୍ରଶିକ୍ଷଣ ନେଇଥିଲି। ପରେ ଟାଟା ତୀରନ୍ଦାଜୀ ଏକାଡେମୀରେ ଭର୍ତ୍ତି ହୋଇଥିଲି। ପ୍ରଥମ ବର୍ଷରୁ ହିଁ ମୋତେ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ଖେଳିବାର ସୁଯୋଗ ମିଳିଥିଲା ।

**ଝାଡ଼ଖଣ୍ଡରେ ତୀରନ୍ଦାଜୀ ଓ କ୍ରୀଡ଼ାବିତଙ୍କ ଭବିଷ୍ୟତ କିପରି ଅଛି?**

❖ ଭଲ ଅଛି ବୋଲି କହି ପାରିବି ନାହିଁ। କାରଣ ମୁଁ ବି ରାଞ୍ଚିରେ ନ ରହି ଜାମସେଦପୁରରେ ରହି ପ୍ରଶିକ୍ଷଣ ନେଇଛି। ଅଧିକ ସମୟ ମୋର ସେଠାରେ କଟିଛି। ଝାଡ଼ଖଣ୍ଡରେ ଭିତ୍ତିଭୂମିର ଅଭାବ ରହିଛି ବୋଲି କହି ପାରିବି ।

**ଖେଳ ବାଦ୍ ସଙ୍ଗୀତ ଓ ଖାଇବା ଉପରେ ଆପଣଙ୍କର ଦୁର୍ବଳତା ଅଛି । କେଉଁ ଗୀତ ଶୁଣିବାକୁ ଭଲ ପାଆନ୍ତି ଓ କ'ଣ ଖାଇବାକୁ ବେଶି ଇଚ୍ଛା କରନ୍ତି?**

❖ ସଙ୍ଗୀତ ଓ ଖାଇବା ମୋର ସବୁଠାରୁ ଦୁଇଟି ବଡ଼ ଦୁର୍ବଳତା। ଦିନକୁ ଦିନ ମୋଟି ହେବାରେ ଲାଗିଛି, ମାନେ ବୁଝି ପାରୁଥିବେ ଖାଇବାକୁ କେତେ ଭଲପାଏ। ଖାଇବାରେ ସେମିତି କିଛି ନିର୍ଦ୍ଦିଷ୍ଟ ରୁଚି ନାହିଁ। ଏହାଛଡ଼ା ସଙ୍ଗୀତ ମାନେ ସ୍ଲୋ-ମ୍ୟୁଜିକ ବେଶି ପସନ୍ଦ। ୯୦ ଦଶକର ତଥା ପୁରୁଣା ଗୀତ ଗୁଡ଼ିକ ବେଶି ଶୁଣି ଥାଏ। ଯେତେ ଚାପରେ ଥିଲେ ବି ଗୀତ ମୋତେ ରିଲାକ୍ସ କରିବା ସହ ଆଗକୁ ଯିବା ପାଇଁ ପ୍ରେରଣା ଦିଏ ବୋଲି ମୁଁ ଭାବେ।

**ଭାରତରେ ତୀରନ୍ଦାଜୀର ଭବିଷ୍ୟତ କିପରି ଦେଖୁଛନ୍ତି?**

❖ ସମୟ ଲାଗିବ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବା ପାଇଁ। କାରଣ ବର୍ତ୍ତମାନ ପରିସ୍ଥିତିରେ ସିନିୟର ଖେଳାଳିମାନେ ଖେଳଠାରୁ ଦୂରେଇ ଯିବା ସହ ପ୍ରଦର୍ଶନ ମଧ୍ୟ ଭଲ କରି ପାରୁନାହାନ୍ତି। ଜୁନିୟରମାନେ ଖେଳରେ ଅଧିକ ସମୟ ତିଷ୍ଠି ପାରୁନାହାନ୍ତି। ସମୟ ଦିଆଯାଉ ଖେଳ ଓ ଖେଳାଳିମାନଙ୍କୁ। ଭାରତର ପ୍ରଦର୍ଶନ ନିଶ୍ଚିତ ଭାବେ ଭଲ ରହିବ ବୋଲି ଆଶା।

**ଯେମିତି ସଚିନ ତେନ୍ଦୁଲକର ଗ୍ରାଉଣ୍ଡକୁ ଯିବା ପୂର୍ବରୁ ବାମ ପାର୍ଶ୍ୱର ପ୍ୟାଡ୍ ଆଗ ବାନ୍ଧନ୍ତି। ତାହା ସଚିନଙ୍କର ଏକ ଅନ୍ଧବିଶ୍ୱାସ ବୋଲି ବିଚାର କରାଯାଏ। ସେମିତି ଦୀପିକା ମୁକାବିଲାକୁ ଓହ୍ଲାଇବା ପୂର୍ବରୁ କ'ଣ କରନ୍ତି?**

❖ ସେମିତି କିଛି କାର୍ଯ୍ୟର ପ୍ରଭାବ ଖେଳରେ ପଡ଼େ ବୋଲି ମୁଁ ବିଶ୍ୱାସ କରେନି। କୌଣସି ଖେଳାଳି କିମ୍ବା ସାଧାରଣ ଲୋକ ଏପରି କରି ନିଜର ମାନସିକତାକୁ ଶକ୍ତ କରିବା ଭୁଲ ନୁହେଁ। ଏହାର ପ୍ରଭାବ ଥାଏ ବୋଲି ମଧ୍ୟ ଅବିଶ୍ୱାସ କରି ହେବନି। ହେଲେ ପରିଶ୍ରମ ଠିକ ରହିଲେ ଭଗବାନ ଫଳ ଦେବେ ବୋଲି ମୋର ବିଶ୍ୱାସ।



ପୁରୀ ଜଗନ୍ନାଥ ବଲ୍ଲଭ ପରିସର ବେଣ୍ଟ ପୋଖରୀରେ ରବିବାର ଶ୍ରୀଜୀଉଙ୍କ ବେଣ୍ଟ ନୀତି ସମ୍ପନ୍ନ କରାଯାଉଛି।

# ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ

ଗୋପ, ୧୦।୩(ଡି.ଏନ୍.ଏ.)

ଗୋପ ଥାନା ବଡ଼ତରା ପଞ୍ଚାୟତସ୍ଥିତ ଓଗାଳପୁର ଗ୍ରାମର ବାସନ୍ତୀ ଭୋଇ (୪୫) ପୂର୍ବାହ୍ନରେ ଗାଁ ପୋଖରୀରୁ କଙ୍କଡ଼ା ଧରିବା ଲାଗି ଗାତରେ ହାତ ଭର୍ତ୍ତି କରୁଥିବା ସମୟରେ ଏକ ବିଷାକ୍ତ ସାପ ଦଂଶନ କରିଥିଲା। ପରିବାର ଲୋକେ ବାସନ୍ତୀଙ୍କୁ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁରୀ ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ୫/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ନଦୀବନ୍ଧ ଖାଉଛି ମଙ୍ଗଳା ମୁହାଣ

ପୁରୀ ଅଫିସ, ୧୦।୩

ନଦୀବନ୍ଧ ଖାଉଛି ମଙ୍ଗଳା ମୁହାଣ। ବିଭିନ୍ନ ସମୟରେ ପୋତି ହୋଇପଡୁଥିବା ମଙ୍ଗଳା ମୁହାଣ ଏବେ ନଦୀବନ୍ଧ ଖାଇବା ଚିନ୍ତାର ବିଷୟ ପାଲଟିଛି। ଯେତେବେଳେ ସମୁଦ୍ର ଫୁଲିଉଠୁଛି ସେତେବେଳେ ମୁହାଣ ଅଧିକ ମେଲି ଉଭୟ ପାର୍ଶ୍ୱ ନଦୀବନ୍ଧ ଖାଉଛି। ହୋଟେଲ ଷ୍ଟର୍ଲିଂ ପାର୍ଶ୍ୱ ଅପେକ୍ଷା ଏହାର ଅପର ପାର୍ଶ୍ୱ ଅଧିକ ମାତ୍ରାରେ ଖାଇଚାଲିଛି। ଏହାକୁ ନେଇ ପରିବେଶବିତ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ହୋଟେଲ ଷ୍ଟର୍ଲିଂ ନିକଟ ସମୁଦ୍ରରେ ମିଶିଛି ମଙ୍ଗଳା ନଦୀ। ଏହାକୁ ମଙ୍ଗଳା ମୁହାଣ କୁହାଯାଉଛି। ୨୦୦୭ରେ ଏହି ମୁହାଣ ପୋତିହୋଇ ନଦୀ ଗତିପଥ ପରିବର୍ତ୍ତନ କରିଥିଲା। ସେହିପରି ୨୦୧୬ ଅଗଷ୍ଟରେ ମଙ୍ଗଳା ନଦୀ ମୁହାଣ ଜଳ ନିଷ୍କାସନ ପଥ ବନ୍ଦ ହୋଇଥିଲା। ପ୍ରାକୃତିକ ମୁହାଣ ପୋତିହେବା ଫଳରେ ନଦୀ ଗତିପଥ ପରିବର୍ତ୍ତନ କରିଥିଲା। କିନ୍ତୁ ଏବେ ନଦୀର ଗତିପଥ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ମୁହାଣ ନଦୀବନ୍ଧକୁ ଖାଇବାରେ ଲାଗିଛି। ନଦୀବନ୍ଧରୁ ଅତଡ଼ାମାନ ଖସି ମୁହାଣରେ ଲୀନ ହେଉଛି। ଫଳରେ ସମୁଦ୍ର କୂଳକୁ ଲମ୍ବିଥିବା ମୋରମ୍ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

# ପାରିଶ୍ରମିକ ମାଗିବାରୁ ମାଡ଼ମାରି କରେଣ୍ଟ ଦେଲେ

**ତିନିଦିନ ପରେ ବି ଚୁପ୍ ବସିଛି ପୋଲିସ**

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ପାରିଶ୍ରମିକ ନ ଦେଇ ମାଡ଼ ମାରିଲେ। କରେଣ୍ଟ ଲଗାଇ ମାରିଦେବାକୁ ଉଦ୍ୟମ କଲେ। ସେଠାରୁ ଜୀବନ ବଞ୍ଚାଇ ଖସି ଆସିବା ପରେ ଥାନାର ଦ୍ୱାରସ୍ଥ ହେଲେ। ଅଭିଯୋଗର ୩ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ। ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଓ କର୍ମଚାରୀଙ୍କ ଏଭଳି ନିର୍ଯାତନାର ଶିକାର ହୋଇଛନ୍ତି ତ୍ରିଲୋଚନ ପାଢ଼ୀ (୪୦)।

ଅଭିଯୋଗ ଅନୁସାରେ, ତ୍ରିଲୋଚନଙ୍କ ଘର କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନାଞ୍ଚଳରେ ହୋଇଥିବାବେଳେ ଶୈଳଶ୍ରୀବିହାରରେ ରୁହନ୍ତି। ବିଡିଏ କଲୋନୀରେ ଥିବା ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାରେ ସେ ୬ ମାସ ଧରି କାର୍ଯ୍ୟ କରିଥିଲେ। ତାଙ୍କ ପାରିଶ୍ରମିକ ବାବଦକୁ ୩୫ ହଜାର ଟଙ୍କା ପାଇବାକୁ ଥିଲା। ମାଲିକ ଏଥିପାଇଁ ୩ଟି ଚେକ୍ ଦେଇଥିଲେ। ଗତ ଡିସେମ୍ବର୨୫, ଜାନୁୟାରୀ ୧୫ ଏବଂ ୨୬ ତାରିଖରେ ଚେକଗୁଡିକ ଲଗାଇବା ପରେ ତାହା ବାଉନ୍ସ ହୋଇଯାଇଥିଲା। ଏ ନେଇ ତ୍ରିଲୋଚନ ସଂସ୍ଥାର ମାଲିକଙ୍କ ଜଣାଇବା ସହ ଟଙ୍କା ମାଗିଥିଲେ। ମାତ୍ର ମାଲିକ ଜଣକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକାଇବା ସହ ଶୀଘ୍ର ଭୁବନେଶ୍ୱର ଛାଡ଼ି ପଳାଇଯିବାକୁ କହିଥିଲେ। ୩ଦିନ ତଳେ ସେ ପୁଣି ମାଲିକଙ୍କ ନିକଟକୁ ଟଙ୍କା ପାଇଁ ଯାଇଥିବାବେଳେ ୪ଜଣ କର୍ମଚାରୀଙ୍କ ସହ ମିଶି ତାଙ୍କୁ ମାଡ଼ ମାରିଥିଲେ। ପରେ ଦେହରେ କରେଣ୍ଟ ଲଗାଇ ଦେଇଥିଲେ ବୋଲି ତ୍ରିଲୋଚନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଆର୍ଥିକ ଠକେଇ ନେଇ ପ୍ରତିଦିନ ଅନେକ ଲୋକ ଆସୁଛନ୍ତି। ତେଣୁ ସମସ୍ତଙ୍କ ସମସ୍ୟାକୁ ନେଇ ମାମଲା ରୁଜୁ କରିବା ସମ୍ଭବ ନୁହେଁ। ଯେହେତୁ ତ୍ରିଲୋଚନଙ୍କୁ ମାଡ଼ ମରାଯାଇ କରେଣ୍ଟ ଦେବାର ଅଭିଯୋଗ ହୋଇଛି, ଏହି ଘଟଣାରେ ପୋଲିସ ତାଙ୍କୁ ନ୍ୟାୟ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ତଦନ୍ତ ପାଇଁ କଲିକତା ଗଲା ଏସ୍‌ଟିଏଫ୍ ଟିମ୍

■ ଗିରଫ ଦୁଇଜଣଙ୍କୁ ରିମାଣ୍ଡରେ ଆଣିବା ଯୋଜନା

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ବାଲେଶ୍ୱର ଜିଲା ରୁପ୍‌ସା ଥାନା ଅଞ୍ଚଳରୁ ଚାଲାଣବେଳେ ପଶ୍ଚିମବଙ୍ଗ ପୋଲିସ ଟ୍ରକ୍ ସହ ୧୦ କୁଇଣ୍ଟାଲ ବିସ୍ଫୋରକ ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଡ୍ରାଇଭର ଓ ଅନ୍ୟ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ସେମାନେ ଏତେ ପରିମାଣର ବିସ୍ଫୋରକ କେଉଁଠିକୁ ନେଉଥିଲେ ଓ ଏହା ପଛରେ ମାଷ୍ଟରମାଇଣ୍ଡ୍ କିଏ ସେନେଇ ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଖୋଳତାଡ଼ ଆରମ୍ଭ କରିଛି। ଗିରଫ ଦୁଇଜଣଙ୍କୁ ପଚରାଉଚରା ଚଳାଇଥିବାବେଳେ ଓଡ଼ିଶା ଲିଙ୍କ୍ ଥିବା ସୂଚନା ମିଳିଛି। ତେଣୁ ଓଡ଼ିଶା ଏସ୍‌ଟିଏଫ୍ ଟିମ୍ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ପାଇଁ ରବିବାର କଲିକତା ଯାତ୍ରା କରିଛି। ସେମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ ସ୍ଥାନୀୟ କୋର୍ଟରେ ଆବେଦନ କରିବ ବୋଲି ଏସ୍‌ଟିଏଫ୍ ଏସ୍‌ପି କେ.କେ ଭୋଇ କହିଛନ୍ତି।

**ବିସ୍ଫୋରକ ଜବତ ହେବା ଘଟଣା**



ଶୁକ୍ରବାର ରାତିରେ ବାଲେଶ୍ୱର ରୂପସା ଥାନା ଅନ୍ତର୍ଗତ ବାମଡ଼ା ଗ୍ରାମରୁ ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲା। ଓଡ଼ିଶା ସୀମା ନିକଟ ୧୬ ନଂ. ଜାତୀୟ ରାଜପଥର ଜାନ୍ତୁନଠାରୁ ୧୨ କିମି ଦୂର ଦୁର୍କି ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳକୁ ଏହି ସାମଗ୍ରୀ ନିଆଯାଉଥିଲା। ଗିରଫ ଡ୍ରାଇଭର ଇନ୍ଦ୍ରଜିତଙ୍କ ଘର ବସ୍ତା ଥାନାଞ୍ଚଳରେ ଓ ସହଯୋଗୀ ପଦ୍ମଲୋଚନଙ୍କ ଘର ମଥାନୀ ଗ୍ରାମରେ। ତାଙ୍କ ବୟାନକୁ ଆଧାର କରି ପଶ୍ଚିମବଙ୍ଗ ପୋଲିସ କହିଛି ଯେ, ଉକ୍ତ ଟ୍ରକର ମାଲିକ ରୂପସା ଅଞ୍ଚଳର ତପନ ମହାପାତ୍ର। ତେଣୁ ଘଟଣାକୁ ଗୁରୁତ୍ୱର ସହ ନେଇଛି ପଶ୍ଚିମବଙ୍ଗ ପୋଲିସ ଓ ଓଡିଶା କ୍ରାଇମବ୍ରାଞ୍ଚ।

# ପୁରୀ ହିଂସା, ପୁଣି ୨ ଗିରଫ

**ପୁରୀ ଅଫିସ, ୧୦।୩:** ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ହିଂସା ଘଟଣାରେ ରବିବାର ସିଂହଦ୍ୱାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ଥାନାରେ ରୁଜୁ କେସ୍ (ନଂ.୮୩/୧୮)ରେ ମାର୍କଣ୍ଡେଶ୍ୱର ସାହି ଭଙ୍ଗଜାଗାର ମାନସ କୁମାର ଦାଶ ଓ ଗୋପବନ୍ଧୁ ଆଚାର୍ଯ୍ୟଙ୍କୁ ଗିରଫ କରାଯାଇଛି ବୋଲି ସିଂହଦ୍ୱାର ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତବର୍ଷ ଅକ୍ଟୋବର ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଏହି ସମୟରେ ହିଂସାକାଣ୍ଡ ଘଟି ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା ହୋଇଥିଲା।

## ଫଟୋରେ ଖବର




ନିର୍ବାଚନରେ ମଦକୁ ସମ୍ପୂର୍ଣ୍ଣ ବାରଣ କରିବା ଦାବିରେ ରବିବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଅର୍ଥ ଓ ଅବକାରୀ ମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଓଡ଼ିଶାରେ ସରକାରୀ ଚାକିରି କ୍ଷେତ୍ରରେ ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦାବିରେ ରବିବାର ଆର୍ଥିକ ଦୁର୍ବଳ ଶ୍ରେଣୀ ଓଡ଼ିଶା ଶାଖା ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ତୁମେ ନିଜ ବିଷୟରେ ଯଦି କୌଣସି ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛ, ତେବେ ତୁମ ବନ୍ଧୁଙ୍କ ପରାମର୍ଶ ନିଅ, କାରଣ ତୁମେ ନିଜକୁ ହୁଏତ ଠିକ୍ ପରାମର୍ଶ ନେଇପାରୁ ନ ଥିବା
-ସେନେକା



## ସଂକ୍ଷେପରେ

### ଗ୍ରୀଲ୍ ଭାଙ୍ଗି ଟଙ୍କା, ଅଳଙ୍କାର ଚୋରି

**କଟକ ରୋଡ,୧୦।୩(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି କେହି ଦୁର୍ବୃତ୍ତ ଟଙ୍କା ଓ ସୁନା ଅଳଙ୍କାର ଲୁଟ କରି ନେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ଓସ୍କାର ସିଟିରେ ରହୁଥିବା ଜ୍ୟୋତି ରଞ୍ଜନ ମହାପାତ୍ର ଓ ତାଙ୍କ ପରିବାର ଘରେ ଅନୁପସ୍ଥିତ ଥିବାବେଳେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘର ଗ୍ରୀଲ ଭାଙ୍ଗି ଭିତରକୁ ପଶିଥିଲେ। ପରେ ଘରର ଆଲ୍‌ମିରା ଭାଙ୍ଗି ସେଥିରେ ଥିବା ପ୍ରାୟ ଦେଢ଼ଲକ୍ଷ ଟଙ୍କାର ସୁନା ଓ ୨୦ହଜାର ଟଙ୍କା ଲୁଟି ନେଇ ଯାଇଥିଲେ। ଜ୍ୟୋତି ରଞ୍ଜନ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୭୩/୧୯ରେ ଏକ ମାମଲାର ରୁଜୁ କରିବାସହ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି।

### ଚୋରି ଲାପ୍‌ଟପ୍, ଟଙ୍କା ଜବତ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୦।୩(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶାଶ୍ୱତୀ ବିହାରରେ ଥିବା ଏକ ହଷ୍ଟେଲରୁ ବାରମ୍ବାର ଚୋରି ହେଉଛି। ଏନେଇ ଅଭିଯୋଗ ଆସିବା ପରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ଲାପ୍‌ଟପ୍ ଓ ୭ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଶାଶ୍ୱତୀ ବିହାରରେ ରହୁଥିବା ବାଲେଶ୍ୱରର ଅଜୟ ମହାକୁଡ଼ (୨୩)। ସୂଚନା ମୁତାବକ, ଉକ୍ତ ହଷ୍ଟେଲରୁ ପୂର୍ବରୁ ମୋବାଇଲ ଫୋନ, ଲାପ୍‌ଟପ୍, ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ଏ ସଂକ୍ରାନ୍ତରେ ହଷ୍ଟେଲ ଅନ୍ତେବାସୀ ଛାତ୍ରମାନେ ଥାନାରେ ବାରମ୍ବାର ଅଭିଯୋଗ କରିଛନ୍ତି। ରବିବାର କୋଟପାଡ଼ ଅଞ୍ଚଳର ଆଶିଷ କୁମାର ଗୁପ୍ତାଙ୍କ ଲାପ୍‌ଟପ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୧୩/୧୯ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବା ପାଇଁ ଗିରଫ ଅଜୟଙ୍କୁ ପଚରାଉଚରା ଚାଲିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ୩୧ ଅନୁଷ୍ଠାନକୁ 'ଆମ ଭୁବନେଶ୍ୱର ଗୌରବ ସମ୍ମାନ'

**ଭୁବନେଶ୍ୱର,୧୦।୩(ବ୍ୟୁରୋ):** ଆଇଡିଆଲ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ରବିବାର ସୂଚନା ଭବନଠାରେ 'ଆମ ଭୁବନେଶ୍ୱର ଗୌରବ ସମ୍ମାନ-୨୦୧୯' ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱରର ୩୧ ଅନୁଷ୍ଠାନକୁ 'ଆମ ଭୁବନେଶ୍ୱର ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିରେ ମହିଳା ସଙ୍ଗଠନ ଏବଂ ସାଂସ୍କୃତିକ, ସାମାଜିକ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅନୁଷ୍ଠାନ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ପ୍ରସନ୍ନ ବିଶୋୟୀ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟ ଅନୁଷ୍ଠାନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧକ୍ଷ ଅରୂପ ମୋହନ ପଟ୍ଟନାୟକ ମୁଖ୍ୟଅତିଥି ଓ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବର୍ଷା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଓମ୍ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ମାଗଣାରେ ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଭୁବନେଶ୍ୱର,୧୦।୩(ବ୍ୟୁରୋ):** ସାଲିଆସାହି ବାଜପେୟୀ ନଗର ବସ୍ତିରେ ରହୁଥିବା ଅନେକ ଲୋକେ ଅର୍ଥ ଅଭାବରୁ ମେଡିକାଲ ଯାଇ ପାରୁନାହାନ୍ତି। ଯଦି ଯାଉଛନ୍ତି ତେବେ ବିଭିନ୍ନ ପରୀକ୍ଷାର ନିରୀକ୍ଷା କରିବାକୁ ସେମାନଙ୍କ ପାଖରେ ସମ୍ବଳ ନ ଥାଏ। ତେଣୁ ବସ୍ତିଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ରାଷ୍ଟ୍ରୀୟ ମାନବାଧିକାର ପରିଷଦ(ଓଡ଼ିଶା) ଓ ଓଡ଼ିଶା ନାରୀ ସଚେତନ ମଞ୍ଚ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସଂସ୍ଥା ପକ୍ଷରୁ ବାଜପେୟୀ ନଗରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଏଥିରେ ପଦ୍ମା ହସ୍ପିଟାଲର ଅଭିଜ୍ଞ ଡା. ବିଶ୍ୱନାଥ ପଟ୍ଟନାୟକ ଏବଂ ଚକ୍ଷୁ, ଦନ୍ତ, ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ମେଡିସିନ୍ ବିଭାଗ ବିଶେଷଜ୍ଞଙ୍କ ନିକଟରେ ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ମେଡିସିନ୍ ନେଇଥିଲେ। ବସ୍ତିର ଏକାଧିକ ଯୁବତୀଯୁବକ ଓ ମହିଳାମାନେ ଏହି ଶିବିରକୁ ଯାଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ନାରୀ ସଚେତନ ମଞ୍ଚର ସଭାପତି ଡଲି ରଥ, ସମ୍ପାଦିକା ରୀନାରାଣୀ ନାୟକ, ସମାଜ ମଙ୍ଗଳ ସଙ୍ଗଠନର କର୍ମୀ ଠାକୁରାମ ବେହେରା ଉପସ୍ଥିତ ଥିଲେ।

■ ପାଇକ ବିଦ୍ରୋହ ୨୦୦ ବର୍ଷ ପୂର୍ତ୍ତି ପାଳନ କରି ନେଲେ ବାହାବା

# ଯୋଜନାରେ ପାଇକଙ୍କ ନାଁ ନାହିଁ

**ଖୋର୍ଦ୍ଧା ଅଫିସ,୧୦।୩**

ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରି କେନ୍ଦ୍ର ଓ ରାଜ୍ୟ ସରକାର ବାହାବା ସାଉଣ୍ଟିବାରେ ଲାଗିଥିଲେ। ଉଭୟ ସରକାର ପାଇକଙ୍କ ପାଇଁ କେବଳ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। କେନ୍ଦ୍ର ସରକାର ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଏଯାବତ ଦେଲେ ନାହିଁ। ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନାରେ ପାଇକଙ୍କ ନାଁ ନ ଥିବା ସେମାନଙ୍କ ପ୍ରତି ଥିବା ଆନ୍ତରିକତାକୁ ସୂଚାଉଛି। ଯେଉଁ ବୀର ଜାତି କଳିଙ୍ଗ ଯୁଦ୍ଧଠାରୁ ଭାରତ ମାଟିରେ ପ୍ରଥମ ସ୍ୱାଧୀନତା ଲାଗି ନିଜର ଜୀବନକୁ ରଣ କ୍ଷେତ୍ରରେ ବାଜି ଲଗାଇଲେ ସେମାନଙ୍କର ଦାୟାଦଙ୍କୁ ଉପହାସ କରିବା ମହଙ୍ଗା ପଡିବ ବୋଲି ପାଇକ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଭଳିସ୍ଥଳେ ଉଭୟ ସରକାର ପାଇକମାନଙ୍କର ଦାବିକୁ ପୂରଣ ନ କଲେ ଖୋର୍ଦ୍ଧା ଜିଲାର ପାଇକ ମହାସଂଘ ଜଟଣୀ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବ। ରବିବାର ବରୁଣେଇରେ ଜିଲା କାର୍ଯ୍ୟକାରିଣୀ ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ନବନିଯୁକ୍ତ ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଇକରାୟଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ଅଶୋକ ପାଲଟାସିଂହ ଯୋଗଦେଇ ପାଇକ ଦାୟାଦମାନଙ୍କର ଅଭାବ, ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ।




ବରୁଣେଇଠାରେ ପାଇକ ମହାସଂଘର ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

■ମିଳୁନି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା

■ସମାଧାନ ନ ହେଲେ ଜଟଣୀରେ ପ୍ରାର୍ଥୀ ଦେବ ପାଇକ ମହାସଂଘ

ଖୋର୍ଦ୍ଧା ମାଟିରେ ପାଇକ ବିଦ୍ରୋହ ହୋଇଥିଲା। ଧୀରେ ଧୀରେ ଏହା ରାଜ୍ୟ ବ୍ୟାପୀ ପ୍ରଭାବ ବିସ୍ତାର କରିଥିଲା। କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ନ ଦେବା, ରାଜ୍ୟ ସରକାର ନିଜ ଯୋଜନାରେ ପାଇକମାନଙ୍କର ଗୋଟିଏ ହେଲେ ଦାବିକୁ ସାମିଲ ନ କରିବା ପଛର କାରଣ ବୁଝାପଡୁନି। କଳାକାର ଭତ୍ତା ନାଁରେ ପାଇକମାନଙ୍କୁ ଉପହାସ କରାଯାଉଛି। ପାଇକ ଆଖଡା ମାଟିରେ ମିଶି ଗଲାଣି। ଭାଗବତ ଟୁଙ୍ଗି ଓ ନଦୀୟା କୀର୍ତ୍ତନର ପୁନରୁଦ୍ଧାର ପାଇଁ ସରକାର ଅନୁଦାନ ଯୋଗାଇବାରେ ଅବହେଳା କରୁନାହାନ୍ତି। କିନ୍ତୁ ପାଇକ ଆଖଡାର ପୁନରୁଦ୍ଧାର ପାଇଁ ଅଣଦେଖା କେଉଁଥି ପାଇଁ ବୋଲି ରାଜ୍ୟ ସଭାପତି ପାଲଟାସିଂହ ପ୍ରଶ୍ନ କରିଛନ୍ତି। ଏଣୁ ପାଇକ ଆଖଡାର ପୁନରୁଦ୍ଧାର, ପାଇକ ଆଖଡାକୁ ସ୍କୁଲ, କଲେଜରେ ସ୍ଥାନ ଦେଇ ସ୍କାଉଟଗାଇଡ୍ସ ଓ ଏନ୍‌ସିସି ଭଳି ମାନ୍ୟତା, ଖୋର୍ଦ୍ଧାରେ ପାଇକ ଏକାଡେମୀ ପ୍ରତିଷ୍ଠା, ପାଇକ ରେଜିମେଣ୍ଟ ଗଠନ ପରି ଦାବି କରାଯାଇଛି। ସେହିପରି ପାଇକ ଆଖଡାକୁ ରାଜ୍ୟ କ୍ରୀଡାର ମାନ୍ୟତା, ପାଇକମାନଙ୍କୁ ସ୍ୱତନ୍ତ୍ର ବକ୍ସି ଜଗବନ୍ଧୁ ପାଇକ ବାର୍ତ୍ତା ପ୍ରଦାନ କରୁ ବୋଲି ଅନୁରୂପ ଦାବି କରାଯାଇଛି। ପୁଣି ପାଇକମାନଙ୍କ ପାଇଁ ସ୍ୱତନ୍ତ୍ର ୩୦ ଭାଗ ସ୍ଥାନ ସଂରକ୍ଷଣ କରାଯାଉ। ଦାବି ପୂରଣ ନ ହେଲେ ରାଜ୍ୟ ସଭାପତି ପାଲଟାସିଂହ ଜଟଣୀ ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହେବେ ବୋଲି ବୈଠକରେ ଘୋଷଣା କରାଯାଇଛି। ପ୍ରକାଶଥାଉ କି ବୈଠକରେ କଟକ ଜିଲା ସଭାପତି ରାଜ କିଶୋର ବେହେରା, ପାଇକ୍ ଜିନ୍ ଗବେଷକ ପ୍ରଫେସର ଗାୟନ ସାମଲ, ରାଜ୍ୟ କୋଷାଧକ୍ଷ ରଞ୍ଜନ ବଳିଆରସିଂହ, ଢେଙ୍କାନାଳ ଜିଲା ସଭାପତି ପ୍ରସନ୍ନ ଦଳବେହେରା, ବରିଷ୍ଠ ପାଇକଗୁରୁ ଭାସ୍କର ସୁନ୍ଦରାୟ, ରାଜ୍ୟ ସଂଯୋଜକ କେଦାର ଦାସ, ପୁରୀ ଜିଲା ଗଡଦୋକନ୍ଦା ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ ଯୋଗ ଦେଇଥିଲେ। ପାଇକଗୁରୁ ତଥା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀଙ୍କୁ ଏଥିରେ ସମ୍ମାନିତ କରାଯାଇଛି। ବୈଠକ ଆରମ୍ଭ ପୂର୍ବରୁ ପାଇକମାନେ ସେମାନଙ୍କ ରଣକୌଶଳ ପ୍ରଦର୍ଶନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନିରାକାରପୁର,୧୦।୩(ଡି.ଏନ.ଏ.)**

**ହତ୍ୟା ସନ୍ଦେହ**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆର ଏକ ବରଗଛ ଡାଳରୁ ରବିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ନିରାକାରପୁର ପୋଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତି ହେଉଛନ୍ତି ଏହି ପଞ୍ଚାୟତ ନନପଡା ଗ୍ରାମର ଚିତ୍ତରଞ୍ଜନ ବଳିୟାରସିଂହ (୨୬)। ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଜିଲା ସଦର ମହକୁମାସ୍ଥିତ ସରକାରୀ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଘଟଣାସ୍ଥଳରୁ ମୃତକଙ୍କ ଆପାଚି ମୋଟରସାଇକେଲ ନଂ ଓଡିଓକ୍ସ ୨୯୮୯ ବାଇକ୍‌କୁ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ସାନଭାଇ ରଶ୍ମିରଞ୍ଜନ ବଳିଆରସିଂହଙ୍କ ଅଭିଯୋଗ ଅନୁସାରେ ପୋଲିସ ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁମାନ କରି ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଛି। କାରଣ ଯୁବକଙ୍କ ଆଣ୍ଠୁତଳକୁ ଦେଖିଲେ ତାହା ମାଟିତଳେ ଘୋଷାଡ଼ି ହୋଇଥିବା ଜଣାପଡୁଛି। ଘଟଣାସ୍ଥଳରୁ ମାତ୍ର ୧୫/୨୦ଫୁଟ ଦୂରରେ ନବନିର୍ମିତ ଷ୍ଟାଡିୟମ୍‌କୁ ୮ ମାସ ହେଲା ଲେଣ୍ଡୋ ପଞ୍ଚାୟତସ୍ଥ ଭଗବତୀପଡ଼ାର ଗୋବର୍ଦ୍ଧନ ଜେନା ଜଗି ରହିଛନ୍ତି। ସେ ମଧ ଘଟଣା ବିଷୟରେ ବିଶେଷ କିଛି ଜାଣି ନ ଥିବା କହିଛନ୍ତି। ତେବେ ରାତି ପ୍ରାୟ ୧୨ଟା ପରେ କିଛି ପିଲା ଷ୍ଟାଡିୟମ୍ ଭିତରେ ବସିଥିବା ସେ ସୂଚନା ଦେଇଛନ୍ତି। ଏ ଘଟଣା ନେଇ ଅପମୃତ୍ୟୁ ମାମଲା ରୁଜୁହୋଇଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିରାକାରପୁର ଏଏସ୍‌ଆଇ ଶରତ ଚନ୍ଦ୍ର ପାଇକରା ସୂଚନା ଦେଇଛନ୍ତି।

## ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲ ପକ୍ଷରୁ ସେମିନାର

**ଭୁବନେଶ୍ୱର,୧୦।୩**

ରୋଟାରୀ କ୍ଲବ ଭୁବନେଶ୍ୱର ସେଣ୍ଟିନିଆଲ ତରଫରୁ ଡିଷ୍ଟ୍ରିକ୍ଟ ପୋଲିଓ ପ୍ଲସ ଓରିଏଣ୍ଟେଶନ ଆଣ୍ଡ ପ୍ଲାନିଂର ଏକ ସେମିନାର ପ୍ରେସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଡ. ହରପ୍ରସାଦ ପଟ୍ଟନାୟକ, ପିଡିଜି ଦେବାଶିଷ ମିତ୍ର ଏବଂ ଡିଜି ଭବାନୀ ଚୌଧୁରୀ କ୍ଲବ ସମ୍ମୁଖରୁ ଏକ ପୋଲିଓ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସାଧାରଣ ଜନତାଙ୍କୁ ପୋଲିଓ ବିଷୟରେ ସଚେତନତା ବାର୍ତ୍ତା ଦେବ। ପରେ ସେମିନାର କାର୍ଯ୍ୟକ୍ରମକୁ ପିଡିଜି ଡ.ନାରାୟଣ ମିଶ୍ର, ପିକେ ମହାନ୍ତି, ଅଜିତ ପାଢ଼ୀ ଏବଂ କ୍ଲବର ସଭାପତି ଶୁଭକାନ୍ତ ସାମନ୍ତସିଂହାର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପୋଲିଓ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଦିଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଡ. ସୁନୀଲ କୁମାର ଦାସ, ଡ. କମଳାକାନ୍ତ ଦାସ, ଡ. କେ.କେ. ରାଉତ, ପିଡିଜି ଶିବବ୍ରତ ଦାସ, ପିଡିଜି ରବି ନନ୍ଦ, ପିଡିଜି ଏ.ବି. ମହାପାତ୍ର, ଡିଜିଇ ଦେବାଶିଷ ମିଶ୍ର, ଡିଜିଏନ୍‌ଡି ଶାନ୍ତନୁ ପାଣି, ଉପଗଭର୍ନର ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ପୋଲିଓ ନିରାକରଣରେ କୌଣସି ସମସ୍ୟା ହେଲେ ରୋଟାରୀ କ୍ଲବ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୋଲିଓ ରଥର ପରିକ୍ରମା କାର୍ଯ୍ୟକୁ ରୋଟାରୀ କ୍ଲବ ଭୁବନେଶ୍ୱର ତୋଷାଳୀର ସଭାପତି ୟଗନିଶ୍ ମହାପାତ୍ର ଓ ସମ୍ପାଦକ ସୁକାନ୍ତ ସାହୁ ପରିଚାଳନା କରିଥିଲେ। ଏଥିରେ କ୍ଲବର ସମସ୍ତ ସଦସ୍ୟ ଆଦିତ୍ୟ, ସାକ୍ୟ, ଶିଶିର, ପ୍ରକାଶ, ରମେଶ, ଗୀତାଞ୍ଜଳି, ଶୁଭକାନ୍ତ ଉପସ୍ଥିତ ରହି ବିଭିନ୍ନ ଜିଲାରୁ ଆସିଥିବା ରୋଟାରୀ ସଭାପତି ଓ ସମ୍ପାଦକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ସ୍ୱୟଂ ସହାୟିକା ଗୋଷ୍ଠୀର ୧୫ ଲକ୍ଷ ନେଇ ଫେରାଇଲେନି

## ମହିଳାଙ୍କ ଘରକୁ ଘେରିଲେ ସଦସ୍ୟା

**ପୁରୁଣା ଭୁବନେଶ୍ୱର,୧୦।୩(ଡି.ଏନ.ଏ.)**

ଲିଙ୍ଗରାଜ ଥାନା ଅଧୀନ ଲିଙ୍ଗରାଜନଗର ଲେନ ପାଖରେ ରହୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଜଣେ ସଦସ୍ୟା ୧୫ ଲକ୍ଷ ଟଙ୍କା ନେଇ ଆଉ ଫେରାଇ ନ ଥିଲେ। ଟଙ୍କା ସମ୍ପର୍କରେ ଅନ୍ୟ ସଦସ୍ୟାଙ୍କ ସହ ଆଲୋଚନା କରିବାକୁ ସେ ଘରକୁ ରବିବାର ଡାକିଥିଲେ। ହେଲେ ସେ ଆଉ ଦେଖା ଦେଇ ନ ଥିଲେ। ଏହାକୁ ନେଇ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଯାଏ ମହିଳା ଜଣକ ଘର କବାଟ ବନ୍ଦ କରି ଲୁଚି ରହିଥିଲେ। ପୋଲିସ ପହଞ୍ଚି ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ଥାନାକୁ ହେପାଜତରେ ଆଣି ପଚରାଉଚୁରା କରିଥିଲେ। ଲିଙ୍ଗରାଜନଗରରେ ମା' ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ୧୦ରୁ ଉର୍ଦ୍ଧ୍ୱ ସଦସ୍ୟା ଥିବା ଗୋଷ୍ଠୀରୁ ଜଣେ ମହିଳା ସଦସ୍ୟା ପର୍ଯ୍ୟାୟକ୍ରମେ ଟଙ୍କା ନେଇ କିସ୍ତି ଆକାରରେ ଦେଇ ଆସୁଥିଲେ।



ଟଙ୍କା ନେଇଥିବା ମହିଳାଙ୍କ ଘର ସମ୍ମୁଖରେ ଏସ୍‌ଏସ୍‌ଜିର ସଦସ୍ୟମାନେ ହୋହଲ୍ଲା କରୁଛନ୍ତି।

**୫ ଘଣ୍ଟା ଘରେ ଲୁଚି ରହିଲେ ସଦସ୍ୟା**

ଦୁଇ ମାସ ହେଲା ମହିଳା ଜଣକ ପ୍ରାୟ ୧୫ ଲକ୍ଷ ୫୦ ହଜାର ଟଙ୍କା ନେଇ ଆଉ ଫେରସ୍ତ କରି ନ ଥିଲେ। ସମାଧାନ ପାଇଁ ରବିବାର ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ମହିଳା ଜଣଙ୍କ ଦିନ ୧୧ଠାରୁ ନିଜେ ରହୁଥିବା ଘରର କବାଟ କିଳି ରହିଥିଲେ। ଗ୍ରୁପର ମହିଳାମାନେ ପହଞ୍ଚି ହୋ ହଲ୍ଲା କରିଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି, ସେମାନଙ୍କ ମଧରେ ସମାଧାନ ହୋଇଛି। ଟଙ୍କା ନେଇଥିବା ମହିଳା ଜଣକ ୧୦ ଲକ୍ଷ ଦେବେ ବୋଲି ରାଜି ହୋଇଥିବା ସେ କହିଛନ୍ତି।

## ସତ୍ୟ ସର୍ବଦା ସୁନ୍ଦର, ଚିରନ୍ତନ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ୨୦୧୭-୧୯ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ରବିବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଡ. ନଳିନୀ କୁମାର ପାତ୍ର ସଭା ଉଦ୍‌ଘାଟନ କରି ବର୍ତ୍ତମାନ ସମାଜରେ ଖବରଦାତାମାନେ କିପରି ପ୍ରତିଷ୍ଠା ଅର୍ଜନ କରିବେ ଏବଂ ସତ୍ୟ ଖବରକୁ ପ୍ରାଧାନ୍ୟ ଦେବେ, ତାହା ଉପରେ ଆଲୋକପାତ କରିଥିଲେ। ସତ୍ୟ ସର୍ବଦା ସୁନ୍ଦର ଓ ଚିରନ୍ତନ। ଗଣମାଧମଗୁଡ଼ିକ ସତ୍ୟ ହିଁ ପରିବେଷଣ କରିଥାଆନ୍ତି। ଏହାକୁ ଆଜି ବି ସଂଖ୍ୟାଧିକ ପାଠକ, ଦର୍ଶକ ଓ ଶ୍ରୋତା ବିଶ୍ୱାସ କରନ୍ତି। ତେଣୁ ଖବରଦାତାମାନେ ଖବର ପରିବେଷଣ ବେଳେ ନିଜର ଗୁରୁଦାୟିତ୍ୱକୁ ଭୁଲିଯିବା ଉଚିତ ନୁହେଁ ବୋଲି ଡ. ପାତ୍ର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକତା କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବିଭାଗର ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧମରେ ଛାତ୍ରୀଛାତ୍ର ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଦେଖାଇଥିଲେ। ଐଶ୍ୱର୍ଯ୍ୟା, ମୋନାଲିସା, ଅନନ୍ତ, ଲକି, ସତ୍ୟଜିତ୍, ନରସିଂହ, ପୂଜା, ସ୍ମୃତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଏସ୍‌ଏବିଇୟୁର ତ୍ରୈବାର୍ଷିକ ସମ୍ମିଳନୀ




**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଅଲ୍ ଓଡ଼ିଶା ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ୧୩ତମ ତ୍ରୈବାର୍ଷିକ ସମ୍ମିଳନୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନର ସାଧାରଣ ସମ୍ପାଦକ ପି.କେ. ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କରେ ବୃଦ୍ଧି ହେଉଥିବା ଏନ୍‌ପିଏ ହ୍ରାସ ତଥା ଏହାର ଅସୁଲ ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଟି.ଶ୍ରୀନିବାସ ରାଓ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପ୍ରବନ୍ଧକ ଦ୍ୱାରିକା ପ୍ରସାଦ ନନ୍ଦ, ସର୍ବଭାରତୀୟ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଟି.ରବୀନ୍ଦ୍ର ନାଥ, ସଭାପତି କେ. ଥାମାରାଇସେଲଭାନ, ମନୋରଞ୍ଜନ ଦାସ, ଏଲ୍.କେ. ନାଗଡା, ଏଆଇଟିୟୁସି ସମ୍ପାଦକ ଜୟକୃଷ୍ଣ ପଣ୍ଡା, କର୍ମଚାରୀ ସଂଘର ଓଡ଼ିଶା ସଭାପତି ସୀମାଞ୍ଚଳ ଶତପଥୀ ଏବଂ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥର ମହିଳା ସଶକ୍ତୀକରଣ ପଦକ୍ଷେପ

**ଭୁବନେଶ୍ୱର,୧୦।୩**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପୂର୍ବତଟ ରେଳପଥ ପକ୍ଷରୁ ମହିଳା କର୍ମଚାରୀଙ୍କ ସଶକ୍ତିକରଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରେଳପଥ ପରିସରରେ ଥିବା ସମ୍ବଲପୁର, ଖୋର୍ଦ୍ଧାରୋଡ, ୱାଲଟିୟର ରେଳ ମଣ୍ଡଳ ଅଧୀନରେ ନିୟୋଜିତ ମହିଳା କର୍ମଚାରୀଙ୍କ କଲ୍ୟାଣକୁ ଧାନରେ ରଖାଯାଇଛି। ମହିଳାଙ୍କ କ୍ଷମତା ତଥା ଅଧିକାର ପାଠଚକ୍ର, ଠିକାରେ କାର୍ଯ୍ୟାରତ ମହିଳା କର୍ମଚାରୀଙ୍କ ଅଧିକାର ସଚେତନତା, ମହିଳାଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ତଦାରଖ ବ୍ୟବସ୍ଥା, କର୍କଟ ସଚେତନତା, ସ୍ୱାସ୍ଥ୍ୟ ସମ୍ପର୍କିତ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ରକ୍ତହୀନତା ପାଇଁ ଔଷଧ ବଣ୍ଟନ ଭଳି ବ୍ୟବସ୍ଥା କରାଯାଇଥିବା ରେଳପଥ ପକ୍ଷରୁ ପ୍ରକାଶ।

■ ଫିନିକ୍ସ ସେବାର ଦ୍ୱିତୀୟ ବାର୍ଷିକ ଉତ୍ସବ

## ଯୁବ ସାମାଜିକ କର୍ମୀଙ୍କୁ 'ମାନବ ବନ୍ଧୁ ସମ୍ମାନ'

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ସାମାଜିକ ସଙ୍ଗଠନ ଫିନିକ୍ସ ସେବାର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମଲ୍ଲିକ ଅନ୍ୱେଷ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଯୁବ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାମାଜିକ କର୍ମୀ ସମ୍ବର୍ଦ୍ଧିତ ହୋଇଥିଲେ। ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ, ଟିମ୍ ହ୍ୟୁମାନିଟି, ଆଶାକିରଣ ହୋମ୍, କଳ୍ପନା ଛକ ଟୋକାସଂଘ, ବିଜୁ ପଟ୍ଟନାୟକ ଛାତ୍ରସଂଘ, ନାରାୟଣ ଚାରିଟେବଲ୍ ଟ୍ରଷ୍ଟ, ଉଦ୍ଧାର ଫାଉଣ୍ଡେଶନ, ଜୟ ଓଡ଼ିଶା, ଆଶାୟେଁ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଯୁବ ସାମାଜିକ କର୍ମୀ ବିକ୍ରମ ସାମଲ, ଗୋପୀନାଥ ରାଉତ, ସରୋଜ ବିଶ୍ୱାଳ, ମନୋଜ ବେହେରା, ସୁମନ୍ତ ପାଢ଼ୀ, ନାରାୟଣ ପୃଷ୍ଟି, ପ୍ରଜ୍ଞା ମହାନ୍ତି ପ୍ରମୁଖଙ୍କୁ 'ମାନବ ବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ 'ରକ୍ତର କୌଣସି ବିକଳ୍ପ ନାହିଁ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏସିପି ଲଳିତେନ୍ଦୁ ମହାନ୍ତି, ଡ. ରତିକାନ୍ତ ଖଟୁଆ ପ୍ରମୁଖ ଏଥିରେ ଭାଗନେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆୟକର ଆୟୁକ୍ତ ଶରତ କୁମାର ଦାସ, ମୁଖ୍ୟବକ୍ତା ଭାବେ ମାଧମିକ ଶିକ୍ଷା ପରିଷଦ ଅଧକ୍ଷ ଅମରେନ୍ଦ୍ର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ, ଯୁବ ସାମାଜିକ କର୍ମୀ ଶୁଭ୍ରଜିତ୍ ଜେନା, ଆଶିଷ ମିଶ୍ର, ନିବେଦିତା ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶୁଭଜିତ୍ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଦୀପକ ନାୟକ ଓ ପ୍ରଜେସ୍ ନାୟକ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ତାର ପାଇଁ ଗଛ ବଳି

**ଜଟଣୀ,୧୦।୩(ଡି.ଏନ.ଏ)**

ଗ୍ରୀଷ୍ମଋତୁ ଆରମ୍ଭ ହୋଇଗଲାଣି। ଲୋକେ ପାଣି ଓ ଗଛ ଛାଇ ପାଇଁ ଆଗକୁ ଉହଳ ବିକଳ ହେବେ। ହେଲେ ବିଦ୍ୟୁତ୍ ତାର ଟାଣିବାକୁ ଯାଇ ସେସୁ ପକ୍ଷରୁ ଜଟଣୀରେ ଥିବା ପୁରୁଣା ଗଛଗୁଡିକ ବଳି ପକା ଯାଇଛି। ଦୀର୍ଘବର୍ଷରୁ ରାସ୍ତା କଡରେ ଥିବା ୮ଟି ବୃହତ ଗଛକୁ କଟା ଯାଇଛି। କାହାର ଅନୁମତି ନିଆ ନ ଯାଇ ଏଭଳି କରାଯାଇଥିବା ଜଣାପଡିଛି। ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନିକଟରୁ ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଏହି ଗଛଗୁଡିକ ଥିଲା। ରାଜ୍ୟ ସରକାର ବନୀକରଣ ଲାଗି ଚାରାରୋପଣରେ ବ୍ୟସ୍ତ ଥିବାବେଳେ ସେସୁ ଗଛ କାଟି ଉପହାସ କରୁଛି। ବନ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି। କ'ଣ ପାଇଁ ସେସୁ ନିଜ ଇଚ୍ଛାରେ ଏଭଳି କଲା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଛକୁ ନ କାଟି କଭର ଥିବା ବିଦ୍ୟୁତ୍ ତାରକୁ ମାଟି ତଳେ ବା ଉପରେ ନିଆଯାଇ ପାରିଥାନ୍ତା। କିନ୍ତୁ ସେସୁ ଏହା ନ କରି ଗଛଗୁଡିକୁ କାଟିଦେବା ଆଦୌ ଠିକ୍ ନୁହେଁ ବୋଲି ଜଟଣୀବାସୀ କହିଛନ୍ତି।



ଜଟଣୀ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରୁ ଗଛକୁ କାଟି ଦିଆଯାଇଛି।

୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସ୍ତାପାର୍ଶ୍ୱରେ ଥିବା ଗଛଗୁଡିକ ପଥଚାରୀଙ୍କୁ ଛାଇ ପ୍ରଦାନ କରୁଥିଲା। ପରିବେଶ ସନ୍ତୁଳନ ରଖୁଥିଲା। ମ୍ୟୁନିସିପାଲିଟି କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଓ ବିଶେଷକରି ଭତ୍ତା ପାଇଁ ଆସୁଥିବା ବୃଦ୍ଧାବୃଦ୍ଧ ଖରାରୁ ଟିକେ ତ୍ରାହି ପାଇବାକୁ ଏହି ଗଛ ମୂଳେ ବିଶ୍ରାମ ନେଉଥିଲେ। ହେଲେ ଏସବୁକୁ ଆଖି ବୁଜି ଦେବା ସହ ସବୁ ନିୟମକୁ ଜଳାଞ୍ଜଳି ଦେଇ ସେସୁ ମେଶିନ୍ ଲଗାଇ ମୂଳରୁ ଗଛ କାଟି ପଦା କରି ଦେଇଛି। ମ୍ୟୁନିସିପାଲିଟି ଅଫିସରୁ ଛକ ପର୍ଯ୍ୟନ୍ତ ପ୍ରାୟ ୫ ଶହ ମିଟର ଦୂର ରାସ୍ତା ଦୁଇପାର୍ଶ୍ୱରୁ ଗଛ କଟା ଯିବା ପରେ ବର୍ତ୍ତମାନ ଏହି ଅଞ୍ଚଳ ଖାଁ ଖାଁ ଲାଗୁଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ମହମ୍ମଦ ଅଜିଉଲ୍ଲା ସରିଫ୍, ଆଇନ୍‌ଜୀବୀ ବିଜୟ ମହାପାତ୍ର, ପ୍ରସନ୍ନ ପାଟଶାଣୀ, ମନୋଜ ବିଶ୍ୱାଳ, ତ୍ରିନାଥ ରାଉତରାୟ ପ୍ରମୁଖ କୁହନ୍ତି, କଟା ଯାଇଥିବା ଗଛ ଗୁଡିକ ମୁଖ୍ୟତଃ ଔଷଧୀୟ ହୋଇଥିବାବେଳେ ଛାଇ ପ୍ରଦାନ କରୁଥିଲା। ଏହା କଟାଯିବା ଦୁଃଖଦାୟକ। ଗଛ କଟା ନ ଯାଇ ବିକଳ୍ପ ବ୍ୟବସ୍ଥା ଦ୍ୱାରା ବିଦ୍ୟୁତ୍ ତାର ଟଣାଯାଇ ପାରିଥାନ୍ତା। ହେଲେ ସେସୁ ପକ୍ଷରୁ ଏହା କ'ଣ ପାଇଁ କରାଗଲା ନାହିଁ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ସେସୁ ଏସ୍‌ଡିଓ ସୁରେଶ ବେହେରାଙ୍କୁ ପଚାରିବାରେ ଚିରିମିଲସ୍ଥିତ ଫିଡରରୁ ଜଟଣୀକୁ ବିଦ୍ୟୁତ୍ ସଂଯୋଗ ପାଇଁ ଏହିସବୁ ଗଛ କାଟିବାକୁ ପଡ଼ିଲା। ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିଲା ବୋଲି ସଫେଇରେ କହିଛନ୍ତି।

■ସେସୁ ନେଇନି କାହାର ଅନୁମତି

■ସାଧାରଣରେ ଅସନ୍ତୋଷ

# ବ୍ୟକ୍ତି ନୁହେଁ, ନେତୃତ୍ୱକୁ ଗୁରୁତ୍ୱ

**ହର୍ଷବର୍ଦ୍ଧନ ବେହେରା/ଅଭିମନ୍ୟୁ ମିଶ୍ର,**
ଯାଜପୁର ଅଫିସ,୧୦।୩

ଯାଜପୁର ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା କୋରେଇରେ ରାଜନୈତିକ ଚର୍ଚ୍ଚା ଅଧିକ ଉଷ୍ମ । ଏଠାରେ ଘଡ଼ିକେ ଘୋଡ଼ା ଛୁଟୁଛି । ଶାସକ ଦଳର ପ୍ରାର୍ଥୀ ହେବାକୁ ଏକାଧିକ ଆଶାୟୀ। ଦଳର ରଣନୀତି ଉପରେ ପ୍ରାର୍ଥୀଙ୍କ ଜିତିବା ହାରିବା ଏଠାରେ ନିର୍ଭର କରିଥାଏ। ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ୨ଟି ନିର୍ବାଚନରେ ଭାଜପା-ବିଜେଡି ମଧ୍ୟରେ ମେଣ୍ଟ ଥିବାରୁ ଏହି ଆସନ ଭାଜପା ଭାଗରେ ପଡ଼ିଥିଲା। ୨୦୦୦ ନିର୍ବାଚନରେ ଭାଜପା ଏଠାରେ ପରାଜିତ ହୋଇଥିବାବେଳେ ୨୦୦୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ସଞ୍ଚିତା ମହାନ୍ତି ଜିତିଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରଠାରୁ ବିଜେଡି ଏଠାରେ ଲଗାତର ଜିତି ଆସିଛି। ୧୯୮୫ ପରଠାରୁ ଏଠାରେ କଂଗ୍ରେସ ଜିତି ନ ଥିବାରୁ ଚଳିତ ନିର୍ବାଚନରେ ଦଳ କିପରି ଭାବେ ବିଜୟୀ ହେବ ସେନେଇ ରଣନୀତି ଆରମ୍ଭ କରିଛି। ଏଭଳି ସ୍ଥିତିରେ ନିର୍ବାଚନ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଚଳିତ ବିଧାନସଭା ନିର୍ବାଚନ ଲାଗି କୋରେଇ ଆସନରୁ ବିଜେଡିର ପ୍ରାୟ ୫ଜଣ ଆଶାୟୀ ରହିଛନ୍ତି। ସମସ୍ତ ଆଶାୟୀ କହୁଛନ୍ତି ତାଙ୍କର ଟିକେଟ ଫାଇନାଲ। ଏପରିକି ବିଧାୟକ ପ୍ରଣବପ୍ରକାଶ ଦାସ(ବବି) ମଧ୍ୟ କୋରେଇ ଉପରେ ନଜର ରଖିଛନ୍ତି। ବ୍ୟକ୍ତି ନୁହେଁ, ନେତୃତ୍ୱକୁ ଭୋଟର ଏଠାରେ ଗୁରୁତ୍ୱ ଦେଉଥିବାରୁ ଆଗାମୀ ଦିନରେ ୩ପ୍ରମୁଖ ବିଜେଡି, କଂଗ୍ରେସ ଓ ଭାଜପାର ନେତୃତ୍ୱ କିଏ ନେଉଛନ୍ତି ଏବଂ ତାଙ୍କ ନେତୃତ୍ୱରେ ଦଳ କେତେଦୂର ଶକ୍ତିଶାଳୀ ହୋଇପାରୁଛି ତାହା ଦେଖିବାକୁ ବାକି ରହିଛି। କୋରେଇ ନିର୍ବାଚନମଣ୍ଡଳୀରେ ୧୦ଟି ନିର୍ବାଚନ ମଧ୍ୟରୁ ୬ ଥର ଅଶୋକ ଦାସ ଏହି ମଣ୍ଡଳୀର ପ୍ରତିନିଧିତ୍ୱ କରିଛନ୍ତି। ୧୯୭୪ ମସିହାରେ ସ୍ୱତନ୍ତ୍ର କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନ ହୋଇଥିଲା। ଏହାପୂର୍ବରୁ କୋରେଇ ପଶ୍ଚିମ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା । ଜିଲାର ବ୍ୟାସନଗର ପୌରପରିଷଦ ଓ କୋରେଇ ବ୍ଲକ ସମେତ ରସୁଲପୁର ବ୍ଲକର ଭୋଟକା, ଲକ୍ଷ୍ମୀନଗର, ପହଙ୍ଗା, ବଡକଇଁଚି, ଗନ୍ଧଣ, ଟିକରପଡା, ବାହାଦଲପୁର, ନରସିଂପୁର ଓ ମୁଙ୍ଗପାଳ ଗ୍ରାମପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ପୁନର୍ଗଠିତ ହୋଇଛି। ସେଥିମଧ୍ୟରୁ ବ୍ୟାସନଗର ପୌରପରିଷଦ ଜିଲାର ଅନ୍ୟତମ ବୃହତ ସହରର ମାନ୍ୟତା ପାଇଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏହି ସହରର ଲୋକସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଗତ ୨ଟି ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଏଠାରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା। ମାତ୍ର ଗତ ପଞ୍ଚାୟତ ନିର୍ବାଚନରେ ୪ଟି ଜିଲା ପରିଷଦ ଆସନରେ ବିଜେଡି ବିଜୟୀ ହୋଇଥିଲେ ହେଁ କୋରେଇ ବ୍ଲକ ଅଧ୍ୟକ୍ଷ ପଦବୀକୁ ହାତଛଡ଼ା କରିଥିଲା। ତେବେ ବିଜେଡିର ବିଭିନ୍ନ ଯୋଜନାକୁ ନେଇ ବିଧାୟକ ଆକାଶ ଦାସନାୟକ ଲୋକଙ୍କ ନିକଟତର ହୋଇ ପାରିଛନ୍ତି। ସାଂଗଠନିକ ସ୍ଥିତି ଏଠାରେ ସୁଦୃଢ ରହିଥିଲେ ହେଁ ବିଜେଡିରେ ଅନେକ ଫାଟ ଦଳକୁ ଅଡୁଆରେ ପକାଇଛି। ଗତ ୭ ତାରିଖରେ ପାଣିକୋଇଲିଠାରେ ୧୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ଉଦ୍‌ଘାଟନ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଆସିବା ପୂର୍ବରୁ ବବି ଉଦ୍‌ବୋଧନ ଦେଇ କୋରେଇବାସୀ ମୋର ଓ ମୋ ବାପାଙ୍କ ମାଲିକ ବୋଲି କହିଥିଲେ। ବାପାଙ୍କ ସ୍ୱପ୍ନ ଏଠାରେ ସାକାର ହେବାରେ ଲାଗିଛି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପହଞ୍ଚିବାର ୧୫ମିନିଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ବହୁ କାର୍ଯ୍ୟ ଦେଇଛନ୍ତି, ତାଙ୍କୁ ଯିବାକୁ ପଡ଼ିବ ବୋଲି କହି ଚାଲି ଯାଇଥିଲେ। ଏହି ଉଦ୍‌ବୋଧନକୁ ନେଇଏବେ ଅନେକ ଚର୍ଚ୍ଚା ଜୋର ଧରିଛି। ଟିକେଟକୁ ନେଇ ଛକାପଞ୍ଝା ଲାଗି ରହିଛି। ତେବେ ବିଧାୟକ ଆକାଶ ଦାସନାୟକ କୁହନ୍ତି ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଛି। ତାଙ୍କର ପ୍ରେରଣାରେ ଜନ୍ମମାଟିର ସେବା କରିବାର ସୁଯୋଗ ମିଳିଛି । ତେଣୁ ସେ ଯେତେବେଳେ ଯେଉଁ ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବେ। ଗତ ୪ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନର ଉନ୍ନତିରେ ପ୍ରାୟ ୯୫ପ୍ରତିଶତ ସଫଳତା ଆଣି ପାରିଛନ୍ତି। ବନ୍ୟା ନିୟନ୍ତ୍ରଣରେ ମଧ୍ୟ ସଫଳତା ମିଳିଛି। ବୈତରଣୀ ବ୍ରିଜ୍ ନିର୍ମାଣ ସ୍ୱପ୍ନ ପୂରଣ ହୋଇଛି । ଏହାସହ ୧୨୦ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଯେଉଁଥିରେ ରସୁଲପୁର ଓ କୋରେଇ ବ୍ଲକର ୨୦ଟି ପଞ୍ଚାୟତବାସୀ ଉପକୃତ ହୋଇ ପାରିବେ। ଆଗାମୀ ଦିନରେ ଯାଜପୁରରୋଡରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ୟାସ ସରୋବରକୁ ମହାଭାରତର ଚିତ୍ର ଦେବା ଆଦି ତାଙ୍କର ଲକ୍ଷ୍ୟ ରହିଛି । ଯଦି ଟିକେଟ ନ ମିଳେ ମଧ୍ୟ ଏକ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିବେ । ଅର୍ଥ ବିଭାଗର ଯୁଗ୍ମ ସଚିବ ପାହ୍ୟା ଅଧିକାରୀ ପୀୟୂଷ ପାଣି ବିଜେଡି ଟିକେଟ ପାଇବା ଆଶାରେ ରହିଛନ୍ତି । ସେ କର୍ମରୁ ଛୁଟି ନେଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତେଣୁ ତାଙ୍କୁ ଟିକେଟ ମିଳିଲେ ଲୋକ ସହିତ ରହିବାର ସୁଯୋଗ ମିଳିବ ବୋଲି କହିଛନ୍ତି । ଯୁବ ବିଜେଡିର ଜିଲା ସଭାପତି ପ୍ରତାପ ମହାନ୍ତି ମଧ୍ୟ ଟିକେଟ ଆଶାରେ ରହିଛନ୍ତି। ସେ ବି ଟିକେଟ ମିଳିଲେ ନିଶ୍ଚିତ ଭାବେ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିବା ସହିତ ଟିକେଟ ନ ମିଳିଲେ ବି କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ୨୦୧୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନ ରଖିଥିବା ବିଶ୍ୱଜିତ ନାୟକ କଂଗ୍ରେସ ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଓ ଯୁବ ନେତା ଆଲେକଜାଣ୍ଡର ଦାସଙ୍କ ପ୍ରଚେଷ୍ଟାରେ ଭାଜପାର ସାଂଗଠନିକ ସ୍ଥିତିରେ ସୁଧାର ଆସିଛି। ଏହି ଦୃଷ୍ଟିରୁ ଭାଜପା ଏଠାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି । ସଞ୍ଚିତା ମହାନ୍ତି ଟିକେଟ ପାଇବା ନେଇ ଏକ ପ୍ରକାର ନିଶ୍ଚିତ ଅଛନ୍ତି। ଦଳ ସହିତ କାର୍ଯ୍ୟ ଜାରି ରଖିଛନ୍ତି ବୋଲି କହିଛନ୍ତି। ବିଶ୍ୱଜିତ କୁହନ୍ତି, ଭାଜପାରେ ସେ ସକ୍ରିୟ ଭାବେ ଜଡିତ ରହିଛନ୍ତି । ଟିକେଟ ପାଇବା ନିଶ୍ଚିତ ତଥାପି ଯଦି ନ ମିଳେ ତେବେ ବି ଦଳରେ ରହି କାର୍ଯ୍ୟ କରିବେ। ସେହିପରି ଆଲେକଜାଣ୍ଡର କହିଛନ୍ତି, ଜିଲାର ଯୁବକର୍ମୀଙ୍କୁ ସେ ଏକଜୁଟ କରି ସଂଗଠନ ଜାରି ରଖିଛନ୍ତି। ସ୍ଥାନୀୟ ନିଯୁକ୍ତି, ଦୁର୍ନୀତି ଉପରେ ଲଢେଇ ଜାରି ରଖିଛନ୍ତି। ଟିକେଟ ପାଇଲେ ସେ ନିଶ୍ଚିତ ଭାବେ ବିଜୟୀ ହେବାର ଆଶା ରଖିଛନ୍ତି । ୧୯୮୫ ପରେ କଂଗ୍ରେସ ଏଠାରେ ଲଗାତର ଭାବେ ପରାଜିତ ହୋଇଛି। ଗତ ପଞ୍ଚାୟତ ନିର୍ବାଚନ ପରେ ବହୁ ତୁଙ୍ଗ ନେତା କଂଗ୍ରେସ ଦଳ ଛାଡିବାରୁ ଦୁର୍ବଳ ଅବସ୍ଥାରେ ପହଞ୍ଚିଥିଲା। କିନ୍ତୁ ଗତ ପ୍ରାୟ ୧ବର୍ଷ ହେବ କଂଗ୍ରେସ ଦଳକୁ ସଜାଡିବାକୁ ନେତୃବର୍ଗ ଅଣ୍ଟା ଭିଡିଛନ୍ତି। ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା ବିଭିନ୍ନ ଗ୍ରାମ ବୁଲି କଂଗ୍ରେସ କର୍ମୀଙ୍କୁ ଏକାଠି କରିବାରେ ଲାଗିଛନ୍ତି । ଏବେ ଟିକେଟ ଦୌଡରେ ସେ ସର୍ବାଗ୍ରେ ରହିଛନ୍ତି। ଯଦି ଟିକେଟ ନ ମିଳେ ତେବେ ବି କଂଗ୍ରେସ ସହିତ ରହିବେ ବୋଲି ସେ କହିଛନ୍ତି । ପୂର୍ବତନ ଜିଲା ପରିଷଦ ସଭ୍ୟ ହରେକୃଷ୍ଣ ସାହୁ, ମନୋଜ ଜେନା, ବିଦ୍ୟାଧର ମହାନ୍ତି ମଧ୍ୟ କଂଗ୍ରେସ ଟିକେଟ ଲବିରେ ରହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଆକାଶ ଦାସନାୟକ | ୭୩,୯୬୬ |
| କଂଗ୍ରେସ | ବିଶ୍ୱଜିତ ନାୟକ | ୩୧,୦୯୯ |
| ଭାଜପା | ସଞ୍ଚିତା ମହାନ୍ତି | ୧୫,୭୬୧ |

| ୨୦୦୯ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରୀତିରଞ୍ଜନ ଘଡେଇ | ୬୧,୪୪୮ |
| କଂଗ୍ରେସ | ହେମଲତା ଖୁଣ୍ଟିଆ | ୩୬,୩୩୬ |




**୨୦୦୯: ମୋଟ ଭୋଟର ସଂଖ୍ୟା** ୧,୭୪,୮୧୨

| ପୁରୁଷ ଭୋଟର | ମହିଳା ଭୋଟର |
|---|---|
| ୯୩,୧୯୯ | ୮୧,୭୧୩ |

**୨୦୧୪: ମୋଟ ଭୋଟର ସଂଖ୍ୟା** ୧,୮୯,୭୨୪

| ପୁରୁଷ ଭୋଟର | ମହିଳା ଭୋଟର |
|---|---|
| ୯୯,୮୪୪ | ୮୯,୮୪୯ |

**ଅନ୍ୟାନ୍ୟ:** ୩୧


ଆକାଶ ଦାସନାୟକ


ପୀୟୂଷ ପାଣି


ବନ୍ଦିତା ପରିଡା


ସଞ୍ଚିତା ମହାନ୍ତି


ଆଲେକଜାଣ୍ଡର ଦାସ


ଲଲାଟେନ୍ଦୁ ମହାପାତ୍ର


ପ୍ରଶାନ୍ତ ମୁଦୁଲି


ରଘୁନନ୍ଦନ ଦାସ


ସାରଦା ଜେନା

# ନିର୍ଣ୍ଣାୟକ ହେବ କଂଗ୍ରେସର ପ୍ରାର୍ଥୀ ଚୟନ

**ପ୍ରମୋଦ କୁମାର ନାୟକ**
ଜଗତ୍‌ସିଂହପୁର ଅଫିସ,୧୦।୩

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଏବେ ସାରା ଜଗତସିଂହପୁର ଜିଲାରେ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ କିଏ କଂଗ୍ରେସ ପ୍ରାର୍ଥୀ ହେବେ ତାହା ଉପରେ ସମସ୍ତଙ୍କ ନଜର। କାରଣ ବିଗତ ନିର୍ବାଚନଗୁଡିକୁ ଅନୁଶୀଳନ କଲେ ଜଣାଯାଏ ଯେ କଂଗ୍ରେସ ଗୋଷ୍ଠୀ କନ୍ଦଳ ବିଜେଡିକୁ ସୁହାଇଛି। ଅନ୍ୟପକ୍ଷରେ ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରଠାରୁ ଜଗତ୍‌ସିଂହପୁର ଜିଲା ରାଜନୀତିରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ କ୍ଷମତା ବୃଦ୍ଧି ପାଇଛି। ସେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଛନ୍ତି। ତେଣୁ ମୁଦୁଲିଙ୍କୁ ଟକ୍କର ଦେବାକୁ କଂଗ୍ରେସ ଓ ଭାଜପା ଉପଯୁକ୍ତ ପ୍ରାର୍ଥୀ ଦେଉଛନ୍ତି ନା ବିଗତ ନିର୍ବାଚନଗୁଡିକ ପରି କୋହଳ ନୀତି ଆପଣାଉଛନ୍ତି, ତାହା ଦେଖିବାକୁ ରହିଲା।

ଭାଜପାରୁ ଏକମାତ୍ର ରଘୁନନ୍ଦନ ଦାସ ଆଶାୟୀ ଥିବା କୁହାଯାଉଛି। ସେ ୧୯୮୪ରେ ଜନତା ପାର୍ଟିରୁ ବାଲିକୁଦା ବ୍ଲକ ଅଧ୍ୟକ୍ଷ, ୧୯୯୨ରେ ବାଲିକୁଦା ପଞ୍ଚାୟତରୁ ସମିତି ସଭ୍ୟ ଓ ୧୯୯୩ରେ କାର୍ଡ ବ୍ୟାଙ୍କ ସଭାପତି ପାଇଁ ଲଢେଇ କରିଥିଲେ। ୨୦୦୦ରୁ ୨୦୧୨ ପର୍ଯ୍ୟନ୍ତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ୨୦୦୦ରେ ସେ ତତ୍କାଳୀନ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ୨୦୦୪ରେ ତାଙ୍କୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇ ପାଖାପାଖି ୪୦ ହଜାର ଭୋଟପାଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେଲା। ସେତେବେଳେ ଦଳ ତାଙ୍କୁ ପୁନର୍ବାର ଅଣଦେଖା କରି ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ କଲା। ଉକ୍ତ ନିର୍ବାଚନରେ ସେ ମୁଦୁଲିଙ୍କୁ ସମର୍ଥନ କରି ଜିତାଇବାରେ ସହଯୋଗ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳ ତାଙ୍କୁ ପୂର୍ବପରି ଅଣଦେଖା କରିବାରୁ ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ୨୦୧୪ ଅକ୍ଟୋବରରେ ବିଧିବଦ୍ଧ ଭାବେ ଭାଜପାରେ ମିଶି ଏବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ତେଣୁ ଆସନ୍ତା ନିର୍ବାଚନରେ ସେ ଭାଜପାରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। କିନ୍ତୁ ସେପଟେ ଦାମ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଛି। ଯଦି ଦାମ ଭାଜପାରେ ମିଶନ୍ତି, ତେବେ ଦଳ ତାଙ୍କୁ ପାରାଦୀପ କିମ୍ବା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିପାରେ।

ବିଜେଡିରୁ ବିଧାୟକ ପ୍ରଶାନ୍ତ ମୁଦୁଲି ପୁଣିଥରେ ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ସେ ୧୯୯୨ରେ ସରପଞ୍ଚ ପ୍ରାର୍ଥୀ ହୋଇ ହାରିଥିଲେ ସୁଦ୍ଧା ୧୯୯୭ରେ ପଞ୍ଚାୟତ ସମିତି ସଭ୍ୟ ହୋଇଥିଲେ। ପରେ ରଘୁନନ୍ଦନଙ୍କ ସହଯୋଗରେ ଆଗକୁ ବଢିଥିଲେ। ୨୦୦୨ରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ୨୦୦୭ରେ ଜିଲା ପରିଷଦ ସଭ୍ୟ ହୋଇଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ରଘୁନନ୍ଦନଙ୍କୁ ପଛରେ ପକାଇ ସେ ବିଧାୟକ ପ୍ରାର୍ଥୀ ହୋଇ ଜିତିଥିଲେ। ପ୍ରଶାନ୍ତଙ୍କ କହିବା କଥା ହେଲା ତାଙ୍କ ସମୟରେ ଏହି ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନତି ହୋଇଛି। ପାନୀୟଜଳ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏବେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ତେଣୁ ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ହେବାକୁ ଏକାଧିକ ଆଶାୟୀ ଅଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର(ଜିତୁ), ସାରଦା ଜେନା ଓ ଶିବବ୍ରତ ଦାଶ। ଲଲାଟେନ୍ଦୁ ୧୯୯୧ରେ ପିସିସି ସଭ୍ୟ ଓ ୧୯୯୫ରେ ବିଧାୟକ ହେବାର ଗୌରବ ହାସଲ କରିଥିଲେ। ୨୦୦୪ରୁ ୨୦୧୮ ପର୍ଯ୍ୟନ୍ତ ପିସିସି ମୁଖପାତ୍ର ଏବଂ ଏବେ ଏଆଇସିସି ସଭ୍ୟ ଅଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କ ସୁଖଦୁଃଖରେ ସେ ସବୁବେଳେ ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଦଳ ଏଠାରେ ଭଲ ପ୍ରଦର୍ଶନ କରିଥିଲା। ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେଲେ ଜିତିବେ ବୋଲି ଆଶା ରଖିଛନ୍ତି। ସେହିପରି ସାରଦା ୧୯୯୪ରେ ଏରସମା ବ୍ଲକ ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୧୯୯୭ରେ ଏକକାଳୀନ ଏରସମା ଜିଲା ପରିଷଦ ଜୋନ ସଂଖ୍ୟା ୩ ସଭ୍ୟ ଓ ଭିତର ଅନ୍ଧାରୀ ସମିତି ସଭ୍ୟ ଭାବେ ଜିତିଥିଲେ। ୧୯୯୮ରେ ଜିଲା ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୨୦୦୨ ଓ ୨୦୦୭ରେ ସେ କ୍ରମାଗତ ଭାବେ ଏରସମା ଜିଲା ପରିଷଦ ଜୋନ ସଂଖ୍ୟା ୧ ଓ ୩ ରୁ ଜିତିଥିଲେ। ୨୦୧୨ରେ ଜୋନ୍ ସଂଖ୍ୟା ୪ରୁ ମଧ୍ୟ ବିଜୟୀ ହୋଇଥିଲେ। ୨୦୧୪ରେ ପ୍ରଥମ ଥର ପାଇଁ ଏହି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ଭଲ ଭୋଟ ପାଇଥିଲେ। ଜମିହରାଙ୍କ ପାଇଁ ଆନ୍ଦୋଳନ କରି ସେ ଜେଲ ଯାଇଥିଲେ। ତେଣୁ ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ଆଶାବାଦୀ ଥିବା କହିଛନ୍ତି। ଶିବବ୍ରତ ଓକିଲାତି ଛାଡି ୨୦୦୨ରେ ଅଡଙ୍ଗା ପଞ୍ଚାୟତ ସମିତି ସଭ୍ୟ ହୋଇଥିଲେ। ୨୦୧୨ରେ ବାଲିକୁଦା ଜିଲା ପରିଷଦ ଜୋନ୍ ସଂଖ୍ୟା ୨ରୁ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୧୭ରେ ବାଲିକୁଦା ଜୋନ ସଂଖ୍ୟା ୩ରୁ ପ୍ରାର୍ଥୀ ହୋଇଥିଲେ। ପୂର୍ବରୁ ସେ ଜିଲା ସାଧାରଣ ସମ୍ପାଦକ ଓ ଏବେ ଜିଲା କାର୍ଯ୍ୟକାରୀ ସଭାପତି ଅଛନ୍ତି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଶାନ୍ତ କୁମାର ମୁଦୁଲି | ୬୯,୩୩୫ |
| କଂଗ୍ରେସ | ଲଲାଟେନ୍ଦୁ ମହାପାତ୍ର | ୩୯,୯୮୧ |
| ସ୍ୱାଧୀନ | ରଘୁନନ୍ଦନ ଦାସ | ୩୨,୧୩୫ |
| ସ୍ୱାଧୀନ | ସାରଦା ଜେନା | ୨୩,୯୪୮ |

**୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା –୨,୫୦,୮୪୩**

# ଗୋଷ୍ଠୀ ବିବାଦ
## ସବୁ ଦଳ ପାଇଁ ଚିନ୍ତା

**ଶୁଭାଶିଷ ପାଢ଼ୀ**
ସମ୍ବଲପୁର,୧୦।୩(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା ହୋଇଛି। ରାଜ୍ୟରେ ଏକା ସଙ୍ଗରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜନୈତିକ ବାତାବରଣ ସରଗରମ ରହିଛି। ବିଶେଷ କରି ତିନି ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡିରୁ ଟିକେଟ୍ ପାଇବା ପାଇଁ ଆଶାୟୀମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏକଦା ସମ୍ବଲପୁର ବିଧାନସଭା କ୍ଷେତ୍ର କଂଗ୍ରେସର ଗଡ଼ ଥିଲା। ୨୦୦୦ ଓ ୨୦୦୪ ନିର୍ବାଚନରେ ଏଠାରୁ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଜୟନାରାୟଣ ମିଶ୍ର ବିଜୟୀ ହୋଇଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ଭାଜପା ଟିକେଟରେ ଜୟନାରାୟଣ ପୁଣି ବିଧାୟକ ହୋଇଥିଲେ। ହେଲେ ୨୦୧୪ରେ ବିଜେଡି ଏଠାରେ ନୂଆ ଚେହେରା ଭାବେ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରି ସଫଳତା ପାଇଥିଲା। ତେଣୁ ୨୦୧୯ରେ ଏଠାରେ ମୁଖ୍ୟତଃ ତିନି ପ୍ରମୁଖ ଦଳ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ଆକଳନ କରାଯାଉଛି। ହେଲେ ତିନିଦଳରେ ଗୋଷ୍ଠୀ ବିବାଦ ଲାଗି ରହିଛି, ଯାହା ସବୁ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

୨୦୧୪ ନିର୍ବାଚନରେ ବିଧାୟିକା ପାଣିଗ୍ରାହୀଙ୍କ ବଡ଼ଭାଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ସମର୍ଥନ, ସହଯୋଗ ତାଙ୍କୁ ସୁହାଇଥିଲା। ସଂଖ୍ୟାଲଘୁ ଭୋଟରଙ୍କ ସମର୍ଥନ ମଧ୍ୟ ରାସେଶ୍ୱରୀଙ୍କୁ ମିଳିଥିଲା। ହେଲେ ଇତିମଧ୍ୟରେ ଶ୍ରୀବଲ୍ଲଭଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ସହଯୋଗ ଆଉ ବିଧାୟିକାଙ୍କୁ ମିଳିବ ନାହିଁ। ସେହିପରି ସଂଖ୍ୟାଲଘୁ ଭୋଟ ମଧ୍ୟ ବିଭାଜନ ହେବାର ଆଶଙ୍କା ଉପୁଜିଛି। ପୂର୍ବତନ ଜିଲା ବିଜେଡି ସଭାପତି ପ୍ରମୋଦ ରଥ ଓ ତାଙ୍କ ସମର୍ଥକ ବିଧାୟିକାଙ୍କୁ ବିରୋଧ କରୁଛନ୍ତି। ଅନ୍ୟତମ ବିଜେଡି ଟିକେଟ ଆଶାୟୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟବ୍ରତ ଦେ ବିଧାୟିକାଙ୍କୁ ବିରୋଧ କରି ତାଙ୍କ ଅପାରଗତା ଓ ଦୁର୍ନୀତିକୁ ନେଇ ବାରମ୍ବାର ବିଭିନ୍ନ ସ୍ଥାନରେ ବୈଠକ, ରାଲି ଆୟୋଜନ କରୁଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ଗତ ଶନିବାର ତାଙ୍କୁ ବହିଷ୍କାର କରାଯାଇଛି। ଏଣୁ ଜୟବ୍ରତ ମଧ୍ୟ ନିର୍ବାଚନରେ ବିଧାୟିକାଙ୍କୁ ତୀବ୍ର ବିରୋଧ କରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ବିଧାୟିକା ପାଣିଗ୍ରାହୀଙ୍କ ସମେତ ବିଜେଡି ରାଜ୍ୟ ସମ୍ପାଦିକା ଚନ୍ଦ୍ରଲେଖା ବହିଦାର, ଯୁବନେତା ସଞ୍ଜିତ ମହାନ୍ତି ମଧ୍ୟ ସମ୍ବଲପୁର ବିଧାନସଭା ଆସନରୁ ଟିକେଟ ଦାବିଦାର ରହିଛନ୍ତି। ପୁଣି ଜଣେ ନୂଆ ମୁହଁ ତଥା ମହିଳାଙ୍କୁ ସମ୍ବଲପୁରରେ ଦଳ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଟିକେଟ ଆଶାୟୀ ନେତାମାନେ ଏବେ ଭୁବନେଶ୍ୱରରେ ଡେରା ପକାଇଛନ୍ତି।

ଭାଜପାରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଓ ଦଳର ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀଙ୍କ ମଧ୍ୟରେ ବିବାଦ କାହାକୁ ଅଛପା ନାହିଁ। ଗତ ନିର୍ବାଚନରେ ଗୋଷ୍ଠୀ ବିବାଦ ଜୟନାରାୟଣଙ୍କ ପରାଜୟର ପ୍ରମୁଖ କାରଣ ବୋଲି ତାଙ୍କ ସମର୍ଥକ ସ୍ୱୀକାର କରିଛନ୍ତି। ତେଣୁ ଉଭୟ ମିଶି କାମ କରିବାକୁ ଉପରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ରହିଥିବା ମନାନ୍ତର ବିଭିନ୍ନ ସଭାସମିତିରେ ସ୍ପଷ୍ଟ ବାରି ହୋଇପଡୁଛି। ତେବେ ସମ୍ବଲପୁର ଆସନରୁ ଜୟନାରାୟଣ ଭାଜପାର ପ୍ରମୁଖ ଟିକେଟ ଦାବିଦାର ହୋଇଥିବାବେଳେ ଯଦି କୌଣସି କାରଣରୁ ସେ ନିର୍ବାଚନରୁ ଦୂରେଇ ରୁହନ୍ତି ତେବେ ତାଙ୍କ ସମର୍ଥକଙ୍କୁ ହିଁ ଟିକେଟ ମିଳିବ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ ଭିମ୍‌ସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ଭାଜପାରେ ଯୋଗଦେଇ ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ଟିକେଟ ଆଶାୟୀ ଭାବେ ଉଭା ହୋଇଥିଲେ। ହେଲେ ଦଳର ଜଣେ ବରିଷ୍ଠ ନେତାଙ୍କ ବିରୋଧ ଯୋଗୁ ସେ ଏହି ଦୌଡ଼ରୁ ଓହରିଯାଇଥିବା କୁହାଯାଉଛି। କଂଗ୍ରେସ ପକ୍ଷରୁ ସମ୍ବଲପୁର ପାଇଁ ୭ ଜଣ ଆଶାୟୀ ସ୍କ୍ରିନିଂ କମିଟି ନିକଟରେ ଆବେଦନ କରିଥିଲେ। ହେଲେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଯୁବନେତା ଦୁଲାଳ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ସୁଧୀର ପଣ୍ଡା ପ୍ରମୁଖ ଦାବିଦାର ହୋଲି କୁହାଯାଉଛି। ପ୍ରତ୍ୟେକ ଦଳରେ ଏକାଧିକ ଟିକେଟ ଆଶାୟୀ ଓ ଗୋଷ୍ଠୀ ବିବାଦ ସମ୍ପୃକ୍ତ ଦଳକୁ ଅଡୁଆରେ ପକାଇବା ସମ୍ଭାବନା ରହିଛି।

ବିଧାୟିକା ତଥା ବିଜେଡି ନେତ୍ରୀ ରାସେଶ୍ୱରୀ ପାଣିଗ୍ରାହୀ କୁହନ୍ତି, ବିଜେଡି ସରକାର ସମୟରେ ସମ୍ବଲପୁରରେ ଅନେକ ବିକାଶମୂଳକ କାମ ହୋଇଛି। ବିକାଶ ପାଇଁ ଭୋଟର ତାଙ୍କୁ ସମର୍ଥନ କରିବେ। ବ୍ୟକ୍ତିଗତ ଭାବେ ଲୋକଙ୍କ ସହ ଭଲ ସମ୍ପର୍କ ରହିଛି। ଟିକେଟ ପ୍ରଦାନ ନେଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଅନ୍ୟତମ ବିଜେଡି ଟିକେଟ ଆଶାୟୀ ତଥା ଦଳର ରାଜ୍ୟ ସମ୍ପାଦିକା ଚନ୍ଦ୍ରଲେଖା ବହିଦାର କୁହନ୍ତି, ବିଜେଡିରେ ଅଛି। ବିଭିନ୍ନ ସାମାଜିକ କାମରେ ନିଜକୁ ନିୟୋଜିତ କରିଛି। ଲୋକଙ୍କ ସହ ସମ୍ପର୍କ ଭଲ ରହିଛି। ତେଣୁ ନିର୍ବାଚନ ଲଢ଼ିବା ପାଇଁ ଆଶା ରଖିଛି। ଦଳ ସଭାପତି ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ବୋଲି ବହିଦାର କହିଛନ୍ତି।

ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର କୁହନ୍ତି, ଦଳର ସଂଗଠନ ଏଠାରେ ବହୁ ପୁରୁଣା। ଦଳ ସଂଗଠିତ ହୋଇ ରହିଛି। କେଉଁ ପ୍ରାର୍ଥୀ କିମ୍ବା ଦଳକୁ ଲୋକେ ଭୋଟ ଦେବେ ତାହା ସେମାନେ ନିଷ୍ପତ୍ତି ନେବେ। ଯେଉଁ ନେତା ଲୋକଙ୍କ ଆସ୍ଥାଭାଜନ ହୋଇପାରିବେ ସେ ବିଜୟୀ ହେବେ ବୋଲି ମିଶ୍ର କହିଛନ୍ତି। ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଅଶ୍ୱିନୀ ଗୁରୁ କୁହନ୍ତି, ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଦୂର ହୋଇନାହିଁ। ଏ ସମ୍ପର୍କରେ ଦଳ ଲୋକଙ୍କୁ ସଚେତନ କରିବ। ପୂର୍ବ ଅପେକ୍ଷା ଦଳର ସ୍ଥିତିରେ ଯଥେଷ୍ଟ ସୁଧାର ଆସିଛି। ଟିକେଟ ଯାହାକୁ ମିଳିଲେ ମଧ୍ୟ ଦଳ ଏକଜୁଟ ହୋଇ କାମ କରିବ। ବିଜେଡି ବିଧାୟିକା ପାଣିଗ୍ରାହୀଙ୍କ କହିବାନୁଯାୟୀ ଗତ ୫ବର୍ଷ ମଧ୍ୟରେ ଏଠାରେ ଅନେକ ବିକାଶମୂଳକ କାମ ହୋଇଛି। ହେଲେ ଏବେ ବି ଅନେକ ମୌଳିକ ସମସ୍ୟା ସମାଧାନ ହୋଇପାରି ନାହିଁ। ସବୁ ଲୋକଙ୍କ ପାଖରେ ବିଜୁଳି, ପାଣି, ରାସ୍ତାଘାଟ ପହଞ୍ଚି ପାରିନାହିଁ ବୋଲି ବିରୋଧୀ କହୁଛନ୍ତି। ହାଇକୋର୍ଟ ସ୍ଥାୟୀ ବେଞ୍ଚ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ଭିମ୍‌ସାରରେ ଅଚଳାବସ୍ଥା ସହ ଡାକ୍ତର ଅଭାବ, ଡ୍ରେନେଜ ନିର୍ମାଣ ପ୍ରସଙ୍ଗକୁ ବିରୋଧୀ ଏଠାରେ ଅସ୍ତ୍ର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ରାସେଶ୍ୱରୀ ପାଣିଗ୍ରାହୀ | ୪୮,୩୬୨ |
| ଭାଜପା | ଜୟନାରାୟଣ ମିଶ୍ର | ୩୮,୪୦୪ |
| କଂଗ୍ରେସ | ସୁରେଶ୍ୱର ମିଶ୍ର | ୧୯,୦୨୦ |

**ମୋଟ ଭୋଟର ସଂଖ୍ୟା** ୧,୯୮,୫୫୫

**ଅନ୍ୟାନ୍ୟ** ୪୩

**ପୁରୁଷ ଭୋଟର** ୧୦୦,୯୮୬

**ମହିଳା ଭୋଟର** ୯୭,୫୨୬


ରାସେଶ୍ୱରୀ ପାଣିଗ୍ରାହୀ


ଜୟନାରାୟଣ ମିଶ୍ର


ଚନ୍ଦ୍ରଲେଖା ବହିଦାର


ଅଶ୍ୱିନୀ କୁମାର ଗୁରୁ



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।
-ଚେଷ୍ଟର ଫିଲ୍ଡ



## ସଂକ୍ଷେପରେ

### ପୁରୁଣା ଜଗନ୍ନାଥ ସଡ଼କର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ବାଲିଅନ୍ତା,୧୦।୩(ଡି.ଏନ୍.ଏ):** ବାଲିଅନ୍ତାରୁ ବାଲକାଟୀକୁ ସଂଯୋଗ କରୁଥିବା ପୁରୁଣା -ଜଗନ୍ନାଥ ସଡକରେ ବଇଁଚୁଆରୁ ଭୁବନପୁର ଗ୍ରାମ ପର୍ଯ୍ୟନ୍ତ ମରାମତି ବାକିଥିବା ୬କିମି ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଅତିଥି ଭାବେ ଯୋଗଦେଇ ବଇଁଚୁଆ ହାଟ ଛକରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭୁବନେଶ୍ୱର ପୂର୍ତ୍ତବିଭାଗ ଡିଭିଜନ-୨ ପକ୍ଷରୁ ହେବାକୁ ଥିବା ମରାମତି ଓ ଉନ୍ନତୀକରଣ ପାଇଁ ରାଜ୍ୟ ଯୋଜନାରୁ ୭କୋଟି ୨୧ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ୪ମାସ ତଳେ ଏହି ରାସ୍ତାରେ ମହରା ସେତୁ ଲୋକାର୍ପିତ ହୋଇଥିବାବେଳେ ଏହି ୭କିମି ରାସ୍ତା ଅପେକ୍ଷା ଥିବାରୁ ଲୋକେ ଅସନ୍ତୋଷ ପ୍ରକ୍ରିୟା କରିଥିଲେ। ଶେଷରେ ମନ୍ତ୍ରୀ ବେହେରାଙ୍କ ଉଦ୍ୟମକ୍ରମେ ବାକି ରାସ୍ତା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ସରପଞ୍ଚ ବିଜୟ ସାହୁ, ସମିତିସଭ୍ୟ ତୈଲୋକ୍ୟ ମଙ୍ଗରାଜ, ନବୀନଚନ୍ଦ୍ର ସାହୁ, ଦିଲୀପ ସାହୁ, ପ୍ରଶାନ୍ତ ସାହୁ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର ଓ ସହକାରୀ ଯନ୍ତ୍ରୀ ଦିଲୀପ ପତି ଉପସ୍ଥିତ ଥିଲେ।

### ଇଭିଏମ୍ ଭିଭିପିଏଟି ସଚେତନତା



**କୃଷ୍ଣପ୍ରସାଦ,୧୦।୩(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସାଧାରଣ ନିର୍ବାଚନରେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ନାଥ ପଲେଇ, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ସୌଭାଗ୍ୟ କୁମାର ବଳିୟାରସିଂହ, ମୁଖ୍ୟ କିରାଣି ରୂପକ କୁମାର ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### 'ମିଛୁଆ ରାଧୁଆ ଗପ ସରିଲା' ମଞ୍ଚସ୍ଥ

**ନିରାକାରପୁର,୧୦।୩(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶିପୁର ଗାଁଠାରେ ମା' ଭୈରବୀ ଯୁବ ପରିଷଦ ଆନୁକୂଲ୍ୟରେ ଗାଁ ଯୁବକମାନଙ୍କ ଦ୍ୱାରା ରବିବାର 'ମିଛୁଆ ରାଧୁଆ ଗପ ସରିଲା' ନାଟକ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କାଲୁ ଚରଣ ଖଣ୍ଡାୟତରାୟ, ମାନସ ପଟ୍ଟନାୟକ, ଆଇନଜୀବୀ ମଳୟ ରଞ୍ଜନ ମହାପାତ୍ର, ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସରପଞ୍ଚ ମମତା ବେହେରା, ପୂର୍ବତନ ସମିତି ସଭ୍ୟ ଚରଣ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଆବାହକ ସନ୍ତୋଷ କୁମାର ଦଳେଇ ମିଛକଥା ନ କହିବା ପାଇଁ ନୈତିକ ପରାମର୍ଶ ଦେଇଥିଲେ।

### ୧୯୭ ବୋତଲ ବିଦେଶୀ ମଦ ଜବତ: ୨ ଗିରଫ

**ସାକ୍ଷୀଗୋପାଳ,୧୦।୩(ଡି.ଏନ୍.ଏ.):** ନିର୍ବାଚନକୁ ଦୃଷ୍ଟିରେ ରଖି ସତ୍ୟବାଦୀ ପୋଲିସ ଚୋରାମଦ କାରବାର ରୋକିବା ଦିଗରେ ଚଢ଼ାଉ ଆରମ୍ଭ କରିଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନାର ମଧୁବନ ପଞ୍ଚାୟତର ବାଣପୁର ଓ ଦାଶବିଦ୍ୟାଧରପୁର ପଞ୍ଚାୟତର ଭିଁପୁର ଗ୍ରାମରେ ରବିବାର ଚୋରାମଦ କାରବାର ଚଳାଇଥିବା ଦୁଇଜଣ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରାଯାଇଥିଲା ବୋଲି ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ୧୩ଟି ବିଭିନ୍ନ କମ୍ପାନୀର ୧୯୭ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଜବତ ମଦ ୫୨ ଲିଟର ହେବ। ଏଥିରେ ସମ୍ପୃକ୍ତ ରବି ପ୍ରଧାନ ଓ ପ୍ରଶାନ୍ତ ସାହୁ ଦୁଇଜଣଙ୍କୁ ଗିରଫ କରାଯାଇଛି। ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଅନ୍ୟ ପୋଲିସ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଥାନା.୪୩ ଓ ୪୪/୧୯ରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି।

■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମ ଅଧାପନ୍ତରିଆ ଅଭିଯୋଗ

# ଅସୁବିଧା ଭୋଗୁଛନ୍ତି ଲୋକେ

**ବେଗୁନିଆ,୧୦।୩ (ଡି.ଏନ.ଏ.)**

ଜନସାଧାରଣଙ୍କ ହିତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରିଛନ୍ତି। ଗାଁର ଗହଳିର ରାସ୍ତା ଘାଟର ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା କାର୍ଯ୍ୟକାରୀ ହେଉଛି। ସେଥିପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଉଛନ୍ତି। ଠିକାଦାର ଓ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ନିୟମର ଚୁକ୍ତିନାମା ସ୍ୱାକ୍ଷର କରାଯାଇଥାଏ। ପ୍ରକଳ୍ପଗୁଡିକର କାମ ଶେଷ ଲାଗି ବର୍ଷେରୁ ଆରମ୍ଭ କରି ୨ରୁ ୩ ବର୍ଷ ପର୍ଯ୍ୟନ୍ତ ଅବଧି ଧାର୍ଯ୍ୟ ହୋଇଥାଏ। ଯଦି ଠିକାଦାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାମ ଶେଷ ନ କରନ୍ତି ତାହା ହେଲେ ସେମାନଙ୍କ ଉପରେ କେବଳ ପେନାଲିଟି କଷି ବିଭାଗୀୟ ଅଧିକାରୀ ଚୁପ ହୋଇ ବସି ପଡିଥାନ୍ତି। ଏଥିଯୋଗୁ ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ଯୋଗୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବିଶେଷକରି ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି) ପକ୍ଷରୁ




ବେଗୁନିଆ-ବଡବେରଣା ରାସ୍ତାକଡରେ ଥିବା ସୂଚନାଫଳକ।



ଗୋବିନ୍ଦପୁର-ନରସିଂହପୁର ରାସ୍ତା କୁଶପଲାଠାରେ ଅଧାରେ ବନ୍ଦ ରହିଛି।

ପ୍ରାୟ ୯ କୋଟି ଟଙ୍କା ବ୍ୟୟ ବରାଦରେ ୩ଟି ପ୍ରକଳ୍ପ ନିର୍ମାଣ କାମ ଚାଲିଛି। ନିର୍ମାଣ କାମ ଶେଷ କରିବାର ଅବଧି ସରି ଯାଇଥିଲେ ହେଁ ବର୍ଷେରୁ ଅଧିକ ସମୟ ବିତିଗଲାଣି। ହେଲେ ସରକାର ଓ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଲୋକଙ୍କ ହିତରେ ପ୍ରକଳ୍ପଗୁଡିକ ଆସୁନି।

୨୦୧୪ ନଭେମ୍ବର ୨୨ରେ ଗୋବିନ୍ଦପୁରଠାରୁ ନରସିଂହପୁର ରାସ୍ତାକୁ ୪ କିମି ୫୬୦ ମି ଦର୍ଶାଇ ୨ କୋଟି ୫୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିବର୍ଷ ଡିସେମ୍ବରଠାରୁ ଉକ୍ତ କାର୍ଯ୍ୟ ଚାଲୁ ରହିଥିଲା। ପୁଣି ଯୋଜନାର ଅବଧି ସମୟ ବର୍ଷେ ଉଲ୍ଲେଖ ରହିଥିବା ବେଳେ ତାହା ଏବେ ୪ ବର୍ଷ ବିତିଗଲାଣି। ଅନ୍ୟପକ୍ଷରେ କାର୍ଯ୍ୟ ଏବେ ୨୦ ପ୍ରତିଶତ ଶେଷ ହୋଇପାରିନାହିଁ। ସେହିପରି ବ୍ଲକ ଅଧୀନ ବେଗୁନିଆଠାରୁ ପରିଛଳ ରାସ୍ତାକୁ ୮ କିମି ୫୬୦ ମିଟର ଦର୍ଶାଇ ୩ କୋଟି ୮୭ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟ ବରାଦରେ ରାସ୍ତା କାର୍ଯ୍ୟ ଚାଲୁ ରହିଛି। ଏଥିରେ ପିଚୁ ୭ କିମି ୩୦୦ ମିଟର ଓ ଢଳେଇ ୧ କିମି ୨୦୦ ମିଟର ନିର୍ମାଣ କରାଯିବ ବୋଲି ନିୟମ ରହିଛି। ଏଥିସହ ୫ଟି କଲଭର୍ଟ ଓ ୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ୩୭ ଲକ୍ଷ ୮୫ ହଜାର ବ୍ୟୟ କରାଯିବ। ମାତ୍ର କାର୍ଯ୍ୟ ୧୧।୧୧।୨୦୧୬ରୁ ଆରମ୍ଭ ହୋଇ ୧୦।୧୦। ୨୦୧୭ରେ ଶେଷ ହେବାକୁ ଅବଧି ସମୟ ଉଲ୍ଲେଖ ରହିଛି। ମାତ୍ର ତାହା ଏବେ ୧ ବର୍ଷ ୫ ମାସ ଗଡିଗଲାଣି। କାମ ଏବେ ଅଗ୍ରଗତି ହୋଇପାରୁନାହିଁ। ସେହିପରି ଅନୁରୂପ ଭାବେ ବେଗୁନିଆଠାରୁ ବଡବେରଣା ପର୍ଯ୍ୟନ୍ତ ଦୂରତା ୪. ୦୨କିମି ଦର୍ଶାଇ ୧ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟବରାଦ କରାଯାଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ କାର୍ଯ୍ୟ ଚାଲୁ ରହିଛି। ଏଥିସହ ୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୧୭ ଲକ୍ଷ ୮୮ ହଜାର ମଧ୍ୟ ବ୍ୟୟ କରାଯିବ। କାର୍ଯ୍ୟ ୨୦।୧୨।୨୦୧୬ରୁ ଆରମ୍ଭ ହୋଇ ୧୯।୦୯।୨୦୧୭ରେ ନିର୍ମାଣ ଶେଷ ହେବା କଥା। ତାହା ଏବେ ଦେଢବର୍ଷ ଅତିକ୍ରମ ହେଲାଣି। ହେଲେ ଏଯାଏଁ ପ୍ରାୟ ଦେଢ କିମି ରାସ୍ତାର କାମ ପିଚୁ ନ ହୋଇ ପଡିରହିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଏସ୍‌ଡିଓ ଅନିଲ ସେଠୀଙ୍କୁ ପଚାରିବାରେ, କାମ ସବୁଠି ଚାଲିଛି। ତଥାପି ଶୀଘ୍ର ଶେଷ କରିବାକୁ ବିଭାଗ ପକ୍ଷରୁ ଠିକାଦାରମାନଙ୍କୁ ତାଗିଦ୍ କରାଯାଇଥିବା ସେ କହିଛନ୍ତି।

■ ଓଡ଼ିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘର ବାର୍ଷିକ ଅଧିବେଶନ

## ସଂଶୋଧିତ ସମ୍ବିଧାନ ଅନୁମୋଦିତ




ଅଧିବେଶନରେ ଅତିଥିଙ୍କ ସହ ସଂଘ ସଦସ୍ୟମାନେ।

**ଭୁବନେଶ୍ୱର,୧୦।୩**

■ ଇସିଏଚ୍‌ଏସ୍ ସମନ୍ୱୟ କମିଟି ଗଠନ

■ ଜିଲାୱାରି ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି

ଓଡ଼ିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘର ବାର୍ଷିକ ସାଧାରଣ ଅଧିବେଶନ ରବିବାର ଭୁବନେଶ୍ୱରସ୍ଥିତ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିଅନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବ୍ରିଗେଡିୟର ବରଦା ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ଉପଦେଷ୍ଟା ବ୍ରିଗେଡିୟର ବାସୁଦେବ ରାଉତରାୟ, ପୃଷ୍ଠପୋଷକ ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ବରିଷ୍ଠ ଉପ ସଭାପତି କଲୋନେଲ ସୁଦର୍ଶନ ମିଶ୍ର ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପୁଲୱାମା ସମେତ ଅନ୍ୟ ସ୍ଥାନରେ ଦେଶମାତୃକାର ସୁରକ୍ଷା ନିମନ୍ତେ ବଳିଦାନ ଦେଇଥିବା ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଲ୍ୟୁଟନାଣ୍ଟ କଲୋନେଲ ଲୋକନାଥ ସାହୁ ବାର୍ଷିକ ବିବରଣୀ ପାଠ କରି ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନା କରିବା ପରେ ତାହା ଅନୁମୋଦନ ଲାଭ କରିଥିଲା। ସଂଘର ଲିଗାଲ ଆଡଭାଇଜର ଆଡଭୋକେଟ ବିଶିକେଶନ ପ୍ରଧାନ ସଂଶୋଧିତ ସମ୍ବିଧାନ ଉପସ୍ଥାପନ କରିବା ପରେ ତାହା ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା। ଅଧିବେଶନରେ ବିଭିନ୍ନ ଜିଲାର ପ୍ରତିନିଧିଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ। ମୁଖ୍ୟ ସମସ୍ୟା ମଧ୍ୟରେ ଇସିଏଚଏସ (ସ୍ୱାସ୍ଥ୍ୟ ସେବା) ଦ୍ୱାରା ଅନୁମୋଦିତ ହସ୍‌ପିଟାଲରେ ଅନ୍ୟ ରାଜ୍ୟ ଭଳି ବିନା ରେଫରାଲରେ ସିଧାସଳଖ ସ୍ମାର୍ଟ କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମିଡିଆ ସେଲ ସଦସ୍ୟ ଆଦର୍ଶ କୁମାର ପଟ୍ଟନାୟକ ମତ ଉପସ୍ଥାପନ କରିଥିଲେ। କ୍ୟାଣ୍ଟିନ ଓ ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ନିମନ୍ତେ ବରିଷ୍ଠ ଉପସଭାପତି ମିଶ୍ର, କଲୋନେଲ ବୀରେନ୍ଦ୍ର କୁମାର ବସ୍ତିଆ ଓ ଅନ୍ୟ ସଦସ୍ୟଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯାଇଥିଲା। କମିଟି ସଦସ୍ୟମାନେ ଏ ସମ୍ପର୍କିତ ସମସ୍ୟା ସମ୍ପର୍କରେ ଷ୍ଟେଶନ ହେଡକ୍ୱାର୍ଟର ଓ ଇସିଏଚଏସ୍ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ଅବହେଳିତ ହୋଇ ରହିଥିବା ଭୂତପୂର୍ବ ସୈନିକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଜିଲାୱାରି ସଭ୍ୟ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବ୍ରିଗେଡିୟର ଅଶୋକ କୁମାର ରିଉ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ଗିରି, ଉପସଭାପତି ଗୋଦାବରୀଶ ମହାପାତ୍ର, କଲୋନେଲ ପି.କେ. ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ କର୍ମଶାଳା

**କୋଣାର୍କ, ୧୦।୩(ଡି.ଏନ୍.ଏ.)**

ବଙ୍ଗୋପସାଗର ଉପକୂଳ ବର୍ତ୍ତମାନ ଗଭୀର ପରିବେଶୀୟ ସଙ୍କଟ ଦେଇ ଗତି କରୁଛି। ଦୀର୍ଘ ୪୮୦ କିମି ଉପକୂଳ ଅଞ୍ଚଳରେ ପରିବେଶୀୟ କ୍ଷତି ସହ ସାମୁଦ୍ରିକ ଜୀବଜନ୍ତୁଙ୍କ ବସତି ପ୍ରତି ଘୋର ବିପଦ ଉଭା ହେଲାଣି। ଜଣେ ବୈଜ୍ଞାନିକଙ୍କ ଦୃଷ୍ଟିଭଙ୍ଗୀରେ ଯେପରି ଉତ୍ତାପ ହ୍ରାସ ଓ ବୃଦ୍ଧି ଘଟୁଛି, ସେ ନେଇ ଉଦ୍‌ବେଗ ପ୍ରକାଶ ସହ ତା'ର ନିରାକରଣ ଆବଶ୍ୟକ ବୋଲି ରବିବାର ସ୍ଥାନୀୟ ଯାତ୍ରୀ ନିବାସଠାରେ ୟଙ୍ଗ୍ ଇଣ୍ଡିଆ ଓ ୱାଟର ଇନିସିଏଟିଭ୍‌ର ମିଳିତ ଆୟୋଜନରେ ଅନୁଷ୍ଠିତ ବଙ୍ଗୋପସାଗରରେ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଗଣମାଧ୍ୟମ କର୍ମଶାଳାରେ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତିତ୍ୱ ଏବଂ ବୈଜ୍ଞାନିକ ତଥା ସାମାଜିକ କର୍ମୀ ମତବ୍ୟକ୍ତ କରିଥିଲେ। ପରିବେଶ ପ୍ରଦୂଷଣ ଏବଂ ଉପକୂଳ କ୍ଷତିଗ୍ରସ୍ତ ହେବା ଫଳରେ ଉପକୂଳୀୟ ଇଲାକାରେ ଏହାର କୁପରିଣାମ ସମସ୍ତେ ଭୋଗିବା ଏବଂ ଆଗାମୀ ଭବିଷ୍ୟତରେ ଏହା ଗୁରୁତର ଆକାର ଧାରଣ କରିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି।

ୟଙ୍ଗ୍ ଇଣ୍ଡିଆର ସଭାପତି ତଥା ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ୍.ଏ. ଶାହ ଅନ୍‌ସାରୀଙ୍କ ସ୍ୱାଗତ ଭାଷଣ ପରେ ୱାଟର ଇନିସିଏଟିଭ୍‌ର ଆବାହକ ରଞ୍ଜନ ପଣ୍ଡା ଗଣମାଧ୍ୟମ କର୍ମଶାଳାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଆଇଆଇଟି ଭୁବନେଶ୍ୱରର ବୈଜ୍ଞାନିକ ଡ. ସନ୍ଦୀପ ପଟ୍ଟନାୟକ ବଙ୍ଗୋପସାଗର ତଟୀୟ କ୍ଷେତ୍ରରେ ପରିବେଶ ପରିବର୍ତ୍ତନ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିବା ବେଳେ କ୍ୟାଥୋଲିକ ରିଲିଫ୍ ସର୍ଭିସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଶୈଳେନ୍ଦ୍ର ପଟ୍ଟନାୟକ ଜଳବାୟୁ ପରିବର୍ତ୍ତନ ଏବଂ କୃଷି ଉପରେ ପ୍ରଭାବ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। କନ୍‌ସର୍ନ ୱାର୍ଲ୍ଡ ୱାଇଡ୍‌ର ଅଧିକାରୀ ସରୋଜ ଦାଶ ସ୍ଥାନୀୟ ପରିବେଶୀୟ ସମସ୍ୟାଗୁଡ଼ିକୁ କିପରି ଜାତୀୟ ଓ ଅନ୍ତର୍ଜାତୀୟସ୍ତର ସହିତ ଯୋଡ଼ାଯାଇପାରିବ ଏବଂ ଏହାର ନିରାକରଣ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ କହିଥିଲେ। ବସୁନ୍ଧରାର ଡ. ହେମନ୍ତ କୁମାର ସାହୁ ହେନ୍ତାଳ ବଣର ଉପକାରିତା ସମ୍ପର୍କରେ ନିଜର ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ପଣ୍ଡାଙ୍କ ଆବାହକତ୍ୱରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିବୃନ୍ଦ ପରିବେଶ ସନ୍ତୁଳନ ରକ୍ଷା ଦିଗରେ କିପରି ଦାୟିତ୍ୱ ନିର୍ବାହ କରିବେ, ସେ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଆଲୋଚକ ଭାବେ ବରିଷ୍ଠ ଖବରଦାତା ପ୍ରିୟରଞ୍ଜନ ସାହୁ, ବାସୁଦେବ ମହାପାତ୍ର ଏବଂ ବସୁନ୍ଧରାର ନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ର ଯୋଗଦେଇଥିଲେ। ଇଣ୍ଟରନ୍ୟୁଜ୍ ସହାୟତାରେ ସମାଜସେବୀ ସଂସ୍ଥା ୟଙ୍ଗ୍ ଇଣ୍ଡିଆ ଓ ୱାଟର ଇନିସିଏଟିଭ୍ ଦ୍ୱାରା ଆୟୋଜିତ ଏହି କର୍ମଶାଳା ସୋମବାର ଶେଷ ହେବ।



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

## ସମିତିର ବାର୍ଷିକ ସାଧାରଣ ସଭା

**ବାଲିଅନ୍ତା,୧୦।୩(ଡି.ଏନ୍.ଏ.)**

ପାହଳ ସେବା ସମବାୟ ସମିତିର ୫୫ତମ ବାର୍ଷିକ ସାଧାରଣ ସଭା ଶନିବାର ସମିତିର ଅତିଥିଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାସ ଯୋଗଦେଇଥିଲେ। ସମିତିର ସମ୍ପାଦକ ସରୋଜ ରଥ ସମିତିର ୨୦୧୯-୨୦ ବର୍ଷର ସମିତି ବାର୍ଷିକ ବଜେଟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ସମିତି ପୂର୍ବତନ ସଭାପତି ପଦ୍ମନାଭ ପଟ୍ଟନାୟକ, ପପୁ ଲେଙ୍କା, ଜଗନ୍ନାଥପୁର ସରପଞ୍ଚ ରଶ୍ମିତା ସାହୁ ଓ ସମିତିସଭ୍ୟ ମହେଶ୍ୱର ଦାସ ଯୋଗଦେଇଥିଲେ। ଶେଷରେ ସମିତିର ଉପସଭାନେତ୍ରୀ ମାନସୀ ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି କାକରୁଦ୍ରପୁର ସେବା ସମବାୟ ସମିତିର ୫୦ତମ ବାର୍ଷିକ ସାଧାରଣ ସଭା ସଭାପତି ନୀଳକଣ୍ଠ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ହେମନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

## ବ୍ଲକସ୍ତରୀୟ ମତଦାନ ସଚେତନତା ଶିବିର

**ବ୍ରହ୍ମଗିରି,୧୦।୩(ଡି.ଏନ୍.ଏ.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ମତଦାନ ନିମନ୍ତେ ବ୍ଲକସ୍ତରୀୟ ମତଦାନ ସଚେତନତା ଶିବିର ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଶିବିରରେ ବ୍ରହ୍ମଗିରି ବ୍ଲକର ନିର୍ବାଚିତ ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଇଭିଏମ୍‌ରେ କିପରି ମତଦାନ କରାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମଗିରି ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସର ପ୍ରଭାତ ଜେନା ପରିଚାଳନା କରିଥିଲେ।

## କ୍ରିକେଟ: ଶହୀଦ ସୌଦାଗର ଚାମ୍ପିୟନ



ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**କୃଷ୍ଣପ୍ରସାଦ,୧୦।୩(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚାରିଛକ ଉଦୟନାଥ ଷ୍ଟାଡିୟମଠାରେ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ (ଟୁବୁକା) ଆନୁକୂଲ୍ୟରେ ୧୯ତମ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରବିବାର ଉଦ୍‌ଯାପନୀ ମ୍ୟାଚ୍‌ରେ ଶହୀଦ ସୌଦାଗର କ୍ରିକେଟ ଟିମ୍ (ଖଟିସାହି) ଚାମ୍ପିୟନ ହୋଇଛି। ଶହୀଦ୍ ସୌଦାଗର ଟିମ୍ ଓ ମା' ଚାମୁଣ୍ଡା ଟିମ୍ (କୁମାରପୁର) ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଚାମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ୧୯୬ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଖଟିସାହି ଦଳ ଆବଶ୍ୟକୀୟ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳକୁ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟନ କରିଥିବାବେଳେ ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଗୋମୁଣ୍ଡିଆ ସରପଞ୍ଚ ସଞ୍ଜୁଲତା ଜେନା, ଜେବିଏସ୍ ଆକ୍ୱାଆଟିକ ମାଲିକ ବାଲୁଙ୍କେଶ୍ୱର ବିଶ୍ୱାଳ, ଧନଶ୍ରୀ କନ୍‌ଷ୍ଟ୍ରକ୍‌ସନ୍ ମୁଖ୍ୟ ପରିଚାଳକ ଇଂ. ଅଭୟ କୁମାର ମହାପାତ୍ର, କାଶୀନାଥ ଜେନା, ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁନୀଲ କୁମାର ଜେନା, ସୁରେନ୍ଦ୍ର କୁମାର ଜେନା, ଭାସ୍କର ଚନ୍ଦ୍ର ଜେନା(ଧାରା ବିବରଣୀ), ମୁନା ଜେନା, ସଂଗ୍ରାମ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୫ ରାଜ୍ୟସ୍ତରୀୟ ଓପନ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

**ପୁରୀ ଅଫିସ, ୧୦।୩**

ଶ୍ରୀହରୀ ବ୍ୟାଡମିଣ୍ଟନ କ୍ଲବ ଆନୁକୂଲ୍ୟରେ ଗତ ତିନି ଦିନ ଧରି ଚାଲିଥିବା ୫ ରାଜ୍ୟସ୍ତରୀୟ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସିନିୟର ଡବଲ୍ସ ଓ ଭେଟେରାନ ଡବଲ୍ସ ଦୁଇଟି ପର୍ଯ୍ୟାୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପୁରୀ ସମେତ ବାଲେଶ୍ୱର, କେନ୍ଦୁଝର, ଝାରସୁଗୁଡା, କଟକ, ଭୁବନେଶ୍ୱର, କଟକ, ଭୁବନେଶ୍ୱର ପ୍ରଭୃତି ସ୍ଥାନରୁ ୧୦୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିନିୟର ଡବଲ୍ସରେ ବାଲେଶ୍ୱରର ଜୟପ୍ରକାଶ ସିଂ ଓ ମାନବେନ୍ଦ୍ର ସାହୁ ଚାମ୍ପିୟନ ହୋଇଥିଲେ। ଭୁବନେଶ୍ୱରର ଆଶୀର୍ବାଦ ଦାସ ଓ ରାଜେଶ କୁମାର ଦାସ ରନର୍ସଅପ୍ ହୋଇଥିଲେ। ସେହିଭଳି ଭେଟେରାନ ଡବଲ୍ସରେ ଝାରସୁଗୁଡାର ତେଗ୍ ବାହାଦୁର ଗୁରୁଙ୍ଗ ଓ ପ୍ରସନ୍ନ କୁମାର ବେହେରା ଚାମ୍ପିୟନ ଏବଂ ଉମେଶ ପଟେଲ ଓ ମନୋଜ କୁମାର ବିନ୍ଧାଣୀ ରନର୍ସଅପ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଜିତ କୁମାର ରାୟ, ବିଭୁଦତ୍ତ ମିଶ୍ର, ରାଜାରାମ ସିଂହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।

## ଆଇସିଏଆଇର ନୂତନ କର୍ମକର୍ତ୍ତା



**ଭୁବନେଶ୍ୱର, ୧୦।୩**

ଇନଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ୨୦୧୯-୨୦ ଲାଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ନୂଆ ଅଧ୍ୟକ୍ଷ ଭାବେ ସୁଜ୍ଞାନ କୁମାର ସାହୁ, ଉପାଧ୍ୟକ୍ଷ ସିଏ ବିଭୁ ପ୍ରସାଦ ମହାପାତ୍ର, ସେକ୍ରେଟେରୀ ବିଶ୍ୱ ରଞ୍ଜନ ସୂତାର, ଟ୍ରେଜେରର ରଞ୍ଜନ କୁମାର ପୃଷ୍ଟି ମନୋନୀତ ହୋଇଛନ୍ତି। ସେହିଭଳି ଭୁବନେଶ୍ୱର ଇଆଇସିଏଏସ୍‌ର ଅଧ୍ୟକ୍ଷ ଭାବେ ଗୌତମ ଲେଙ୍କା, ଏମ୍‌ସି ସଦସ୍ୟ ଜାହ୍ନବୀ ଦେଓ, ପ୍ରଦୀପ କୁମାର ସାହୁ ପ୍ରମୁଖ ନୂତନ ଭାବେ ନିର୍ବାଚିତ ହୋଇଛନ୍ତି।

■ ଏଲ୍‌ଆଇସି ଏଜେଣ୍ଟ ରବୀନ୍ଦ୍ର ହତ୍ୟା ଘଟଣାକୁ ୨ ମାସ ବିତିଲା

# ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**ଜଟଣୀ,୧୦।୩(ଡି.ଏନ.ଏ.)**

ଏଲ୍‌ଆଇସି ଏଜେଣ୍ଟ ରବୀନ୍ଦ୍ର କୁମାର ନାୟକଙ୍କ ହତ୍ୟା ଘଟଣାକୁ ଦୁଇମାସ ବିତିଲାଣି। ହେଲେ ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଜଟଣୀ ମୁଖ୍ୟରାସ୍ତାର ସେଲ୍‌ଟ୍ୟାକ୍ସ ଅଫିସ ନିକଟରେ ୨୦୧୮ ଡିସେମ୍ବର ୧ ରାତିରେ ରଡ୍‌ରେ ପିଟି ପିଟି ରବୀନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା। ଏଲ୍‌ଆଇସି ଖୋର୍ଦ୍ଧା ଶାଖା ଏଜେଣ୍ଟ ଆସୋସିଏଶନର ସେ ସଭାପତି ଥିଲେ। ହତ୍ୟାକାଣ୍ଡ ଦିନ ଖୋର୍ଦ୍ଧାରେ ଆସୋସିଏଶନର ବୈଠକରେ ଯୋଗଦେଇ ରାତି ସାଢେ ୧୧ଟାରେ ଜଟଣୀକୁ ସେ ଫେରୁଥିଲେ। ରବୀନ୍ଦ୍ର ଅସୁସ୍ଥତା ଅନୁଭବ କରିବାରୁ ତାଙ୍କର ଜଣେ ଏଜେଣ୍ଟ ବନ୍ଧୁ ଲକ୍ଷ୍ମୀଧର ପାଣିଗ୍ରାହୀ ଅନ୍ୟ ଏକ ବାଇକ୍‌ରେ ଖୋର୍ଦ୍ଧା ବାଇପାସ ଛକ ପର୍ଯ୍ୟନ୍ତ ତାଙ୍କୁ ଛାଡିବାକୁ ଆସିଥିଲେ। ବାଇପାସସ୍ଥିତ ଏକ ଢାବା ସମ୍ମୁଖରେ ଥିବା ପାନ ଦୋକାନରେ ଉଭୟେ କିଛି ସମୟ ପାଇଁ ଅଟକି ଥିଲେ। ପରେ ଜଟଣୀସ୍ଥିତ ଘରକୁ ଏକାକୀ ଯାଇ ପାରିବେ ରବୀନ୍ଦ୍ର କହି ବାଇକ୍ ଷ୍ଟାର୍ଟ କରି ବାହାରିଥିଲେ। ଏଠାରେ ସେମାନେ ଅଟକି ଥିବା ବେଳେ ଏକ କାର୍ ମଧ୍ୟ ସେଠାରେ ଛିଡା ହୋଇଥିଲା। ସେଥିରେ ୫ ଜଣ ଯୁବକ ବସିଥିଲେ। ରବୀନ୍ଦ୍ର ଜଟଣୀ ଆଡକୁ ଆସିବା ମାତ୍ରେ କାରଟି ତାଙ୍କ ପିଛା କରିଥିଲା। ଏହା ଦେଖି ଲକ୍ଷ୍ମୀଧରଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଫଳରେ ସେ ବାଇକ୍‌ରେ ଜଟଣୀ ଆଡକୁ ଆସିଥିଲେ। ଜଟଣୀ ମୁଖ୍ୟ ରାସ୍ତାର ସେଲ୍‌ଟ୍ୟାକ୍ସ ଅଫିସ ନିକଟରେ ପିଛା କରୁଥିବା କାରଟି ରବୀନ୍ଦ୍ରଙ୍କ ବାଇକ୍ ଆଗରେ ରଖି ଅଟକାଇଥିଲେ। କାରରୁ ୫ ଜଣ ଯୁବକ ବାହାରି ରଡରେ ଆକ୍ରମଣ କରିଥିବା ସେତେବେଳେ ଲକ୍ଷ୍ମୀଧର ପୋଲିସ ନିକଟରେ ବୟାନ ଦେଇଥିଲେ। ରବୀନ୍ଦ୍ରଙ୍କୁ ରକ୍ଷା କରିବାକୁ ଯାଇ ଲକ୍ଷ୍ମୀଧର ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ହତ୍ୟାକାରୀଙ୍କୁ ଧରିବାକୁ ପୋଲିସ ଅନ୍ଧାରରେ ବାଡି ବୁଲାଉଥିବା ବେଳେ ଲକ୍ଷ୍ମୀଧରଙ୍କ ବୟାନ, ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜକୁ ଅଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ବ୍ୟବହାର କରିଥିବା କାରଟିକୁ ଭୁବନେଶ୍ୱରରୁ ଜଣେ ବ୍ୟକ୍ତିଙ୍କ ଘରୁ ପୋଲିସ ୩ ଦିନ ପରେ ଠାବ କରି ଜବତ କରିଥିଲା। ଏଥିସହ ହତ୍ୟାକାରୀଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା। ହେଲେ ସେମାନଙ୍କୁ ଗିରଫ କରିବାରେ ଏଯାବତ୍ ପୋଲିସ ସଫଳ ହୋଇପାରିନାହିଁ। ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ନିମବସନ୍ତ ଗ୍ରାମରେ ରବୀନ୍ଦ୍ରଙ୍କ ନିଜ ଘର। କିଛିବର୍ଷ ହେବ ସେ ଜଟଣୀସ୍ଥିତ ଶ୍ରୀହରିବିହାର ଅଞ୍ଚଳରେ ପରିବାର ନେଇ ଭଡାରେ ରହୁଥିଲେ। ଏ ସମ୍ପର୍କରେ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ପଚାରିବାରେ ଏହି ଘଟଣା ଦୁଇମାସ ଅତିକ୍ରମ କରିଛି। ତାଙ୍କ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ ପୋଲିସ ଧରି ନ ପାରିବା ପରିତାପର ବିଷୟ। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି। ସେହିପରି ରବୀନ୍ଦ୍ରଙ୍କ ପୁତୁରା ନିଗମ କୁହନ୍ତି, ଦାଦାଙ୍କ ମୃତ୍ୟୁ ଆମ ପରିବାର, ଗ୍ରାମବାସୀ ଓ ଅନ୍ୟମାନଙ୍କୁ ଗଭୀର ଦୁଃଖ ଦେଇଛି। ଅଭିଯୁକ୍ତ ଧରା ନ ପଡିବା ସମସ୍ତଙ୍କ ପାଇଁ ଅଧିକ ପୀଡାଦାୟକ ହୋଇଛି। ଅଭିଯୁକ୍ତ ଚିହ୍ନଟ ପରେ ବି ପୋଲିସ ସେମାନଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



# ଗ୍ରହାଣୁରୁ ମୃତ୍ତିକା ସଂଗ୍ରହ



ଇଂ ମାୟାଧର ସ୍ୱାଇଁ





ଆମ ସୌରଜଗତର ମଙ୍ଗଳ ଓ ବୃହସ୍ପତି କକ୍ଷର ମଧ୍ୟସ୍ଥଳରେ ଅନେକ ଛୋଟ ଛୋଟ ମହାକାଶ ପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି । ଏଗୁଡିକର ସଂଖ୍ୟା ପ୍ରାୟ ଦଶଲକ୍ଷ ହେବ । ପ୍ରତ୍ୟେକ ପିଣ୍ଡକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ମିଳିତ ଭାବେ ଏଗୁଡିକୁ ଗ୍ରହାଣୁପୁଞ୍ଜ କୁହାଯାଏ। ସବୁଠାରୁ ବଡ଼ ଗ୍ରହାଣୁର ବ୍ୟାସ ୮୦୦ କି.ମି. ହୋଇଥିବା ବେଳେ କ୍ଷୁଦ୍ରତମ ଗ୍ରହାଣୁର ବ୍ୟାସ ଅଧ କି.ମି.ରୁ ମଧ୍ୟ କମ୍ ।

ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ଆମ ପୃଥିବୀ ଓ ଗ୍ରହାଣୁପୁଞ୍ଜ ୪୫୦ କୋଟି ବର୍ଷ ପୂର୍ବେ ଏକ ସଙ୍ଗେ ସମାନ ବସ୍ତୁରୁ ସୃଷ୍ଟି ହୋଇଛି। ଗ୍ରହାଣୁଗୁଡିକରେ ଥିବା ମୃତ୍ତିକା ଓ ପଥରଗୁଡିକ ସୃଷ୍ଟି ସମୟରେ ଯେପରି ଥିଲା, ଏବେ ମଧ୍ୟ ସେହିପରି ଅଛି । ଏଣୁ ସେଗୁଡିକୁ ଅଧ୍ୟୟନ କଲେ ପୃଥିବୀର ଆଦିମ ଅବସ୍ଥା କିପରି ଥିଲା ଏବଂ କେଉଁ ପରିସ୍ଥିତିରେ ଏଥିରେ ଜୀବଜଗତର ଉଦ୍ଭବ ହେଲା, ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏଥିପାଇଁ ଗ୍ରହାଣୁ ପୃଷ୍ଠକୁ ଯାନ ପଠାଇ ସେଠାରୁ ମୃତ୍ତିକା ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯାଉଛି ।

ଯୁକ୍ତରାଷ୍ଟ୍ର ଆମେରିକାର 'ନାସା' ଏବଂ ୟୁରୋପୀୟ ମହାକାଶ ସଂସ୍ଥା ଗ୍ରହାଣୁ ନିକଟକୁ କେତୋଟି ଯାନ ପଠାଇ ଚିତ୍ର ଓ ତଥ୍ୟ ସଂଗ୍ରହ କରିଛି । ଜାପାନ 'ଗ୍ରହାଣୁ ୨୫୧୪୩ ଇତୋକାୱା' ଅଭିମୁଖେ ହୟାବୁସା ଯାନକୁ ୨୦୦୩ ମେ ୯ ତାରିଖରେ ପଠାଇଥିଲା । ଏହା ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ମୃତ୍ତିକା ସଂଗ୍ରହ କରିଥିଲା ଏବଂ ମୃତ୍ତିକା ନେଇ ପୃଥିବୀକୁ ୨୦୧୦ ଜୁନ ୧୩ ତାରିଖରେ ଫେରି ଆସିଥିଲା । ଜାପାନ ୨୦୧୪ ଡିସେମ୍ବର ୩ ତାରିଖରେ ଅନ୍ୟ ଗୋଟିଏ 'ଗ୍ରହାଣୁ ୧୬୨୧୭୩ ର୍ୟୁଗୁ' ପାଖକୁ ମହାକାଶ ଯାନ ପଠାଇଛି । ଗ୍ରହାଣୁଟି ହେଉଛି ଛୋଟ ଓ ଏହାର ବ୍ୟାସ ପ୍ରାୟ ଏକ କି.ମି. । ଏହାକୁ ୧୯୯୯ ମେ ୧୦ ତାରିଖରେ ଆବିଷ୍କାର କରାଯାଇଥିଲା। ଏହା ସୂର୍ଯ୍ୟଠାରୁ ୦.୯୬ରୁ ୧.୪୧ ଜ୍ୟୋତିର୍ବିଦୀୟ ଏକକ (ଏୟୁ) ଦୂରତା ରହି ସୂର୍ଯ୍ୟକୁ ପ୍ରତି ୧୬ ମାସରେ ଥରେ ପ୍ରଦକ୍ଷିଣ କରୁଛି । ଜାପାନ ଏହା ନିକଟକୁ ପଠାଇଥିବା ଯାନର ନାମ ହୟାବୁସା-୨। ହୟାବୁସା-୨ ୨୦୧୮ ଜୁନ ୧୭ ତାରିଖରେ ର୍ୟୁଗୁ ପାଖରେ ପହଞ୍ଚି ଏହାକୁ ପରିକ୍ରମା କରୁଛି । ଏହା ପଠାଇଥିବା ଚିତ୍ରକୁ ବିଶ୍ଲେଷଣ କରି ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ନିକେଲ, ଲୁହା, କୋବାଲଟ, ଜଳ, ଯବକ୍ଷାରଜାନ, ଉଦ୍‌ଜାନ ଓ ଆମୋନିଆକୁ ନେଇ ଗ୍ରହାଣୁ ଗଠିତ। ମହାକାଶ ଅଭିଯାନରେ ଯାଇ ଏଠାରୁ ଖଣିଜ ଉତ୍ତୋଳନ କରିବା ଲାଭଜନକ ହେବ ବୋଲି ବୈଜ୍ଞାନିକମାନେ କଳନା କରିଛନ୍ତି । ହୟାବୁସା-୨ ଅଭିଯାନରେ ଚାରିଟି ରୋଭର୍ ଅଛି । ଏଥି ମଧ୍ୟରୁ ପ୍ରଥମ ଦୁଇଟି ରୋଭରକୁ ୨୦୧୮ ସେପ୍ଟେମ୍ବର ୨୧ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରିଥିଲା। ତୃତୀୟ ଓ ଚତୁର୍ଥ ରୋଭର ଯଥାକ୍ରମେ ୨୦୧୮ ଅକ୍ଟୋବର ୩ ତାରିଖ ଓ ୨୦୧୮ ଅକ୍ଟୋବର ୧୩ ତାରିଖରେ ଅବତରଣ କରି ତଥ୍ୟ ସଂଗ୍ରହ କରୁଛି । ମୁଖ୍ୟ ହୟାବୁସା-୨ ଯାନ ୨୦୧୯ ଫେବୃୟାରୀ ୨୨ ତାରିଖରେ ଅଳ୍ପ ସମୟ ପାଇଁ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ଏହାର ପୃଷ୍ଠକୁ ଗୋଟିଏ ବୁଲେଟ ମାଡ଼ କରିଥିଲା । ଏହା ଫଳରେ ଗ୍ରହାଣୁ ପୃଷ୍ଠରୁ ଧୂଳି ଓ ମାଟି ଉପରକୁ ଉଠିବା ପରେ ଯାନ ଏସବୁକୁ ସଂଗ୍ରହ କରିଛି । ଏହି ପ୍ରକ୍ରିୟାରେ ଆଉ ଦୁଇ ଥର ମୃତ୍ତିକା ସଂଗ୍ରହ କରି ଯାନଟି ୨୦୨୦ ଡିସେମ୍ବରରେ ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବ। ହୟାବୁସା-୨ ଯାନର ଓଜନ ୬୦୯ କି.ଗ୍ରା ଏବଂ ସୌର ଫଳକ ସାହାଯ୍ୟରେ ଏହା ପ୍ରାୟ ୨.୫ କିଲୋୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛି । ଏଥିରେ ଚାରିଟି ଆୟନ ଇଞ୍ଜିନ ଅଛି । ଏହି ଇଞ୍ଜିନର ବିଶେଷତ୍ୱ ହେଉଛି ଯେ ଏହା ମାଇକ୍ରୋୱେଭ୍ ବ୍ୟବହାର କରି ଜେନନ୍‌କୁ ପ୍ଲାଜମା ବା ଆୟନ୍‌ରେ ପରିଣତ କରିଥାଏ । ସୌର ଫଳକରୁ ଉତ୍ପାଦିତ ବିଦ୍ୟୁତ୍ ସାହାଯ୍ୟରେ ଭୋଲଟେଜ୍ ପ୍ରୟୋଗ କରି ଆୟନ୍‌ଗୁଡିକୁ ତ୍ୱରିତ କରାଯାଏ, ଯାହା ଇଞ୍ଜିନ୍‌ର ପଛ ପଟେ ପ୍ରବଳ ବେଗରେ ବାହାରି ଯାଇଥାଏ । ନିଉଟନଙ୍କ ତୃତୀୟ ଗତିଜ ନିୟମ ଅନୁଯାୟୀ ଯାନଟି ଆଗକୁ ଯାଇଥାଏ । ଅନ୍ୟ ଇଞ୍ଜିନ ଭଳି ଏଥିରେ କଠିନ କିମ୍ବା ତରଳ ଇନ୍ଧନ ବ୍ୟବହାର କରାଯାଉ ନ ଥିବାରୁ ଏହାର ଦକ୍ଷତା ଅଧିକ ହୋଇଥାଏ । ହୟାବୁସା-୨ ଗ୍ରହାଣୁ ପୃଷ୍ଠରୁ ଦୁଇଥର ମୃତ୍ତିକା ନମୁନା ସଂଗ୍ରହ କରିବ ଏବଂ ଶେଷ ନମୁନା ଏହା ପୃଷ୍ଠର ବହୁତ ଗଭୀରରୁ ସଂଗ୍ରହ କରିବ । ଶେଷ ନମୁନା ୨୦୧୯ ଏପ୍ରିଲରେ ସଂଗୃହୀତ ହେବ । ବୈଜ୍ଞାନିକମାନେ ଆଶା କରୁଛନ୍ତି ଯେ ସେମାନେ ଏହି ମୃତ୍ତିକାକୁ ବିଶ୍ଲେଷଣ କରି ସୌରଜଗତର ଗଠନ ସମ୍ବନ୍ଧରେ କିଛି ତଥ୍ୟ ପାଇପାରିବେ ଏବଂ ଗ୍ରହାଣୁରୁ ଖଣିଜ ଉତ୍ତୋଳନ ପ୍ରସ୍ତାବ ଏହାଦ୍ୱାରା ଗ୍ରହଣୀୟ ହୋଇପାରିବ ।

> "ହୟାବୁସା-୨ ଅଭିଯାନରେ ଚାରିଟି ରୋଭର୍ ଅଛି । ଏଥି ମଧ୍ୟରୁ ପ୍ରଥମ ଦୁଇଟି ରୋଭରକୁ ୨୦୧୮ ସେପ୍ଟେମ୍ବର ୨୧ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରିଥିଲା। ତୃତୀୟ ଓ ଚତୁର୍ଥ ରୋଭର ଯଥାକ୍ରମେ ୨୦୧୮ ଅକ୍ଟୋବର ୩ ତାରିଖ ଓ ୨୦୧୮ ଅକ୍ଟୋବର ୧୩ ତାରିଖରେ ଅବତରଣ କରି ତଥ୍ୟ ସଂଗ୍ରହ କରୁଛି । ମୁଖ୍ୟ ହୟାବୁସା-୨ ଯାନ ୨୦୧୯ ଫେବୃୟାରୀ ୨୨ ତାରିଖରେ ଅଳ୍ପ ସମୟ ପାଇଁ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ଏହାର ପୃଷ୍ଠକୁ ଗୋଟିଏ ବୁଲେଟ ମାଡ଼ କରିଥିଲା ।"

-୭୦, ଲକ୍ଷ୍ମୀବିହାର ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ନିଆରା ଭୂତତ୍ତ୍ୱ ବିଜ୍ଞାନୀ ସତ୍ୟାନନ୍ଦ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମ ରାଜ୍ୟର ଅନନ୍ୟ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଭାବରେ ପରିଚିତ ସତ୍ୟାନନ୍ଦ ଆଚାର୍ଯ୍ୟ। ପ୍ରାକୃତିକ ଶୋଭାର ପସରା ଶିମିଳିପାଳର ସହର ବାରିପଦାରେ ତାଙ୍କର ଜନ୍ମ (୧୯୩୪ ମସିହା ଅକ୍ଟୋବର ୯)। ତାଙ୍କର ପିତା ତଥା ଓଡ଼ିଶାର ଅନ୍ୟତମ ବରପୁତ୍ର ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଏବଂ ମାତା ସୁଗୃହିଣୀ ଲକ୍ଷ୍ମୀପ୍ରିୟା ଦେବୀଙ୍କ ଆଦର୍ଶରେ ସେ ବେଶ୍ ପ୍ରଭାବିତ ହୋଇ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ଅନ୍ୟପକ୍ଷରେ ଜ୍ୟେଷ୍ଠଭ୍ରାତା ସ୍ୱନାମଧନ୍ୟ ଭୂଗୋଳ ପ୍ରଫେସର ବୃନ୍ଦାବନ ଆଚାର୍ଯ୍ୟଙ୍କ ପ୍ରଭାବ ମଧ୍ୟ କମ୍ ପଡି ନ ଥିଲା ତାଙ୍କ ଉପରେ।

ସ୍ଥାନୀୟ ବାରିପଦା ଉଚ୍ଚବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ (୧୯୫୦) ଉତ୍ତୀର୍ଣ୍ଣ ହେଲାପରେ ୧୯୫୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଏବଂ ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୫୬ ମସିହାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ। ସେହି ବର୍ଷକରେ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟରେ। ଏହାର କିଛି ବର୍ଷ ପରେ ଉଚ୍ଚତର ଶିକ୍ଷା ପାଇଁ ସେ ଖଡଗପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ପ୍ରୟୋଗିକ ଭୂତତ୍ତ୍ୱବିଜ୍ଞାନ ବିଭାଗରେ ଗବେଷଣା ଛାତ୍ର ରୂପେ ଯୋଗ ଦେଇ୧୯୬୪ରେ ସେଠାରୁ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହେଲେ। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ଓଡ଼ିଶାର ଦୈତାରି-ଟମ୍କା ଅଞ୍ଚଳର ଖଣିରେ ମିଳୁଥିବା ଲୌହ ଧାତୁପିଣ୍ଡ ଉପରେ ଅଧ୍ୟୟନ'।

ସେଠାରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରି ଆସିଲା ପରେ ତାଙ୍କୁ ୧୯୬୫ରେ ପ୍ରାଧ୍ୟାପକ ଏବଂ ୧୯୬୮ରେ ପ୍ରଫେସର ପଦବୀକୁ ପଦୋନ୍ନତି ଦିଆଗଲା। ମାତ୍ର ୩୪ ବର୍ଷ ବୟସରେ ସେ ହୋଇପାରିଥିଲେ ରାଜ୍ୟର ସର୍ବକନିଷ୍ଠ ପ୍ରଫେସର। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ସେ ବିଭାଗୀୟ ମୁଖ୍ୟ ହିସାବରେ ଭୂତତ୍ତ୍ୱବିଜ୍ଞାନ ବିଭାଗକୁ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇଥିଲେ। ସତାବନ ବର୍ଷ ବୟସରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦ (୧୯୬୧)ମଣ୍ଡନ କଲେ। ନିଜର ସାଧୁତା ଓ ସରଳତା ଯୋଗୁଁ ସେ ଛାତ୍ରୀଛାତ୍ର, ଅଧ୍ୟାପକ-ଅଧ୍ୟାପିକା ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ।

ପ୍ରଫେସର ଆଚାର୍ଯ୍ୟ ୧୯୭୪ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ଜିଓଲୋଜିକ୍ ପ୍ରୋଗ୍ରାମିଂ ବୋର୍ଡର ସଦସ୍ୟ ଥିଲେ। ତାଙ୍କର କିଛି ସହଯୋଗୀମାନଙ୍କ ସହିତ ମିଶି ୧୯୮୦ ମସିହାରେ ସେ ଗଠନ କରିଥିଲେ ସୋସାଇଟି ଫର ଜିଓ-ସାଇଣ୍ଟିଷ୍ଟସ ଏଣ୍ଡ ଆଲାଏଡ ଟେକ୍ନୋଲୋଜିଷ୍ଟସ। ଦୀର୍ଘଦିନ ଧରି ଏହାର ସାଧାରଣ ସମ୍ପାଦକ ଓ ସଭାପତି ରୂପେ (୨୦୦୫ ମସିହା ପର୍ଯ୍ୟନ୍ତ) କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଣେଠାରେ ୨୦୦୦ ମସିହାରେ ଅନୁଷ୍ଠିତ ଇଣ୍ଡିଆନ ସାଇନ୍ସ କଂଗ୍ରେସ ଆସୋସିଏଶନର ଅଧିବେଶନରେ ସେ ଆର୍ଥିକ ସିଷ୍ଟମ୍ ସାଇନ୍ସ ବିଭାଗର ସଭାପତି ଆସନ ଅଳଙ୍କୃତ କରିଥିଲେ। ପୁନଶ୍ଚ ସେଥିରେ ମାଇନିଂ ଇଞ୍ଜିନିୟର୍ସ ଆସୋସିଏଶନ, ଓଡ଼ିଶାର ପ୍ରଥମ ସଭାପତି ଏବଂ ଓଡ଼ିଶା ପରିବେଶ ସମିତିର ସଭାପତି ପଦ ମଣ୍ଡନ କରିଥିଲେ। ଇତିମଧ୍ୟରେ ସେ ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗର 'ଆପେକ୍ସ ଏକ୍ସପ୍ଲୋରେଶନ୍ ରିସର୍ଚ୍ଚ ଆଡଭାନ୍ସମେଣ୍ଟ କମିଟି', 'ଇଣ୍ଡିଆନ ମେଟାଲସ୍ ଏଣ୍ଡ ଫେରୋଆଲଏଜ୍ ଲିମିଟେଡ୍' ଏବଂ ଓଡିଶା 'ମାଇନିଂ କର୍ପୋରେଶନ ଲିମିଟେଡ'ର ନିର୍ଦ୍ଦେଶକ, ଧାନବାଦସ୍ଥିତ ଇଣ୍ଡିଆନ ସ୍କୁଲ୍ ଅଫ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ଅନୁଦାନ କର୍ତ୍ତୃପକ୍ଷଙ୍କ ମନୋନୀତ ସଦସ୍ୟ, ଜିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ, ମିନେରୋଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ ଏବଂ ମାଇନିଂ ଏଣ୍ଡ ମେଟାଲର୍ଜିକାଲ ସୋସାଇଟି ଅଫ୍ ଇଣ୍ଡିଆର କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଉରକେଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ବୋର୍ଡ ଅଫ୍ ଗଭର୍ନର୍ସର ସଦସ୍ୟ ରୂପେ କାର୍ଯ୍ୟନିର୍ବାହ କରିଥିଲେ।

ଗବେଷଣା କ୍ଷେତ୍ରକୁ ତାଙ୍କର ପ୍ରମୁଖ ଅବଦାନ ମଧ୍ୟରେ ରହିଛି ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ତାଙ୍କର ୬୭ଟି ଗବେଷଣାପତ୍ର ଏବଂ ବହୁ ଆଲୋଚନାଚକ୍ରରେ ପ୍ରଦତ୍ତ ଅଭିଭାଷଣ। ତାଙ୍କ ତତ୍ତ୍ୱାବଧାନରେ ୬ଜଣ ବରିଷ୍ଠ ଗବେଷକ ଡକ୍ଟରେଟ୍ ଉପାଧି ହାସଲ କରିଛନ୍ତି। ସେ ମଧ୍ୟ ଲୌହ ଧାତୁପିଣ୍ଡ ସମୃଦ୍ଧ ଯୋଡା-କୋଇରା ଉପତ୍ୟକାର ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରି ତାହାର ଏକ ଭୂତାତ୍ତ୍ୱିକ ମାନଚିତ୍ର ପ୍ରସ୍ତୁତ କରିଛନ୍ତି।



ବିଶିଷ୍ଟ ବୈଜ୍ଞାନିକ
ପ୍ରଫେସର ସତ୍ୟାନନ୍ଦ ଆଚାର୍ଯ୍ୟ

ସାଉଥ୍ ଏସିଆନ୍ ଆସୋସିଏଶନ ଅଫ ଇକୋନୋମିକ୍ ଜିଓଲୋଜିଷ୍ଟ ପୁରସ୍କାର-୨୦୧୩, ଓଡ଼ିଶା ବିଜ୍ଞାନ ଓ ଏକାଡେମୀ ଦ୍ୱାରା ପ୍ରଦତ୍ତ ରାଜ୍ୟର ବରିଷ୍ଠ ବୈଜ୍ଞାନିକ ସମ୍ମାନ-୨୦୧୪, ଇଣ୍ଡିଆନ୍ ସାଇନ୍ସ କଂଗ୍ରେସ ଆସୋସିଏଶନ ଦ୍ୱାରା ୨୦୦୦ ମସିହାରେ ପ୍ରଦତ୍ତ ସମଗ୍ର ଦେଶରେ ପ୍ରଥମ 'ଦ କନ୍‌ସେପ୍ଟ ଅଫ୍ ରିମେନାଣ୍ଟ ମାଗ୍ନେଟିଜିମ୍ ଫର୍ ଓର୍-ଜେନେଟିକ୍ ଷ୍ଟଡିଜ୍' ଲାଗି ପୁରସ୍କାର ଏବଂ ଖଡଗପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡାଇମଣ୍ଡ ଜୁବିଲି ସମ୍ବର୍ଦ୍ଧନା-୨୦୧୧ ଆଦି ପୁରସ୍କାର ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ପ୍ରସ୍ଫୁଟିତ କରିଥିଲା।

ରାଜ୍ୟ ଏହି ଅନନ୍ୟ ଭୂତତ୍ତ୍ୱବିଜ୍ଞାନୀ ପ୍ରଫେସର ଆଚାର୍ଯ୍ୟ ବିଗତ ଫେବୃୟାରୀ ୨୨ ତାରିଖ (୨୦୧୯)ରେ ଇହଲୀଳା ସମ୍ବରଣ କରିଛନ୍ତି। ଫଳରେ ସାମଗ୍ରିକଭାବେ ଆମ ଦେଶ ଏବଂ ନିର୍ଦ୍ଦିଷ୍ଟ ଭାବେ ଆମ ରାଜ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ। ତେବେ ଓଡ଼ିଶାକୁ ଖଣିଜସମ୍ପଦ ସମୃଦ୍ଧ କରିବା ଦିଗରେ ତାଙ୍କର ଅନନ୍ୟ ଭୂମିକା ଚିରସ୍ମରଣୀୟ ହୋଇ ରହିବ।

-ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରିବିହାର, ଭୁବନେଶ୍ୱର,
ମୋ-୯୯୩୭୯୮୫୭୬୬

# ହାକୁଟିର ଘରୋଇ ଉପଚାର

କଥିତଅଛି ଯେ ହାକୁଟି ମାରିଲେ କେହି ନିକଟତର ଲୋକ ଆପଣଙ୍କୁ ମନେ ପକାଇଥାଆନ୍ତି। ହେଲେ ଏଭଳି ଧାରଣା ଅମୂଳକ। ସାଧାରଣତଃ ଶରୀରରେ ଜଳୀୟ ଅଂଶ କମିଗଲେ ହାକୁଟି ଆସିଥାଏ। ଛାତି ଏବଂ ପେଟ ମଧ୍ୟ ଭାଗରେ ଡାୟଫ୍ରାମ ନାମକ ଏକ ପରଦା ରହିଛି। ଏଥିରେ କମ୍ପନ ସୃଷ୍ଟି ହେଲେ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୁଏ ଏବଂ ହାକୁଟି ଆସେ। ଏଥିରୁ ଉପଶମ ପାଇବା ପାଇଁ କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ବାରମ୍ବାର ହାକୁଟି ଆସିଲେ ଥଣ୍ଡା ପାଣି ପିଅନ୍ତୁ। ଯଦି ଆପଣ ବାହାରେ ଅଛନ୍ତି ତେବେ ଏପରି ସମସ୍ୟା ସୃଷ୍ଟି ହେଲେ ଦୁଇ କାନରେ ଆଙ୍ଗୁଠି ଦେଇ କିଛି ସମୟ ନିଃଶ୍ୱାସ ବନ୍ଦ କରିଦିଅନ୍ତୁ। ଏହାଦ୍ୱାରା ହାକୁଟିରୁ ଆରାମ ମିଳିବ। ଶୁଦ୍ଧ ଦେଶୀ ଘିଅକୁ ଉଷୁମ କରି ଖାଇପାରନ୍ତି। ତୁଳସୀ ପତ୍ରକୁ ବାଟି ସେଥିରେ ଅଳ୍ପ ଚିନି ମିଶାଇ ଖାଇଲେ ହାକୁଟି ବନ୍ଦ ହୋଇଥାଏ। ଯଦି ଅଧିକ ହାକୁଟି ଆସୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



# ଅଧିକ ରାଗୁଥିଲେ..

ଅତ୍ୟଧିକ ରାଗିବା କ୍ଷତିକାରକ। ତଥାପି ଏହାକୁ କେତେକେ ଗୁରୁତ୍ୱ ଦେଇ ନ ଥାନ୍ତି। ହଠାତ୍ ରାଗିବା ଦ୍ୱାରା ହୁଏ ତ କାହାକୁ କ୍ଷଣିକ ମାନସିକ ଶାନ୍ତି ମିଳିଥାଇପାରେ, ହେଲେ ଏହାର କୁପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ ସବୁବେଳେ ଅଧିକ ରାଗିଲେ ତାହା ବ୍ଲଡପ୍ରେସର, ହାର୍ଟ ଆଟାକ ପରି ଗୁରୁତର ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। କିନ୍ତୁ ନିକଟରେ ଏଭଳି ଏକ ଡିଭାଇସ୍ ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ଜଣେ ଏଭଳି ଅଭ୍ୟାସଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବ। ତାରବିହୀନ ଏପରି ଏକ ଡିଭାଇସ୍‌କୁ ଚାଇନାର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ଜଣେ ବ୍ୟକ୍ତି ରାଗିଲେ ଏହାକୁ ତୁରନ୍ତ ତାଙ୍କର ବାହୁରେ ବାନ୍ଧି ଦେଲେ ତାଙ୍କର ରାଗ ଅଳ୍ପ ସମୟ ଭିତରେ କମି ଯାଇଥାଏ। ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେ ନେଇ ଚାଇନାର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।



# ଜଗିଙ୍ଗ କରୁଥିଲେ..

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ଫିଟ୍ ରଖିବା ବଡ଼ କଥା। ଏଥିପାଇଁ ଅନେକେ ବ୍ୟାୟାମକୁ ନିଜ ରୁଟିନ୍ କାର୍ଯ୍ୟକ୍ରମରେ ସାମିଲ କରିଥାଆନ୍ତି। ଯଦି ଆପଣ ପ୍ରତିଦିନ ଜଗିଙ୍ଗ କରୁଛନ୍ତି ତେବେ ତାହା ଶରୀର ପାଇଁ ଲାଭଦାୟକ ହୋଇଥାଏ। ସେ ସମ୍ପର୍କରେ...



- ସବୁଦିନ ସକାଳେ ହେଉ କି ସନ୍ଧ୍ୟାରେ ଅତିକମ୍‌ରେ ୧୫-୩୦ ମିନିଟ୍ ଜଗିଙ୍ଗ କରନ୍ତୁ।
- ନିୟମିତ ଜଗିଙ୍ଗ କରିବା ଦ୍ୱାରା ଶରୀରକୁ ଫ୍ରେଶ ଅମ୍ଳଜାନ ଯାଇଥାଏ।
- ଏହାଦ୍ୱାରା ଅବସାଦ ଏବଂ ଟେନସନ୍‌ରୁ କେତେକାଂଶରେ ଉପଶମ ମିଳେ।
- ପ୍ରତିଦିନ ଜଗିଙ୍ଗ କଲେ ଶରୀର ଅଙ୍ଗପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ।
- ଡାଇବେଟିସ ରୋଗୀଙ୍କ ପାଇଁ ନିୟମିତ ଜଗିଙ୍ଗ ଏକ ବରଦାନ ସଦୃଶ ହୋଇଥାଏ। ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ।
- ଯଦି ଜଣେ ବ୍ୟକ୍ତି ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ କିଛି ସମୟ ଜଗିଙ୍ଗ କରନ୍ତି ତେବେ ତାଙ୍କ ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ।
- ଏପରି ଅଭ୍ୟାସ ଦ୍ୱାରା ହାର୍ଟ ଆଟାକ ଏବଂ ଷ୍ଟ୍ରୋକ୍ ପରି ଆଶଙ୍କା କେତେକାଂଶରେ କମ୍ ଥାଏ।
- ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିରୁ ନିଜକୁ ଦୂରେଇ ରଖିବାର ଏକ ସହଜ ଉପାୟ ହେଉଛି ଜଗିଙ୍ଗ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।

# ଉପକାରୀ ହେଙ୍ଗୁ

ହେଙ୍ଗୁରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ଖାଇଲେ ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ। ଜଣେ ଡାଇବେଟିସ୍ ରୋଗୀ ନିୟମିତ ଏହାକୁ ଖାଇଲେ କିଛି କ୍ଷତି ନାହିଁ। ଆଣ୍ଠୁଗଣ୍ଠି ଦରଜକୁ ନେଇ ଆପଣ ଚିନ୍ତିତ କି ? ଯଦି ହଁ, ତେବେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ଯନ୍ତ୍ରଣା ସ୍ଥାନରେ ମାଲିସ କରନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ। ଦାନ୍ତ ଦରଜ ଏବଂ ବିନ୍ଧାରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ଦାନ୍ତର ସେହି ଦରଜ ସ୍ଥାନରେ ଛୋଟ ହେଙ୍ଗୁଟିଏ ରଖିଦେଲେ ସେଥିରୁ ଉପଶମ ମିଳିଥାଏ।



## ସଂକ୍ଷେପରେ

### ଆଧାର ଇ-କେୱାଇସି ଚାର୍ଜକୁ ଶିଳ୍ପ ଜଗତର ବିରୋଧ

ନୂଆଦିଲ୍ଲୀ,୧୦-୩: ଘରୋଇ କମ୍ପାନୀଙ୍କ ଦ୍ୱାରା ଆଧାର ସତ୍ୟତା ଯାଞ୍ଚ ଲାଗି କେନ୍ଦ୍ର ସରକାର ଚାର୍ଜ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିବାରୁ ଉଦ୍ୟୋଗ ଜଗତ ଏହାକୁ ବିରୋଧ କରିଛି। ଏହାଦ୍ୱାରା ସେବା ପ୍ରଦାନ ମହଙ୍ଗା ହେବ ଏବଂ ଶେଷରେ ଗ୍ରାହକ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଉଲ୍ଲେଖଥାଉ କି, ଗତ ଗୁରୁବାର ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ଘରୋଇ କମ୍ପାନୀଙ୍କ ଠାରୁ ପ୍ରତି ଆଧାର ଇ-କେୱାଇସି ଯାଞ୍ଚ ବାବଦରେ ୨୦ ଟଙ୍କା ଏବଂ ସତ୍ୟତା ଜାଣିବା ଲାଗି 'ହ/ନା'କହିବା ପାଇଁ ୫୦ ପଇସା ଆଦାୟ କରିବ ବୋଲି ଘୋଷଣା କରିଛି। ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ ଆଧାର ସଂଶୋଧନ ଅଧାଦେଶକୁ ଲାଗୁ କରିଛନ୍ତି। ଏହାଦ୍ୱାରା ଏଣିକି ଘରୋଇ କମ୍ପାନୀମାନେ ଆଧାରକୁ ଇ-କେୱାଇସି ପାଇଁ ବ୍ୟବହାର କରିପାରିବେ। ଉଦ୍ୟୋଗ ଜଗତ ଚାର୍ଜ ଆଦାୟକୁ ବିରୋଧ କରି କହିଛି ଯେ, ଏହାଦ୍ୱାରା ସରକାରଙ୍କ ଡିଜିଟାଲୀକରଣକୁ ଜୋର୍ ଝଟ୍‌କା ଲାଗିବ। ଏହାଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ସାଧନ ହେବ ନାହିଁ ବୋଲି ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ମହା ନିର୍ଦ୍ଦେଶକ ରଞ୍ଜନ ମ୍ୟାଥ୍ୟୁସ କହିଛନ୍ତି। ଫଳରେ ପ୍ରତ୍ୟେକ ଆଧାର ସତ୍ୟତା ଯାଞ୍ଚ ଲାଗି ୪୧ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

### ୧୯ କୋଇଲା ଖଣି ନିଲାମ ରଦ୍ଦ

ନୂଆଦିଲ୍ଲୀ,୧୦-୩: କେନ୍ଦ୍ର ସରକାର କୋଇଲା ଖଣିର ୬ଷ୍ଠ ଓ ୭ମ ପର୍ଯ୍ୟାୟ ନିଲାମକୁ ରଦ୍ଦ କରିଦେଇଛନ୍ତି। ଏହା ଜରିଆରେ ସରକାର ୧୯କୋଇଲା ଖଣି ବିକ୍ରି କରିବାର ଯୋଜନା ପ୍ରସ୍ତୁତ କରିଥିଲେ। ତେବେ ନିଲାମୀ ରଦ୍ଦର କାରଣ ସମ୍ପର୍କରେ ସରକାର କିଛି ଜଣାଇନାହାନ୍ତି। ସୂଚନାଥାଉ କି, ୬ଷ୍ଠ ପର୍ଯ୍ୟାୟ ଅନ୍ତର୍ଗତରେ ଆଲୁମିନିୟମ, ସିମେଣ୍ଟ, ଲୁହା ଏବଂ ଇସ୍ପାତ ସମେତ ନିୟମିତ କ୍ଷେତ୍ର ଲାଗି ୧୩ କୋଇଲା ବ୍ଲକ୍‌ର ନିଲାମ ହେବ ବୋଲି କୋଇଲା ମନ୍ତ୍ରଣାଳୟ ଘୋଷଣା କରିଥିଲେ। କମ୍ପାନୀ ନିଜ ଉତ୍ପାଦନର ୨୫% କୋଇଲାକୁ ଖୋଲା ବଜାରରେ ବିକ୍ରି କରିବା ନେଇ ଅନୁମତି ପାଇଥାନ୍ତେ।

### ଚାକିରି ବଦଳିବା ମାତ୍ରେ ସ୍ୱତଃ ସ୍ଥାନାନ୍ତର ହେବ ଇପିଏଫ୍ ଆକାଉଣ୍ଟ

ନୂଆଦିଲ୍ଲୀ,୧୦-୩: କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟମାନଙ୍କୁ ଆସନ୍ତା ଆର୍ଥିକ ବର୍ଷରୁ ଚାକିରି ପରିବର୍ତ୍ତନ କାଳରେ ଇପିଏଫ ଆକାଉଣ୍ଟକୁ ସ୍ଥାନାନ୍ତର କରିବା ଲାଗି ଅନୁରୋଧ କରିବାକୁ ପଡିବନି। ଏହି ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ନେଇ ଇପିଏଫ୍‌ଓ ପକ୍ଷରୁ କାର୍ଯ୍ୟାରମ୍ଭ ହୋଇଛି ବୋଲି ଶ୍ରମ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଥାଉ କି, ବର୍ତ୍ତମାନର ବ୍ୟବସ୍ଥାରେ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର(ୟୁଏଏନ୍) ସଂଗ୍ରହ କରିବା ପରେ ଇପିଏଫ ସ୍ଥାନାନ୍ତର ଲାଗି ସ୍ୱତନ୍ତ୍ର ଭାବେ ଆବେଦନ କରିବାକୁ ପଡିଥାଏ। ବର୍ଷକୁ ପ୍ରାୟ ୮ ଲକ୍ଷ ଏଭଳି ଆବେଦନ ଇପିଏଫଓକୁ ମିଳେ। ଏଣୁ ଚାକିରି ବଦଳିବା ମାତ୍ରେ ଇପିଏଫ ଆକାଉଣ୍ଟକୁ ସ୍ୱତଃ ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ପ୍ରଯୁକ୍ତିର ସହାୟତା ନେବାକୁ ଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ନିଜକୁ ଏକ କାଗଜବିହୀନ ସଂଗଠନ ଭାବେ ପରିଚିତ କରିବା ଲାଗି ଇପିଏଫ୍‌ଓ ସି-ଡାକ୍‌କୁ ଏହାର ଦାୟିତ୍ୱ ଦେଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ, ନିଯୁକ୍ତିଦାତା ନୂତନ ନିଯୁକ୍ତି ସମ୍ପର୍କରେ ଜଣାଇ ତାଙ୍କର ଇପିଏଫ୍ ରିଟର୍ନ ଦାଏର କରିବା ମାତ୍ରେ(ନୂଆ କର୍ମଚାରୀଙ୍କ ୟୁଏଏନ୍ ସାମିଲ ରହିଥିବ) ତତ୍‌କ୍ଷଣାତ ତାଙ୍କର ଇପିଏଫ୍ ଆକାଉଣ୍ଟ ଟ୍ରାନ୍ସଫର ହୋଇଯିବ।

> ୫୯ ମିନିଟ୍ ଋଣ ପୋର୍ଟାଲରେ ୧୬୦୦ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୬୮୯ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।
> – ସୁନୀଲ ମେହେଟ୍ଟା, ଏମ୍‌ଡି, ପିଏନ୍‌ବି



> ଏଲ୍‌ଆଇସି ସହ ଚୁକ୍ତି ଦ୍ୱାରା ବ୍ୟାଙ୍କ ଏବଂ ବୀମା ସେବା ଗୋଟିଏ ଛାତ ତଳେ ଉପଲବ୍ଧ କରାଉଥିବାରୁ ଆଇଡିବିଆଇକୁ ବିଶେଷ ଲାଭ ମିଳି ପାରିବ।
> – ରାକେଶ ଶର୍ମା, ଏମ୍‌ଡି, ଆଇଡିବିଆଇ ବ୍ୟାଙ୍କ



### ଆର୍‌ଟିଆଇ ଜବାବରେ ମାନିଲା ଆର୍‌ବିଆଇ

# ବ୍ୟବହୃତ ଅଚଳ ନୋଟ ତଥ୍ୟ ନାହିଁ

ମୁମ୍ବାଇ,୧୦-୩

- ୨୩ ସେବାରେ ଅଚଳ ନୋଟ୍ ବ୍ୟବହାରକୁ ଅନୁମତି ଦେଇଥିଲା କେନ୍ଦ୍ର
- ୨୦୧୬ ନଭେମ୍ବର ୮ରେ ହୋଇଥିଲା ବିମୁଦ୍ରୀକରଣ
- ୯୯.୩% ଅଚଳ ୫୦୦,୧୦୦୦ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଥିଲା



ବିମୁଦ୍ରୀକରଣ ବେଳେ ପେଟ୍ରୋଲ ପମ୍ପ, ରେଲୱେ ଟିକେଟ କ୍ରୟ, ବିଜୁଳି, ପାଣି ବିଲ୍ ପ୍ରଦାନ ଆଦି ୨୩ ପ୍ରକାର ସେବା ଯୋଗାଣ କ୍ଷେତ୍ରରେ ବ୍ୟବହୃତ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ସମ୍ପର୍କରେ ଏହା ନିକଟରେ କୌଣସି ତଥ୍ୟ ନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆରଟିଆଇ ଜବାବରେ ସ୍ୱୀକାର କରିଛି। ଏହି ସେବାଗୁଡ଼ିକ ମାଧ୍ୟମରେ ଲୋକେ କଳାଧନକୁ ବ୍ୟବହାର କରିବାରେ ସଫଳ ହୋଇଥିଲେ ବୋଲି ମନେ କରାଯାଉଛି।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅଧୀନରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଆର୍‌ବିଆଇ କହିଛି ଯେ, ବିମୁଦ୍ରୀକରଣ ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କିଛି ସମୟ ପାଇଁ ୨୩ ସେବାରେ ଅଚଳ ନୋଟ୍ ବ୍ୟବହାର ଲାଗି ଅନୁମତି ଦେଇଥିଲେ। ସେଗୁଡ଼ିକ ହେଲା ହସ୍ପିଟାଲ, ରେଳ, ରାଷ୍ଟ୍ରାୟତ୍ତ ପରିବହନ, ବିମାନ ବନ୍ଦରରେ ଟିକେଟ କିଣିବା, ଦୁଗ୍ଧ କେନ୍ଦ୍ର, ଶ୍ମଶାନ/କବରସ୍ଥାନ, ପେଟ୍ରୋଲ ପମ୍ପ, ମେଟ୍ରୋ ରେଳ ଟିକେଟ କିଣା, ଡାକ୍ତରଙ୍କ ପ୍ରେସକ୍ରିପ୍ସନରେ ଔଷଧ କ୍ରୟ, ଏଲ୍‌ପିଜି ସିଲିଣ୍ଡର, ରେଳରେ ଖାଇବାପିଇବା, ବିଜୁଳି,ପାଣି ବିଲ୍ ପ୍ରଦାନ, ଏଏସ୍‌ଆଇ ସ୍ମାରକରେ ପ୍ରବେଶ ଟିକେଟ, ଟୋଲ ଟିକସ ଆଦି। ସରକାର ୨୦୧୬ ନଭେମ୍ବର ୨୫ରୁ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳ ବନ୍ଦ କରିଦେଇଥିଲେ ଏବଂ ଉକ୍ତ ସେବା ପାଇଁ କେବଳ ଅନୁମତି ଦେଇଥିଲେ। ଏହା ଡିସେମ୍ବର ୧୫ ଯାଏ ମିଳିଥିଲା। ତେବେ ଡିସେମ୍ବର ୨ରୁ ପେଟ୍ରୋଲ ପମ୍ପ ଓ ବିମାନ ବନ୍ଦରରେ ଟିକେଟ କ୍ରୟରେ ଅଚଳ ନୋଟ୍ ବ୍ୟବହାରକୁ ରୋକାଯାଇଥିଲା। ଆର୍‌ଟିଆଇ ଜବାବରେ ଆର୍‌ବିଆଇ କହିଛି ଯେ, ବିଲ୍ ଦେୟ ପ୍ରଦାନ ଲାଗି ବ୍ୟବହୃତ ଅଚଳ ନୋଟ୍ ସମ୍ପର୍କରେ ଏହା ନିକଟରେ କୌଣସି ତଥ୍ୟ ଉପଲବ୍ଧ ନାହିଁ। ସୂଚନାଥାଉ କି, ବ୍ୟାଙ୍କିଙ୍ଗ ପ୍ରଣାଳୀରେ ୯୯.୩ ପ୍ରତିଶତ ଅଚଳ ନୋଟ୍ ଫେରି ଆସିଛି ବୋଲି ଆର୍‌ବିଆଇ ଗତବର୍ଷ ଅଗଷ୍ଟରେ ସ୍ପଷ୍ଟ କରିଥିଲା। ବିମୁଦ୍ରୀକରଣ ବେଳେ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ମୂଲ୍ୟର ନୋଟ ପ୍ରଚଳନରେ ଥିଲା ବୋଲି ଆର୍‌ବିଆଇ କହିଥିଲା। ଏଥିରୁ ୧୫.୩୧ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଫେରି ଆସିଛି। ଅଚଳ ଓ ବଦଳା ଯାଇଥିବା ନୋଟ୍ ସଂଖ୍ୟା ଓ ମୂଲ୍ୟ ଉପରେ ପ୍ରଶ୍ନ ହେବାରୁ ରିଜର୍ଭ ବ୍ୟାଙ୍କ ୨୦୧୬ ନଭେମ୍ବର ୨୮ରେ ଜାରି ବୟାନକୁ ଉଲ୍ଲେଖ କରିଛି। ଏଥିରେ କୁହାଯାଇଥିଲା ଯେ, ନଭେମ୍ବର ୧୦ରୁ ୨୭ ଯାଏ ବ୍ୟାଙ୍କଗୁଡ଼ିକରେ ୮,୪୪,୯୮୨ କୋଟି ଟଙ୍କା ଅଚଳ ହୋଇଛି ଅଥବା ବଦଳାଯାଇଛି। ଏଥିରେ ୩୩,୯୪୮ କୋଟି ଟଙ୍କାର ପୁରୁଣା ନୋଟ୍ ବଦଳାଯାଇଛି ଓ ୮,୧୧,୦୩୩ କୋଟି ଟଙ୍କା ଜମା କରାଯାଇଛି।



## ରିୟଲ୍‌ମି ଆଣିଲା ନୂଆ ସ୍ମାର୍ଟଫୋନ

ନୂଆଦିଲ୍ଲୀ, ୧୦-୩

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲ୍‌ମି ନୂଆ 'ରିୟଲ୍‌ମି ୩' ସ୍ମାର୍ଟଫୋନ ବଜାରକୁ ଆଣିଛି। ଏହା ବ୍ଲାକ, ଡାଇନାମିକ ବ୍ଲାକ ଏବଂ ରେଡିଆଣ୍ଟ ବ୍ଲୁ ରଙ୍ଗରେ ବଜାରକୁ ଆସିଛି। ଏଆଇ ମାଷ୍ଟର ମେଡିଆଟେକ୍ ହେଲିଓ ପି୭୦ ପ୍ରୋସେସର ଉନ୍ନତ ବ୍ୟାଟେରି ବ୍ୟାକଅପ୍, ୩ଜିବି ର୍‍ୟାମ, ୩୨ ଜିବି ରମ୍ ଫିଚର ଥିବା ଫୋନର ଦାମ ୮,୯୯୯ ଟଙ୍କା ରହିଛି। ସେହିଭଳି ୪ ଜିବି ଏବଂ ଏବଂ ୬୪ ଜିବି ରମ୍ ବିଶିଷ୍ଟ ମଡେଲର ଦାମ ୧୦,୯୯୯ ଟଙ୍କା ରହିଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଏକ ଉନ୍ନତ ସ୍ମାର୍ଟଫୋନ ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆଣିଥିବା କମ୍ପାନୀର ଇଣ୍ଡିଆ ସିଇଓ ମାଧବ ସେଠ୍ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଗ୍ରାହକ ଉନ୍ନତ ବ୍ୟାଟେରି ତଥା ଫିଚର ଲାଭ କରିବାକୁ ସକ୍ଷମ ହେବେ ବୋଲି ମିଡ଼ିଆଟେକ ଭାରତର କର୍ପୋରେଟ ସେଲ ନିର୍ଦ୍ଦେଶକ କୁଳଦୀପ ମଲ୍ଲିକ କହିଛନ୍ତି।

## ଏମ୍‌ଡିଏସ୍‌ଏଲ୍‌ର ବିତରଣ ବ୍ୟବସ୍ଥା ଦୃଢୀକରଣ ଲକ୍ଷ୍ୟ

ନୂଆଦିଲ୍ଲୀ, ୧୦-୩

ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ଆଣ୍ଡ ସର୍ଭିସେସ ଲିମିଟେଡ ବିଶ୍ୱ ସ୍ତରରେ ଏହାର ବିତରଣ ବ୍ୟବସ୍ଥାକୁ ଆହୁରି ଦୃଢ କରିବାକୁ ଲକ୍ଷ୍ୟ ରଖିଛି। ଏନ୍.କେ. ମିଣ୍ଡା ଗ୍ରୁପର ଏହା ଏକ ସଂସ୍ଥା ହୋଇଥିବା ବେଳେ ଦେଶର ଏକ ପ୍ରମୁଖ ଆଫ୍‌ଟର ମାର୍କେଟ ଅଟୋମୋଟିଭ୍ କମ୍ପାନୀ ଭାବେ ବେଶ୍ ଜଣାଶୁଣା। ଏନ୍.କେ. ମିଣ୍ଡା ଗ୍ରୁପର ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ ୫୮ ମାନୁଫାକଚରିଂ ୟୁନିଟ ରହିଛି। ୧୬ଟି ବର୍ଗରେ ୨୫ରୁ ଅଧିକ ପ୍ରଡକ୍ଟ ଏହା ପ୍ରସ୍ତୁତ କରୁଛି। ଭାରତ ସମେତ ବିଦେଶର ପ୍ରମୁଖ ଓଇଏମ୍‌ଗୁଡ଼ିକୁ ଏହା ପ୍ରଡକ୍ଟ ରପ୍ତାନି କରୁଛି। ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟଯୁକ୍ତ ସେବା ଯୋଗାଣକୁ କମ୍ପାନୀ ପ୍ରାଥମିକତା ଦେଉଥିବା ପ୍ରକାଶ କରିଛି। ବର୍ତ୍ତମାନ ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ସର୍ଭିସ ଲିମିଟେଡ ୧୨ ପ୍ରମୁଖ ଉତ୍ପାଦ ଶୃଙ୍ଖଳା ଯୋଗାଉଛି। ଏହାର ୬୬୦ରୁ ଉର୍ଦ୍ଧ୍ୱ ବିଜନେସ ପାର୍ଟନର, ୧୯ ହଜାରରୁ ଉର୍ଦ୍ଧ୍ୱ ରିଟେଲର ଏବଂ ୧୨ ହଜାରରୁ ଉର୍ଦ୍ଧ୍ୱ ମେକାନିକ୍ସ ରହିଛି। ଗୁଣବତ୍ତା ପ୍ରଡକ୍ଟ ସହ ସସ୍‌ପେନଶନ ସେଗ୍‌ମେଣ୍ଟରେ ଏହା ପ୍ରବେଶ କରିଛି। କମ୍ପାନୀ ନୂଆ କରି ସକ୍‌ସ ଏବଂ ଷ୍ଟ୍ରକ୍ଟସ୍ ବଜାରକୁ ଆଣିଛି। କମ୍ପାନୀ ପାସେଞ୍ଜର କାର ସେଗମେଣ୍ଟରେ ପ୍ରଡକ୍ଟ ଯୋଗାଉଥିବା ବେଳେ ଏହାର ଫାଷ୍ଟ ମୁଭିଂ ଭେଇକିଲ ସକ୍‌ସ, ଷ୍ଟ୍ରକ୍ଟସ୍ ଆସେମ୍ବଲି ଏବଂ ରିପେୟାର କିଟ୍ ଉପଲବ୍ଧ ରହିଛି।




## ହୋଣ୍ଡା ପକ୍ଷରୁ ହେଲମେଟ୍ ଅନ୍ ଲାଇଫ୍ ଅନ୍

ଭୁବନେଶ୍ୱର, ୧୦-୩

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହେଲ୍‌ମେଟ ଅନ୍ ଲାଇଫ୍ ଅନ' ଦେଶର ୨୧ ସହରରେ ଅନୁଷ୍ଠିତ ହୋଇ ଯାଇଛି। ମହିଳାଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ସେହିଭଳି ୯ଟି ସହରର ଟ୍ରାଫିକ କେନ୍ଦ୍ରରେ ଏହାକୁ ଆୟୋଜନ କରାଯାଇଛି। ଏଥିରେ ୧୪,୦୦୦ରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ମହିଳା ସଶକ୍ତୀକରଣ ବାର୍ତ୍ତା ପହଞ୍ଚାଇବା ପାଇଁ ୪ ହଜାରରୁ ଉର୍ଦ୍ଧ୍ୱ ପୁରୁଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। 'ବାଲାନ୍ସ ଫର ବେଟର' ବିଷୟବସ୍ତୁ ଉପରେ ଏହା ପର୍ଯ୍ୟବସିତ ଥିଲା। ସଡ଼କ ଲାଗି ବିଶ୍ୱାସୀ ଦୁଇ ଚକିଆ ଚାଳକଙ୍କୁ ପ୍ରସ୍ତୁତି ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## କେନ୍ଦ୍ରୀୟ ସରକାରୀ ସଂସ୍ଥାର ସମ୍ପତ୍ତି ବିକ୍ରି ଉପରେ ଲାଭାଂଶ ନେବ କେନ୍ଦ୍ର

ନୂଆଦିଲ୍ଲୀ,୧୦-୩

କେନ୍ଦ୍ରୀୟ ସରକାରୀ ସଂସ୍ଥାର ଅଣ ପ୍ରମୁଖ ସମ୍ପତ୍ତି ବିକ୍ରି ବାବଦରେ ପ୍ରାପ୍ତ ଅର୍ଥରୁ କେନ୍ଦ୍ର ସରକାର ଲାଭାଂଶ ନେବେ। ଅର୍ଥ ମନ୍ତ୍ରଣାଳୟ ଏଭଳି ଏକ ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ରଣନୈତିକ ପୁଞ୍ଜିପ୍ରତ୍ୟାହାର ଲାଗି ମନୋନୀତ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଣ ପ୍ରମୁଖ ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଅର୍ଥ ଏବଂ ଶତ୍ରୁ ସମ୍ପତ୍ତି ବିକ୍ରିରୁ ଉପଲବ୍ଧ ଅର୍ଥକୁ ପୁଞ୍ଜି ପ୍ରତ୍ୟାହାରରୁ ପ୍ରାପ୍ତ ଆୟ ଭାବେ ଧରାଯିବ। କେନ୍ଦ୍ର କ୍ୟାବିନେଟ ଗତ ସପ୍ତାହରେ ଏସମ୍ପର୍କରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ବିକ୍ରି ହେବାକୁ ଥିବା ଅଣ ପ୍ରମୁଖ ସମ୍ପତ୍ତିକୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବା ଲାଗି ନୀତି ଆୟୋଗକୁ ପୂର୍ବରୁ ଦାୟିତ୍ୱ ଦିଆଯାଇଥିଲା। ବିକ୍ରିରୁ ପ୍ରାପ୍ତ ଅର୍ଥର ଏକ ଅଂଶକୁ ସରକାର ଲାଭାଂଶ ବାବଦରେ ନେବେ। ଏହାଦ୍ୱାରା ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ଓ ଲାଭ ବାବଦରେ ସରକାର ୧.୩୬ ଲକ୍ଷ କୋଟି ଟଙ୍କା ପାଇପାରିବେ।

## କେଟିଏମ୍ ପକ୍ଷରୁ ଷ୍ଟଣ୍ଟ ଶୋ'




ଭୁବନେଶ୍ୱର, ୧୦-୩

ୟୁରୋପର ରେସିଂ ବାଇକ୍ ନିର୍ମାତା କେଟିଏମ୍ ପକ୍ଷରୁ ବାଲୁଗାଁରେ ଏକ ଷ୍ଟଣ୍ଟ ଶୋ' ଅନୁଷ୍ଠିତ ହୋଇଯାଇଛି। ରମ୍ଭା ପେଟ୍ରୋଲ ପମ୍ପ ନିକଟସ୍ଥ ସାନ ରାମଚନ୍ଦ୍ରପୁରରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେଶନାଲ ଷ୍ଟଣ୍ଟ ପ୍ରଦର୍ଶନକାରୀ ଆକର୍ଷଣୀୟ ଷ୍ଟଣ୍ଟ ପ୍ରଦର୍ଶନ କରିଛନ୍ତି। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚର ଅନୁଭବ ଦେବା ଲାଗି ଏଭଳି ଶୋ' ଆୟୋଜନ କରାଯାଉଥିବା ବଜାଜ ଅଟୋ ପ୍ରୋ ବାଇକିଂ ଉପସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି। ଏଭଳି ଶୋ'କୁ ଅଧିକରୁ ଅଧିକ ସହରରେ ଆୟୋଜନ କରିବାକୁ ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଶୋ' କାଞ୍ଚିପୁରମ, କୋଏମ୍ବାଟୁର, ଚେନ୍ନାଇ, ବିଜୟପୁର, ଲକ୍ଷ୍ନୌ, ଇନ୍ଦୋର ସହ ରାଜ୍ୟର କଟକ, ରାଉରକେଲା, ବ୍ରହ୍ମପୁର ଏବଂ ବାଲେଶ୍ୱର ଭଳି ସହରଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ସେ କହିଛନ୍ତି।

# ନିର୍ବାଚନ ପୂର୍ବରୁ ପେଟ୍ରୋଲ ମହଙ୍ଗା

ନୂଆଦିଲ୍ଲୀ,୧୦-୩

### ତୈଳ ଭଣ୍ଡାରରେ ନିବେଶ ନେଇ ପ୍ରସ୍ତାବ

ଭାରତର ରଣକୌଶଳଗତ ତୈଳ ଭଣ୍ଡାର ନିର୍ମାଣ କ୍ଷେତ୍ରରେ ନିବେଶ ଲାଗି ସୌଦି ଆରବକୁ ଅନୁରୋଧ କରାଯାଇଛି। ସୌଦି ତୈଳ ମନ୍ତ୍ରୀ ଖାଲିଦ ଅଲ୍-ଫଲିହଙ୍କ ସହ ଆଲୋଚନା କାଳନରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସ୍ତାବ ଦେଇଛନ୍ତି। ମହାରାଷ୍ଟ୍ରରେ ନିର୍ମାଣ ହେବାକୁ ଥିବା ୪୪ ବିଲିୟନ ଡଲାର ମୂଲ୍ୟର ରିଫାଇନେରୀ ପ୍ରକଳ୍ପରେ ସୌଦି ଆରବ ନିବେଶ କରିବାକୁ ଇଚ୍ଛୁକ୍। ଏହାକୁ ଦୃଷ୍ଟିରେ ରଖି ଫଲିହ ୩ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଭାରତ ଗସ୍ତରେ ଆସି ପ୍ରଧାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।



### ସୌଦିର ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭାରତରେ ପେଟ୍ରୋଲ ଓ ଡିଜେଲ ଦର ମହଙ୍ଗା ହେବାରେ ଲାଗିଛି। ସାଧାରଣ ନିର୍ବାଚନ ପୂର୍ବରୁ ତେଲ ଦର ବୃଦ୍ଧି ପାଇବା ଭାଜପା ପାଇଁ ବିପଦ ଘଣ୍ଟି ହୋଇପାରେ। ଏହା ଅନୁମାନ କରି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ହସ୍ତକ୍ଷେପ କରିବାକୁ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୌଦି ଆରବକୁ ରବିବାର ଅନୁରୋଧ କରିଛନ୍ତି।

ଉଲ୍ଲେଖ କରାଯାଇପାରେ ଯେ, ଦେଶରେ ନିର୍ବାଚନୀ ରାଜନୀତି ସରଗରମ ରହିଥିବା ବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରବୃଦ୍ଧି କାରଣରୁ ଦେଶରେ ମାସେ ହେବ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୨ ଟଙ୍କାରୁ ଅଧିକ ବଢ଼ିସାରିଲାଣି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଶେଷ କରିବା ନେଇ ଆଲୋଚନା ଓ ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍‌ର ସହଯୋଗୀ ରୁଷ ଉତ୍ପାଦନ ହ୍ରାସ କରିବା ଲାଗି ନିଷ୍ପତ୍ତି ନେବା ଯୋଗୁ ଅଶୋଧିତ ତେଲ ଦର ବଢ଼ିବାରେ ଲାଗିଛି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆର୍ଥିକ କାରବାର ଧୀମା ପଡ଼ିବା ଆରମ୍ଭ ହୋଇଥିଲା। ଏହାର ପ୍ରଭାବରେ ଅଶୋଧିତ ତେଲ ଦର ହ୍ରାସ ପାଇବାକୁ ଲାଗିଥିଲା। ଭାରତ ଗସ୍ତରେ ଆସିଥିବା ସୌଦି ଆରବ ତୈଳ ମନ୍ତ୍ରୀ ଖାଲିଦ୍ ଅଲ୍-ଫଲିହଙ୍କୁ ସାକ୍ଷାତ କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତେଲ ଦର ନିୟନ୍ତ୍ରଣ ପାଇଁ ଅନୁରୋଧ କରିଥିଲେ। ସୌଦି ଆରବ ଏ ଦିଗରେ ନିଜର ଭୂମିକା ନିର୍ବାହ କରୁ ବୋଲି ସେ ତାଙ୍କ ପ୍ରତିପକ୍ଷଙ୍କୁ ବୁଝାଇ ଥିଲେ।

### ଜିଏସ୍‌ଟି ଆଦାୟ ବେଳେ ଟିସିଏସ୍‌କୁ ଅଲଗା ରଖାଯିବ

## ଦାମୀ କାର୍, ଗହଣା ହେବ ଶସ୍ତା

ନୂଆଦିଲ୍ଲୀ,୧୦-୩

ଜିଏସଟି ଆଦାୟ ବେଳେ ସ୍ରୋତ ଉପରେ ଟିକସ ଆଦାୟ(ଟିସିଏସ୍ ବା ଟ୍ୟାକ୍ସ କଲେକ୍ଟେଡ ଆଟ୍ ସୋର୍ସ)କୁ ଅଲଗା ରଖାଯିବ ବୋଲି କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ସ୍ପଷ୍ଟ କରିଛି। ଫଳରେ ଦାମୀ କାର୍ ଓ ଗହଣା ଶସ୍ତା ହେବ। କାରଣ ଏଗୁଡିକ କିଣିବା ବେଳେ କମ୍ ଟିକସ ଦେବାକୁ ପଡିବ। ସୂଚନାଥାଉ କି, ଆୟକର ଅଧିନିୟମ ଅନୁଯାୟୀ, ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କାର୍, ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ଗହଣା ଓ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା-ରୁପା ଆଦି କିଣିବା ବେଳେ ୧ ପ୍ରତିଶତ ଟିସିଏସ ଆଦାୟ କରାଯାଇଥାଏ। ସେହିପରି ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ମଧ୍ୟ ଭିନ୍ନ ଭିନ୍ନ ଟିସିଏସ ଆଦାୟ ହୁଏ। ସିବିଆଇସି ପକ୍ଷରୁ କୁହାଯାଇଛି ଯେ, ଜିଏସ୍‌ଟି ଦେୟ ଗଣନା କଲା ବେଳେ ଟିସିଏସ୍ ରାଶିକୁ ସାମଗ୍ରୀ ମୂଲ୍ୟଠାରୁ ଅଲଗା ରଖାଯିବ। ତେବେ ସାମଗ୍ରୀ ମୂଲ୍ୟ ସହ ଏହାକୁ ସାମିଲ କରାଯିବ ବୋଲି ବୋର୍ଡ ଡିସେମ୍ବରରେ ପ୍ରକାଶ କରିଥିଲା। ବିଭିନ୍ନ କ୍ଷେତ୍ରରୁ ମିଳିଥିବା ପ୍ରତିକ୍ରିୟା ଓ ସିବିଡିଟି ସହ ଆଲୋଚନା ପରେ ସିବିଆଇସି ଉକ୍ତ ନିଷ୍ପତ୍ତି ନେଇଛି।

OFFICE OF THE PRINCIPAL
GOVT. COLLEGE OF PHYSICAL EDUCATION, SAMBALPUR, KULUNDI

Letter No. 140 Date: 09.03.2019

**TENDER CALL NOTICE**

Sealed Tendrs are invited from authorised suppliers/ Dealers and registered farms having valid TIN/VAT/ OST and GST Clearance Certificate for supply of sports uniforms for use of the students of Govt. College of Physical Education Sambalpur, Kulundi during the session of 2017-19 and 2018-20 batch. The detail information will be obtained through Tender papers. The Tender papers will be available in the college office from 12.03.2019 to 20.03.2019 between 11 AM to 4 PM on every working day on payment of Rs. 100/- (Rupees one hundred) only each. The last date for receive tender documents is fixed on dtd. 26.03.2019 by 12 Noon and open on dtd. 26.03.2019 at 12.30 PM. The undersigned reserves the right to accept or reject this tender in fully or partly without assigning any reason thereof.

Sd./- Principal

INTEGRATED TRIBAL DEVELOPMENT AGENCY, NABARANGPUR

No. /2019 Date: / /2019

**e-Procurement Notice**

Bid Identification No. ITDANBG-06/18-19

Bids are invited from the eligible Contractors for Construction of Museum (01 No. of project) through e-tender process. The details of the tender are available in the website: https://tendersodisha.gov.in from 15.00 hours of 11.03.2019 to 17.00 hours of 02.04.2019 for online bidding. The bids received online shall be opened on 11.00 hours of 06.04.2019 in this office. The original bid security, Demand Draft towards cost of Bid, GST Certificate, Work Performane Certificate and affidavit in original shall be submitted in this office on or before 17.00 hours of 05.04.2019 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.

Sd./- P.A., ITDA, Nabarangpur

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**ମାର୍ଚ୍ଚ ୧୧ ତାରିଖ**

'ମାତୃଭୂମି ମାତୃଭାଷାରେ ମମତା
ଯା'ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?'
-ସ୍ୱଭାବ କବି ଗଙ୍ଗାଧର ମେହେର

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ୫ ବର୍ଷ ପୂର୍ତ୍ତି ଅବସରରେ ଉତ୍କଳୀୟ ସଂସ୍କୃତି, ସାହିତ୍ୟ, ଭାଷାର ସମୃଦ୍ଧି ସାଧନ କରିବା ସଙ୍ଗେସଙ୍ଗେ ମାତୃଭାଷାର ମହିମାକୁ ଋଦ୍ଧିମନ୍ତ କରିବାରେ ଆମ୍ଭେମାନେ ଯତ୍‌ପରୋନାସ୍ତି ଉଦ୍ୟମ କରିବା, ଏହାହିଁ ଆମର ଶପଥ ହେଉ।

No. 55-RR

**ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ**

27009/11/0002/1819

ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୧୪, ଇମେଲ୍ : odiabhasa@nic.in



“ ଚାମ୍ପିୟନ୍ସ ଲିଗ୍‌ରେ ଆମ ଦଳ ମାଞ୍ଚେଷ୍ଟର ୟୁନାଇଟେଡ୍‌ଠାରୁ ପରାଜିତ ହେବାପରେ ମୁଁ ଗୋଟିଏ ରାତି ଭଲରେ ଶୋଇପାରି ନ ଥିଲି ।

–କିଲିଆନ ଏମ୍‌ବାପେ, ପ୍ୟାରିସ୍ ସେଣ୍ଟ ଜର୍ମେନ ଟିମ୍ ଖେଳାଳି



“ ବିଶ୍ୱକପ୍ ଆସୁଥିବାରୁ ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳି ଆଇପିଏଲ୍‌ରେ ଇଞ୍ଜୁରି ପ୍ରତି ସତର୍କ ରହିବା ଆବଶ୍ୟକ ।

–ହରଭଜନ ସିଂ, ଭାରତୀୟ ସ୍ପିନର

## ସଂକ୍ଷେପରେ

### ଆଇସିସିଠାରୁ ଅନୁମତି ନେଇଥିଲା ବିସିସିଆଇ

**ମୁମ୍ବାଇ,୧୦।୩(ପି.ଟି.):** ରାଞ୍ଚିରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ କ୍ରିକେଟର ମାନେ ମିଲିଟାରୀ ଟୋପି ପରିଧାନ କରିଥିଲେ। ଏବେ ଏ ସଂକ୍ରାନ୍ତରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଜବାବ ରଖିଛି। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୪ଜଣ ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ତଥା ସମ୍ମାନ ଜଣାଇ କ୍ରିକେଟରମାନେ ଏହି ସେନାବାହିନୀ ଟୋପି ପିନ୍ଧିଥିଲେ। ଭାରତୀୟ ଦଳ ମଧ୍ୟ ଶହୀଦଙ୍କ ପରିବାରକୁ ଏହି ମ୍ୟାଚ୍‌ର ପାଉଣା ଦାନ କରିଥିଲେ। ତେବେ ପାକିସ୍ତାନ ଏହାର ବିରୋଧ କରି ଆଇସିସି ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଭାରତୀୟ ଦଳ କ୍ରିକେଟର ରାଜନୀତିକରଣ କରୁଛି ବୋଲି ପାକିସ୍ତାନ ଅଭିଯୋଗ ଆଣିଥିଲା। ତେବେ ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁମତି ଲୋଡ଼ିଥିଲା ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ଭାରତୀୟ ଖେଳାଳିମାନେ ପ୍ରଥମଥର ପାଇଁ ଏଭଳି କିଛି ପରିଧାନ କରିନାହାନ୍ତି। ପୂର୍ବରୁ ମଧ୍ୟ ଭାରତୀୟ ଖେଳାଳି ବିଭିନ୍ନ ସମାଜ ମଙ୍ଗଳକାର୍ଯ୍ୟ ପାଇଁ ବିଭିନ୍ନ ଜିନିଷ ପରିଧାନ କରିବାର ଉଦାହରଣ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଉଭୟ ଭାରତ ଓ ଘରୋଇ ଇଂଲଣ୍ଡ ଖେଳାଳିମାନେ ଖଦି ତିଆରି ହୋଇଥିବା ଏକ ପପି ବା ପୋପ୍ପା ପରିଧାନ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତୀୟ ସୈନିକଙ୍କୁ ସମ୍ମାନ ଜଣାଇ ଖେଳାଳିମାନେ ଏହା ପରିଧାନ କରିଥିଲେ। ସେହିପରି କିଛିମାସ ତଳେ ସିଡନୀରେ ଅନୁଷ୍ଠିତ ଟେଷ୍ଟରେ ବିରାଟ କୋହଲି ପିଙ୍କ୍ ଟେଷ୍ଟକୁ ସମର୍ଥନ କରି ନିଜସ୍ୱ ଢଙ୍ଗରେ ପିଙ୍କ ଗ୍ରିପ୍ ଓ ଷ୍ଟିକର ପରିଧାନ କରିଥିଲେ।

### ଜାତୀୟ ଜୁନିୟର ହକି ଶିବିରରେ ୬ ଓଡ଼ିଆ

**ବେଙ୍ଗାଲୁରୁ,୧୦।୩(ପିଟି):** ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ମାର୍ଚ୍ଚ ୧୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସାଇ କେନ୍ଦ୍ରଠାରେ ଜାତୀୟ ଜୁନିୟର ହକି ଶିବିର ଅନୁଷ୍ଠିତ ହେବ। ଏଥିଲାଗି ଏଚ୍‌ଆଇ ରବିବାର ୬୦ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ୬ ଜଣ ଓଡ଼ିଆ ଖେଳାଳି। ସେମାନେ ହେଲେ ଗୋଲକିପର ସାହିଲ କୁମାର ନାୟକ, ଡିଫେଣ୍ଡର ସୁମନ ବେକ୍, ଇନୋସେଣ୍ଟ ମୁଣ୍ଡା, ନବୀନ କୁଜୁର, ମିଡ୍‌ଫିଲ୍ଡର ଗ୍ରେକୋରୀ ଖେଜ ଓ ସୁନିତ ଲାକ୍ରା। ଜୁନିୟରସ୍ତରରେ ଚଳିତ ବର୍ଷ ପ୍ରଥମ ଥର ଲାଗି ଶିବିର ଆୟୋଜନ କରାଯାଉଛି।

### ବାଂଲାଦେଶ ୨୧୧ରେ ସୀମିତ

**ଓ୍ୱେଲିଂଟନ,୧୦।୩ (ଏଏଫପି):** ବର୍ଷା ଯୋଗୁ ପ୍ରଥମ ଦୁଇ ଦିନ ଖେଳ ବାତିଲ ହେବା ପରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ତୃତୀୟ ଦିନରେ ଖେଳ ସମ୍ଭବ ହୋଇଛି। ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୮୧ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧.୪ ଓଭରରେ ୨ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଛି।

### ମନ୍ଧାନାଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

**ଦୁବାଇ, ୧୦।୩ (ପି.ଟି.):** ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା କ୍ୟାରିୟର ଶ୍ରେଷ୍ଠ ତୃତୀୟ ସ୍ଥାନକୁ ଉଠିଛନ୍ତି। ହରମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ମନ୍ଧାନା ଟି୨୦ରେ ଭାରତର ନେତୃତ୍ୱ ନେଇଥିଲେ। ଗତ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ସେ ୭୨ ରନ ସଂଗ୍ରହ କରିଥିଲେ। ତୃତୀୟ ମ୍ୟାଚ୍‌ରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଇଞ୍ଜୁରି କାରଣରୁ ଏହି ସିରିଜରୁ ବାଦ ପଡିଥିବା ହରମନପ୍ରୀତ ଦୁଇଟି ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ରାଧା ଯାଦବ ୫ଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ବାମହାତୀ ସ୍ପିନର ଏକତା ବିଷ୍ଟ ୩ଟି ସ୍ଥାନ ଉପରକୁ ଉଠି ୫୬ତମ ସ୍ଥାନ ଅଧିକାର କରିଛନ୍ତି। ଅଫ ସ୍ପିନର ଅନୁଜା ପାଟିଲ ୩୫ରୁ ୩୧ତମ ସ୍ଥାନକୁ ଉଠିଛନ୍ତି।

## ଧାଓ୍ୱନ ଧମାକା ପରେ ହ୍ୟାଣ୍ଡସ୍କମ୍ବ, ଟର୍ନରଙ୍କ ଚମକ

# ଅଷ୍ଟ୍ରେଲିଆର ଚମକପ୍ରଦ ବିଜୟ

**ମୋହାଲି, ୧୦।୩**

ମୋହାଲିର ବ୍ୟାଟିଂ ଟ୍ରାକ୍‌ରେ ୩୫୮ ରନ୍ ପର୍ଯ୍ୟାପ୍ତ ହେଲାନି। ଭାରତର ଶିଖର ଧାଓ୍ୱନଙ୍କ ଶ୍ରେଷ୍ଠ ଇନିଂସ୍ ପରେ ଅଷ୍ଟ୍ରେଲିଆର ପିଟର ହ୍ୟାଣ୍ଡସ୍କମ୍ବ ହାସଲ କଲେ କ୍ୟାରିୟରର ପ୍ରଥମ ଶତକ। ଶେଷଭାଗରେ ଆଷ୍ଟନ ଟର୍ନରଙ୍କ ଇନିଂସ ହେଲା ଟର୍ନିଂ ପଏଣ୍ଟ। ହାଇ ସ୍କୋରିଂ ମ୍ୟାଚ୍‌ରେ ଭାରତକୁ ୪ ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୯ ରନ ବିଜୟ ଲକ୍ଷ୍ୟକୁ ୪୭.୫ ଓଭରରେ ୬ ଉଇକେଟ ହରାଇ ହାସଲ କଲା ଅଷ୍ଟ୍ରେଲିଆ। ଏକଦିବସୀୟ କ୍ରିକେଟରେ ଭାରତ ବିପକ୍ଷରେ କୌଣସି ଦଳର ଏହା ସର୍ବାଧିକ ରନ ଚେଜ୍। ବିସ୍ଫୋରକ ଇନିଂସ ପାଇଁ ଟର୍ନର ହେଲେ ମ୍ୟାନ୍ ଅଫ୍ ଦି ମ୍ୟାଚ୍। ଅଷ୍ଟ୍ରେଲିଆର ଏହି ଚମକପ୍ରଦ ବିଜୟ ଫଳରେ ୫ ମ୍ୟାଚବିଶିଷ୍ଟ ସିରିଜ ଏବେ ୨–୨ ସ୍ଥିତିରେ ପହଞ୍ଚିଛି।

### ହ୍ୟାଣ୍ଡସ୍କମ୍ବଙ୍କ ପ୍ରଥମ ଶତକ

ବୃହତ୍ ୩୫୯ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ମାତ୍ର ୧୨ ରନ୍ ମଧ୍ୟରେ ଅଧିନାୟକ ଆରୋନ ଫିଞ୍ଚ୍(୦) ଓ ଶନ୍ ମାର୍ଶ(୬)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭୁବନେଶ୍ୱର କୁମାର ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଫିଞ୍ଚ୍ ଏବଂ ଯଶପ୍ରୀତ ବୁମ୍‌ରା ୪ର୍ଥ ଓଭରର ୩ୟ ବଲ୍‌ରେ ମାର୍ଶଙ୍କୁ କ୍ଲିନ୍ ବୋଲ୍ଡ କରି ଚାପ ପ୍ରୟୋଗ କରିଥିଲେ। ମାତ୍ର ଉସ୍‌ମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡସ୍କମ୍ବ ପ୍ରଥମେ ସତର୍କତାର ସହ ଏବଂ ପରେ ଦ୍ରୁତ ଇନିଂସ୍ ଖେଳି ୧୯୨ ରନ୍‌ର ଭାଗୀଦାରି ଗଢ଼ିବାରୁ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦୁଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କୁ ନାକେଦମ୍ କରିଥିବାବେଳେ ୩୪ତମ ଓଭରର ପ୍ରଥମ ବଲ୍‌ରେ ଖ୍ୱାଜାଙ୍କୁ ଆଉଟ କରି ଭାରତକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ବୁମ୍‌ରା। ୯୯ ବଲ୍ ଖେଳିଥିବା ଖ୍ୱାଜା ୯ ଚୌକା ସହାୟତାରେ ୯୧ ରନ୍ କରିଥିବାବେଳେ ବୁମ୍‌ରାଙ୍କ ବଲ୍‌ରେ ଫାଇନ୍ ଲେଗ୍‌ରେ କୁଲଦୀପ ଯାଦବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ସ୍କୋର ୩୩.୧ ଓଭରରେ ୨୦୪ରେ ପହଞ୍ଚି ସାରିଥିଲା। ବିପଜ୍ଜନକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ ୧୩ ବଲ୍‌ରୁ ୨୩(୨ ଚୌକା, ୧ ଛକା) ରନ୍ କରି ଆଉଟ ହୋଇଥିଲେ ହେଁ ହ୍ୟାଣ୍ଡସ୍କମ୍ବ ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ। ୧୦୫ ବଲ୍‌ରୁ ବ୍ୟକ୍ତିଗତ ୧୧୭ ରନ୍ କରି ଆଉଟ ହୋଇଥିବା ହ୍ୟାଣ୍ଡସ୍କମ୍ବ ନିଜ ଇନିଂସ ମଧ୍ୟରେ ୮ ଚୌକା, ୩ ଛକା ମାରିଥିଲେ।







### ଟର୍ନର ଟର୍ନିଂ ପଏଣ୍ଟ

ରନ୍ ହାର କ୍ରମେ ବଢ଼ିଚାଲିଥିବାବେଳେ ଅଷ୍ଟ୍ରେଲିଆ ପାଇଁ ଚମତ୍କାର ଇନିଂସ ଖେଳିଥିଲେ ଆଷ୍ଟନ ଟର୍ନର। ଜୀବନର ମାତ୍ର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଟର୍ନର ବିସ୍ଫୋରକ ବ୍ୟାଟିଂ କରି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସେ ହ୍ୟାଣ୍ଡସ୍କମ୍ବଙ୍କ ସହ ୫ମ ଉଇକେଟରେ ୪୨ ଓ ୬ଷ୍ଠ ଉଇକେଟରେ ଆଲେକ୍ସ କାରେଙ୍କ ସହ ମୂଲ୍ୟବାନ ୮୬ ରନ୍ ଯୋଗକରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ମାତ୍ର ୨୧ ରନ କରିଥିବା ଟର୍ନର ଏଠାରେ କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ୪୩ ବଲ୍‌ରୁ ବିସ୍ଫୋରକ ୮୪ ରନ ସଂଗ୍ରହ କରିଥିଲେ। ଶେଷଭାଗରେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମ୍‌ରାଙ୍କୁ ଧୂଲେଇ କରିଥିବା ଟର୍ନର ନିଜ ଇନିଂସ୍ ମଧ୍ୟରେ ୫ ଚୌକା ଓ ୬ ଛକା ମାରିଥିଲେ। କାରେ ୨୧ ରନ କରି ଆଉଟ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ବୁମ୍‌ରା ୩ଟି ଏବଂ ଭୁବନେଶ୍ୱର, କୁଲଦୀପ ଓ ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଧାଓ୍ୱନଙ୍କ ଶ୍ରେଷ୍ଠ ଇନିଂସ

ଟସ୍ ଜିତି ବିରାଟ କୋହଲି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପିଚ୍ କଣ୍ଡିଶନରୁ ଫାଇଦା ଉଠାଇ ରୋହିତ ଶର୍ମା ଓ ଶିଖର ଧାଓ୍ୱନ ଖେଳିଥିଲେ ଚମତ୍କାର ଇନିଂସ। ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କୁ ଧୂଲେଇ କରି ଓପନିଂ ଯୋଡ଼ିରେ ୧୯୩ ରନ୍ ସଂଗ୍ରହ କରିବା ସହ ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ଗତ କିଛି ମ୍ୟାଚ୍‌ରେ ଫର୍ମରେ ନ ଥିବା ଶିଖର ଏଠାରେ ଶତକୀୟ ଇନିଂସ ଖେଳିଥିବାବେଳେ ରୋହିତ ଅଳ୍ପକେ ମାତ୍ର ୫ ରନ୍ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୨ ଛକା ସହାୟତାରେ ୯୫ ରନ୍ କରିଥିବାବେଳେ ଝେ ରିଚାର୍ଡଶନଙ୍କ ବଲ୍‌ରେ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୧ତମ ଓଭରର ଶେଷ ବଲ୍‌ରେ ରିଚାର୍ଡଶନ ଅଷ୍ଟ୍ରେଲିଆକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଧାଓ୍ୱନ କିନ୍ତୁ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ୧୧୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧାଓ୍ୱନ ୧୮ ଚୌକା ଓ ୩ ଛକା ସହାୟତାରେ ୧୪୩ ରନ୍ କରି ଦ୍ୱିତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏକଦିବସୀୟ କ୍ରିକେଟରେ ପୂର୍ବରୁ ଧାଓ୍ୱନଙ୍କର ସର୍ବାଧିକ ସ୍କୋର ଥିଲା ୧୩୭(ବନାମ ଦକ୍ଷିଣ ଆଫ୍ରିକା, ମେଲବୋର୍ନ, ୨୦୧୫)। ଦିନିକିଆ କ୍ରିକେଟରେ ଏହା ଥିଲା ତାଙ୍କର ୧୬ତମ, ଘରୋଇ ପରିବେଶରେ ପ୍ରଥମ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୩ୟ ଶତକ। ୧୮ ଇନିଂସ ପରେ ସେ ମ୍ୟାଜିକ୍ ତିନିଅଙ୍କ ସ୍କୋର ସ୍ପର୍ଶ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ସେ ଶେଷଥର ପାଇଁ ଶତକ ହାସଲ କରିଥିଲେ।

ଧାଓ୍ୱନ ଆଉଟ ହେବାବେଳକୁ ଭାରତର ସ୍କୋର ୩୭.୪ ଓଭରରେ ୨୫୪ ହୋଇ ସାରିଥିଲା। ଦ୍ରୁତ ରନ୍ ସଂଗ୍ରହ ଚକ୍କରରେ ଅଧିନାୟକ ବିରାଟ କୋହଲି ୭, ରିଷଭ ପନ୍ତ ୨୪ ବଲ୍‌ରୁ ୩୬(୪ ଚୌକା, ୧ ଛକା), କେଦାର ଯାଦବ ୧୦ ରନ୍ କରି ଆଉଟ ହୋଇଥିବାବେଳେ ବିଜୟ ଶଙ୍କର ୧୫ ବଲ୍‌ରୁ ଦ୍ରୁତ ୨୬(୧ ଚୌକା, ୨ ଛକା) ରନ ସଂଗ୍ରହ କରିବାରୁ ଭାରତୀୟ ସ୍କୋର ୩୫୦ ଅତିକ୍ରମ କରିଥିଲା। ଟେଲ୍ ଏଣ୍ଡର ଭୁବନେଶ୍ୱର କୁମାର ୧ ଓ ଯୁଜ୍‌ବେନ୍ଦ୍ର ଚହଲ ଖାତା ଖୋଲିପାରି ନ ଥିବାବେଳେ ଯଶପ୍ରୀତ ବୁମ୍‌ରା ଖେଳିଥିବା ଗୋଟିଏ ବଲ୍‌କୁ ଛକାରେ ପରିଣତ କରି ଭାରତୀୟ ଇନିଂସ୍‌ର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ ୫ ଉଇକେଟ ସଫଳତା ପାଇଥିବାବେଳେ ରିଚାର୍ଡଶନ ୩ଟି ଏବଂ ଆଡାମ ଜାମ୍ପା ଗୋଟିଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଭାରତ ୩ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। ପୂର୍ବ ମ୍ୟାଚ୍ ଖେଳିଥିବା ମହେନ୍ଦ୍ର ସିଂ ଧୋନୀ, ରବୀନ୍ଦ୍ର ଜାଡେଜା ଓ ଅମ୍ବାତି ରାୟୁଡୁଙ୍କ ସ୍ଥାନରେ ରିଷଭ ପନ୍ତ, ଯୁଜ୍‌ବେନ୍ଦ୍ର ଚହଲ ଓ ଲୋକେଶ ରାହୁଲଙ୍କୁ ସୁଯୋଗ ମିଳିଥିଲା।




### ସ୍କୋର ବୋର୍ଡ

**ଭାରତ ଇନିଂସ**

ରୋହିତ–କ–ହ୍ୟାଣ୍ଡସ୍କମ୍ବ–ବୋ–ରିଚାର୍ଡଶନ–୯୫
ଧାଓ୍ୱନ–ବୋ–କୁମିନ୍ସ–୧୪୩
ଲୋକେଶ–କ–କାରେ–ବୋ–ଜାମ୍ପା–୨୬
କୋହଲି–କ–କାରେ–ବୋ–ରିଚାର୍ଡଶନ–୭
ପନ୍ତ–କ–ଫିଞ୍ଚ୍–ବୋ–କୁମିନ୍ସ–୩୬
କେଦାର–କ–ରିଚାର୍ଡଶନ–ବୋ–କୁମିନ୍ସ–୧୦
ବିଜୟ–କ–ମ୍ୟାକ୍ସୱେଲ–ବୋ–କୁମିନ୍ସ–୨୬
ଭୁବନେଶ୍ୱର–କ–କାରେ–ବୋ–ରିଚାର୍ଡଶନ–୧
କୁଲଦୀପ–ନଟଆଉଟ–୧
ଚହଲ–କ ଆଣ୍ଡ ବୋ–କୁମିନ୍ସ–୦
ବୁମ୍‌ରା–ନଟଆଉଟ–୬
ଅତିରିକ୍ତ–୭
**ମୋଟ(୯ ଉଇକେଟ, ୫୦ ଓଭର) ୩୫୮**
ଉଇକେଟ ପତନ: ୧/୧୯୩, ୨/୨୫୪, ୩/୨୬୬, ୪/୨୯୬, ୫/୩୧୪, ୬/୩୩୧, ୭/୩୪୪, ୮/୩୫୧, ୯/୩୫୨।

**ବୋଲିଂ(ଅଷ୍ଟ୍ରେଲିଆ)**

କୁମିନ୍ସ ୧୦–୦–୭୦–୫
ବେହରେନଡର୍ଫ ୧୦–୧–୬୧–୦
ରିଚାର୍ଡଶନ ୯–୦–୮୫–୩
ମ୍ୟାକ୍ସୱେଲ ୮–୧–୬୧–୦
ଜାମ୍ପା ୧୦–୦–୫୭–୧
ଫିଞ୍ଚ୍ ୩–୦–୨୨–୦।

**ଅଷ୍ଟ୍ରେଲିଆ ଇନିଂସ**

ଫିଞ୍ଚ୍–ବୋ–ଭୁବନେଶ୍ୱର–୦
ଖ୍ୱାଜା–କ–କୁଲଦୀପ–ବୋ–ବୁମ୍‌ରା–୯୧
ଶନ୍ ମାର୍ଶ–ବୋ–ବୁମ୍‌ରା–୬
ହ୍ୟାଣ୍ଡସ୍କମ୍ବ–କ–ଲୋକେଶ–ବୋ–ଚହଲ–୧୧୭
ମ୍ୟାକ୍ସୱେଲ–ଏଲବିଡବଲ୍ୟୁ–କୁଲଦୀପ–୨୩
ଟର୍ନର– ନଟଆଉଟ–୮୪
କାରେ–କ–ଧାଓ୍ୱନ–ବୋ–ବୁମ୍‌ରା–୨୧
ରିଚାର୍ଡଶନ–ନଟଆଉଟ–୦
ଅତିରିକ୍ତ–୧୭
**ମୋଟ(୪୭.୫ ଓଭର, ୬ ଉଇକେଟ) ୩୫୯**
ଉଇକେଟ ପତନ: ୧/୩, ୨/୧୨, ୩/୨୦୪, ୪/୨୨୯, ୫/୨୭୧, ୬/୩୫୭।

**ବୋଲିଂ(ଭାରତ)**

ଭୁବନେଶ୍ୱର ୯–୦–୬୭–୧
ବୁମ୍‌ରା ୮.୫–୦–୬୩–୩
ବିଜୟ ୫–୦–୨୯–୦
କୁଲଦୀପ ୧୦–୦–୬୪–୧
କେଦାର ୫–୦–୪୪–୦
ଚହଲ ୧୦–୦–୮୦–୧

### ଦିନିକିଆ କ୍ରିକେଟରେ ସର୍ବାଧିକ ରନଚେଜ୍

**୪୩୮/୯( ୪୯.୫ ଓଭର):** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଜୋହାନ୍ସବର୍ଗ, ମାର୍ଚ୍ଚ ୧୨, ୨୦୦୬
**୩୭୨/୬(୪୯.୨ ଓଭର):** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଡର୍ବାନ, ଅକ୍ଟୋବର ୫, ୨୦୧୬
**୩୬୪/୪ (୪୮.୪ ଓଭର):** ଇଂଲଣ୍ଡ ବନାମ ଓ୍ୱେଷ୍ଟଇଣ୍ଡିଜ, ବ୍ରିଜ୍ ଟାଉନ, ଫେବୃୟାରୀ ୨୦, ୨୦୧୯
**୩୬୨/୧ (୪୩.୩ ଓଭର):** ଭାରତ ବନାମ ଅଷ୍ଟ୍ରେଲିଆ, ଜୟପୁର, ଅକ୍ଟୋବର ୧୬, ୨୦୧୩
**୩୫୯/୬(୪୭.୫ ଓଭର):** ଅଷ୍ଟ୍ରେଲିଆ ବନାମ ଭାରତ, ମୋହାଲି, ମାର୍ଚ୍ଚ ୧୦, ୨୦୧୯

### ସର୍ବାଧିକ ଓପନିଂ ଭାଗୀଦାରି ବନାମ ଅଷ୍ଟ୍ରେଲିଆ

୧୯୩: ରୋହିତ ଶର୍ମା–ଶିଖର ଧାଓ୍ୱନ, ମୋହାଲି, ୨୦୧୯
୧୭୮: ରୋହିତ ଶର୍ମା–ଶିଖର ଧାଓ୍ୱନ,ନାଗପୁର, ୨୦୧୩
୧୭୬: ରୋହିତ ଶର୍ମା–ଶିଖର ଧାଓ୍ୱନ,ଜୟପୁର, ୨୦୧୩
୧୭୫: ସଚିନ ତେନ୍ଦୁଲକର–ସୌରଭ ଗାଙ୍ଗୁଲି, କାନ୍‌ପୁର, ୧୯୯୮

**ପ୍ରଥମ ବ୍ୟାଟିଂରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ସ୍କୋର**

୩୮୩/୬, ବେଙ୍ଗାଲୁରୁ, ୨୦୧୩
୩୫୮/୯, ମୋହାଲି, ୨୦୧୯
୩୫୪/୭, ନାଗପୁର, ୨୦୦୯

**ମୋହାଲି ଗ୍ରାଉଣ୍ଡରେ ସର୍ବାଧିକ ସ୍କୋର**

୩୯୨/୪: ଭାରତ ବନାମ ଶ୍ରୀଲଙ୍କା, ୨୦୧୭
୩୫୯/୬: ଅଷ୍ଟ୍ରେଲିଆ ବନାମ ଭାରତ ୨୦୧୯
୩୫୮/୯: ଭାରତ ବନାମ ଅଷ୍ଟ୍ରେଲିଆ, ୨୦୧୯

**ଭାରତରେ ଭାରତ ବିପକ୍ଷରେ ସର୍ବାଧିକ ୩ୟ ଉଇକେଟ ଭାଗୀଦାରି**

୧୯୨: ଉସମାନ ଖ୍ୱାଜା–ପିଟର ହ୍ୟାଣ୍ଡସ୍କମ୍ବ, ମୋହାଲି, ୨୦୧୯
୧୮୧: ଏ.ପାରୋରେ–.କ.ରଥରଫୋର୍ଡ, ବରୋଦା, ୧୯୯୪
୧୭୩*: ଜ୍ୟାକ୍ସ କାଲିସ–ଏବି ଡିଭିଲର୍ସ, ଅହମ୍ମଦାବାଦ, ୨୦୧୦
୧୭୧*: ମାର୍ଟିନ କ୍ରୋ–ଷ୍ଟିଫେନ ଫ୍ଲେମିଂ, ଜାମସେଦପୁର, ୧୯୯୫

### ‘ତ୍ରୁଟିପୂର୍ଣ୍ଣ ଡିଆର୍‌ଏସ୍ ପ୍ରତ୍ୟେକ ମ୍ୟାଚ୍‌ରେ ଚର୍ଚ୍ଚାର ବିଷୟ’

**ମୋହାଲି, ୧୦।୩ (ପିଟି):** ଏଠାରେ ଖେଳାଯାଇଥିବା ୪ର୍ଥ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଡିଆରଏସ୍ ପ୍ରକ୍ରିୟାକୁ ଦୋଷାରୋପ କରିଛନ୍ତି। ଡିଆରଏସ୍ ପ୍ରକ୍ରିୟା ଏପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ହୋଇ ରହିଛି। ଏଣୁ ଡିଆରଏସ୍ ପ୍ରତ୍ୟେକ ମ୍ୟାଚ୍‌ରେ ଚର୍ଚ୍ଚାର କାରଣ ପାଲଟିଛି ବୋଲି କୋହଲି କହିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟୋନ ଟର୍ନର ୪୩ ବଲରୁ ୮୪ ରନ୍ କରି ଅଷ୍ଟ୍ରେଲିଆ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ବ୍ୟାଟିଂ ଆରମ୍ଭରୁ କ୍ୟାଚ୍ ଆଉଟ୍ ହୋଇଥିଲେ, ଯାହାକୁ ଫିଲ୍ଡ ଅମ୍ପାୟର ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ଉଇକେଟକିପର ରିଷଭ ପନ୍ତଙ୍କ ସହ ଆଲୋଚନା ପରେ କୋହଲି ଡିଆରଏସ୍ ନେଇଥିଲେ। ସ୍ନିକୋ ମିଟରରେ ବ୍ୟାଟ୍‌ରେ ବଲ ବାଜିଥିବା ସ୍ପଷ୍ଟ ଜଣାପଡୁଥିଲେ ମଧ୍ୟ ୩ୟ ଅମ୍ପାୟର ନଟ୍‌ଆଉଟ୍ ଦେଇଥିଲେ। ଆମେ ଫିଲ୍ଡରେ ଭଲ ପ୍ରଦର୍ଶନ କରିପାରିଲୁ ନାହିଁ। ଆମକୁ ମିଳିଥିବା ସୁଯୋଗର ଫାଇଦା ଉଠାଇବାର ଥିଲା। ଏଥିରେ କାକରର ମଧ୍ୟ ଭୂମିକା ରହିଛି। କିନ୍ତୁ ବାହାନା ଚଳିବ ନାହିଁ। ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ ବୋଲି କୋହଲି ମ୍ୟାଚ୍ ପରେ କହିଛନ୍ତି।

### ଉଦ୍‌ଘାଟନୀ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର,୧୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ରାମେଶ୍ୱର କ୍ଲବ ପକ୍ଷରୁ ରବିବାର ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୩୮.୨ ଓଭର ଖେଳି ୨୩୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଆର୍ଯ୍ୟ ଜେନା ୬୧ ଓ ଦୀପ୍ତାଂଶୁ ପରିଡ଼ା ୪୭ ରନ୍ କରିଥିଲେ। ଜବାବରେ ଦେବାଶିଷ ରାଉତଙ୍କ ୫୮ ଓ ବିସ୍ମୟ ରାଉତଙ୍କ ୪୯ ରନ୍‌ର ଇନିଂସ ସତ୍ତ୍ୱେ ମୁକ୍ତେଶ୍ୱର କ୍ଲବ ୨୧୬ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳ ପାଇଁ ଆର୍ଯ୍ୟ ଜେନା ୪ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଥିବା ଆର୍ଯ୍ୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ମ୍ୟାଚ୍‌ରେ ପ୍ରିୟବ୍ରତ ପ୍ରଧାନ ଓ ଆଲୋକ ଦାସ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଜୁନିୟର ଦଳର ଚୟନକର୍ତ୍ତା ସୌରଭ ସୈଗଲ ଅତିଥି ରୂପେ ଯୋଗଦେଇଥିଲେ। ଏଥିପୂର୍ବରୁ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅନୁଗୋଳ–ସୁକିନ୍ଦା ରେଲ୍‌ୱେ ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ, କ୍ଲବ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ଦୀପକ ମଙ୍ଗରାଜ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସାମର୍ଥ, ରାଧାନାଥ ମହାପାତ୍ରଙ୍କ ସହ କ୍ଲବ ସଦସ୍ୟ ପରେଶ ପଟେଲ, ପ୍ରିୟବ୍ରତ ପ୍ରଧାନ, ପୂର୍ଣ୍ଣ ମହାରଣା, ରାଜେଶ ମହାପାତ୍ର, ଦେବୀ ପ୍ରସାଦ ମହାନ୍ତି, ସୂର୍ଯ୍ୟ ପ୍ରଧାନ, ସୂର୍ଯ୍ୟକାନ୍ତ ମହାପାତ୍ର, ସ୍ମୃତିରଞ୍ଜନ ସ୍ୱାଇଁ, ଗୌର ମୋହନ ଦାସ ଓ ଦିବ୍ୟରଞ୍ଜନ ବେହେରା ଉପସ୍ଥିତ ଥିଲେ।



ଆର୍ଯ୍ୟ ଜେନା ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

> ଏଏଫ୍‌ସି କ୍ୱାଲିଫାୟର ପାଇଁ ଆମେ ନିଜକୁ କେମିତି ପ୍ରସ୍ତୁତ କରିଛୁ, ତାହା କାତାର ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜଣାପଡ଼ିବ ।
>
> –ଡେରିକ୍ ପେରିରା
> ଭାରତର ୨୩ ବର୍ଷରୁ କମ୍ ଫୁଟ୍‌ବଲ କୋଚ୍



> ଇଣ୍ଡିଆନ୍ ୱେଲ୍‌ସରେ ବିୟର୍ନ ଫ୍ରାଟାଙ୍ଗେଲୋ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଆରମ୍ଭରେ ମୁଁ ସାମାନ୍ୟ ନର୍ଭସ ହୋଇଯାଇଥିଲି ।
>
> –ନୋଭାକ ଜୋକୋଭିଚ୍, ସର୍ବୀୟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ପ୍ରଜନେଶଙ୍କ କ୍ୟାରିୟରର ଶ୍ରେଷ୍ଠ ବିଜୟ



**ଇଣ୍ଡିଆନ ୱେଲ୍ସ, ୧୦।୩(ପି.ଟି.):** ଭାରତୀୟ କ୍ୱାଲିଫାୟର ପ୍ରଜନେଶ ଗୁଣେଶ୍ୱରନ ଇଣ୍ଡିଆନ ୱେଲ୍ସ ଏଟିପି ମାଷ୍ଟର୍ସ ଇଭେଣ୍ଟରେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୧୮ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ନିକୋଲୋଜ୍ ବାସିଲାସଭିଲିଙ୍କୁ ୬-୪, ୬(୬)-୭, ୭-୬(୪) ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଜର୍ଜିଆର ଏହି ଖେଳାଳିଙ୍କୁ ହରାଇବା ଲାଗି ୯୭ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ପ୍ରଜନେଶ ୨ ଘଣ୍ଟା ୩୨ ମିନିଟ୍ ସମୟ ନେଇଥିଲେ। ଏହା ପୂର୍ବରୁ ପ୍ରଜନେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଗତ ବର୍ଷ ଷ୍ଟଟ୍‌ଗାର୍ଟ ଏଟିପି ୨୫୦ ଇଭେଣ୍ଟରେ ଥିଲା। ସେଥିରେ ସେ ବିଶ୍ୱର ୨୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଡେନିସ୍ ଶାପୋଭାଲୋଭଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଏଠାରେ ତୃତୀୟ ରାଉଣ୍ଡରେ ସେ ୮୯ ର୍‍ୟାଙ୍କିଙ୍ଗପ୍ରାପ୍ତ କ୍ରୋଏସିଆର ଇଭୋ କାର୍ଲୋଭିଚ୍‌ଙ୍କୁ ଭେଟିବେ। ରୋହନ ବୋପାନ୍ନା ତାଙ୍କ ପାର୍ଟନର ଡେନିସ ଶାପୋଲଭ ଓପନିଂ ମ୍ୟାଚରେ ଦ୍ୱିତୀୟ ସିଡ୍ ସ୍କଟଲାଣ୍ଡର ଜେମି ମୁରେ ଓ ବ୍ରାଜିଲର ବ୍ରୁନୋ ସୋର୍ସଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।

# ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**କଟକ ଅଫିସ,୧୦।୩**

ବାରବାଟୀ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍। ପ୍ରଥମ ଦିବସରେ ଉଭୟ ପୁରୁଷ, ମହିଳା ବର୍ଗର ସିଙ୍ଗଲ୍ସ ଓ ଦଳଗତ ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ହୋଇଛି। ଦୁଇ ରାଉଣ୍ଡ ଖେଳ ଶେଷ ହୋଇଥିବା ବେଳେ ସୋମବାର ସିଙ୍ଗଲ୍ସ ଏଲିମେନେଶନ ଓ ଫାଇନାଲ ମୁକାବିଲା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ମଙ୍ଗଳବାରଠାରୁ ଆରମ୍ଭ ହେବ ପ୍ରତିଯୋଗିତାର କମ୍ପାଉଣ୍ଡ ରାଉଣ୍ଡ। ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ମହିଳା ସିଙ୍ଗଲ୍ସରେ ଅଗ୍ରଣୀ ରହିଛନ୍ତି ଆର୍‌ଏସ୍‌ପିବିର ଏଲ୍. ବୋମ୍ବାଲ୍ୟ ଦେବୀ। ୭୦ମିଟର ବିଶିଷ୍ଟ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ୩୨୯ ପଏଣ୍ଟ ଓ ଦ୍ୱିତୀୟ ରାଉଣ୍ଡରେ ୩୧୩ ପଏଣ୍ଟ ହାସଲ କରି ବୋମ୍ବାଲ୍ୟ ଶୀର୍ଷ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଝାଡ଼ଖଣ୍ଡର ଅଙ୍କିତା ଭକତ (୬୩୯ ପଏଣ୍ଟ), ହରିୟାଣାର ପ୍ରୀତି (୬୨୮ ପଏଣ୍ଟ), ରିଦ୍ଧି ଫୋର( ୬୨୮ ପଏଣ୍ଟ), ସଙ୍ଗୀତା( ୬୨୫ ପଏଣ୍ଟ) ରହିଛନ୍ତି। ଅନ୍ତର୍ଜାତୀୟ ତାରକା ଖେଳାଳି ଦୀପିକା କୁମାରୀ ଏହି ଇଭେଣ୍ଟରେ ୬୨୨ ପଏଣ୍ଟ ହାସଲ କରି ୭ମ ସ୍ଥାନରେ ଅଛନ୍ତି। ସେହିପରି ମହିଳା ଦଳଗତ ପ୍ରତିଯୋଗିତାରେ ଅଗ୍ରଣୀ ନେଇଛି ଝାଡ଼ଖଣ୍ଡ। ଦୀପିକା କୁମାରୀ, ଅଙ୍କିତା ଭକତ, କୋମଲିକା ବାରି, ସୁସ୍ମିତା ବିରୁଲିଙ୍କୁ ନେଇ ଗଠିତ ଝାଡ଼ଖଣ୍ଡ ଦଳ ମୋଟ ୧୮୮୩ ପଏଣ୍ଟ ହାସଲ କରି ପ୍ରଥମ ହୋଇଛି। ସେହିପରି ୧୮୮୧ ପଏଣ୍ଟ ସହ ହରିୟାଣା ଦ୍ୱିତୀୟ, ୧୮୪୯ ପଏଣ୍ଟ ସହ ଆର୍‌ଏସ୍‌ପିବି ତୃତୀୟ, ଏଆଇପିଏସ୍‌ସିବି ୧୮୨୦ ଚତୁର୍ଥ ଏବଂ ୧୮୦୭ ପଏଣ୍ଟ ସହ ପଞ୍ଜାବ ପଞ୍ଚମ ସ୍ଥାନରେ ରହିଛି। ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସରେ ମହାରାଷ୍ଟ୍ରର ସୁଖମଣି ବାବରେକର ୬୫୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ(୬୫୩ ପଏଣ୍ଟ), ତରୁଣଦୀପ ରାୟ(୬୫୨ ପଏଣ୍ଟ), ଏଆଇପିଏସ୍‌ସିବିର ଚମନ ସିଂ(୬୫୧ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ପୁରୁଷ ଦଳଗତ ମୁକାବିଲାରେ ଏସ୍‌ଏସ୍‌ସିବି ଅଗ୍ରଣୀ ନେଇଛି। ଏସ୍‌ଏସ୍‌ସିବି ମୋଟ୍ ୧୯୫୨ ପଏଣ୍ଟ ହାସଲ କରିଛି। ମହାରାଷ୍ଟ୍ର (୧୯୨୯ ପଏଣ୍ଟ), ଦିଲ୍ଲୀ (୧୯୦୦ ପଏଣ୍ଟ) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏତଦ୍‌ବ୍ୟତୀତ ରିକର୍ଭ ମିକ୍ସଡ ପ୍ରତିଯୋଗିତାରେ ଝାଡ଼ଖଣ୍ଡ ଶୀର୍ଷରେ ରହିଛି। ଓଡ଼ିଶା ତୀରନ୍ଦାଜୀ ସଂଘ ସଭାପତି ଅଜିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ତୀରନ୍ଦାଜୀ ମହାସଂଘ ସଭାପତି ଭି.ଭି.ପି. ରାଓ, ଉପସଭାପତି ଆଇ.ଏସ୍ ତୋମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଡ. ସରୋଜ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେଣ୍ଟ ଜାଭିୟର୍ସ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ଉଦ୍‌ଘାଟନୀ ଦିବସରେ ବିଭିନ୍ନ ଦଳର ପ୍ରତିଯୋଗୀମାନେ।

### ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ

ଘରୋଇ ମାଟିରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ରିକର୍ଭ ଇଭେଣ୍ଟର କୌଣସି ବର୍ଗରେ ଓଡ଼ିଶା ପଦକ ଜିତିବାର ସୁଯୋଗ ସୃଷ୍ଟି କରିପାରିନି। ମହିଳା ସିଙ୍ଗଲ୍ସରେ ଓଡ଼ିଶାର ଚନ୍ଦ୍ରମଣି ମୁଣ୍ଡା ୮୫ତମ ସ୍ଥାନ, ବାଲି ବନସିଂ ୯୦ତମ, ଆଶାଲତା ଦାସ ୯୨ତମ, ସୁମି ମୁଣ୍ଡା ୯୫ତମ ସ୍ଥାନରେ ରହିଥିଲେ। ମହିଳା ଦଳଗତ ବିଭାଗରେ ଓଡ଼ିଶା ସବୁଠାରୁ ଶେଷ ର୍‍ୟାଙ୍କ୍ ତଥା ୨୩ତମ ସ୍ଥାନରେ ରହିଥିଲା। ପୁରୁଷ ବର୍ଗରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଥିଲା। ରଞ୍ଜିତ ନାୟକ ୬୩୪ ପଏଣ୍ଟ ପାଇ ୧୮ତମ ସ୍ଥାନରେ ରହିଥିଲେ। ଅଳ୍ପ ପଏଣ୍ଟ ବ୍ୟବଧାନରେ ସେ ଶୀର୍ଷ ୧୦ରୁ ଦୂରରେ ରହିଥିଲେ। ଏହାଛଡ଼ା ସୂର୍ଯ୍ୟମଣି ମାଝି ୫୫ତମ, ସୀମାଞ୍ଚଳ କନ୍ଦ୍ରକ ୮୦ତମ, ପ୍ରଭାତ ମିଞ୍ଜ ୮୫ତମ ସ୍ଥାନ ହାସଲ କରିଥିଲେ। ପୁରୁଷ ଦଳଗତରେ ଓଡ଼ିଶା ୧୭ତମ ସ୍ଥାନରେ ରହିଥିଲା। ସେହିପରି ମିକ୍ସଡ ଇଭେଣ୍ଟରେ ଓଡ଼ିଶା ୨୩ତମ ସ୍ଥାନରେ ରହିଥିଲା।

## କାଭିନ୍ଦରଙ୍କୁ ସ୍ୱର୍ଣ୍ଣ, ଭାରତକୁ ୪ ରୌପ୍ୟ

**ନୂଆଦିଲ୍ଲୀ, ୧୦।୩ (ପି.ଟି.):** ଫିନ୍‌ଲାଣ୍ଡର ହେଲସେଙ୍କିଠାରେ ଚାଲିଥିବା ୩୮ତମ ଜିବି ବକ୍ସିଂ ଟୁର୍ନାମେଣ୍ଟରେ କାଭିନ୍ଦର ସିଂ ବିଷ୍ଟ (୫୬କେଜି) ସ୍ୱର୍ଣ୍ଣ ଜିତିଥିବାବେଳେ ଶିବା ଥାପା (୬୦କେଜି) ଏବଂ ଅନ୍ୟ ୩ଜଣ ଭାରତୀୟ ବକ୍ସର ରୌପ୍ୟ ଜିତିଛନ୍ତି। ଶିବାଙ୍କୁ ଛାଡ଼ି ରୌପ୍ୟ ଜିତିଥିବା ଅନ୍ୟ ବକ୍ସରମାନେ ହେଲେ ଗୋବିନ୍ଦ ସାହାଣୀ (୪୯କେଜି), ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ ପଦକ ବିଜୟୀ ମହମ୍ମଦ ହୁସାମୁଦ୍ଦିନ (୫୬କେଜି) ଓ ଦୀନେଶ ଡାଗର (୬୯କେଜି)। ୫୬କେଜି ଟାଇଟଲ ମୁକାବିଲା ଦୁଇ ଭାରତୀୟ ବିଷ୍ଟ ଓ ହୁସାମୁଦ୍ଦିନଙ୍କ ମଧ୍ୟରେ ହୋଇଥିଲା, ଯାହାକି ଏକ ବିରଳ ଦୃଷ୍ଟାନ୍ତ। ଉଭୟ ବକ୍ସର ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍‌ଏସ୍‌ସିବି)ର ହୋଇଥିବାରୁ ପରସ୍ପରଙ୍କ ଟେକ୍‌ନିକ୍ ବିଷୟରେ ଅବଗତ। ତେଣୁ ଫାଇନାଲ ଲଢେଇ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କିନ୍ତୁ ବିଷ୍ଟ ବାଜି ମାରି ନେଇଥିଲେ। ଅନ୍ୟପକ୍ଷରେ ଥାଇଲାଣ୍ଡର ଥିତିସାନ ପାନ୍‌ମୋଦଙ୍କ ବିପକ୍ଷ ଟାଇଟଲ ମୁକାବିଲାର ଓପନିଂ ରାଉଣ୍ଡରେ ସାହାଣୀ ବିଜୟ ଲାଭ କରିଥିଲେ ମଧ୍ୟ ଜଜ୍‌ମାନେ ପରବର୍ତ୍ତୀ ଦୁଇ ରାଉଣ୍ଡରେ ପାନ୍‌ମୋଦ୍‌ଙ୍କ ସପକ୍ଷରେ ଯାଇଥିଲେ। ଶେଷରେ ଥାଇ ବକ୍ସର ଏହି ବାଉଟ୍‌କୁ ୩–୨ରେ ଜିତିଥିଲେ।

# ସୁପର କପ୍ ପାଇଁ କଳିଙ୍ଗ ପ୍ରସ୍ତୁତ



**ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି)**

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଏଠାରେ ମାର୍ଚ୍ଚ ୧୫ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଫୁଟବଲର ଏହି ମହାପର୍ବ। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ ପକ୍ଷରୁ ରବିବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୧୫ ଓ ୧୬ ତାରିଖ ଦୁଇଦିନଧରି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ମାର୍ଚ୍ଚ ୨୯ରୁ ଆରମ୍ଭ ହେବ ପ୍ରି-କ୍ୱାର୍ଟର ଫାଇନାଲ। କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ଫର୍ମାଟ ଅନୁସାରେ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆଇ-ଲିଗ୍ ଏବଂ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଶ୍ରେଷ୍ଠ ୬ଟି ଲେଖାଏ ଦଳ ସିଧା ପ୍ରି-କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୨ଟି ଲିଗ୍‌ର ନିମ୍ନ ର୍‍ୟାଙ୍କ୍‌ପ୍ରାପ୍ତ ୪ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଖେଳିବେ। ସେଥିରୁ ୪ଟି ଦଳ ପୂର୍ବ ୧୨ ଦଳ ସହ ଯୋଗଦେବେ। ସେହି ଅନୁସାରେ ଆଇ-ଲିଗ୍‌ରୁ ଚାମ୍ପିୟନ ଚେନ୍ନାଇ ସିଟି, ଇଷ୍ଟ ବେଙ୍ଗଲ, ରିୟଲ କଶ୍ମୀର, ଚର୍ଚ୍ଚିଲ ବ୍ରଦର୍ସ ଓ ମୋହନ ବାଗାନ ଏବଂ ଆଇଏସଏଲରୁ ବେଙ୍ଗାଲୁରୁ ଏଫସି, ଗୋଆ ଏଫସି, ନର୍ଥ ଇଷ୍ଟ ୟୁନାଇଟେଡ, ମୁମ୍ବାଇ ସିଟି, ଜାମସେଦପୁର ଏଫସି ଓ ଆଟଲେଟିକୋ ଡି କୋଲକାତା(ଏଟିକେ) ସିଧା ମୁଖ୍ୟ ଟୁର୍ନାମେଣ୍ଟକୁ ଯୋଗ୍ୟତା ପାଇଛନ୍ତି। ଆଇ-ଲିଗ୍‌ରୁ ଆଇଜଲ ଏଫସି, ଇଣ୍ଡିଆନ ଆରୋଜ୍, ଗୋକୁଲମ୍ କେରଳ ଓ ମିନର୍ଭା ପଞ୍ଜାବ ଏବଂ ଆଇଏସଏଲରୁ ପୁଣେ ସିଟି, ଦିଲ୍ଲୀ ଡାଇନାମସ, କେରଳ ବ୍ଲାଷ୍ଟର୍ସ ଓ ଚେନ୍ନାଇନ୍ ଏଫସି ଯୋଗ୍ୟତା ପର୍ଯ୍ୟାୟ ଖେଳିବେ।

### କାର୍ଯ୍ୟସୂଚୀ

**କ୍ୱାଲିଫାୟର**

ମାର୍ଚ୍ଚ ୧୫: ପୁଣେ ସିଟି ବନାମ ମିନର୍ଭା ପଞ୍ଜାବ/ଗୋକୁଳମ କେରଳ, ସମୟ: ଅପରାହ୍ନ ୫ଟା

ମାର୍ଚ୍ଚ ୧୫: କେରଳ ବ୍ଲାଷ୍ଟର୍ସ ବନାମ ଇଣ୍ଡିଆନ ଆରୋଜ, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୧୬: ଦିଲ୍ଲୀ ଡାଇନାମସ ବନାମ ଗୋକୁଳମ କେରଳ/ମିନର୍ଭା ପଞ୍ଜାବ, ସମୟ: ଅପରାହ୍ନ: ୫ଟା

ମାର୍ଚ୍ଚ ୧୬: ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି, ସମୟ: ରାତି ୮ଟା ୩୦

**ପ୍ରି–କ୍ୱାର୍ଟର ଫାଇନାଲ**

ମାର୍ଚ୍ଚ ୨୯: କ୍ୱାଲିଫାୟର–୪ ବନାମ ମୁମ୍ବାଇ ସିଟି, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୩୦: କ୍ୱାଲିଫାୟର–୨ ବନାମ ଏଫସି ଗୋଆ, ସମୟ: ଅପରାହ୍ନ ୫ଟା

ମାର୍ଚ୍ଚ ୩୦: କ୍ୱାଲିଫାୟର–୩ ବନାମ ଇଷ୍ଟବେଙ୍ଗଲ, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୩୧: ମୋହନ ବାଗାନ ବନାମ ବେଙ୍ଗାଲୁରୁ ଏଫସି, ସମୟ: ଅପରାହ୍ନ ୫ଟା

ମାର୍ଚ୍ଚ ୩୧: କ୍ୱାଲିଫାୟର–୧ ବନାମ ଚେନ୍ନାଇ ସିଟି, ସମୟ: ରାତି ୮ଟା ୩୦

ଏପ୍ରିଲ ୧: ଏଟିକେ ବନାମ ରିୟଲ କଶ୍ମୀର, ସମୟ: ରାତି ୮ଟା ୩୦

ଏପ୍ରିଲ ୨: ଜାମସେଦପୁର ଏଫସି ବନାମ ଚର୍ଚ୍ଚିଲ ବ୍ରଦର୍ସ, ସମୟ: ରାତି ୮ଟା ୩୦

ଏପ୍ରିଲ ୩: ନେରୋକା ଏଫସି ବନାମ ନର୍ଥ ଇଷ୍ଟ ୟୁନାଇଟେଡ, ସମୟ: ରାତି ୮ଟା ୩୦

(ସୁପର କପ୍ କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ)।

# ସେମିରେ ୟୁନିୟନ ସ୍ପୋର୍ଟିଂ

**ଭୁବନେଶ୍ୱର,୧୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ପାରାମାଉଣ୍ଟ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲରେ ୟୁନିୟନ ସ୍ପୋର୍ଟିଂ ୬ ଉଇକେଟରେ ଓସ୍କାର ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓସ୍କାର ୨୯.୫ ଓଭରରେ ମାତ୍ର ୯୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବୋଲିଂରେ ୟୁନିୟନ ତରଫରୁ ଯଜ୍ଞଜିତ ସାହୁ ୬ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୨୪.୩ ଓଭରରେ ୪ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ପାଇଁ ଚିତ୍ତରଞ୍ଜନ ବେହେରା ୪୧ ରନ୍ କରି ଅପରାଜିତ ଥିଲେ। ବିଜୟୀ ଦଳ ପକ୍ଷରୁ ଜବରଦସ୍ତ ବୋଲିଂ କରିଥିବା ଯଜ୍ଞଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ଫିଲ୍ଡର ପୁରସ୍କାର ପାରାମାଉଣ୍ଟ କ୍ଲବର ପ୍ରତିଷ୍ଠାତା ସଭ୍ୟ ବିବେକାନନ୍ଦ ଦାସ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ପ୍ରଦୀପ ଜେନା ଓ ସୁଶାନ୍ତ ଦାସ ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ମଲ୍ଲ ଓ ରାଜୀବ ସର୍ଦ୍ଦାର ସ୍କୋରର ଦାୟିତ୍ୱରେ ଥିବାବେଳେ ଅଭିନାଶ ସାମଲ ଭାଷ୍ୟକାରିତା କରିଥିଲେ। ପ୍ରତିଯୋଗିତାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗ୍ରୀନ୍ସ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।




ଅତିଥି ଯଜ୍ଞଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ଭୁବନେଶ୍ୱରରେ ରାଜ୍ୟ ବାହୁକୁସ୍ତି ୧୭ରେ

**ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ବାହୁକୁସ୍ତି ସଂଘ(ଅଲ୍ ଓଡ଼ିଶା ଆର୍ମ ରେସଲିଂ ଆସୋସିଏଶନ) ଆନୁକୂଲ୍ୟରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତାର ୪୦ତମ ସଂସ୍କରଣ ଚଳିତମାସ ୧୭ ତାରିଖରେ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ୧୯୭୬ରୁ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ଏକମାତ୍ର ବାହୁକୁସ୍ତି ସଂଘ ଆଗାମୀ ରାଜ୍ୟ ପ୍ରତିଯୋଗିତାରୁ ଜାତୀୟ ପ୍ରତିଯୋଗିତା ପାଇଁ ଦଳ ମନୋନୟନ କରିବ। ରାଜ୍ୟର ଯେ କୌଣସି ବ୍ୟାୟାମଶାଳାର କ୍ରୀଡ଼ାବିତ୍(ମହିଳା/ପୁରୁଷ) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାରିବେ। ୧୭ ତାରିଖ ସକାଳ ୯ଟାରୁ ୧୦ଟା ମଧ୍ୟରେ ପ୍ରତିଯୋଗୀମାନେ ଉତ୍କଳ କରାଟେ ସ୍କୁଲଠାରେ ୫୦ ଟଙ୍କା ଦେଇ ନାମ ପଞ୍ଜୀକରଣ କରିବାପରେ ପ୍ରତିଯୋଗିତାରେ ଭାଗନେଇ ପାରିବେ ବୋଲି ରାଜ୍ୟ ବାହୁକୁସ୍ତି ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ସିରିଜ ବରାବର କଲା ଆୟର୍ଲାଣ୍ଡ

**ଡେରାଡୁନ, ୧୦।୩ (ପିଟି):** ଏଠାରେ ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ୪ର୍ଥ ମ୍ୟାଚ୍‌କୁ ପଲ ଷ୍ଟିର୍ଲିଙ୍ଗ ଓ ଆଣ୍ଡି ବଲବିର୍ନିଙ୍କ ଅର୍ଦ୍ଧଶତକ ବଳରେ ଆୟର୍ଲାଣ୍ଡ ୫ ଉଇକେଟରେ ଜିତିନେଇଛି। ଏଥିସହିତ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ୨–୨ର ବରାବର ସ୍ଥିତିରେ ଶେଷ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଦଳ ୫୦ ଓଭରରେ ୬ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଦଳ ପାଇଁ ଅସଘର ଆଫଗାନ ୮୨, ମହମ୍ମଦ ନବି ୪୦ ଓ ରଶିଦ ଖାଁ ୩୫ ରନ୍ କରିଥିଲେ। ଜବାବରେ ଷ୍ଟିର୍ଲିଙ୍ଗଙ୍କ ୭୦ ଓ ବଲବିର୍ନିଙ୍କ ୬୮ ରନ୍‌ର ଇନିଂସ୍ ବଳରେ ଆୟର୍ଲାଣ୍ଡ ଦଳ ୪୭.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।




TVS 3 YEAR WARRANTY FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph: 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966 (Showroom); Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415. dentsuindia/dha bhu/08/19

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୧/୨୦୧୯ Bhubaneswar, Monday, March 11/ 2019

### କଏଦୀଙ୍କ ମୃତ୍ୟୁ ଘଟଣା: ମା' ଆଣିଲେ ହତ୍ୟା ଅଭିଯୋଗ

# 'ଜେଲରେ ପିଟି ହତ୍ୟା କରାଯାଇଛି'

**ଚୌଦ୍ୱାର, ୧୦।୩ (ଡି.ଏନ୍.ଏ.)**

- ଅଭିଯୋଗକୁ ଖଣ୍ଡନ କଲେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ
- ଜେଲ ଭିତର ବେଆଇନ କାର୍ଯ୍ୟକୁ ମୋବାଇଲ୍‌ରେ ରେକର୍ଡିଂ କରିଥିଲେ ଶୁଭ୍ରାଂଶୁ
- ଚୌଦ୍ୱାର ଜେଲ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ




ଚୌଦ୍ୱାର ଜେଲ୍‌ରେ ଆଜୀବନ ସଜା ଭୋଗୁଥିବା କଏଦୀ କଟକ କେଶରପୁର ଅଞ୍ଚଳର ଶୁଭ୍ରାଂଶୁ ଦାସଙ୍କର ଶନିବାର ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ହେଲେ ତାଙ୍କୁ ଜେଲ୍‌ର ଉଚ୍ଚପଦସ୍ଥ ଅଧିକାରୀ ଓ କେତେଜଣ କର୍ମଚାରୀ ପିଟିପିଟି ହତ୍ୟା କରିଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସିର ଦଫା ୩୦୨ ଅନୁଯାୟୀ ଏକ ମାମଲା(ନଂ. ୭୮/୧୯) ରୁଜୁ କରିଛି। ଜେଲ ଅଧୀକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ୨୦୧୩ ମସିହାରେ କଟକ ଦରଘାବଜାର ଅଞ୍ଚଳର କେଶବ ଚନ୍ଦ୍ର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଶୁଭ୍ରାଂଶୁ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ଆଜୀବନ ସଜା ଭୋଗୁଥିଲେ। ଶନିବାର ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଜେଲ ପରିସର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଶୁଭ୍ରାଂଶୁଙ୍କ ପରିବାର ଲୋକେ। ତାଙ୍କୁ ଜେଲ୍‌ର ଉଚ୍ଚପଦସ୍ଥ ଅଧିକାରୀ ଓ କେତେଜଣ କର୍ମଚାରୀ ହତ୍ୟା କରିଥିବା ତାଙ୍କ ମା' କଳ୍ପନା ଦାସ ଶନିବାର ବିଳମ୍ବିତ ରାତିରେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କଳ୍ପନା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସେ ଓ ତାଙ୍କ ପରିବାର ଲୋକେ ଶୁଭ୍ରାଂଶୁଙ୍କୁ ଭେଟିବା ପାଇଁ ଗତ ୮ ତାରିଖରେ ଜେଲ୍‌କୁ ଯାଇଥିଲେ। ସେହି ସମୟରେ ଶୁଭ୍ରାଂଶୁ ସୁସ୍ଥ ଥିଲେ। ଜେଲ୍‌ର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ କେତେଜଣ କର୍ମଚାରୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଶୁଭ୍ରାଂଶୁ ତାଙ୍କ ମାଆଙ୍କୁ କହିଥିଲେ। ଏପରି କି ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସେ ମାଆଙ୍କୁ ଜଣାଇଥିଲେ। କିଛିଦିନ ପୂର୍ବେ ଚୌଦ୍ୱାର ଜେଲ୍ ଭିତରେ କଏଦୀ ଓ କେତେଜଣ କର୍ମଚାରୀଙ୍କ ବେଆଇନ କାର୍ଯ୍ୟକଳାପକୁ ଶୁଭ୍ରାଂଶୁ ପାଖରେ ଲୁଚାଇ ରଖିଥିବା ମୋବାଇଲ ଯୋଗେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଘଟଣା ଜଣାପଡିବା ପରେ ଜେଲ୍‌ର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ କେତେଜଣ କର୍ମଚାରୀ ଆକ୍ରୋଶମୂଳକ ଭାବେ ଶୁଭ୍ରାଂଶୁଙ୍କୁ ପିଟି ପିଟି ହତ୍ୟା କରିଥିଲେ। ପରେ ସ୍ୱାସ୍ଥ୍ୟ ଖରାପ ଥିବା କାରଣ ଦର୍ଶାଇ କଟକ ବଡମେଡିକାଲ ପଠାଇଦେଇଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ କଳ୍ପନା କହିଛନ୍ତି। ହେଲେ ଏହି ସମସ୍ତ ଅଭିଯୋଗକୁ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସ୍ୱାଇଁ ଖଣ୍ଡନ କରି କହିଛନ୍ତି, ଜେଲ୍ ଭିତରେ କୌଣସି କଏଦୀଙ୍କୁ ନିର୍ଯାତନା ଦିଆଯାଏନାହିଁ। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଅନ୍ୟପକ୍ଷରେ ଥାନାଧିକାରୀ ପଦ୍ମଲାଭ ପ୍ରଧାନ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ତେବେ ଏତେସବୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସତ୍ତ୍ୱେ ଶୁଭ୍ରାଂଶୁ ଜେଲ୍ ଭିତରେ କିପରି ଭାବେ ମୋବାଇଲ୍ ଲୁଚାଇ ରଖିଥିଲେ ତାହାକୁ ନେଇ ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

**କଟକ ଅଫିସ,୧୦।୩:** ଚୌଦ୍ୱାର ଜେଲ୍‌ରେ ଆଜୀବନ ସଜା ଭୋଗୁଥିବା କଏଦୀ ଶୁଭ୍ରାଂଶୁ ଦାସ(୩୫)ଙ୍କର ଗତ ଶନିବାର ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଶନିବାର ମଧ୍ୟାହ୍ନରେ ତାଙ୍କର ଛାତି ଯନ୍ତ୍ରଣା ହେବାରୁ ପ୍ରଥମେ ଜେଲ ପରିସରସ୍ଥ ଡାକ୍ତରଖାନାରେ ଚିକିତ୍ସା ପରେ ଏସ୍‌ସିବିକୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଶୁଭ୍ରାଂଶୁଙ୍କ ମୃତ୍ୟୁ ମାମଲା ଏବେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଛି। ଅନୁଗୋଳ ନାଲ୍‌କୋ ଅଞ୍ଚଳର ସୁଜିତ ସାହୁ ନାମକ ଜଣେ ମାନବାଧିକାର କର୍ମୀ ରବିବାର ଏ ସମ୍ପର୍କରେ କମିଶନରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହିତ ମୃତକ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ସେ ପିଟିଶନରେ ନିବେଦନ କରିଛନ୍ତି।

# ବଟାନିକାଲ ଗାର୍ଡେନ କର୍ମଚାରୀଙ୍କ ଧାରଣା ଚେତାବନୀ

**ବାରଙ୍ଗ,୧୦।୩(ଡି.ଏନ୍.ଏ.)**



ରାଜ୍ୟ ଉଦ୍ଭିଦ ଉଦ୍ୟାନ ନନ୍ଦନକାନନର ବଟାନିକାଲ ଗାର୍ଡେନରେ କାର୍ଯ୍ୟରତ କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ସଜବାଜ ହୋଇଛନ୍ତି। ଦୀର୍ଘଦିନ ହେବ ଏହି କର୍ମଚାରୀମାନେ ଗାର୍ଡେନରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ନନ୍ଦନକାନନ କର୍ତ୍ତୃପକ୍ଷ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କରି ନ ଥିବା ନେଇ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ଅଦ୍ୟାବଧି ବଟାନିକାଲ ଗାର୍ଡେନରେ ୧୫ଟି ପଦବୀ ଖାଲି ରହିଛି। କାର୍ଯ୍ୟରତ ୨୨ଜଣ ଅସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ୧୪ଜଣଙ୍କୁ ଟିଏସ୍(ଟେମ୍ପୋରାରି ଷ୍ଟାଟସ୍)ର ୨୦୧୮ରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାସହ ୮ଜଣ ଇପିଏଫ କର୍ମଚାରୀ ମଧ୍ୟ ଅଛନ୍ତି। ଏଥିମଧ୍ୟରେ ବହୁ କର୍ମଚାରୀ ଦୀର୍ଘଦିନ ପର୍ଯ୍ୟନ୍ତ ବଟାନିକାଲ ଗାର୍ଡେନରେ କାମ କରି ଅବସର ନେଲେଣି। କିନ୍ତୁ ଅନ୍ୟ କେତେକ କର୍ମଚାରୀ ନିଜ ଚାକିରିକୁ ସ୍ଥାୟୀ ହେବାର ଆଶା କରି ରହିଛନ୍ତି। ଏ ନେଇ କର୍ମଚାରୀମାନେ ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ୭ତାରିଖରେ ଲିଖିତ ଭାବେ ଜଣାଇଛନ୍ତି। ଖାଲିଥିବା ୧୫ଟି ପଦବୀ ପାଇଁ କର୍ତ୍ତୃପକ୍ଷ ଟିଏସ୍ କର୍ମଚାରୀଙ୍କୁ ନିଯୁକ୍ତି ନ କରିଲେ ଆଗାମୀ ଦିନରେ ଧାରଣାରେ ବସିବେ ବୋଲି କର୍ମଚାରୀମାନେ କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।

- ଚେଷ୍ଟର ଫିଲ୍ଡ



## ସଂକ୍ଷେପରେ

### ଆଧ୍ୟାତ୍ମିକ ଯୋଗ ଶିବିର

**ନରାଜ/ କଟକ ଅଫିସ୍, ୧୦।୩:** ରବିବାର ସକାଳେ ମ୍ୟୁନିସିପାଲ ପୋଖରୀଠାରେ ଏକ ଧ୍ୟାନ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦନ ପୋଖରୀ ଯୋଗ ଶିବିର, ସାଇତ୍ରୀନାଥ ନୀଳଚକ୍ର ଯୋଗ ଶିବିର ଓ କଟକ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଯୋଗଦେଇ ଉଶୃଙ୍ଖଳ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଧ୍ୟାନ ଏବଂ ଆଧ୍ୟାତ୍ମିକ ମାର୍ଗ ହିଁ ଏକ ମାତ୍ର ରାସ୍ତା ବୋଲି କହିଥିଲେ। ସାଗରିକା ଜେନା ସ୍ୱାଗତ ଭାଷଣ ଓ ଯୋଗଶିକ୍ଷକ ଅବିନାଶ କେଡିଆ ଅତିଥି ପରିଚୟ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଓ ପ୍ରଫେସର ଡା. ଯୁଧିଷ୍ଠିର ଖଟୁଆ ଓ ସମ୍ମାନିତ ଅତିଥି ଭାବେ ଡା. ଶାନ୍ତି କାନୁନ୍‌ଗୋ ଯୋଗଦେଇଥିଲେ। ଅଚ୍ୟୁତାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

### ରାଜଦୋଳ ଉତ୍ସବ ପ୍ରସ୍ତୁତି ବୈଠକ

**ଖୁଣ୍ଟୁଣୀ,୧୦।୩(ଡି.ଏନ୍.ଏ):** ଆଠଗଡ ନଅବେଢ଼ାର ପ୍ରସିଦ୍ଧ ରାଜଦୋଳ ଉତ୍ସବ ପାଇଁ ରବିବାର ଅପରାହ୍ଣରେ ଗୁରୁଡିଝାଟିଆର ମଦନମୋହନଜୀଉଙ୍କ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଅବେଢା ଆଞ୍ଚଳିକ ଦୋଳସ୍ତବ ସମନ୍ୱୟ କମିଟିର ଆୟୋଜନରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାୟୀ ସଭାପତି ବଂଶୀଧର ମହାପାତ୍ର ସଭାପତିତ୍ୱ କରିଥିଲେ। ହୃଦାନନ୍ଦ ସାହାଣୀ ସ୍ୱାଗତ ଭାଷଣ ଦେଇଥିଲେ। ରାଜଦୋଳର ପ୍ରଥମ ଯାତ୍ରା ଖମାର ନୁଆଗାଁରୁ ଫଗୁଦଶମୀ ଠାରୁ ଆରମ୍ଭ ହେବ। ଏହି ଦିନ କୁମାରପୁରର ଦଧିବାମନଜୀଉ, ଶାସନରୁ ଗୋପୀନାଥ ଦେବ, ଗୋବରାରୁ ଦଧିବାମନଜୀଉ, ଗୁରୁଡିଝାଟିଆରୁ ମଦନମୋହନ, ଶାସନରୁ ଗୋପାଳଦେବ, ଖମାରନୁଆଗାଁରୁ ଗୋପିନାଥଜୀଉ, କପୁରସିଂରୁ ତୃତୀୟା ଦେବ ଓ ବାଲୀ ଶାସନରୁ ଗୋପାଳଦେବଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଆସି ଖମାରନୁଆଗାଁ ଯାତ୍ରା ପଡିଆରେ ଏକତ୍ରିତ ହୋଇ ଭୋଗ ଲାଗି ପାଇବା ପରେ ସବୁଆଡେ ଯାତ୍ରାରମ୍ଭ କରିବେ ବୋଲି ସମ୍ପାଦକ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଦୋଳଯାତ୍ରାରେ ଚୌଦ୍ୱାର ବଡପଦାଗାଁର ରାଧାଗୋବିନ୍ଦ ଦେବ ଯୋଗଦେବା ସହିତ ଫେରିବା ବାଟରେ ଛଅଗାଁର ସିଂହନାଥଙ୍କ ମନ୍ଦିରରେ ସମସ୍ତ ଠାକୁର ହରିହର ଭେଟ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଆଠଗଡ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା, ଶୁକଦେବ ବେହେରା, ମାନସ ପଣ୍ଡା, ବସନ୍ତ ସାହାଣୀ, ସତ୍ୟବାଦୀ ମହାନ୍ତି, ଶିଶିର ଦଳାଇ, ମନୋଜ ବେହେରାଙ୍କ ସମେତ ୧୦ଟି ପଞ୍ଚାୟତରୁ ଶତାଧିକ ସଦସ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପାଳନ ପାଇଁ ସ୍ଥାନୀୟ ପୋଲିସର ସହାୟତା ନେବାକୁ ନିଷ୍ପତ୍ତି ହୋଇଥିଲା। ସନାତନ ଦଳେଇ ଧନ୍ୟବାଦ ଦେଇଥିଲେ।

### ପଲ୍ସ ପୋଲିଓ କାର୍ଯ୍ୟକ୍ରମ

**କଟକ ଅଫିସ, ୧୦।୩:** ଜିଲାରେ ରବିବାର ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲାର ମୋଟ୍ ୨ ଲକ୍ଷ ୪୬ହଜାର ୬୧୬ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସକାଳେ ସିଟି ହସ୍ପିଟାଲଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ନାୟକ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ରବିବାର ଜିଲାର ୧ହଜାର ୧୩୬ ବୁଥ୍‌ରେ ଶିଶୁମାନଙ୍କୁ ଏହି ବୁନ୍ଦା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ୍ ୪୮୯୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ସେହିପରି କାର୍ଯ୍ୟକ୍ରମର ତଦାରଖ ନେଇ ୨୨୭୨ ଟିମ୍ ଗଠନ କରାଯାଇଛି। ଏଥିରେ ୨୨୩ ଜଣ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ୮୬ଟି ଟ୍ରାଞ୍ଜିଟ୍ ଟିମ୍, ୩୨ଟି ମୋବାଇଲ ଟିମ୍ ଗଠନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ମୃତ୍ୟୁଞ୍ଜୟ ମହାପାତ୍ର, ସର୍ଭେଲାନ୍ସ ମେଡିକାଲ ଅଫିସର (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ଡା. ଦୀପକ କର, ଡା. ସ୍ନିଗ୍ଧା ବନବାସିନୀ ନନ୍ଦ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା, ଡାଟା ମ୍ୟାନେଜର ଲୋକନାଥ ମହାପାତ୍ର ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତାରେ ନଳାପାଣି, ଲୋକେ ହନ୍ତସନ୍ତ

**ଚୌଦ୍ୱାର,୧୦।୩(ଡି.ଏନ୍.ଏ.)**

- ୧୭ନଂ ୱାର୍ଡରେ ନାହିଁ ଡ୍ରେନ
- ପୌରପାଳିକା ଦୃଷ୍ଟି ଦେଉ ନ ଥିବା ଅଭିଯୋଗ

ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡରେ ଡ୍ରେନ ନ ଥିବାରୁ ରାସ୍ତା ଉପରେ ନଳାପାଣି ଚାଲୁଥିବା ନେଇ ନୂଆସାହି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ପାଣି ନିଷ୍କାସନ ପାଇଁ ୱାର୍ଡବାସୀଙ୍କ ଦ୍ୱାରା ନିର୍ମିତ ଅସ୍ଥାୟୀ ନାଳ ପୋତି ହୋଇଯାଇଛି। ଫଳରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଭାସୁଛି। ଏହି ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନ ଆରମ୍ଭରୁ ରାସ୍ତା ଉପରେ ନଳାପାଣି ଚାଲିଥିବା ବେଳେ ବର୍ଷାଦିନେ ଏହି ପାଣି ଘର ଭିତରେ ପଶିବା ଆଶଙ୍କା ଦେଖାଦେଇଛି। ୱାର୍ଡର ଉପର ମୁଣ୍ଡରୁ ପାଣି ଗଡିଆସି ରାସ୍ତାର



ରାସ୍ତା ଉପରେ ଭାସୁଥିବା ନଳାପାଣି।

ଗୋଟିଏ ଖାଲୁଆ ସ୍ଥାନରେ ଜମା ହୋଇ ରହୁଥିବା ଓ ଏହି ପାଣି ରାସ୍ତା ଉପରେ ଚାଲୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଅନ୍ୟ ଏକ ଅସ୍ଥାୟୀ ନାଳ କାଟି ପାଣିକୁ ତଳକୁ ଗଡ଼ାଇବା ବ୍ୟବସ୍ଥା କରିଥିଲେ ମଧ୍ୟ କେତେଜଣ ବ୍ୟକ୍ତି ସ୍ୱାର୍ଥପାଇଁ କଟାଯାଇଥିବା ନାଳକୁ ବନ୍ଦ କରିଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି ୱାର୍ଡର ପୂର୍ବତନ କାଉନ୍‌ସିଲର ବବିତା ଦଳାଇ। ଦୀର୍ଘଦିନ ହେବ ଏଭଳି ଅସୁବିଧା ଲାଗି ରହିଥିଲେ ମଧ୍ୟ ପୌରପାଳିକା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ପୌରପାଳିକା ଓ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର ସମାଧାନ ହୋଇପାରୁନାହିଁ। ପୌରପାଳିକା ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବା ସହ ଡ୍ରେନ ନିର୍ମାଣ ପାଇଁ ୱାର୍ଡବାସୀଙ୍କ ପକ୍ଷରୁ ଦାବି ହେଉଛି।

ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ କୁହନ୍ତି, ଘଟଣାସ୍ଥଳ ପରିଦର୍ଶନ କରିବା ପରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।



କଟକ ଚାନ୍ଦିନୀଚୌକ ତହସିଲ ଅଫିସରେ ସ୍ୱେଚ୍ଛାସେବୀ ସଂଗଠନ ତ୍ରିଧାରା ପକ୍ଷରୁ ରବିବାର ପିଲାଙ୍କୁ ପଲ୍ସ ପୋଲିସ ବୁନ୍ଦା ଦିଆଯାଉଛି।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ




ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଅନ୍ୟ ଅତିଥିବୃନ୍ଦ।

**ବାଙ୍କୀ,୧୦।୩(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅଧୀନ ଦୁଲଣାପୁର ପଞ୍ଚାୟତରେ ଶନିବାର ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ତ୍ରିନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବବାହିନୀର ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ବାଙ୍କୀ ଉପଖଣ୍ଡ ଯୁବବିଜେଡି ସଭାପତି ସନ୍ତୋଷ ରଣା, ସମ୍ମାନିତ ଅତିଥି ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସଭାପତି ସମରେନ୍ଦ୍ର ମହାପାତ୍ର, ସରପଞ୍ଚ ସୁନୀଲ୍ ସାହୁ, ଗଦାଧର ରାଉତ, କୃପାସିନ୍ଧୁ ରଥ, ପ୍ରଦୋଷ ନାୟକ ଓ ବ୍ରଜବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଯବବାହିନୀ ସମ୍ପାଦିକା ରଶ୍ମୀତା ନାୟକ, କୋଷାଧ୍ୟକ୍ଷ ଶ୍ରୀନିବାସ ରାଉତ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଫୁଲ ପରିଡା, ପ୍ରେମମଞ୍ଜରୀ ପରିଡା, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି କିଆପଲ୍ଲା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ଯୋଗଦେଇ କାଳିଆ ଯୋଜନାରେ ବାଦପଡ଼ିଥିବା ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦେଇଥିଲେ।

# ସଚେତନ ହେଲେ ଭୋଟର

**କଣ୍ଟାପଡା/କଟକ ସଦର, (ଡି.ଏନ୍.ଏ.)/ ନରାଜ/କଟକ ଅଫିସ,୧୦।୩**

କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଭିଭିପାଟ ଓ ଇଭିଏମ ବ୍ୟବହାର ସମ୍ପର୍କରେ ସଚେତନତା କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ୫ଟି ଇଭିଏମ ଓ ଭିଭିପାଟ ମେଶିନ ଲଗାଯାଇ ଉପସ୍ଥିତ ଲୋକପ୍ରତିନିଧି ଓ ଅନ୍ୟମାନଙ୍କୁ ସଚେତନ କରାଯାଇଥିଲା। ବିଡିଓ କେ. ଅଶୋକ କୁମାର, ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ, ଆଇପିଓ ବିମଳ ଦାସ, ଗ୍ରାମପଞ୍ଚାୟତ ଅଧିକାରୀ ରୁବି ତପସ୍ୱିନୀ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ କର୍ମଶାଳା ପରିଚାଳନା କରିଥିଲେ।

କଟକ ସଦର ବ୍ଲକ ପରିସରରେ ମତଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଇଭିଏମ୍‌ର ବ୍ୟବହାର ସହ ଭୋଟ୍‌ଦେବାର କୌଶଳ ଲୋକପ୍ରତିନିଧିଙ୍କ ସମ୍ମୁଖରେ ପ୍ରଦାନ କରାଯାଇଥିଲା। ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଯାଜ୍ଞସେନୀ ଗୋଛାୟତ ପୋଲିଂ ଓ ମତଦାନ ସମ୍ପର୍କରେ ସୂଚନା ଦେଇଥିଲେ। କନିଷ୍ଠଯନ୍ତ୍ରୀ ସତ୍ୟଜିତ୍ ମହାନ୍ତି, ମାଙ୍ଗଳିକା ରାଉତ୍ରା, ପୁନମ ଜେନା, ପଲ୍ଲବୀ ରାଉତ, ସୁଜାତା ସିଂହ ଓ ମଧୁସ୍ମିତା ପ୍ରଧାନ ସହାୟତା କରିଥିଲେ।

ବାରଙ୍ଗ ବ୍ଲକ ଅଧୀନ ୮ଟି ପଞ୍ଚାୟତର ୨୮ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାରଙ୍ଗ ପଞ୍ଚାୟତ ସମିତି ଅଧିକାରୀ ତ୍ରିନାଥ ଜେନାଙ୍କ ତତ୍ତ୍ୱାବଧାନ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀଙ୍କ ସହାୟତାରେ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୭ ଦିନଧରି ପ୍ରତି ଗ୍ରାମର ସ୍କୁଲ, ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ସହଯୋଗରେ ଭୋଟରମାନେ ଇଭିଏମ୍ ଓ ଭିଭିପାର୍ଟ ମାଧ୍ୟମରେ କିଭଳି ଭୋଟ ଦେବେ ତା'ର ଏକ ଡେମୋ ପ୍ରଦର୍ଶନ କରାଯିବ।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ପ୍ରଶାସନ ପକ୍ଷରୁ ଇଭିଏମ୍ ଓ ଭିଭିପାଟ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ରବିବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଅରୁଣ ବିଶ୍ୱାଳ, ବାଙ୍କୀ ବିଡିଓ ପ୍ରଭାତ ସାହୁ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, ସହକାରୀ ଜିଲାପାଳ ଦେବଦତ୍ତ ଦାସ୍ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମେଶିନ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଭାଜପାର ପ୍ରଣବ ମହାପାତ୍ର, ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ଦାସ୍ ଓ ମହେନ୍ଦ୍ର ବଳିୟାର ସିଂହଙ୍କ ସମେତ ବିଭିନ୍ନ ଦଳର ରାଜନୈତିକ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ଡମପଡ଼ା ବ୍ଲକରେ ସଚେତନତା ଶିବିର ଅନୁଷ୍ଠିତ ହେଇଥିଲା। ଏବିଡିଓ ପ୍ରଦୀପ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ ବ୍ଲକ ସଭାଗୃହରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅମୀୟ ସାହୁ, ସହକାରୀ ରିଟର୍ନିଂ ଅଫିସର ତପନ ଖୁଣ୍ଟିଆ, ସହକାରୀ ଉପଜିଲାପାଳ ପ୍ରିୟବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଭୋଟରଙ୍କୁ ସଚେତନ କରିବା ପାଇଁ ୫ଟି ଭିଭିପାଟ୍ ଓ ଇଭିଏମ୍ ରଥ ରଥକୁ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଓ ତହସିଲଦାର ଜିତେନ୍ଦ୍ର ପାତ୍ର ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷରେ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ଏ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ଇଭିଏମ ଓ ଭିଭିପାଟ ବ୍ୟବହାର ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଭାରପ୍ରାପ୍ତ ବିଡିଓ ପରେଶ ନାୟକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଦୁଇ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ, ଉପାଧ୍ୟକ୍ଷ ଗୌରହରି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ସଚେତନ ହୋଇଥିଲେ। ବ୍ଲକ କ୍ୟାସିୟର ମହେଶ୍ୱର ସାହୁ, ଏସଇଓ ଗଙ୍ଗାଧର ବେହେରା ପ୍ରଶିକ୍ଷଣ ପ୍ରଦାନ କରିବା ସହ ଜନପ୍ରତିନିଧିଙ୍କୁ ସଚେତନ କରାଇଥିଲେ।

## ତିଗିରିଆ କଂଗ୍ରେସର ସଂକଳ୍ପ ସମାବେଶ

**ତିଗିରିଆ,୧୦।୩(ଡି.ଏନ.ଏ.)**

ତିଗିରିଆ ବ୍ଲକ କଂଗ୍ରେସର ଏକ ବ୍ଲକସ୍ତରୀୟ ସଂକଳ୍ପ ସମାବେଶ ରବିବାର ନିଜିଗଡ଼ସ୍ଥିତ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଅତିଥିଭାବେ କଟକ ଜିଲା କଂଗ୍ରେସ ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ ଯୋଗଦେଇ ଆଗାମୀ ନିର୍ବାଚନରେ କିଭଳି ସଂଗଠନକୁ ସୁଦୃଢ଼ କରାଯାଇ ଦଳକୁ ବିଜୟ କରାଯିବ ସେ ସମ୍ପର୍କରେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋନ ନଂ୧୪ର ସଭାପତି ମହେବୁବ ଅହେମ୍ମଦ ଖାଁ, ବ୍ଲକ କଂଗ୍ରେସର ଆଦିବାସୀ ହରିଜନ ସେଲ୍ ଆବାହକ ସୁରେଶ ଦଳେଇ, ସରୋଜ ଦାଶ, ମାନସ ମଲ୍ଲିକ, ବିଜୟ ବିଶୋଇ, ଆଠଗଡ଼ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଷେକ ପଟ୍ଟନାୟକ, ଦିଲ୍ଲୀପ ଦାଶ ଓ ବିକ୍ରମ ରାଉତ ପ୍ରମୁଖଙ୍କ ସମେତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର କର୍ମୀ ଯୋଗଦେଇ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବା ସମ୍ପର୍କରେ ମତ ରଖିଥିଲେ।

## ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷା କର୍ମଚାରୀ ସଂଘର ରାଜ୍ୟ ସମ୍ମିଳନୀ

**କଟକ ଅଫିସ, ୧୦।୩**

ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ କଟକସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ଜିଲାରୁ ଶତାଧିକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସମସ୍ୟା ଆଲୋଚନା ହୋଇଥିଲା। ୫ମ ବେତନ କମିଶନଙ୍କ ସୁପାରିସକ୍ରମେ କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ୧୯୯୮ ମସିହାରୁ ଚିକିତ୍ସା ଭତ୍ତା ପାଇ ଆସୁଛନ୍ତି। ଏହାକୁ ସାମାଜିକ ନିରାପତ୍ତା ବ୍ୟବସ୍ଥା ରୂପେ ସ୍ୱୀକୃତି ଦେଇ ଭାରତର ୨୩ଟି ରାଜ୍ୟ ପେନସନ ସହିତ ଚିକିତ୍ସା ଭତ୍ତା ପ୍ରଦାନ କରିଆସୁଛନ୍ତି। ରାଜ୍ୟରେ ଅବସରପ୍ରାପ୍ତ ଜୁଡ଼ିସିଏଲ ଅଫିସରମାନେ ଚିକିତ୍ସା ଭତ୍ତା ପାଉଛନ୍ତି। ପୂର୍ବତନ ବିଧାୟକମାନଙ୍କୁ ମାସକୁ ୨୦୦୦ ଟଙ୍କା ଚିକିତ୍ସା ଭତ୍ତା ଓ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା କରାଯାଇଥିବାବେଳେ ରାଜ୍ୟର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଥିବା ବୈଠକରେ ଅଭିଯୋଗ ହୋଇଥିଲା। ଏଥିପାଇଁ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଲୋଚନା ପରେ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ନିକୁଞ୍ଜ କିଶୋର ବେହେରା, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଉମେଶ ଚନ୍ଦ୍ର ନାୟକ, ଦୁଃଖିଶ୍ୟାମ ପ୍ରଧାନ, ରେଣୁବାଳା ସାମଲ, ଧନଞ୍ଜୟ କେଶରୀ ରାଉତରାୟ, ଦୀନବନ୍ଧୁ ରାଉତ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଇନ୍ଦୁମାଧବ ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସେନାପତି, କୋଷାଧ୍ୟକ୍ଷ ଚିନ୍ତାମଣି ଜେନା, ସମ୍ପାଦକ ଭାବେ ଗୋବିନ୍ଦ ସାହୁ, କାଳିଚରଣ ପୃଷ୍ଟି, ସାଧୁଚରଣ ଷଡ଼ଙ୍ଗୀ, ହୃଷିକେଶ ନନ୍ଦ, ସରୋଜ କୁମାର ସିହ୍ନା ନିର୍ବାଚିତ ହୋଇଛନ୍ତି। କିଶୋର କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ମହାନ୍ତି, ପୁରନ୍ଦର ଦାଶ, ଅଜିତ୍ କୁମାର ଦାଶ ଓ ବଂଶୀଧର ମିଶ୍ରଙ୍କୁ ଉପଦେଷ୍ଟା ଭାବରେ ଗ୍ରହଣ କରାଯାଇଛି।



କଟକ ସଦର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଇଭିଏମ, ଭିଭିପାଟ ବ୍ୟବହାର ସମ୍ପର୍କରେ ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ ଉପସ୍ଥିତ ମହିଳାଙ୍କୁ ବୁଝାଉଛନ୍ତି।

## ଇଭିଏମ, ଭିଭିପାଟ ବ୍ୟବହାର ସଚେତନତା

**କଟକ ଅଫିସ, ୧୦।୩**

ରାଜନୈତିକ ଦଳର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଇଭିଏମ୍, ଭିଭିପାଟ ବ୍ୟବହାର ସମ୍ବନ୍ଧରେ ଅବଗତ କରାଇବା ପାଇଁ ରବିବାର ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ ସଚେତନତା ଅଭିଯାନ ଅବସରରେ ସ୍ୱତନ୍ତ୍ର ଭାବେ ମକ୍ ପୁଲ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷ ଓ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୃଥକ ଭାବେ ଏହି ସ୍ୱତନ୍ତ୍ର ଇଭିଏମ, ଭିଭିପାଟ୍ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଜିଲାର ବିଭିନ୍ନ ଉପଖଣ୍ଡ, ବ୍ଲକ ଓ ଏନ୍‌ଏସିରେ ମକ୍ ପୁଲ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, କଟକ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଡେପୁଟି କଲେକ୍ଟର ରିତା ସାହୁ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




ରବିବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଡ. ଲକ୍ଷ୍ମୀଧର ଦାସଙ୍କ ଆତ୍ମଚରିତ ପୁସ୍ତକ 'ଅନେକ ବାଙ୍କର ଜୀବନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



କଟକ ମହାନଗର ନିଗମର ୮ନଂ.ୱାର୍ଡ ଅଞ୍ଚଳରେ ରବିବାର କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପଦଯାତ୍ରା।



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।
-ଚେଷ୍ଟର ଫିଲ୍ଡ



## ସଂକ୍ଷେପରେ

### ନୃତ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ



କାକଟପୁର, ୧୦।୩(ଡି.ଏନ୍.ଏ.): କାକଟପୁର ମା’ମଙ୍ଗଳା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ସନ୍ଧ୍ୟାରେ ରଘୁରାଜପୁର ଗ୍ରାମସ୍ଥିତ ଅଭିନ୍ନ ସୁନ୍ଦର ନୃତ୍ୟ ପରିଷଦର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରି ବେଟି ବଚାଓ ବେଟି ପଢ଼ାଅ ସମ୍ପର୍କରେ ଜନସଚେତନତା କରିଥିଲେ। ମହିଳା ଓ ଶିଶୁକଲ୍ୟାଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠିତ ଗୋଟିପୁଅନୃତ୍ୟ କୁ ଗୁରୁ ଲକ୍ଷ୍ମଣ ମହାରଣା ପରିଚାଳନା ଓ ନିର୍ଦ୍ଦେଶନା ଦେଇଥିବାବେଳେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ କାଳୀପ୍ରସାଦ ସ୍ୱାଇଁ ପରିଚାଳନା କରିଥିଲେ। ଏଥିସହିତ ନୃତ୍ୟଶିଳ୍ପୀମାନେ ଇଭିଏମ୍‌ର ବ୍ୟବହାର ଓ ଭୋଟ ଅଧିକାର ସମ୍ପର୍କରେ ମଧ ଉପସ୍ଥିତ ଜନସାଧାରଣ, ଭକ୍ତ, ସେବକ ପ୍ରମୁଖଙ୍କୁ ସଚେତନ କରିଥିଲେ।

### ବ୍ଲକସ୍ତରୀୟ ମତଦାନ ସଚେତନତା ଶିବିର

ବ୍ରହ୍ମଗିରି, ୧୦।୩(ଡି.ଏନ୍.ଏ.): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ମତଦାନ ନିମନ୍ତେ ବ୍ଲକସ୍ତରୀୟ ମତଦାନ ସଚେତନତା ଶିବିର ରବିବାର ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ରହ୍ମଗିରି ବ୍ଲକର ସମସ୍ତ ନିର୍ବାଚିତ ଜନପ୍ରତିନିଧି ଓ ଗଣମାଧମ ପ୍ରତିନିଧିମାନଙ୍କୁ ଇଭିଏମ୍‌ରେ କିପରି ମତଦାନ କରାଯିବ ସେ ସମ୍ପର୍କରେ ସଚେତନ କରାଯିବା ସହ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମଗିରି ବ୍ଲକର କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସର ପ୍ରଭାତ କୁମାର ଜେନା ପରିଚାଳନା କରିଥିଲେ।

### ୧୯୭ ବୋତଲ ବିଦେଶୀ ମଦ ଜବତ:୨ ଗିରଫ

ସାକ୍ଷୀଗୋପାଳ, ୧୦।୩(ଡି.ଏନ୍.ଏ.): ନିର୍ବାଚନକୁ ଦୃଷ୍ଟିରେ ରଖି ସତ୍ୟବାଦୀ ପୋଲିସ ଚୋରାମଦ କାରବାର ରୋକିବା ଦିଗରେ ଚଢ଼ାଉ ଆରମ୍ଭ କରିଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନାର ମଧୁବନ ପଞ୍ଚାୟତର ବାଣପୁର ଓ ଦାଶବିଦ୍ୟାଧରପୁର ପଞ୍ଚାୟତର ଭିଁପୁର ଗ୍ରାମରେ ରବିବାର ଚୋରାମଦ କାରବାର ଚଳାଇଥିବା ଦୁଇଜଣ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରାଯାଇଥିଲା ବୋଲି ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ୧୩ଟି ବିଭିନ୍ନ କମ୍ପାନୀର ୧୯୭ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଜବତ ମଦ ୫୨ ଲିଟର ହେବ। ଏଥିରେ ସମ୍ପୃକ୍ତ ରବି ପ୍ରଧାନ ଓ ପ୍ରଶାନ୍ତ ସାହୁ ନାମକ ଦୁଇଜଣଙ୍କୁ ଗିରଫ କରାଯାଇଛି। ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଅନ୍ୟ ପୋଲିସ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ସତ୍ୟବାଦୀ ଥାନା କେସ୍ ନଂ.୪୩ ଓ ୪୪/୧୯ରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି।

### ସତ୍ୟବାଦୀ ବିକାଶ ପରିଷଦ ବୈଠକ

ସାକ୍ଷୀଗୋପାଳ, ୧୦।୩(ଡି.ଏନ୍.ଏ.): ସତ୍ୟବାଦୀ ବିକାଶ ପରିଷଦର ବୈଠକ ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୁଣ୍ଡିଚା ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସତ୍ୟବାଦୀର ବରିଷ୍ଠ ନାଗରିକମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି, ସାଙ୍ଗଠନିକ ଓ ବିଭିନ୍ନ ଗ୍ରାମରେ ପୂର୍ବପରି ଆଧାତ୍ମିକ ଭାବଧାରା ଉଜ୍ଜୀବିତ ନିମନ୍ତେ ଶ୍ରୀମଦ୍ ଭାଗବତ ପାଠ, ଭାଗବତ ବହି ଯୋଗାଇଦେବାକୁ ସ୍ଥିର କରାଯାଇଥିଲା। ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନରେ ବିଳମ୍ବ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶଙ୍କର ମିଶ୍ର, ଅମର ନନ୍ଦ, ଦେବତିକ୍ତ ମିଶ୍ର, ରାଜେନ୍ଦ୍ର ନାଥ ହୋତା, ବନମାଳୀ ବେହେରା ଓ ଚନ୍ଦ୍ରଶେଖର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

■ ୧୦ ବର୍ଷ ପରେ ବି ସରୁନି ବ୍ୟାରେଜ କାମ

# ଚାଷୀଙ୍କ କାମରେ ଲାଗୁନି କୁଣ୍ଢେଇ ଜଳସେଚନ ପ୍ରକଳ୍ପ

କାକଟପୁର, ୧୦।୩(ଡି.ଏନ୍.ଏ.)



ବନ୍ଦ ହୋଇପଡିଥିବା କୁଣ୍ଢେଇ ଜଳସେଚନ ପ୍ରକଳ୍ପ।

କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ପକ୍ଷରୁ ପ୍ରାଚୀ ନଦୀର ବାଜପୁରଠାରେ ନାବାର୍ଡର ଆର୍ଥିକ ଅନୁଦାନରେ ୨୭କୋଟି ୧୨ଲକ୍ଷ ୬୦ହଜାର ଟଙ୍କା ବ୍ୟୟ ଅଟକଳରେ ହେଉଥିବା କୁଣ୍ଢେଇ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଏହା ଚାଷୀଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। ଜମି ଅଧିଗ୍ରହଣରେ ବିଳମ୍ବ, ଠିକାଦାରି ସଂସ୍ଥାର ମନମାନୀ, ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉଦାସୀନତା, ବିଭାଗୀୟ ଅଧିକାରୀଙ୍କ ଅପାରଗତା କାରଣରୁ ୧୦ବର୍ଷ ବିତିଥିଲେ ମଧ ବ୍ୟାରେଜ କାର୍ଯ୍ୟ ସରୁ ନ ଥିବା ବ୍ଲକ କଂଗ୍ରେସ ସଭାପତି ଶ୍ରୀଧର ନାୟକ ଅଭିଯୋଗ କରିଛନ୍ତି।

କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ଅଧୀନରେ ଥିବା କାକଟପୁର ଡିଷ୍ଟ୍ରିବ୍ୟୁଟାରୀ ଓ କୁଣ୍ଢେଇ ମାଇନରର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚୁ ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ୨୦୦୯ରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ପ୍ରଚେଷ୍ଟାରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ରଘୁନାଥ ମହାନ୍ତି ପ୍ରାଚୀନଦୀର କୁଣ୍ଢେଇଠାରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ୨୬।୨।୨୦୦୯ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ସମୟରେ ବ୍ୟାରେଜର ବ୍ୟୟ ଅଟକଳ ଥିଲା ୧୪କୋଟି ୪୮ଲକ୍ଷ ୩୧ହଜାର ଟଙ୍କା। ଲକ୍ଷଥିଲା ସମୁଦ୍ରପଟୁ ବର୍ଷା ଋତୁରେ ନଦୀ ଗର୍ଭକୁ ଚାଲିଆସୁଥିବା ଲୁଣାପାଣିକୁ ଅଟକାଇବା ସହିତ ଗ୍ରୀଷ୍ମଋତୁରେ ନଦୀଜଳକୁ ଅଟକାଇ ଉଠା ଜଳସେଚନ ଦ୍ୱାରା ଦୁଇ ପାର୍ଶ୍ୱରେ ଥିବା କାକଟପୁର ଓ ଅସ୍ତରଙ୍ଗ ବ୍ଲକର କେନାଲ ତଳମୁଣ୍ଡରେ ରହିଥିବା ହଜାର ହଜାର ଚାଷ ଜମିକୁ ଜଳ ଯୋଗାଇବା। ୧୦ବର୍ଷ ମଧ୍ୟରେ ବ୍ୟାରେଜ ପାଇଁ କେବଳ ଖୁଣ୍ଟି ନିର୍ମାଣ ଛଡ଼ା ଅନ୍ୟ କୌଣସି କାର୍ଯ୍ୟ ହୋଇନାହିଁ। ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ଜଳସମ୍ପଦ ବିଭାଗ ଏଥିପାଇଁ ଖୋଲା ଟେଣ୍ଡର ନ କରି ଓଡ଼ିଶା କନଷ୍ଟ୍ରକ୍‌ସନ କମ୍ପାନୀ (ଓସିସି)କୁ ପ୍ରଦାନ କରିଥିଲା। ଦିନପରେ ଦିନ ବିତି ଚାଲିଥିଲେ ବି କୁଣ୍ଢେଇ ବ୍ୟାରେଜ ନିର୍ମାଣ ଶେଷ ହୋଇପାରୁ ନାହିଁ। ଏ ସମ୍ପର୍କରେ ପୂର୍ବତନମନ୍ତ୍ରୀ ନାୟକ କୁହନ୍ତି, ଏହି ବ୍ୟାରେଜ ଥିଲା ମୋ ପାଇଁ ଡ୍ରିମ୍ ପ୍ରୋଜେକ୍ଟ। ବ୍ୟାରେଜ କାର୍ଯ୍ୟକ୍ଷମ ହୋଇଥିଲେ ବାଜପୁରଠାରୁ ବେଲଙ୍ଗ ଏବଂ କୁଣ୍ଢେଇଠାରୁ କଣିଆଁ ପର୍ଯ୍ୟନ୍ତ ହଜାର ହଜାର ଚାଷୀ ଉପକୃତ ହୋଇପାରିଥାନ୍ତେ। ୧୦ବର୍ଷ ହେବ ବିଧାୟକ ହୋଇଆସୁଥିବା ଲୋକପ୍ରତିନିଧି ଏହାର ପୂର୍ଣ୍ଣାଙ୍ଗ ଦିଗରେ ମନ ବଳାଉ ନାହାନ୍ତି, ଏଣୁ ବ୍ୟାରେଜ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏ ନେଇ କାକଟପୁର ଜଳସେଚନ ବିଭାଗ ଉପ ନିର୍ବାହୀଯନ୍ତ୍ରୀ ପ୍ରତାପକୁମାର ବିଶ୍ୱାଳଙ୍କୁ ପଚାରିବାରେ ପୂର୍ବରୁ ଏହି ବ୍ୟାରେଜ କାର୍ଯ୍ୟ ବନ୍ଦ ପଡ଼ିଥିଲା। ମୁଁ କାର୍ଯ୍ୟରେ ଯୋଗଦେବାପରେ ବ୍ୟାରେଜ ପାଇଁ ଜମି ଅଧିଗ୍ରହଣ ହୋଇପାରୁ ନ ଥିବା ଜାଣିବାକୁ ପାଇଥିଲି। ଏବେ ପୂର୍ବତନମନ୍ତ୍ରୀ ନାୟକଙ୍କ ସହାୟତାରେ ଜମି ଦେଉଥିବା ଗ୍ରାମବାସୀଙ୍କ ସହିତ ସବିଶେଷ ଆଲୋଚନା ସରିଛି। ଯଥାଶୀଘ୍ର ବ୍ୟାରେଜ କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରାଯିବ ବୋଲି କହିଥିଲେ।

# ବ୍ଲକସ୍ତରୀୟ ଇଭିଏମ୍, ଭିଭିପାଟ୍ ସଚେତନତା

ସାକ୍ଷୀଗୋପାଳ, ୧୦।୩(ଡି.ଏନ୍.ଏ.)

ନିର୍ବାଚିତ ପ୍ରତିନିଧି, ପଞ୍ଚାୟତ ସଭ୍ୟାସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗଣମାଧମ ପ୍ରତିନିଧିମାନଙ୍କୁ ଇଭିଏମ୍, ଭିଭିପାଟ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକସ୍ତରୀୟ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ନିର୍ବାଚନ ଅଧିକାରୀ ବିଡିଓ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି ନୋଡାଲ ଅଧିକାରୀମାନଙ୍କୁ ନେଇ ଏହି ସଚେତନା କାର୍ଯ୍ୟକ୍ରମରେ ଇଭିଏମ୍ ଓ ଭିଭିପାଟର ବ୍ୟବହାର ଏବଂ ଏହାର ଫଳାଫଳ କିପରି ଜାଣିବା ସେ ଦିଗରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ ଉପସ୍ଥିତ ସଭ୍ୟାସଭ୍ୟମାନେ ନିଜ ନିଜ ବୁଥ୍‌ରେ ପୋଲିଂ ପାର୍ଟିର ଅଭାବ ଅସୁବିଧାରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମମାନଙ୍କ ସୁବିଧା ନିମନ୍ତେ ର୍‍ୟାମ୍ପ, ହ୍ୱିଲ ସାଇକେଲ ସହ ସ୍ୱେଚ୍ଛାସେବୀମାନେ ରହିବା ପାଇଁ ଆଲୋଚନା କରାଯାଇଥିଲା। ଅଟୋରିକ୍ସା ସହ ପିଇବାପାଣି, ଲାଇଟ ଆଦି ସୁବିଧା ରହିବ। ୧୧୨ଟି ମତଦାନ କେନ୍ଦ୍ର ଖୋଲାଯିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ପି.ଏ. ସୌଭାଗ୍ୟ ରଞ୍ଜନ କର, ନୋଡାଲ ଅଧିକାରୀ କ୍ଷୀତିଶ ମଲ୍ଲିକ, ଶରତ ସୁଧାଂଶୁ ରଥ, ପ୍ରମଥା ତ୍ରିପାଠୀ, ରତ୍ନେଶ ପାଣ୍ଡେ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

# ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପୁରୀ ଅଫିସ,୧୦।୩:

ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଶତାବ୍ଦୀ ପୂର୍ତ୍ତି ଉପଲକ୍ଷେ ୨୦୧୬ରୁ ୨୦୨୬ ପର୍ଯ୍ୟନ୍ତ ଚିଦାନନ୍ଦ ଦିବ୍ୟ ଦଶକ ଭାବେ ପାଳନ କରାଯାଉଛି। ଏହି ଅବସରରେ ରବିବାର ଗୋପବନ୍ଧୁ ଆୟୁର୍ବେଦ କଲେଜ ପରିସରରେ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୩ଟି ଅଧିବେଶନ କରାଯାଇଥିଲା। ବିଭିନ୍ନ ଅଧିବେଶନରେ ଶ୍ରୀଗୁରୁ ପାଦୁକା ପୂଜା ଓ ସତ୍‌ସଙ୍ଗ, ସ୍ୱାମୀ ଚିଦାନନ୍ଦଜୀ ମହାରାଜଙ୍କ ଜୀବନୀ ଓ ବାଣୀ ଆଧାରିତ ଏକ ନୂତନ ୱେବ୍‌ସାଇଟର ଶୁଭାରମ୍ଭ କରାଯାଇଥିଲା। ସେହିପରି ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ଜୀବନୀ ଓ ବାଣୀ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ତୃତୀୟ ଅଧିବେଶନରେ ବିଶିଷ୍ଟ ବକ୍ତାମାନେ ଯୋଗଦେଇ ସ୍ୱାମୀ ଚିଦାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ।

# ୫ ରାଜ୍ୟସ୍ତରୀୟ ଓପନ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀମାନେ।

ପୁରୀ ଅଫିସ, ୧୦।୩ :

ଶ୍ରୀହରୀ ବ୍ୟାଡମିଣ୍ଟନ କ୍ଲବ ଆନୁକୂଲ୍ୟରେ ଗତ ତିନି ଦିନ ଧରି ଚାଲିଥିବା ୫ ରାଜ୍ୟସ୍ତରୀୟ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସିନିୟର ଡବଲ୍ସ ଓ ଭେଟେରାନ ଡବଲ୍ସ ଦୁଇଟି ପର୍ଯ୍ୟାୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ପୁରୀ ସମେତ ବାଲେଶ୍ୱର, କେନ୍ଦୁଝର, ଝାରସୁଗୁଡା, କଟକ, ଭୁବନେଶ୍ୱର, କଟକ, ଭୁବନେଶ୍ୱର ପ୍ରଭୃତି ସ୍ଥାନରୁ ୧୦୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିନିୟର ଡବଲ୍ସରେ ବାଲେଶ୍ୱରର ଜୟପ୍ରକାଶ ସିଂ ଓ ମାନବେନ୍ଦ୍ର ସାହୁ ଚାମ୍ପିୟନ ହୋଇଥିଲେ। ଭୁବନେଶ୍ୱରର ଆଶୀର୍ବାଦ ଦାସ ଓ ରାଜେଶ କୁମାର ଦାସ ରନର୍ସଅପ୍ ହୋଇଥିଲେ। ସେହିଭଳି ଭେଟେରାନ ଡବଲ୍ସରେ ଝାରସୁଗୁଡାର ତେଗ୍ ବାହାଦୁର ଗୁରୁଙ୍ଗ ଓ ପ୍ରସନ୍ନ କୁମାର ବେହେରା ଚାମ୍ପିୟନ ଏବଂ ଉମେଶ ପଟେଲ ଓ ମନୋଜ କୁମାର ବିନ୍ଧାଣୀ ରନର୍ସଅପ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଜିତ କୁମାର ରାୟ, ବିଭୁଦତ୍ତ ମିଶ୍ର, ରାଜାରାମ ସିଂହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।

### ଭୋଟର ସଚେତନତା ପ୍ରଶିକ୍ଷଣ ଶିବିର

ଗୋପ, ୧୦।୩(ଡି.ଏନ୍.ଏ.)

ଗୋପ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଭୋଟର ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରଗତି ସହାୟକ ଯୋଗେନ୍ଦ୍ର ମହାକୁଡ଼ ଯୋଗଦେଇ ଜନସାଧାରଣ ସଚେତନ ହେଲେ ମତଦାନ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ଇଲେକ୍‌ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍) ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଆଗାମୀ ନିର୍ବାଚନରେ ପ୍ରଥମ କରି ଲାଗୁହେବାକୁ ଥିବା ଭିଭିପାଟ ମେଶିନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ମତଦାନରେ ସ୍ୱଚ୍ଛତା, ଭୋଟରମାନଙ୍କ ମନରୁ ସନ୍ଦେହ ଦୂର ଲାଗି ଆଗାମୀ ନିର୍ବାଚନରେ ପ୍ରଥମକରି ଏହି ମେଶିନ ବ୍ୟବହାର ପାଇଁ ସ୍ଥିର କରାଯାଇଥିବାବେଳେ ଏହାଦ୍ୱାରା ମତଦାନ କରିଥିବା ଦଳୀୟ ଚିହ୍ନ ପ୍ରଦର୍ଶିତ ହୋଇପାରିବ। ଭୋଟର ସଂଖ୍ୟା ବୃଦ୍ଧି ସମୟ ଅପଚୟକୁ ରୋକିବା ଲାଗି ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ ଜରିଆରେ ମତଦାନ କରାଯାଉଥିବାବେଳେ ନାକଚ ଭୋଟ ସଂଖ୍ୟା କମିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ଯୋଗଦେଇଥିବା ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣଙ୍କୁ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷକ କାଳୁଚରଣ ନାୟକ ପ୍ରଶିକ୍ଷଣ ଦେଇଥିଲେ।

# କଣାସ ପୋଲିସ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

କଣାସ, ୧୦।୩(ସ୍ୱ.ପ୍ର.)

କଣାସ ପୋଲିସ ନେତୃତ୍ୱରେ ପି.ଏସ୍. କ୍ୟାରିୟରର ଶତାଧିକ ଛାତ୍ରୀଛାତ୍ର ରବିବାର କଣାସ ଥାନା ଚତୁଃପାର୍ଶ୍ୱ, ତହସିଲ କାର୍ଯ୍ୟାଳୟ, ବାଲିଘାଇ ବଜାର, କୁଞ୍ଜେଶ୍ୱରୀ ବଜାର ଓ ମା’ କୁଞ୍ଜେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ଚାରିପାର୍ଶ୍ୱ ଓ ପ୍ରାଙ୍ଗଣ ଏବଂ ମେଳଣ ପଡିଆ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ କଣାସ ଥାନାର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

# ବିପଦସଙ୍କୁଳ କଲଭର୍ଟ ଭୁଶୁଡ଼ିବା ଆଶଙ୍କା

ଗୋପ, ୧୦।୩(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତସ୍ଥିତ ତିନିତିଅରଠାରେ ଥିବା ଜଳସମ୍ପଦ ବିଭାଗର ଏକ କଲଭର୍ଟ ବିପଦସଂକୁଳ ଅବସ୍ଥାରେ ରହିଥିବାବେଳେ ଏହା ଭୁଶୁଡ଼ିବାର ଆଶଙ୍କା ଦେଖାଦେଇଛି। ଏହି କଲଭର୍ଟ ଦେଇ ଭାରିଯାନ ଯାତାୟାତ ଦୀର୍ଘଦିନ ଧରି ଠପ୍ ହୋଇଯାଇଥିବାବେଳେ ଏବେ ଏହା ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହି କଲଭର୍ଟଟିକୁ ନିର୍ମାଣ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଜଳସମ୍ପଦ ବିଭାଗ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଦାବି କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି କଲଭର୍ଟରେ କେତେଜଣ ବ୍ୟକ୍ତି ପଡ଼ି ଆହତ ହୋଇଥିବା ନଜିର ରହିଥିବାବେଳେ ଜଳସମ୍ପଦ ବିଭାଗ ନିକଟରେ ଦାବି ପରେ ମଧ ଏହି କାର୍ଯ୍ୟ ନ ହେବା ଯୋଗୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି କଲଭର୍ଟ ଉପରେ ଫୁଲୁବାଙ୍କ ମଠ, ତିନିତିଅର, ନିଶଙ୍କସାହି, ଗୋଲପୁର ଆଦି ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରୁଛନ୍ତି। ଏ ସମ୍ପର୍କରେ ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେ ସେ କୁହନ୍ତି, ଏହି କଲଭର୍ଟ ନିର୍ମାଣ କରିବା ପାଇଁ କାର୍ଯ୍ୟାଳୟ ତରଫରୁ ପଦକ୍ଷେପ ନିଆଯିବ।

■ ରାଜ୍ୟସ୍ତରୀୟ ଗଡ଼ରୂପାସ କ୍ରିକେଟ

# ସେମିରେ କ୍ରାଉନ୍ ସ୍ପୋର୍ଟିଂ

ଗୋପ, ୧୦।୩(ଡି.ଏନ୍.ଏ.)

ଗଡ଼ରୂପାସସ୍ଥିତ ରାଜପୁତ ଖେଳପଡ଼ିଆରେ ରବିବାର ମା’ ଭୈରବୀ କ୍ରିକେଟ୍ କ୍ଲବ୍ ଜୟନ୍ତୀ ଯୁବ ପରିଷଦ ପକ୍ଷରୁ ୩୮ତମ ରାଜ୍ୟସ୍ତରୀୟ ଗଡ଼ରୂପାସ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଗୋପ ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷ ନିରଞ୍ଜନ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ କ୍ରାଉନ ସ୍ପୋର୍ଟିଂ ଓ ନିମାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି କ୍ରାଉନ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବେହେରା ସର୍ବାଧିକ ୭୦ ରନ୍ କରିଥିଲେ। ଜବାବରେ ନିମାପଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୧୦ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ମ୍ୟାଚ୍‌କୁ ନିର୍ମଳ ମିଶ୍ର, ପ୍ରମୋଦ ସେନା ପରିଚାଳନା କରିଥିଲେ। ସୋମବାର ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଓ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନଙ୍କ ସହ ଖେଳାଳିମାନେ।

# ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ଗଣମାଧମ କର୍ମଶାଳା

କୋଣାର୍କ, ୧୦।୩(ଡି.ଏନ୍.ଏ.)



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ବଙ୍ଗୋପସାଗର ଉପକୂଳ ବର୍ତ୍ତମାନ ଗଭୀର ପରିବେଶୀୟ ସଙ୍କଟ ଦେଇ ଗତି କରୁଛି। ଦୀର୍ଘ ୪୮୦ କିମି ଉପକୂଳ ଅଞ୍ଚଳରେ ପରିବେଶୀୟ କ୍ଷତି ସହ ସାମୁଦ୍ରିକ ଜୀବଜନ୍ତୁଙ୍କ ବସତି ପ୍ରତି ଘୋର ବିପଦ ଉଭା ହେଲାଣି। ଜଣେ ବୈଜ୍ଞାନିକଙ୍କ ଦୃଷ୍ଟିଭଙ୍ଗୀରେ ଯେପରି ଉତ୍ତାପ ହ୍ରାସ ଓ ବୃଦ୍ଧି ଘଟୁଛି, ସେ ନେଇ ଉଦ୍‌ବେଗ ପ୍ରକାଶ ସହ ତା’ର ନିରାକରଣ ଆବଶ୍ୟକ ବୋଲି ରବିବାର ସ୍ଥାନୀୟ ଯାତ୍ରୀ ନିବାସଠାରେ ୟଙ୍ଗ୍ ଇଣ୍ଡିଆ ଓ ୱାଟର ଇନିସିଏଟିଭ୍‌ର ମିଳିତ ଆୟୋଜନରେ ଅନୁଷ୍ଠିତ ବଙ୍ଗୋପସାଗରରେ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଗଣମାଧମ କର୍ମଶାଳାରେ ବିଭିନ୍ନ ଗଣମାଧମ ବ୍ୟକ୍ତିତ୍ୱ ଏବଂ ବୈଜ୍ଞାନିକ ତଥା ସାମାଜିକ କର୍ମୀ ମତବ୍ୟକ୍ତ କରିଥିଲେ। ପରିବେଶ ପ୍ରଦୂଷଣ ଏବଂ ଉପକୂଳ କ୍ଷତିଗ୍ରସ୍ତ ହେବା ଫଳରେ ଉପକୂଳୀୟ ଇଲାକାରେ ଏହାର କୁପରିଣାମ ସମସ୍ତେ ଭୋଗିବା ଏବଂ ଆଗାମୀ ଭବିଷ୍ୟତରେ ଏହା ଗୁରୁତର ଆକାର ଧାରଣ କରିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି।

ୟଙ୍ଗ୍ ଇଣ୍ଡିଆର ସଭାପତି ତଥା ଗୋଷ୍ଠୀ ଗଣମାଧମ ବିଶେଷଜ୍ଞ ଏନ୍.ଏ. ଶାହ ଅନ୍‌ସାରୀଙ୍କ ସ୍ୱାଗତ ଭାଷଣ ପରେ ୱାଟର ଇନିସିଏଟିଭ୍‌ର ଆବାହକ ରଞ୍ଜନ ପଣ୍ଡା ଗଣମାଧମ କର୍ମଶାଳାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଆଇଆଇଟି ଭୁବନେଶ୍ୱରର ବୈଜ୍ଞାନିକ ଡ. ସନ୍ଦୀପ ପଟ୍ଟନାୟକ ବଙ୍ଗୋପସାଗର ତଟୀୟ କ୍ଷେତ୍ରରେ ପରିବେଶ ପରିବର୍ତ୍ତନ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିବା ବେଳେ କ୍ୟାଥୋଲିକ ରିଲିଫ୍ ସର୍ଭିସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଶୈଳେନ୍ଦ୍ର ପଟ୍ଟନାୟକ ଜଳବାୟୁ ପରିବର୍ତ୍ତନ ଏବଂ କୃଷି ଉପରେ ପ୍ରଭାବ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। କନ୍‌ସର୍ନ ୱାର୍ଲ୍ଡ ୱାଇଡ୍‌ର ଅଧିକାରୀ ସରୋଜ ଦାଶ ସ୍ଥାନୀୟ ପରିବେଶୀୟ ସମସ୍ୟାଗୁଡ଼ିକୁ କିପରି ଜାତୀୟ ଓ ଅନ୍ତର୍ଜାତୀୟସ୍ତର ସହିତ ଯୋଡ଼ାଯାଇପାରିବ ଏବଂ ଏହାର ନିରାକରଣ ଦିଗରେ କ’ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ, ସେ ସମ୍ପର୍କରେ କହିଥିଲେ। ବସୁନ୍ଧରାର ଡ. ହେମନ୍ତ କୁମାର ସାହୁ ହେନ୍ତାଳ ବଣର ଉପକାରିତା ସମ୍ପର୍କରେ ନିଜର ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ପଣ୍ଡାଙ୍କ ଆବାହକତ୍ୱରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଗଣମାଧମ ପ୍ରତିନିଧିବୃନ୍ଦ ପରିବେଶ ସନ୍ତୁଳନ ରକ୍ଷା ଦିଗରେ କିପରି ଦାୟିତ୍ୱ ନିର୍ବାହ କରିବେ, ସେ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଆଲୋଚକ ଭାବେ ବରିଷ୍ଠ ଖବରଦାତା ପ୍ରିୟରଞ୍ଜନ ସାହୁ, ବାସୁଦେବ ମହାପାତ୍ର ଏବଂ ବସୁନ୍ଧରାର ନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ମିଶ୍ର ଯୋଗଦେଇଥିଲେ। ଇଣ୍ଟରନ୍ୟୁଜ୍ ସହାୟତାରେ ସମାଜସେବୀ ସଂସ୍ଥା ୟଙ୍ଗ୍ ଇଣ୍ଡିଆ ଓ ୱାଟର ଇନିସିଏଟିଭ୍ ଦ୍ୱାରା ଆୟୋଜିତ ଏହି କର୍ମଶାଳା ସୋମବାର ଶେଷ ହେବ।